RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-191 ◆TUESDAY ◆6 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୧ ◆ମଙ୍ଗଳବାର ◆୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...

## ଗ୍ରେଟର ନୋଏଡ଼ା ଖୋଲିଲା ଦେଶର ପ୍ରଥମ 'ଏଆଇ' କ୍ଲିନିକ୍



■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟରନୋଏଡ଼ାରେଦେଶରପ୍ରଥମ ସରକାରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲିନିକ୍ ଖୋଲିଛି। ସରକାରୀ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଜିଆଇଏମଏସ)ରେ ଏହି କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି। ଚିକିତ୍ସା ଭିତ୍ତିଭୂମିକୁ ଆଧୁନିକତାର ସ୍ପର୍ଶ ଦେବାକୁ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଚିକିତ୍ସା କ୍ଷେତ୍ରରେ ଏଆଇ ବ୍ୟବହାର ଦ୍ୱାରା ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ମିଳିବ ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ହେବ। ଏହା ଚିକିତ୍ସା ସମୟ ହ୍ରାସରେ ମଧ୍ୟ ସହାୟକ ହେବ। ଏହି ପଦକ୍ଷେପ ଦ୍ୱାରା ରୋଗ ଚିହ୍ନଟ ପ୍ରକ୍ରିୟା, ପରୀକ୍ଷା ଏବଂ ଚିକିତ୍ସା ଶୀଘ୍ର ହେବା ସହିତ ଆରୋଗ୍ୟ ହାର ବୃଦ୍ଧି ପାଇବ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ଅତିରିକ୍ତ ମହାନିର୍ଦ୍ଦେଶକ ଭର୍ଚୁଆଲ ମାଧ୍ୟମରେ ଶନିବାର ଏହି କ୍ଲିନିକକୁ ଉଦଘାଟନ କରିଥିଲେ। ଏଠାରେ ଏଆଇ ବ୍ୟବହାର କରି ଜେନେଟିକ ସ୍କ୍ରିନିଂ କରାଯିବ। କର୍କଟ, ହୃତ୍‌ପିଣ୍ଡ, ବୃକକ ଏବଂ ଯକୃତ ଭଳି ଜଟିଳ ରୋଗର ଶୀଘ୍ର ଚିହ୍ନଟ କରାଯାଇପାରିବ। ▶ପୃଷ୍ଠା-୭

## ଇନ୍‌ଷ୍ଟାଗ୍ରାମରେ ସେକ୍ସ ର୍ୟାକେଟ: ୧୦ ହଜାର ଯୁବତୀ ସାମିଲ



■ ଲୁଧିଆନା, ୫।୧ (ଏଜେନ୍ସି): ମନୋରଞ୍ଜନର ମାଧ୍ୟମ ସାଜିଥିବା ସାମାଜିକ ଗଣମାଧ୍ୟମ ଏବେ କଳା କାରବାରର ପ୍ରମୁଖ କେନ୍ଦ୍ର ହୋଇଯାଇଛି। ମିଥ୍ୟା ଖବର ପ୍ରସାର ପରେ ନିନ୍ଦିତ ସାମାଜିକ ଗଣମାଧ୍ୟମକୁ ଦେହ ବେପାର ପାଇଁ ବ୍ୟବହାର କରାଯାଉଛି। ପଞ୍ଜାବ ଲୁଧିଆନାରୁ ଏଭଳି ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମରେ ପେଜ୍ କ୍ରିଏଟ କରି ମହିଳା ଏବଂ ଯୁବତୀଙ୍କୁ ଏଥିରେ ସାମିଲ କରାଯାଉଛି। ଅଶ୍ଳୀଳ ରିଲ୍ ପୋଷ୍ଟ କରିବା ପାଇଁ ଏମାନଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଉଛି। ଏହି ଲୋଭରେ ପଡ଼ି ଯୁବତୀ ନିଜର ଅଶ୍ଳୀଳ ଭିଡିଓ ଏବଂ ଫଟୋ ପୋଷ୍ଟ କରୁଛନ୍ତି। ଏଥିପାଇଁ ତାଙ୍କୁ ଗୋଟିଏ ପୋଷ୍ଟ ପିଛା ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଏ ସବୁକୁ ଦେଖି ଅଧିକ ସଂଖ୍ୟକ ଲୋକ ପେଜ୍‌ରେ ସାମିଲ ହେଉଛନ୍ତି। ଏହି ପୃଷ୍ଠାର ପ୍ରୋଫାଇଲରେ ଠିକଣା ମଧ୍ୟ ରହୁଛି। ପରେ ବ୍ୟକ୍ତିଙ୍କୁ ମେସେଜ କରି ଦେହ ବ୍ୟବସାୟକୁ ଠେଲା ଯାଉଛି। କେବଳ ଲୁଧିଆନାର ୧୦ ହଜାର ଯୁବତୀ ଏଭଳି ପେଜ୍ ସହ ଜଡ଼ିତ ଅଛନ୍ତି ବୋଲି ସୂଚନା ମିଳିଛି। ଏଥିରେ ଦେହ ବ୍ୟବସାୟ ହେଉଥିବା ▶ପୃଷ୍ଠା-୭

# ଅଚଳାବସ୍ଥା ଅବ୍ୟାହତ

# ମାନିଲେନି ମିଲର୍, ନଇଁଲେନି ଡାକ୍ତର

## ସାରା ରାଜ୍ୟରେ ଧାନ କିଣା ବନ୍ଦ, ଚାଷୀ ହନ୍ତସନ୍ତ



■ ଭୁବନେଶ୍ୱର, ୫।୧ (ସମିସ): ରାଜ୍ୟରେ ଧାନ କିଣାରେ ଯାବତୀୟ ଅବ୍ୟବସ୍ଥା ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି ସରକାର ଓ ମିଲର୍। ଚାଷୀ ଓ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ହୋଇ ପାରୁ ନ ଥିବାବେଳେ ସରକାର ଓ ମିଲର୍‌ମାନଙ୍କ ମଧ୍ୟରେ ନୂଆ ବିବାଦ ଆରମ୍ଭ ହୋଇଛି। ମିଲର୍ସଙ୍କ ଦାବିକୁ ସରକାର ଆଦୌ ଗୁରୁତ୍ୱ ନ ଦେବା ଓ ସମ୍ବେଦନଶୀଳ ନ ହେବା ହେତୁ ମିଲର୍‌ମାନେ ଆଉ ଧାନ ଉଠାଇବେ ନାହିଁ ବୋଲି ସିଧା ସିଧା କହିଦେଇଛନ୍ତି। ଏହାସହିତ ରାଜ୍ୟ ମିଲର୍ ସଂଘ ଆଜିଠାରୁ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟପଟେ ମିଲର୍ସଙ୍କ ଏଭଳି ଘୋଷଣା ପରେ ସାରା ରାଜ୍ୟରେ ଧାନ କିଣା ଏକ ପ୍ରକାର ଠପ୍ ହୋଇଯାଇଛି।

ଅଭିଯୋଗ ଅନୁସାରେ, ମିଲରଙ୍କ ଦାବି ସମ୍ପର୍କରେ ସରକାର ଆଦୌ ଯତ୍ନବାନ ହେଉ ନାହାନ୍ତି ଏବଂ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନାହାନ୍ତି। ମିଲର୍ସ ସଂଘ ଏହାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବା ପରେ ରବିବାର ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସୋମବାର ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ସଂଘର ବୈଠକ ବସିଥିଲା। ବୈଠକରେ ଆଲୋଚନା ପରେ ସଂଘ

### ମନ୍ତ୍ରୀ ଓ ବିଭାଗ ସହ ମିଲର୍‌ଙ୍କ ବୈଠକ ବିଫଳ

ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦାବି କରାଯାଇଥିଲେ ମଧ୍ୟ ସରକାର ଏହାକୁ ଏଡ଼ାଇ ଯାଇଛନ୍ତି। ସରକାରଙ୍କ ଏଭଳି ଆଚରଣରେ କ୍ଷୁବ୍ଧ ମିଲର୍ ସଂଘ ଧାନ ନ ଉଠାଇବାକୁ ଘୋଷଣା କରିଛି।

ସଂଘ ପକ୍ଷରୁ ଦାବି କରାଯାଇଛି ଯେ ୨୦୨୩-୨୪ ଓ ୨୦୨୪-୨୫ ଖରିଫ୍ ଋତୁ ପାଇଁ ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, କଷ୍ଟମ୍ ମିଲିଂ ପାଇଁ ଅତିରିକ୍ତ ପ୍ରୋତ୍ସାହନ ରାଶି, ▶ପୃଷ୍ଠା-୭

## ଓପିଡି ୨ ଘଣ୍ଟା ଅଚଳ; ରୋଗୀସେବା ବିପର୍ଯ୍ୟସ୍ତ



ଆଗାମୀ ଦିନରେ ଓପିଡି ସେବା ସମ୍ପୂର୍ଣ୍ଣ ବନ୍ଦ ଧମକ

■ ଭୁବନେଶ୍ୱର,୫।୧(ସମିସ): ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା)। ସରକାର ଯେପର୍ଯ୍ୟନ୍ତ ନ୍ୟାଯ୍ୟ ଦାବି ପୂରଣ କରି ନ ଛନ୍ତି, ସେଯାବତ୍ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦିନବେଳା ୨ଘଣ୍ଟା ଓପିଡି ସେବାରେ ଓମ୍‌ସା ସହଯୋଗ କରି ନ ଥିବାରୁ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ▶ପୃଷ୍ଠା-୭

## ସଂରକ୍ଷଣ ବିବାଦ: କୋଟାରେ ଆବଦ୍ଧ ନୁହନ୍ତି ଯୋଗ୍ୟ ପ୍ରାର୍ଥୀ

■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ସରକାରୀ ଚାକିରିରେ ସଂରକ୍ଷଣ ଓ ଯୋଗ୍ୟତାକୁ ନେଇ ଚାଲିଥିବା ଦୀର୍ଘ ବିବାଦରେ ବିରାମ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏକ ଐତିହାସିକ

### ଅଧିକ ନମ୍ବର ରଖିଥିଲେ ସାଧାରଣ ବର୍ଗରେ ନିଯୁକ୍ତି

### ସଂରକ୍ଷିତ ବର୍ଗର ଲାଭ ନେଇଥିଲେ ମିଳିବନି ସୁବିଧା

ରାୟରେ ସର୍ବୋଚ୍ଚ ଅଦାଲତ ଅଧିକ ନମ୍ବର ରଖିଥିବା ଅନ୍ୟ ବର୍ଗର ଯୋଗ୍ୟ ପ୍ରାର୍ଥୀଙ୍କୁ ମୁକ୍ତ ବର୍ଗ (ଓପନ୍ କ୍ୟାଟୋଗୋରୀ ବା ସାଧାରଣ)ରେ ବି ନିଯୁକ୍ତି ଦିଆଯାଇପାରିବ ବୋଲି କହିଛନ୍ତି। ମାତ୍ର ପ୍ରାର୍ଥୀ ଯଦି ସଂରକ୍ଷଣ ବର୍ଗଙ୍କ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ବୟସ, ଦେୟ ବା ଅନ୍ୟାନ୍ୟ ରିଆତି ପାଇଥାଆନ୍ତି; ତେବେ ସେମାନେ ଅଧିକ ନମ୍ବର ରଖିଥିଲେ ବି ମୁକ୍ତ ବର୍ଗରେ ସାମିଲ ହୋଇ ପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଏକ ମାମଲାର ବିଚାର କରି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି ଯେ ମୁକ୍ତ ବର୍ଗ ଅର୍ଥାତ୍ ଓପନ୍ କାଟେଗୋରୀ ସବୁ ବର୍ଗ ପାଇଁ ଖୋଲା। କୌଣସି ଜାତି, ବର୍ଗ କିମ୍ବା ଲିଙ୍ଗ ପାଇଁ ଏହା ସଂରକ୍ଷିତ ନୁହେଁ। ▶ପୃଷ୍ଠା-୭



'ସୁପ୍ରିମ' ରାୟ

## ଦିଲ୍ଲୀ ଦଙ୍ଗା: ଉମର ଖାଲିଦ, ସର୍ଜିଲଙ୍କ ଜାମିନ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୫।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ହେଲା ଜେଲ୍‌ରେ ଥିବା ଛାତ୍ର ନେତା ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ସେମାନଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ଏବଂ ଦିଲ୍ଲୀ ପୁଲିସ ଏହାର ପ୍ରମାଣ ଉପସ୍ଥାପିତ କରିଛି। ତେଣୁ ସେମାନଙ୍କୁ ଏବେ ଜାମିନ ଦେବା ସମ୍ଭବ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତେବେ ଏହି ମାମଲାରେ ସେମାନଙ୍କ ସହିତ ଜେଲରେ ଥିବା ଅନ୍ୟ ୫ ଜଣ ▶ପୃଷ୍ଠା-୭



କଠୋର ସର୍ତ୍ତ ସହ ୫ ଜଣଙ୍କୁ ଜମିନ୍

## ଦୁର୍ଘଟଣାରେ ଚାଲିଗଲା ଦମ୍ପତିଙ୍କ ଜୀବନ

### ଭୋଜି ସାରି ଫେରୁଥିଲେ

■ ତିଗିରିଆ, ୫।୧ (ସମିସ): ଖୁସିର ମାହୋଲ କିଭଳି ନିମିଷକ ମଧ୍ୟରେ ଶୋକାକୁଳ ପରିବେଶରେ ପରିଣତ ହୁଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତିଗିରିଆ ଅଞ୍ଚଳରେ। ରବିବାର ରାତି ପ୍ରାୟ ୯ଟାରେ ପାଞ୍ଚଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଦୁଇଟି ଜୀବନ ଚାଲିଯାଇଛି। ମୃତକ ହେଲେ, କୋଇଲିକନ୍ୟା ଗ୍ରାମର ପ୍ରତାପ ଚନ୍ଦ୍ର ମନ୍ତ୍ରୀ ଓ ତାଙ୍କ ପତ୍ନୀ ମିନା ମନ୍ତ୍ରୀ। ଏହି ଦୁର୍ଘଟଣାରେ ସେମାନଙ୍କର ଦେଢ଼ ବର୍ଷର ଶିଶୁପୁତ୍ରର ଜୀବନ ରକ୍ଷା ପାଇଯାଇଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

ସୂଚନା ମୁତାବକ, ପ୍ରତାପ ନିଜ ପତ୍ନୀ ଓ ଶିଶୁପୁତ୍ରକୁ ନେଇ ଅଂଶୁପା ହ୍ରଦ ନିକଟରୁ ଭୋଜି ସାରି ଫେରୁଥିଲେ। ପାଞ୍ଚଗାଁ ପେଟ୍ରୋଲ ପମ୍ପରେ ତେଲ ପକାଇ ରାସ୍ତାକୁ ବାହାରୁଥିବା ବେଳେ ବିପରୀତ ଦିଗରୁ ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ଚାକିରି ବେପାର ମାମଲାରେ ସିବିଆଇର ଚାର୍ଜସିଟ୍

# ମାର୍ଚ୍ଚରେ ଡିଲ୍, ୨୫ ଲକ୍ଷରେ ବିକ୍ରି



ପ୍ରଶ୍ନପତ୍ର ପ୍ରଘଟ!
ପୁଲିସ ଏସ୍‌ଆଇ ପରୀକ୍ଷା ସ୍ଥଗିତ

- ◆ ଗୋଟିଏ ଥର ଲିକ୍ ପରେ ବି ନିରବ ରହିଥିଲା ଓପିଆର୍‌ବି
- ◆ ପ୍ରଘଟ ପ୍ରଶ୍ନପତ୍ର ପୁନଃ ବ୍ୟବହାର ଲାଗି ହୋଇଥିଲା ଯୋଜନା
- ◆ ସତ ହେଲା ଚାକିରି ବିକ୍ରି ସଂକ୍ରାନ୍ତ 'ସକାଳ'ର ଖବର

■ ଭୁବନେଶ୍ୱର, ୫।୧ (ସମିସ): ପୁଲିସ ଏସ୍‌ଆଇ ଚାକିରି ବେପାର ନିମନ୍ତେ ଗତ ମାର୍ଚ୍ଚ ମାସରେ ହୋଇଥିଲା ବ୍ଲୁ ପ୍ରିଣ୍ଟ। ଏସ୍‌ଆଇ ଚାକିରି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଡିଲ୍ ହୋଇଥିଲା; ମାତ୍ର ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସେତେବେଳେ କାହିଁକି ପରୀକ୍ଷା ସ୍ଥଗିତ ରଖାଗଲା, ସେ ସମ୍ପର୍କରେ କେହି ମୁହଁ ଖୋଲି ନ ଥିଲେ। ଓପିଆର୍‌ବି, ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। କୌତୂହଳର ବିଷୟ ହେଉଛି, ମାର୍ଚ୍ଚରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରରେ ପୁନର୍ବାର ଅକ୍ଟୋବର ମାସରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସମଗ୍ର ଘଟଣାରେ ସିଲିକନ୍ ଟେକ୍‌ର ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ ଖଳନାୟକ ଥିଲେ ବୋଲି ସିବିଆଇ ଦର୍ଶାଇଛି।

ସୋମବାର ଏହି ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ସୁରେଶ ନାୟକ ପୂରା ନକ୍ସା ପ୍ରସ୍ତୁତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍ ଏମ୍‌ଡି ସୁରେଶ ନାୟକ ଛାପା ପ୍ରଶ୍ନପତ୍ରର ଏକ ସେଟ୍ ନେଇଯାଇଥିଲେ। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ▶ପୃଷ୍ଠା-୭




# ମୋରମ ଚୋରା ଚାଲାଣ କରୁକରୁ ଗିଳିଦେଲେ ରାସ୍ତା



କଙ୍କଡ଼ାହାଡ଼,୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ କନ୍ଧରାଠାରୁ କାଲବୁଧିଆ ଆର୍‌ଡି ରାସ୍ତା କାମ ଚାଲିଥିବା ବେଳେ ବେଆଇନ ମାଟି ମୋରମ ଉଠାଯାଇ ସେଥିରେ ବ୍ୟବହାର କରାଯାଉଛି।

ତେବେ ଏ ଦିଗରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଠିକାସଂସ୍ଥା ରାତିରେ ମୋରମ ଉଠାଉଥିବା ବେଳେ ଅନ୍ୟ ସଂରକ୍ଷଣ ଥିବା ରାସ୍ତାରୁ ପ୍ରାୟ ୧୦ଫୁଟ ଗଭୀର ମୋରମ ଉଠାଇ ରାସ୍ତାକୁ ଦୁଇଭାଗ କରିଦେଇଛି। ସର୍ବସାଧାରଣ ରାସ୍ତା ବିଚ୍ଛିନ୍ନ ହେବାଦ୍ୱାରା ସ୍ଥାନୀୟଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କଙ୍କଡ଼ାହାଡ଼ ଆର୍‌ଆଇ ଓ ଖଣି ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା।

# ଖଣି ବିସ୍ଫୋରଣରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣାର ଖୋଳତାଡ଼

- ୨ ଅଟକ, ମୁଖ୍ୟ ଅଭିଯୁକ୍ତ ଫେରାର
- ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ
- ୨୬ ବେଆଇନ ଖଣି ଓ ୧୫ କ୍ରସର ସିଲ୍



ଢେଙ୍କାନାଳ/ଖଜୁରିଆକଟା,୫ ।୧(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ନିମିଧା ଗୋପାଳପୁର ଗ୍ରାମ ନିକଟରେ ଥିବା ଏକ ବେଆଇନ ଖଣିରେ ଶନିବାର ଭୟଙ୍କ ବିସ୍ଫୋରଣ ଘଟି ୨ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ରବିବାର ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ସହାୟତାରେ ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଶ୍ରମିକ ଦ୍ୱୟଙ୍କ ପରିଚୟ ମିଳିଛି। ସେମାନେ ହେଲେ କେନ୍ଦୁଝର ଜିଲ୍ଲା ନୟାକୋଟ ରଗଡ଼ି ସାହିର ଅଭି ସିଂ (୨୫) ଓ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ବୁଦ୍ଧୁ ମୁଣ୍ଡା (୨୩)। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଉଭୟ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ଓଡ଼ାପଡ଼ା ତହସିଲଦାରଙ୍କ ଲିଖିତ ଅଭିଯୋଗ କ୍ରମେ ମୋଟଗାଁ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ଖଣି ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ମାନସ ରାଉତ ଫେରାର ହୋଇଯାଇଛନ୍ତି। ଏହି ବେଆଇନ ଖଣିର ଲାଇସେନ୍ସ ଅବଧି ଗତ ସେପ୍ଟେମ୍ବର ମାସରୁ ଶେଷ ହୋଇଥିଲା ବେଳେ ଖଣି ମାନସ ରାଉତ ଓ ତାଙ୍କର କେତେଜଣ ସହଯୋଗୀ ଚୋରାରେ ବିସ୍ଫୋରଣ ସାମଗ୍ରୀ ଆଣି ଏହି ଖଣିରେ ବିସ୍ଫୋରଣ ଘଟାଇ କୋଟି କୋଟି ଟଙ୍କାର କଳା ମୁଗୁନି ପଥର ବିକ୍ରି କରି ମୋଟାଅଙ୍କର ଅର୍ଥ ଉପାର୍ଜନ କରୁଥିଲେ। ଏଥିରେ ସେମାନଙ୍କୁ ବିଭିନ୍ନ ସରକାରୀ କଳ ସାହାଯ୍ୟ କରୁଥିବାର ଜଣାପଡ଼ିଛି। ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ଶହଶହ ସଂଖ୍ୟାରେ ବେଆଇନ ଖଣି ଓ କ୍ରସର ଚାଲୁଥିବାବେଳେ ଖଣିମାଫିଆମାନେ ରାଜନେତାଙ୍କ ଛତ୍ରଛାୟା ତଳେ ରହି ସ୍ଥାନୀୟ ପ୍ରଶାସନ, ଜିଲ୍ଲା ଖଣି ବିଭାଗକୁ ହାତକରି ସେମାନଙ୍କୁ କୋଟିକୋଟି ଟଙ୍କା ଲାଞ୍ଚଦେଇ ଅବାଧରେ ଦୈନିକ ଶହଶହ କୋଟି ଟଙ୍କାର ମୂଲ୍ୟବାନ ଖଣିଜଦ୍ରବ୍ୟ ଲୁଟ୍ କରୁଛନ୍ତି। ଏଥିପାଇଁ ଦୈନିକ ନିରୀହ ଜୀବନ ଚାଲିଯାଉଥିବା ବେଳେ ସମଗ୍ର ନିର୍ବାଚନମଣ୍ଡଳୀ ପ୍ରଦୂଷିତ ହେଲାଣି। କୋଟି କୋଟି ଟଙ୍କାର ରାଜସ୍ୱହାନି ମଧ୍ୟ ହେଉଛି। ଏହି ଘଟଣା ପରେ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ, ହିନ୍ଦୋଳ ଓ ଓଡ଼ାପଡ଼ା ତହସିଲଦାର, ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦଙ୍କ ସହ ପୁଲିସ ଅଧିକାରୀ, ଫୋର୍ସ ଓ ଖଣିବିଭାଗ ଆଜି ମିଳିତଭାବରେ ବେଆଇନ ଖଣି ସବୁ ଚିହ୍ନଟକରି ୨୬ଟି ପଥର ଖଣି ଓ ୧୫ଟି କ୍ରସର ସିଲ୍ କରିଛନ୍ତି। ଏଥିସହ ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସାମଗ୍ରୀ ଯାଞ୍ଚ କରାଯାଇ ଯାନବାହାନ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏହି ଚଢ଼ଉ ଜାରି ରହିବ ବୋଲି ସୂଚନା ମିଳିଛି।

## ● ପ୍ରୟୋଗଶାଳା ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

# ଗଣିତ ଖେଳର ମଜାନେଲେ ଛାତ୍ରଛାତ୍ରୀ

ଢେଙ୍କାନାଳ,୫ ।୧(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରୟୋଗଶାଳା ଜର୍ଜ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଏହାକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ମତତ୍ତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ପ୍ରୟୋଗଶାଳା ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବସ୍ତାଦୌଡ଼, ବେଙ୍ଗଦୌଡ଼, ବାଟିଚାମଚ ଦୌଡ଼, ବଲ-ବାଲ୍ଟି ଖେଳ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ଗଣିତ ଖେଳରେ ପିଲାମାନେ ଭାଗନେଇ ଭରପୂର ମଜା ଉଠାଇଥିଲେ। ଡିଆଇଇଟିର ଗୁରୁଛାତ୍ରଛାତ୍ରୀମାନେ ଖେଳ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଜର୍ଜ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହେଶ୍ୱତା ପଣ୍ଡା, ଶିକ୍ଷୟିତ୍ରୀ ସରିତାଲତା ଦଳେଇ, ରଶ୍ମିତା ସେଠୀ, ସବିତା ଦ୍ୱିବେଦୀ ଓ ନୀଳିମା ନାୟକଙ୍କ ସମେତ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଗୁରୁଛାତ୍ରଛାତ୍ରୀ ସହଯୋଗ କରିଥିଲେ।



# ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ଖଜୁରିଆକଟା,୫ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳସ୍ଥିତ ସର୍ବପ୍ରାଚୀନ ଧୂନୀଘର ମଠରେ ଖଜୁରିଆକଟା ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ କରିବା ଆୟୋଜନ ପାଇଁ ଆର୍‌ଏସ୍‌ଏସ୍‌ର ଜିଲ୍ଲା ସେବା ପ୍ରମୁଖ ତପନ ସାମଲଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ତ୍ରିପାଠୀ ଏଥିରେ ସଭାପତିତ୍ୱ କରି ସମ୍ମିଳନୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୈଠକରେ ନିକଟସ୍ଥ ୭ ପଞ୍ଚାୟତ ୨୫ ଜଣଙ୍କ ମଧ୍ୟରେ ଗ୍ରାମ କମିଟି କର୍ମକର୍ତ୍ତା, ପ୍ରମୁଖ ଧର୍ମାନୁଷ୍ଠାନର ପ୍ରତିନିଧି ଓ ଧର୍ମାନୁରାଗୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ମଠ ମହନ୍ତ ମାଧବାନନ୍ଦ ଦାସ ମହାରାଜ ବୈଠକର ରୂପରେଖ ଉପରେ ବକ୍ତବ୍ୟ ରଖିଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ୨୪ ତାରିଖ ଦିନ ଖଜୁରିଆକଟା ମଣ୍ଡଳ ପକ୍ଷରୁ ରଞ୍ଜାଗୋଳ ଧୂନୀଘର ମଠ ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ କରାଯିବା ସହ ଏହି କାର୍ଯ୍ୟକ୍ରମ ମଧ୍ୟରେ ଭାଗବତ ପଠନ, ଘୃତଯଜ୍ଞ, ନାମ ସଙ୍କୀର୍ତ୍ତନ, ପ୍ରସାଦ ସେବନ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀ ସମୟରେ ପାନୀୟ ଜଳ ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଗ୍ରାମରୁ ଯୋଗଦେଇଥିବା ସଦସ୍ୟଙ୍କ ମଧ୍ୟରୁ ୧୮ ଜଣଙ୍କୁ ଆୟୋଜକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ବିରଞ୍ଚି ନାରାୟଣ ତ୍ରିପାଠୀ ସଭାପତି, ବାସୁଦେବ ପ୍ରଧାନ ଉପସଭାପତି, ଲିଙ୍ଗରାଜ ସାହୁ ସଂଯୋଜକ, ତପନ କୁମାର ସାମଲ ସହ ସଂଯୋଜକ, ବିଭୂତି ଭୂଷଣ ସାହୁ କୋଷାଧକ୍ଷ, ଜଗଦୀଶ ପ୍ରଧାନ ସହ କୋଷାଧକ୍ଷ ମଠ ମହନ୍ତ ମାଧବାନନ୍ଦ ଦାସ ଉପଦେଷ୍ଟା ଭାବେ କାର୍ଯ୍ୟ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଶଶିଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଜୁରିଆକଟା,୫ ।୧(ସମିସ): ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପ୍ରଭୁ ଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ପ୍ରାର୍ଥନା ମଣ୍ଡପ ଉଦଘାଟନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଇଁଶୀଧର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ଭୂତିଆ, କ୍ଷୀରୋଦ ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନେ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଗଗନ ରାଉତ, ରାଜେନ୍ଦ୍ର ରାଉତ, ପ୍ରଦୀପ ବେହେରା, ବିଦ୍ୟାଧର ରାଉତ, ବିନୋଦ ବେହେରା ଯୋଗଦେଇଥିଲେ। ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବନିତା ମାଝୀ ଧନ୍ୟବାଦ ଦେଇଥିଲେ।



# ଜଗବନ୍ଧୁ ଜରାଶ୍ରମ ପକ୍ଷରୁ କମ୍ବଳ ବଣ୍ଟନ



ଯୋରନ୍ଦା,୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦି ପରିସର ନୀତିମନ୍ଦିରରେ ଅଗ୍ରଣୀ ସେବା ପ୍ରତିଷ୍ଠାନ ଜଗବନ୍ଧୁ ଜରାଶ୍ରମ ତରଫରୁ ସୋମବାର ଗରିବ, ଅସହାୟ, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ଅନାଥ ଶିଶୁମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ମହିମାଗାଦିର କର୍ମଚାରୀ, ଦିନମଜୁରିଆ, ଗରିବ ଲୋକଙ୍କୁ ଶତାଧିକ କମ୍ବଳ ବଣ୍ଟନ କରାଯାଇଥିଲା। ଦଧିସିଙ୍ଗା ଗ୍ରାମ ଆଦିବାସୀ ସାହିରେ ୩୦ ଜଣ ବୃଦ୍ଧବୃଦ୍ଧାଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି କାମାକ୍ଷାନଗର ବ୍ଲକ ଅନ୍ତିମ ପୁଟସାହିଠାରେ ୧୩୦ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଜିନ୍ଦଲ ଫାଉଣ୍ଡେସନର ସାମାଜିକ ସେବା କାର୍ଯ୍ୟକ୍ରମ ସହାୟତା ଓ ଜଗବନ୍ଧୁ ଜରାଶ୍ରମ ସେବା ପ୍ରତିଷ୍ଠାନ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜଗବନ୍ଧୁ ଜରାଶ୍ରମର ସମ୍ପାଦକ ଆଶୁତୋଷ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିମାଗାଦି ପରିଚାଳନା କମିଟି ସଭ୍ୟ ବାବା ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ ବାବା ପ୍ରମୋଦ ଦାସ, ସାଧୁ ପୂର୍ଣ୍ଣାନନ୍ଦ ଦାସ, ବିଶ୍ୱାନନ୍ଦ ଦାସ, ସମାଜସେବୀ ଅନଙ୍ଗ ମୋହନ ତ୍ରିପାଠୀ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦଧିସିଙ୍ଗା ଗ୍ରାମ ପରିଚାଳନା କମିଟି ସହ ସମ୍ପାଦକ ସୁଶୀଳ ପରିଡ଼ା, ସଭ୍ୟ ବିନୋଦ ମହାନ୍ତି, ପ୍ରହଲ୍ଲାଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ



ପରଜଙ୍ଗ,୫ ।୧(ସମିସ): ଗଡ଼ପରଜଙ୍ଗ ଗ୍ରାମସ୍ଥିତ ପିଏମଶ୍ରୀ ଏମଏସ ନୋଡାଲ ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ସମୃଦ୍ଧ ଓଡ଼ିଶା-୨୦୩୬ ନିମନ୍ତେ ଭବିଷ୍ୟତ ପିଢ଼ି ଛାତ୍ରଛାତ୍ରୀଙ୍କୁ ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ଓ ଦୋକାନ ଯାତ୍ରାରେ ସହାୟକ ହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଭାଗିତାରେ ୨୦୩୬ ବେଳକୁ ଜ୍ଞାନକୌଶଳ କିପରି ଭାବେ ଗଢ଼ି ତୋଳାଯିବ ସେ ନେଇ ସାହିତ୍ୟ, କ୍ରୀଡ଼ାଙ୍ଗନ, କୌଶଳ, ଅର୍ଥନୀତି ଅଭିବୃଦ୍ଧି, ବ୍ୟବସାୟ, ବ୍ୟାଙ୍କ ସୁବିଧା, ସାଇବର ସୁରକ୍ଷା ପାଇଁ ଶିକ୍ଷା ଉପରେ ଆଧାରିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସମ୍ମାନିତ ଅତିଥି ଉପାଧକ୍ଷା ଯଶସ୍ୱିନୀ ରାଉତ, ବିଇଓ ପ୍ରିୟଦର୍ଶିନୀ ନାୟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ନାରାୟଣ ବିନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ନାୟକ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହକାରୀ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ସଂଯୋଜନା କରିଥିଲେ। ଶିକ୍ଷକ ମଳୟ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# କଚ୍ଛପ ଗତିରେ ଚାଲିଛି ପୂର୍ତ୍ତ ବିଭାଗ ରାସ୍ତା କାମ

## ଫଟେଇଦେଲେ ପାଣି ପାଇପ୍ | ୧୫ ପରିବାର ଡହଳବିକଳ



ଢେଙ୍କାନାଳ,୫ ।୧(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ବ୍ରାହ୍ମଣଧରା ଗ୍ରାମର ଜାଙ୍ଗୁଠାରୁ ବ୍ରାହ୍ମଣଧରା ଭାୟା କେନ୍ଦୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା କାମ ଜାରି ରହିଛି। ତେବେ ଠିକାସଂସ୍ଥା କଚ୍ଛପ ଗତିରେ କାମ କରୁଥିବା ଅଭିଯୋଗ ହେଉଛି। ରାସ୍ତାରେ କ୍ରସର ଗୁଣ୍ଡ ବଦଳରେ ଚୋରା ମୋରମ ବ୍ୟବହାର କରାଯାଉଛି। ଏହାଦ୍ୱାରା ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଅନ୍ୟପଟେ ରାସ୍ତା କାମ ସମୟରେ ପାଣି ପାଇପ ଫାଟିଯାଇଥିଲେ ମଧ୍ୟ ତାହାର ମରାମତି କରାଯାଉ ନାହିଁ। ଆଜକୁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଏ ସମ୍ପର୍କରେ ଠିକାଦାର ଏବଂ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ବ୍ରାହ୍ମଣଧରା ସାମଘନିଆ ସାହିର ୧୫ ପରିବାର ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି। ଏହି ବ୍ରାହ୍ମଣଧରା ରାଜସ୍ୱ ଗ୍ରାମ ବିଧାୟକଙ୍କ ପଞ୍ଚାୟତରେ ଅନ୍ତର୍ଭୁକ୍ତ। ଗ୍ରାମରେ ଏକ ନଳକୂପ ଥିଲେ ମଧ୍ୟ ସେଥିରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ। ତୁରନ୍ତ ଠିକାଦାର ପାଇପ୍ ମରାମତି ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଛାମୁଣ୍ଡା ବିଜୟୀ



କଙ୍କଡ଼ାହାଡ଼,୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏମଏମସିସି ଗଡ଼ପଳାଶୁଣି କ୍ଲବ ଆନୁକୂଲ୍ୟରେ ୩୪ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଉଛନ୍ତି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାପୁଜୀ ହାୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟାପକ ଦାମୋଦର ବେହେରା, ସାମ୍ବାଦିକ ଚଗଲା ଦେହୁରୀ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ନରହରିପୁର ଓ ଛାମୁଣ୍ଡା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛାମୁଣ୍ଡା ଦଳ ବିଜୟୀ ହୋଇଛି। ନରହରିପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୯ ରନ କରିଥିଲା। ଜବାବରେ ଛାମୁଣ୍ଡା ଦଳ ୧୪.୩ ଓଭରରେ ୧୪୦ ରନ କରିଥିଲା। ସୁବ୍ରତ ବେହେରା ଏବଂ ଡାମ୍ପିଂ ଅମ୍ପାୟର ସୁରେଶ ପାତ୍ର ଖେଳ ପରିଚାଳନା କରିଥିଲେ। ତପନ କୁମାର ଏବଂ ସଞ୍ଜୟ କୁମାର ଧାରାବିବରଣୀ ପ୍ରଦାନ କରିଥିଲେ। ଏମଏମସିସି କ୍ଲବର ମାନସ କୁମାର ସାମଲ, ବାଦଲ ସାମଲ, ଅଜିତ କୁମାର ସେଠ, ରାଜୁ ସେଠ, ଚିନ୍ମୟ ସେଠ, ବସନ୍ତ କୁମାର ସେଠ, ଜିଲୁ ବେହେରା, ଲିପୁନ ଜେନା, ଦେବେନ୍ଦ୍ର ସେଠ, ପ୍ରଦୀପ କୁମାର ସେଠ, ରାହୁଲ ସାମଲ, ଟୁବୁ ସେଠ, ଚଗି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଏସ୍‌ଭିଏମ୍‌ର ଅଷ୍ଟବିଂଶ ବାର୍ଷିକ ଉତ୍ସବ



ପରଜଙ୍ଗ,୫ ।୧(ସମିସ): ସରାଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଏସ୍‌ଭିଏମ୍)ର ଅଷ୍ଟବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, ବିଦ୍ୟା ମନ୍ଦିର ସଭାପତି ମହିନ୍ଦ୍ର କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ଯୋଗଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପରେ କୁନି ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

# ଧର୍ମପରାୟଣାଙ୍କ ପରଲୋକ



କଙ୍କଡ଼ାହାଡ଼,୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମ ଭଦାଳିଆ ଗ୍ରାମର ଧର୍ମପରାୟଣା ମହିଳା ସରସ୍ୱତୀ ସିଂହ (୭୧)ଙ୍କ ପରଲୋକ ଘଟିଛି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ଅଙ୍କୁର ସିଂହ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଢେଙ୍କାନାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା




ଢେଙ୍କାନାଳ ୫।୧(ସମିସ): ଜାନୁଆରୀ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଢେଙ୍କାନାଳ ମହୋତ୍ସବ ନିମନ୍ତେ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ କପିଳାସ ପୀଠରେ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଜିଲ୍ଲାର ସମସ୍ତ ୮ ବ୍ଲକର ସାଂସ୍କୃତିକ ଦଳ ସୁସଜ୍ଜିତ ରଥ ସହିତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପବିତ୍ର କପିଳାସ ମନ୍ଦିରରେ ପୂଜାର୍ଚ୍ଚନା ଓ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ମଶାଲକୁ ଶୋଭାଯାତ୍ରାରେ ନିରୁପମା ହୋଟେଲ ନିକଟ ମୁଖ୍ୟ କାର୍ଯ୍ୟକ୍ରମ ମଞ୍ଚକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଦୀପ୍ତିରଞ୍ଜନ ସେଠ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ପ୍ରାୟ ଏକ ଦଶନ୍ଧି ପରେ ମହୋତ୍ସବ ପୁନର୍ବାର ଆରମ୍ଭ ହୋଇଥିବାରୁ ମନ୍ତ୍ରୀ ପାତ୍ର ଖୁସି ପ୍ରକାଶ କରିଥିଲେ। ପରେ ସମସ୍ତ ବିଡିଓ ସେମାନଙ୍କ ମଶାଲ ପ୍ରଜ୍ୱଳନ କରି ନିଜ ନିଜ ବ୍ଲକକୁ ନେଇଥିଲେ।

## ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ମୌଳିକ ସମସ୍ୟା ଦୂର କରିବା ଦାବିରେ ଧାରଣା

କୁଆଖିଆ, ୫ା୧(ସମିସ)



ରସୁଲପୁର ବ୍ଲକ ଅଞ୍ଚଳର ସର୍ବପୁରାତନ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ମୌଳିକ ସମସ୍ୟା ଦୂର କରିବା ଦାବିରେ ସୋମବାର ଅପରାହ୍ନରେ ବିଦ୍ୟାର୍ଥୀମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ସମସ୍ୟା ପୂରଣ ଦିଗରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବା ପ୍ରତିଶ୍ରୁତି ମିଳିବା ପରେ ବିଦ୍ୟାର୍ଥୀମାନେ ଧାରଣାରୁ ଓହରି ଯାଇଥିଲେ।

ମିଳିଥିବା ସୂଚନାରୁ ଜଣାଯାଏ ୫୦ବର୍ଷର ଏହି ପୁରୁଣା କଲେଜ ଖଇରାବାଦ-ମୁଗୁପାଳ ସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ମୌଳିକ ସମସ୍ୟାରେ ଛନ୍ଦି ହୋଇଯାଇଛି। ଏହି କଲେଜରେ ବିଦ୍ୟାର୍ଥୀମାନଙ୍କର ସର୍ବନିମ୍ନ ସମସ୍ୟା ଦୂର ହୋଇପାରୁ ନାହିଁ। କଲେଜର ଫାଟକ ନଥିଲା। ଅଣଛାତ୍ରମାନେ କଲେଜରେ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରୁଥିଲେ। ଫାଟକ ନିର୍ମାଣ ସକାଶେ ବିଦ୍ୟାର୍ଥୀମାନଙ୍କୁ ଆନ୍ଦୋଳନାନକ ପନ୍ଥା ଆପଣେଇବାକୁ ପଡ଼ିଥିଲା। ବହୁ ସଂଘର୍ଷ ପରେ କଲେଜର ମୁଖ୍ୟ ଫାଟକ ନିର୍ମାଣ ହୋଇଥିଲା। ମାତ୍ର କଲେଜରେ ଛାତ୍ରୀମାନଙ୍କ ଉନ୍ନତ ଶୌଚାଳୟ ନାହିଁ। ଖେଳପଡ଼ିଆ ନଥିବାରୁ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ କରିବା ସକାଶେ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଉପରେ ନିର୍ଭର କରିବାକୁ ପଡୁଛି। କଲେଜ ନାମରେ ପର୍ଯ୍ୟାପ୍ତ ଜମି ରହିଛି। ଉକ୍ତ ଜମି ଜବରଦଖଲ ମୁକ୍ତ ହୋଇପାରୁନଥିବାରୁ ଖେଳ ପଡ଼ିଆ ନିର୍ମାଣ ହୋଇପାରୁ ନାହିଁ। ବିଦ୍ୟାର୍ଥୀମାନଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନାହିଁ। ଦୂରଦୂରାନ୍ତରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ନାହିଁ। କଲେଜରେ ବହୁ ଅଧ୍ୟାପିକା, ଅଧ୍ୟାପକଙ୍କ ପଦବୀ ଖାଲି ପଡ଼ିଛି। ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟବସ୍ଥା ଏକରକମ ଭୁଶୁଡି ପଡ଼ିଛି। ବିଦ୍ୟାର୍ଥୀମାନଙ୍କ ପାଇଁ ଗୋଟିଏ ଭଲ କମନରୁମ ନାହିଁ। ଏହିଭଳି ବହୁ ମୌଳିକ ସମସ୍ୟା ଦେଇ ମହାବିଦ୍ୟାଳୟ ଗତି କରୁଛି। କଲେଜ ୟୁଜିସି ଅନୁଦାନପ୍ରାପ୍ତ ହୋଇ କଲେଜ ପାଣ୍ଠିରେ ୧.୨୫କୋଟି ଟଙ୍କା ଗଚ୍ଛିତ ରହିଛି। ଉକ୍ତ ଅର୍ଥକୁ ବ୍ୟୟ କରିବା ପାଇଁ ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବ୍ଲକ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ କଲେଜର ଉନ୍ନତି ହୋଇପାରୁ ନାହିଁ। ଦୁର୍ବଳ ଭିତ୍ତିଭୂମିକୁ ନେଇ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି ବୋଲି ଦର୍ଶାଇ ବିଦ୍ୟାର୍ଥୀମାନେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ଦାବିପତ୍ର ପ୍ରଦାନକରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥି ପୂର୍ବରୁ କଲେଜର ଅଧକ୍ଷା ଶାରଦା କର କୋରେଇ ବିଧାୟକ ଆକାଶ ଦାସନାୟକ ଓ ବିଡିଓ ଦାଶଙ୍କ ସହ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ଲିଖିତ ଭାବରେ ଅବଗତ କରାଇଆସୁଛନ୍ତି। ଏସବୁ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହିଭଳି ସମସ୍ୟା ବର୍ଷାଧିକ କାଳ କଲେଜ ସହ ଯୋଡ଼ିହୋଇ ଆସୁଥିବାରୁ ବିଦ୍ୟାର୍ଥୀମାନେ ବାଧ୍ୟ ହୋଇ ଆନ୍ଦୋଳନାକେ ପନ୍ଥା ଆପଣେଇଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। କଲେଜର ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବା ଦିଗରେ ପ୍ରଶାସନିକ ଓ ରାଜନୈତିକସ୍ତରରେ ପଦକ୍ଷେପ ଗ୍ରହଣ କରାନଗଲେ ବିଦ୍ୟାର୍ଥୀମାନେ ଆସନ୍ତା ଦିନରେ ଆନ୍ଦୋଳନାକେ ପନ୍ଥା ଆପଣେଇବା ସହ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ




ଯାଜପୁର, ୫ା୧(ସମିସ): ଶ୍ରୀଅରବିନ୍ଦଙ୍କ ପବିତ୍ର ୩୧ତମ ଦେହାଂଶ ପ୍ରତିଷ୍ଠା ଉତ୍ସବ ଯାଜପୁର ସହର ନରଣପୁର ସ୍ଥିତ ଶ୍ରୀମା ଅରବିନ୍ଦ ମାତୃସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରସାଦ ତ୍ରିପାଠୀ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଚତୁର୍ଭୁଜ ସାହୁ, ନିଶିଥ ରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦ ଓ ଭାରତର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୋଲଖ ବିହାରୀ ସାହୁ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ଦେହାଂଶ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ପ୍ରଥମେ ୩ ମିନିଟ୍ ପାଇଁ ସମବେତନ ଧ୍ୟାନ କରାଯିବା ସହ ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା। ଆନନ୍ଦ ଭାଇ ସାବିତ୍ରୀ ଆବୃତ୍ତି କରିଥିବା ବେଳେ ରବି ଭାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମାତୃ ବନ୍ଦନା କରାଯିବା ପରେ ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା। କହ୍ନେଇ ଚରଣ ପୃଷ୍ଟି ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମଶାଳା ମହୋତ୍ସବର ଦ୍ୱାଦଶ ସନ୍ଧ୍ୟା

# ସଲମନ ଅଲ୍ଲୀଙ୍କ ଗୀତରେ ଝୁମିଲେ ଯୁବପିଢ଼ି



ଧର୍ମଶାଳା, ୫ା୧(ସମିସ): ଧର୍ମଶାଳା ମହୋତ୍ସବର ଦ୍ୱାଦଶତମ ସନ୍ଧ୍ୟାକୁ ଯାଜପୁର ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ୍ ଉଦଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଏହି ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଜିଲ୍ଲା ଚିଫ୍ ଡେଭଲପମେଣ୍ଟ ଅଫିସର ଦେବୀପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଡିଏଫ୍ଓ ଅନୀଲ ରାୟ, ଅନ୍ୟତମ ସମ୍ମାନିତ ଅତିଥି ଉପଜିଲ୍ଲାପାଳ ତାପସ ଦେହୁରୀ ଯୋଗଦେଇ। ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ସତ୍ୟ ପ୍ରିୟ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଇଣ୍ଡିଆନ ଆଇଡଲ୍ ବିଜେତା ବଲିଉଡ୍ ଗାୟକ ସଲମନ ଅଲ୍ଲୀ ଘଣ୍ଟାଏ ଧରି ମଞ୍ଚରେ ରହି ଗୋଟିଏ ପରେ ଗୋଟିଏ ନୂଆ ଓ ପୁରୁଣା ହିନ୍ଦୀ ସୁପରହିଟ ଗୀତ ବୋଲି ଉପସ୍ଥିତ ଶ୍ରୋତାଙ୍କୁ ମନୋରଞ୍ଜନ ଖୋରାକ ଯୋଗାଇଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

ବିଞ୍ଝାରପୁର, ୫ା୧(ସମିସ): ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ବାଲମୁକୁଳି ଉପଖଣ୍ଡ ବିଦ୍ୟୁତ ବିତରଣ କେନ୍ଦ୍ର ନିକଟରେ ସୋମବାର ସନ୍ଧ୍ୟା ସମୟରେ ଏକ ରାସ୍ତା ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଆହତ ଜଣକ ହେଲେ ନିକଟବର୍ତ୍ତୀ ବୈଗୀବାଗ ଗ୍ରାମର ଶାନ୍ତନୁ ଦାଶଙ୍କ ପୁଅ ମିହିର ଦାଶ (୨୫)। ମିହିର ବାଲମୁକୁଳି ବଜାରରେ ନିଜ ଦୋକାନରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ରକ୍ତ ଜୁଡୁବୁଡୁ ସଜ୍ଞାହୀନ ହୋଇ ରାସ୍ତାରେ ପଡ଼ିଥିବା ଅବସ୍ଥାରେ ପୋଲିସ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ଗୁରୁତର ଥିବା ମିହିରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡ଼ିଛି। ତାଙ୍କୁ କୌଣସି ଅଜଣା ଗାଡି ଧକ୍କା ଦେଇଥିବା ସନ୍ଦେହ କରାଯାଉଛି।

## ଚାକୁଣ୍ଡା ଗଛରୁ ପଡ଼ି ଯୁବକ ମୃତ



ବାଲିଚନ୍ଦ୍ରପୁର, ୫ ା୧(ସମିସ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାହାଦୁରନଗର ଗ୍ରାମରେ ଚାକୁଣ୍ଡା ଗଛରେ ଚଢ଼ି ଡାଳ ହାଣୁଥିବା ବେଳେ ଖସି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ଗ୍ରାମ ନିଟକ ମାଟିପାରିଲୋ ଗ୍ରାମର ପ୍ରଦୀପ୍ତ ମଲ୍ଲିକ (୪୫/ପଦିଆ)। ଖବରରୁ ଜଣାଯାଏ ବାହାଦୁରନଗର ଗ୍ରାମର ପ୍ରବେଶ ଦ୍ୱାରରେ ୩ ଗୋଟି ପରିବାର ରହନ୍ତି। ଗୋଟିଏ ପରିବାରର ଲୋକେ ଦୀର୍ଘଦିନ ହେବ ଘରେ ରହୁନଥିବା ବେଳେ ତାଙ୍କର ଚାକୁଣ୍ଡା ଗଛଟି ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ମୋଗଲପାଟଣା ଗ୍ରାମର ଛକଡ଼ି ସେଠୀ ନାମକ ବେପାରୀ ନେଇଥିଲେ। ସେ ଦୁଇ ଦିନ ହେବ ତାଙ୍କ ଗ୍ରାମ ନିକଟ ମାଟିପାରିଲୋ ଗ୍ରାମର ପ୍ରଦୀପ୍ତ ମଲ୍ଲିକ (୪୫) ଓରଫ ପଦିଆଙ୍କୁ ପଠାଇ ଗଛ ହାଣୁଥିଲେ। ସୋମବାର ମଧ୍ୟାହ୍ନରେ ପଦିଆ ଗଛ ହାଣୁଥିବା ବେଳେ ଅଣ୍ଟା ଦଉଡ଼ି ଛିଡି ଯିବାରୁ ସେ ତଳେ ପଡ଼ିଯାଇଥିଲେ। ମୁହଁ ପଟ ଗଛରେ ମାଡ଼ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପଦିଆକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ତେବେ ଖବର ଦିଆଯାଇଥିଲେ ମଧ ଘଟଣାସ୍ଥଳରେ ପୁଲିସ୍ କିମ୍ବା ବେପାରୀ ପହଞ୍ଚି ପାରିନଥିଲେ। ଫଳରେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବାଲିଚନ୍ଦ୍ରପୁର ପୁଲିସକୁ ଖବର ଦିଆଯାଇଥିଲେ ମଧ ଆମକୁ କୌଣସି ରିପୋର୍ଟ ଦିଆଯାଇନାହିଁ କହି ଘଟଣାକୁ ଏଡ଼ାଇଦେଇଥିଲେ। ଅନ୍ୟପଟେ ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂହ ଏବଂ ତଦନ୍ତ ଅଧିକାରୀ ଦୁଃଖିଶ୍ୟାମ ସାହୁଙ୍କୁ ଯୋଗାଯୋଗ କରିବାରୁ ମୃତକଙ୍କ ପୁଅ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପରେ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ଯେହେତୁ ଘଟଣାଟି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଘଟିଛି ଆମେ ଲୋକାଲ ଇନକ୍ୱାରୀ ମାଗିବୁ ବୋଲି ସେ ସୂଚନା ଦେଇଛନ୍ତି।

## ଖବର କାଗଜ ବିତରକଙ୍କ ପରଲୋକ



ମଙ୍ଗଳପୁର, ୫ା୧(ସମିସ): ଦଶରଥପୁର ବ୍ଲକର ଖବର କାଗଜ ବିତରକ ବାବନ ଯେନା (୬୦)ଙ୍କ ପରଲୋକ ହୋଇଯାଇଛି। ସେ ମଙ୍ଗଳପୁର ସମେତ ବିଭିନ୍ନ ଅଞ୍ଚଳରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଖବରକାଗଜ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଗତ ୧୫ ଦିନ ତଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଅଧିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସୋମବାର ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା। ଆଜି ଭୁବନେଶ୍ୱରରୁ ଆମ୍ବୁଲାନ୍ସ ଯୋଗେ ମରଶରୀର ତାଙ୍କ ନିଜ ଘର ଡାହାଣହତା ପଞ୍ଚାୟତ ତେନ୍ତୁଲିଡିଅ (ଛଚିଣା) ଗ୍ରାମରେରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ସ୍ୱର୍ଗତ ଯେନାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ଶହ ବୌଳାଙ୍ଗ ବଜାର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ଯାଜପୁର ସ୍ଥିତ ଦଶାଶ୍ୱମେଧ ଘାଟ ବାରିଣୀ ପଡ଼ିଆରେ ଶବ ସତ୍କାର କରାଯାଇଥିଲା। ମରଶରୀର ଉପରେ କମ୍ୟୁନିଷ୍ଟ ପାର୍ଟିର ପତାକା ଦିଆ ଯାଇ ସମ୍ମାନ ଜଣାଯାଇଥିଲା। ଶୋଭାଯାତ୍ରାରେ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହସମ୍ପାଦକ ଅଭୟ କୁମାର ପଣ୍ଡା, ଜୋନ ସମ୍ପାଦକ ଶିଶିର ଶତପଥି, ଶିକ୍ଷକ ନେତା ଦୁର୍ଯ୍ୟୋଧନ ବାରିକ, ଭିକାରି ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଯେନା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ସାମ୍ବାଦିକ ରାକେଶ କୁମାର ସାହୁ, ଏସଜି କଲେଜର କିରାଣି ରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ୱର୍ଗତ ଯେନା କମ୍ୟୁନିଷ୍ଟ ପାର୍ଟିର ଚିନ୍ତାଧାରାରେ କାର୍ଯ୍ୟ କରି ଆସୁଥିବା ବେଳେ ସେ ବିଭିନ୍ନ ଅନୁଷ୍ଠାନ ଶହ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ଡାହାଣହତା ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, କନିକାପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, କନିକାପଡ଼ା ପଞ୍ଚାୟତର ଯୁବ ନେତା ଇଂ. ତିମିରକାନ୍ତ ସେନାପତି, ମଙ୍ଗଳପୁର ବଜାର କମିଟିର ସଭାପତି ଅକ୍ଷୟ ପାତ୍ର, ବିଶିଷ୍ଟ ବ୍ୟବସାୟୀ କ୍ଷୀରୋଦ ଶତପଥୀ, ବୌଳାଙ୍ଗ ବଜାର କମିଟିର ସମ୍ପାଦକ ରମେଶ ମହାପାତ୍ର, କ୍ୟାସିଅର ସୂର୍ଯ୍ୟକାନ୍ତ ପୃଷ୍ଟି, କନିକାପଡ଼ା ପଞ୍ଚାୟତର ବିଜେପି ସଭାପତି ସୁମନ୍ତ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ତାରାକାନ୍ତ ଫାଉଣ୍ଡେସନ୍‌ର କମ୍ବଳ ବଣ୍ଟନ



ଯାଜପୁର, ୫ା୧(ସମିସ): ତାରାକାନ୍ତ ଫାଉଣ୍ଡେସନ୍ ମାର୍କଣ୍ଡପୁର ପକ୍ଷରୁ ସୋମବାର ଦିନ ସେବା ଯୋଜନା କ୍ରମରେ ସନ୍ଥମାଧବ ଠାରେ ଆର୍ଥିକ ଅନଗ୍ରସର ଲୋକମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍‌ର ସଚିବ କବି ରମେଶ ପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସଂସ୍କୃତି ଗବେଷକ ଡ. ଜ୍ଞାନରଞ୍ଜନ ପତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅବକାରୀ ବିଭାଗର ଅଧିକାରୀ ଚିତ୍ତରଞ୍ଜନ ଶାସ୍ତ୍ରୀ ଯୋଗଦେଇଥିଲେ। କାଉନ୍‌ସେଲର ମାନଗୋବିନ୍ଦ ପତି ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯାଜପୁର ପୌରାଞ୍ଚଳ ୬ନଂ ୱାର୍ଡର ଆର୍ଥିକ ଅନଗ୍ରସର ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଫାଉଣ୍ଡେସନ୍ ପକ୍ଷରୁ ଡ. ଜ୍ଞାନରଞ୍ଜନ ପତି ଏବଂ ଚିତ୍ତରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୬ନଂ ୱାର୍ଡର ଅଧିବାସୀମାନେ ଯୋଗଦେଇ ସ୍ୱର୍ଗତ ତାରାକାନ୍ତ ପତିଙ୍କ ପୁତ୍ର ରମେଶ ପତିଙ୍କ ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ବଣଭୋଜି ସ୍ଥଳ ପ୍ଲାଷ୍ଟିକମୁକ୍ତ ରଖିବାକୁ ବୈଠକ

ଯାଜପୁର, ୫ା୧(ସମିସ): ଜିଲ୍ଲାରେ ଥିବା ଦଶଟି ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ମଦନ ମୋହନ ସାହୁ, ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପରିବେଶ ସମିତି ସମ୍ପାଦକ, ଯାଜପୁର ଜିଲ୍ଲାର ଦୁଇ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ଥିବା ପ୍ରମୁଖ ବଣଭୋଜି ସ୍ଥଳଗୁଡ଼ିକରେ ସଚେତନତା ବାର୍ତ୍ତା ସହିତ ପ୍ଲାଷ୍ଟିକ ବସ୍ତୁ ବ୍ୟବହାର ନକରିବାକୁ ଶପଥ ପାଠ କରିବା, ପ୍ଲାଷ୍ଟିକ ମୁକ୍ତ କରିବା ଓ ପ୍ଲାଷ୍ଟିକ ନିୟମ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରି ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଜରିମାନା ଲାଗୁ କରିବାକୁ ପରାମର୍ଶ ଦେଇଥିଲେ। ଦଶରଥପୁର ନଦୀ କୂଳ, ସୁକିନ୍ଦା ଉପତ୍ୟକା, ଗୋକର୍ଣ୍ଣେଶ୍ୱର ପର୍ବତ, ବ୍ୟାସନଗର ପାର୍କ, ବିରଜା ନଦୀ ପାର୍ଶ୍ୱ, ଓଳାଶୁଣୀ ପର୍ବତ ଓ ଗୁମ୍ଫା, ପାଣିକୋଇଲି କେନାଲ ପାର୍ଶ୍ୱ, କୁଆଖିଆ ନଦୀ ପାର୍ଶ୍ୱ, ସିଙ୍ଗଡ଼ା ପର୍ବତ, ବୈତରଣୀ ଘାଟ, ଚଣ୍ଡିଖୋଲ ଇତ୍ୟାଦି ଅନ୍ତର୍ଭୁକ୍ତ ସ୍ଥାନରେ ବଣଭୋଜି ବେଳେ ପ୍ଲାଷ୍ଟିକ ଉପରେ କଟକଣା ଲଗାଇବା ପାଇଁ ଆଲୋଚନା ହୋଇଥିଲା। ଏହା ଦ୍ୱାରା ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ତଥା ପରିବେଶ ସ୍ୱଚ୍ଛ ସୁନ୍ଦର ରହିବା ସହ ସ୍ୱଚ୍ଛତା କ୍ଷେତ୍ରରେ ଜିଲ୍ଲାର ମାନ୍ୟତା ବୃଦ୍ଧି ପାଇବ। ଏହାସହ ପର୍ଯ୍ୟଟକ, ବଣଭୋଜି କରୁଥିବା ଲୋକଙ୍କୁ ଏକ ସୁସ୍ଥ ପରିବେଶ ମିଳିପାରିବ।

## ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟିଲେ ଯୁବନେତା



ବ୍ୟାସନଗର, ୫ା୧(ସମିସ): ଯାଜପୁର ଜିଲ୍ଲାର ସମାଜସେବୀ ତଥା ରାଜ୍ୟ ଯୁବ ବିଜୁ ଜନତା ଦଳର ଉପସଭାପତି ସୌମ୍ୟରଞ୍ଜନ ଧଳ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଏବଂ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସୌମ୍ୟରଞ୍ଜନ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଅବହେଳିତ ଏବଂ ନିଷ୍ପେସିତ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

## ପତିତପାବନ ହାଇସ୍କୁଲ ପୁରାତନ ଛାତ୍ରଙ୍କ ସମ୍ମିଳନୀ

ଧର୍ମଶାଳା, ୫ା୧(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଗଙ୍ଗାଧରପୁର ପତିତପାବନ ହାଇସ୍କୁଲର ୧୯୭୨ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଓ ପଣ୍ଡିତ ଶିକ୍ଷକ ଅବଧୂତ ପରିଡ଼ା ଶତାୟୁଭାବ ଓ ଦୁର୍ଘଟଣାରେ ଆହତ ଶ୍ରୀ ପରିଡ଼ାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଉତ୍ସବରେ ପଞ୍ଚାନନ ପରିଡ଼ା, ଦୁର୍ଯ୍ୟୋଧନ ପ୍ରଧାନ, ସୁଦର୍ଶନ ବାରିକ, ଚିନ୍ତାମଣି ସ୍ୱାଇଁ, ନଟବର ପତି, ନାରାୟଣ ସାହୁ, ଲକ୍ଷ୍ମୀଧର ଖିଲାର, ସୁନାକର ରାଉତ, ବିଦ୍ୟାଧର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ଶିକ୍ଷକ ଶ୍ରୀ ପରିଡ଼ା ଛାତ୍ରଙ୍କ ଭଲ ପାଇବା ତାଙ୍କୁ ଦୀର୍ଘାୟୁ କରିଛି ବୋଲି ମତବ୍ୟକ୍ତ କରିଥିଲେ।

## ଧର୍ମଶାଳା ମହାବିଦ୍ୟାଳୟ ଛାତ୍ରଙ୍କ ସମ୍ମିଳନୀ

ଧର୍ମଶାଳା, ୫ା୧(ସମିସ): ସ୍ଥାନୀୟ ଧର୍ମଶାଳା ମହାବିଦ୍ୟାଳୟ ୧୯୯୦-୯୧ ଯୁକ୍ତ ୨ କଳା ବ୍ୟାଚ ଅଧୀନ ଛାତ୍ରଛାତ୍ରୀଙ୍କର ଏକ ସମ୍ମିଳନୀ କାର୍ଯ୍ୟକ୍ରମ ି ଜାରକା ନିକଟ ବୌଦ୍ଧ କୀର୍ତ୍ତିରାଜି ତରାପୁରସ୍ଥିତ ପଲ୍ଲିଶ୍ରୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ଯୁଗ୍ମ ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାର ବର୍ଗ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ନିରଞ୍ଜନ ନାୟକ ଅଧକ୍ଷତା କରିଥିବା ସମୟରେ ସମ୍ପାଦକ କଳ୍ପନା ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ଓ ବିବରଣୀ ପ୍ରଦାନ କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ବିଭିନ୍ନ କର୍ମ ଓ ପେଷାରୁ ସମୟ ବାହାର କରି ବ୍ୟାଚ ର ସମସ୍ତ ସାଥି ଏକତ୍ରିତ ହୋଇପାରି ଥିବାରୁ ସେଠାରେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ସଙ୍ଗୀତଗାନ କରିବା ସହିତ ସମୂହ ନୃତ୍ୟରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ନେହଲତା ଚୌଧୁରୀ, ସୁପ୍ରଭା ଷଡଙ୍ଗୀ, ସୁଶ୍ରୀ ମଞ୍ଜରୀ ମିଶ୍ର, ଉପାସନା ଶତପଥୀ, ପୂର୍ଣ୍ଣିମା ଜେନା ରୀନାରାଣୀ ମୁଦୁଲି, ସୁଜାତା ବିଶ୍ୱାଳ, ନିରୁପମା ପ୍ରଧାନ, ମଞ୍ଜୁଶ୍ରୀ ମିଶ୍ର, ଚନ୍ଦନାବାଳା ସାହୁ, ସଂଯୁକ୍ତା ନାୟକ, ନିବେଦିତା ପଣ୍ଡା, ପ୍ରଶାନ୍ତ କୁମାର ଦୋରା, ରଞ୍ଜନ କୁମାର ରାଉତ, ମିହିର କୁମାର ମହାନ୍ତି, ସୁବ୍ରତ ମହାନ୍ତି, ରଜନୀକାନ୍ତ ପଣ୍ଡା, ସୋମନାଥ ସାହୁ, ଗଗନ ବିହାରୀ ରାଉତ, ସୋମେନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ, ଶରତ ପ୍ରଧାନ ଓ ଅମର କୁମାର ରାଉତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ସଦସ୍ୟ ସୋମନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବନ୍ଦେ ମାତରମ୍‌ର ଉତ୍ସବ ଆୟୋଜନ ପାଇଁ ବୈଠକ

ଯାଜପୁର, ୫ା୧(ସମିସ): ଜାତୀୟ ରାଷ୍ଟ୍ରଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜରୁରୀକାଳୀନ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବିଡିଓ, ପୌରନିର୍ବାହୀ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ବାଲେଶ୍ୱରଠାରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣରୁ ଫେରିଥିବା 'ମାଷ୍ଟର ଟ୍ରେନର' ମାନଙ୍କ ସହାୟତାରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ ତାଲିମ ଶିବିର ଆୟୋଜନ କରାଯିବ। ଆସନ୍ତା ଜାନୁଆରୀ ୧୦ ତାରିଖ ସୁଦ୍ଧା ଏହି ବ୍ଲକସ୍ତରୀୟ ତାଲିମ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଅଧ୍ୟାପକ ଯୋଗଦେଇ ତାଲିମ ନେବେ। ବୈଠକରେ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରୀ ୧୨ ଜାତୀୟ ଯୁବ ଦିବସ ଦିନ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ମାତରମ'ର ସାମୂହିକ ଗାନ କରାଯିବ ଏବଂ 'ସ୍ୱଦେଶୀ ସଂକଳ୍ପ' ପାଠ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରୁ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ 'ଆତ୍ମନିର୍ଭର ଭାରତ ଆମ୍ବାସାଡର' ଭାବେ ଚୟନ କରାଯିବ। ଜାନୁଆରୀ ୧୫ ରୁ ୨୦ ମଧ୍ୟରେ ପ୍ରତ୍ୟେକ ବ୍ଲକସ୍ତରରେ ଏକ ବୃହତ ସମାରୋହ ଆୟୋଜନ କରାଯାଇ ସାମୂହିକ ଗାନ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତତ୍ତ୍ୱାବଧାରକ ଦାୟିତ୍ୱ ପ୍ରଦାନ କରାଯାଇଛି।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ସିଂହପୁର, ୫ା୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆ ଠାରେ ଆସନ୍ତା ୨୫ ତାରିଖ ହିନ୍ଦୁ ସମାଜ ତରଫରୁ ହିନ୍ଦୁ ସମ୍ମିଳନୀ ସମାରୋହରେ ପାଳନ କରାଯିବ। ଏହି ସମ୍ମିଳନୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥଲା। ଏହି ହିନ୍ଦୁ ସମ୍ମିଳନୀରେ କଳସ ଯାତ୍ରା, ଯଜ୍ଞ, ସାଧୁସନ୍ଥଙ୍କ ସମ୍ମିଳନୀ ହେବ। ସମ୍ମିଳନୀରେ ୫ ହଜାର ବ୍ୟକ୍ତିଙ୍କ ପାଇଁ ଅନ୍ନଯଜ୍ଞର ଆୟୋଜନ ପାଇଁ ବୈଠକରେ ସ୍ଥିର କରାଯାଇଛି। ପ୍ରସ୍ତୁତି ବୈଠକରେ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଯୁବକମାନେ ଯୋଗ ଦେଇଥିଲେ।

# ମଣ୍ଡିରୁ ଧାନ ଉଠାଇବେ ନାହିଁ ରାୟଗଡ଼ା ମିଲର୍ସ

## ରାଜ୍ୟ ସଂଘ ଆହ୍ୱାନକୁ ସମର୍ଥନ, ଅଡୁଆରେ ପ୍ରଶାସନ

ରାୟଗଡ଼ା, ୫ା୧(ସମିସ): ଚଳିତ ବର୍ଷ ଖରିଫ ଧାନ ଆରମ୍ଭରୁ ମଣ୍ଡିରେ ଅବ୍ୟବସ୍ଥା ଦେଖାଦେଇଛି। ମିଲର୍ସ ଓ ସରକାରଙ୍କ ମଧ୍ୟରେ ବିବାଦ ତୁଟି ନ ଥିବା ବେଳେ ଆଜି ଠାରୁ ମଣ୍ଡିରୁ ଧାନ ନ ଉଠାଇବା ପାଇଁ ରାଜ୍ୟ ମିଲର୍ସ ସଂଘ ଆହ୍ୱାନ ଦେଇଛି। ଏହି କ୍ରମରେ ରାଜ୍ୟ ସଂଘ ଆହ୍ୱାନକୁ ସମର୍ଥନ ଜଣାଇ ଦାବି ପୂରଣ ନ ହେବା ଯାଏଁ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ରାୟଗଡ଼ା ଜିଲ୍ଲା ମିଲର୍ସ ଆସୋସିଏସନ ମଧ୍ୟ ନିଷ୍ପତି ଗ୍ରହଣ କରିଥିବା ଜିଲ୍ଲା ମିଲର୍ସ ସଂଘ ସଭାପତି କାଶୀନାଥ ନାଇଡୁ ପ୍ରକାଶ କରିଛନ୍ତି। ରାୟଗଡ଼ା ଜିଲ୍ଲାରେ ଗତ ଡିସେମ୍ବର ମାସ ୧୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଟୋକେନ ପାଇଥିବା ଚାଷୀ ମଣ୍ଡିକୁ ଧାନ ଆଣି ମଧ୍ୟ ନିଜ ଧାନ ବିକ୍ରି କରିପାରି ନ ଥିବାରୁ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଚାଷୀ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ମିଲର୍ସ ସଭାପତି ଶ୍ରୀ ନାଇଡୁ କହିଛନ୍ତି ଯେ, ଗତ ଦୁଇ ତିନି ବର୍ଷ ହେଲା ପୁରୁଣା ବିଲ୍ ଗୁଡିକ ବକେୟା ହୋଇ ରହିଥିବା ବେଳେ ପୁରୁଣା ସିଏମ୍ଆର ଚାଉଳ ଏଯାଏଁ ମିଲରେ ପଡିଛି। ସେଗୁଡିକ ଯୋଗାଣ ବିଭାଗ ଗ୍ରହଣ କରୁନାହାନ୍ତି। ପୁରୁଣା ଚାଉଳ ଡେଲିଭରି ହୋଇ ନ ଥିବା ବେଳେ ନୂଆ ଧାନ ନେଇ କେଉଁଠି ରଖିବେ। ଜିଲ୍ଲାରେ ଗୋଦାମର ଅଭାବ ଥିବା ବେଳେ ମିଲର୍ସଙ୍କ ଉପରେ ପ୍ରଶାସନ ତଥା ସରକାର ଏକ ପ୍ରକାର ଚାପ ସୃଷ୍ଟି କରୁଛନ୍ତି। ଯାହାକୁ ନେଇ ଅନେକ ମିଲର୍ସ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ଏଥିସହ ରାୟଗଡ଼ା ଜିଲ୍ଲା ମିଲର୍ସ ଧାନ ନେଇ ରଖିବା ପରେ ସରକାରୀ ନିୟମ ପ୍ରକାରେ ନ ଫେରାଇଲେ ପୁଣି ମଣ୍ଡିରେ ସେମାନଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳୁ ନ ଥିବାରୁ ଅବ୍ୟବସ୍ଥାକୁ ସୁଧାର କରିଲେ ଏବଂ ରାଜ୍ୟ ସଂଘର ଦାବି ପୂରଣ ହେଲେ ହିଁ ଚିନ୍ତା କରାଯିବ ବୋଲି କହିଛନ୍ତି। ଚଳିତ ଖରିଫ ମଣ୍ଡି ପାଇଁ ଜିଲ୍ଲାରୁ ପ୍ରାୟ ୫୦ଜଣ ମିଲର୍ସ ଚୁକ୍ତି କରିଥିବା ବେଳେ ସେମାନେ ମଧ୍ୟ ରାଜ୍ୟ ସଂଘ ଆହ୍ୱାନକୁ ସମର୍ଥନ କରି ଧାନ ଉଠାଇବେ ନାହିଁ ବୋଲି କହିଛନ୍ତି। ରାଜ୍ୟ ସଂଘ ପକ୍ଷରୁ ଆଜି ଭୁବନେଶ୍ୱର ଠାରେ ଧାରଣା ଦିଆଯାଇଥିବା ବେଳେ ଏଥିରେ ରାୟଗଡ଼ାଜିଲ୍ଲା ମିଲର୍ସ ପକ୍ଷରୁ ୧୦ରୁ ଅଧିକ ମିଲର୍ସମାନେ ଯୋଗ ଦେଇଥିଲେ। ତେବେ ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନଙ୍କ ପ୍ରତିକ୍ରିୟା ନେବାରୁ ମିଲର୍ସ ମାନେ ରାଜ୍ୟ ସଂଘ ଆହ୍ୱାନ କ୍ରମେ ନିଷ୍ପତି ନେଇଥାଇପାରନ୍ତି । କିନ୍ତୁ ଏ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ । ପ୍ରକାଶ ଥାଉ କି, ଚଳିତ ବର୍ଷ ଖରିଫ ମଣ୍ଡି ପାଇଁ ଜିଲ୍ଲାରୁ ୨୧୪୮୬ଜଣ ଚାଷୀ ନିଜ ନାମ ପଞ୍ଜିକୃତ କରିଥିବା ଜଣାପଡିଛି।

## ଧାନ ଉଠାଇବାକୁ ମିଲର ଅରାଜି

# ମଣ୍ଡି ଆରମ୍ଭକୁ ୧୯ ଦିନ ବିତିଲା, ଧାନ କିଣା ହେଉନି ସ୍ୱାଭାବିକ



ବିଷମକଟକ, ୫ା୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକରେ ଗତ ୧୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା କୌଣସି ଧାନ ମଣ୍ଡିରେ ଧାନ କିଣା ସ୍ୱାଭାବିକ ହେଉନାହିଁ କି ବ୍ଲକରେ ରହିଥିବା ସମସ୍ତ ମିଲର କଷ୍ଟମ ମିଲର ମିଲିଙ୍ଗି ନିମନ୍ତେ ସରକାରଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିନାହାନ୍ତି। ଏହାର ସିଧାସଳଖ ପ୍ରଭାବ ପଡିଛି ଚାଷୀଙ୍କ ଉପରେ। ଆଜି ବ୍ଲକର ହାଟମୁନିଗୁଡା ଠାରେ ଧାନମଣ୍ଡି ଚାଲିଥିବା ବେଳେ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ଗଦା ହୋଇ ରହିଛି। ଗତ ଶନିବାର ଦିନ ମଣ୍ଡିରୁ ମାତ୍ର ୨ଶହ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଆଜି ମଣ୍ଡି ପରିସରରେ ଧାନ ରଖିବାକୁ ସ୍ଥାନ ନଥିବା ବେଳେ ଖବର ଲେଖା ପର୍ଯ୍ୟନ୍ତ କେଜିଟିଏ ବି ଧାନ କ୍ରୟ କରାଯାଇନାହିଁ। ବିଷମ କଟକ ବ୍ଲକର ୧୫ମିଲ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଶ୍ରୀ ଗଣେଶ ମର୍ଦନ ରାଇସ୍‌ମିଲ, ସତ୍ୟନାରାୟଣ ରାଇସ୍ ମିଲ, ନରସିଂହ ରାଇସ୍ ମିଲ, ଶିବଶଙ୍କର ରାଇସ୍ ମିଲ ଚୁକ୍ତିନାମା ସ୍ୱାକ୍ଷର କରି ମଣ୍ଡିରେ ଭାଗ ନେଇଛନ୍ତି। ହେଲେ ଆଜି ରାଜ୍ୟ ମିଲର ସଂଘ କୌଣସି ମଣ୍ଡିରୁ ଧାନ ନ ଉଠାଇବା ନିମନ୍ତେ ନିଷ୍ପତି ନେଇଛି। ନିଷ୍ପତି ମୁତାବକ ବିଷମ କଟକ ମିଲର ମାନେ ମଧ୍ୟ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଯାହା କ୍ରୟକାରୀ ସଂସ୍ଥାକୁ ଅକଳରେ ପକାଇଛି। ମିଲର ଧାନ ନ ନେବା ଯାଏଁ ଚାଷୀଠୁ ଧାନ କିଣିବା ପାଇଁ ସାହସ ଜୁଟାଇପାରୁନି ଲ୍ୟାମ୍ପସ। ତେଣ ଆଜି ମଣ୍ଡିରେ ଧାନ କିଣିବା ଅନିଶ୍ଚିତା ଭିତରକୁ ଚାଲିଯାଇଛି। ଚାଷୀମାନେ ସକାଳରୁ ନିଜ ନିଜର ଧାନ ମଣ୍ଡିକୁ ବିକ୍ରି କରିବାକୁ ଆଣି ଧାନ ବିକ୍ରି କରି ନପାର ମଣ୍ଡିରେ ଥାକ ମାରି ସନ୍ଧ୍ୟାରେ ଘରକୁ ଚାଲିଯାଉଛନ୍ତି। ଆଜି ଧାନ କିଣା ସମ୍ବନ୍ଧରେ ବିଷମ କଟକ ଯୋଗାଣ ଅଧିକାରୀ ଧିରେନ୍ ସାହୁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ବିଳମ୍ବରେ ହେଉ ପଛେ ଧାନ କିଣାଯିବ ବୋଲି ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାରେ ଲ୍ୟାମ୍ପସକୁ ୨୨ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ନିମନ୍ତେ ଟାର୍ଗେଟ୍ ମିଳିଥିବା ବେଳେ ମଣ୍ଡି ଖୋଲିବାର ୧୯ ଦିନ ମଧ୍ୟରେ ମାତ୍ର ୩୧୫୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଧାନ କିଣାରେ ମନ୍ଥରତାକୁ ଦେଖିଲେ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯିବାର ବେଶ ସମ୍ଭାବନା ରହିଛି। ଯାହାକୁ ନେଇ ଚାଷକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ଜାତୀୟ ଯୁବ ଦିବସରେ ସଚେତନତା କାର୍ଯ୍ୟକ୍ରମ




କାଶୀପୁର, ୫ା୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି କାଶୀପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତଥା ତାଲୁକ ଆଇନଗତ ସେବା କମିଟିର ଅଧ୍ୟକ୍ଷ ନର୍ମଦା କରଙ୍କ ଅଧ୍ୟକ୍ଷତାରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ଓକିଲ ସଂଘର ସଭାପତି କହ୍ନେଇଲାଲ ଜୈନ, ପ୍ରମୋଦ କୁମାର ନାୟକ, ରଜିଂତ କୁମାର ବୈଦ୍ୟ, ପ୍ରେମାନନ୍ଦ ନାଏକଙ୍କ ସହ ତାଲୁକ ଆଇନର ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବନ ବିଭାଗର ପ୍ଲାଷ୍ଟିକମୁକ୍ତ ଅଭିଯାନ



ଚନ୍ଦ୍ରପୁର,୫ା୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବନାଞ୍ଚଳର ସହଯୋଗ କ୍ରମେ ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମପଞ୍ଚାୟତର ତ୍ରିବେଣୀ ସଙ୍ଗମ ଶ୍ରୀ ମିନାଝୋଲା ଶୈବ ପୀଠ ପରିସରରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାର ଚର୍ତୁପାଶ୍ୱର୍ରେ ପଡ଼ିଥିବା ପୁରୁଣା ପ୍ଲାଷ୍ଟିକ ବୋତଲ, ପଲିଥିନ ଜରି ଗୁଡ଼ିକୁ ସଂଗ୍ରହ କରାଯାଇ ସମ୍ପୂର୍ଣ୍ଣ ଜରି ମୁକ୍ତ କରିବା ପାଇଁ ଆହ୍ୱାନ ଦେଇ ସଫା କରଯାଇଥିଲା। ଉକ୍ତ ବର୍ଜ୍ୟବସ୍ତୁକୁ ନିଆଁ ଲଗାଇ ନଷ୍ଟ କରଯାଇଥିଲା। ମୂଖ୍ୟ ଅତିଥି ଭାବେ ମୁନିଗୁଡା ବନାଞ୍ଚଳ ଅଧିକାରୀ ପ୍ରବୀଣ କୁମାର ଦାସ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଞ୍ଚଳ ପରିସରର ସୁରକ୍ଷା ପ୍ଲାଷ୍ଟିକ ବର୍ଜବସ୍ତୁମୁକ୍ତ କରିବା ସହ ପ୍ରଦୂଷଣ ମୁକ୍ତ ଭାରତ ଗଢିବା ଦିଗରେ ରଖିଥିଲେ। ଏଥିସହ ଡ଼ାଙ୍ଗସରଡ଼ା ପଞ୍ଚାୟତ ସଦର ମହକୁମାରେ ଥିବା ଏସଏସଡି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁଗାପଦର ଗ୍ରାମର ଏସଏଚ୍‌ଜି ଗ୍ରୁପ, ଡ଼ାଙ୍ଗସରଡ଼ାର ଏସଏଚ୍‌ଜି ଗ୍ରୁପର ମହିଳା ମାନଙ୍କୁ ନେଇ ବ୍ୟାନର, ପ୍ଲାକାର୍ଡ ଧରି ଏକ ପ୍ଲାଷ୍ଟିକ ମୁକ୍ତ ପ୍ରଦୂଷଣ ରାଲି ଗ୍ରାମର ସାହି ପରିକ୍ରମା କରି ଲୋକଙ୍କୁ ସଚେତନା କରଯାଇଥିଲା। ଏଥିରେ ସମ୍ମାନିତ ଅତିଥି ରୂପେ ସରପଞ୍ଚ ଅନିତା ଶବର, ସାମାଜିକ କର୍ମୀ ବିଜୟ ଉଲକା, ହାଡ଼ିପା ଗୌଡ଼, ଏସଏସଡି ସ୍କୁଲ ର ଶିକ୍ଷକ ଗଣ,ବନପାଳ,ସୁଜାତା ସୁନାମୁଦି, ପ୍ରମଦିନି ମାଣ୍ଡାଙ୍ଗି, ଅଶ୍ୱିନୀ କରକରିୟା, ହେମ ବେହେରା, ଏନଜିଓର ବିଘ୍ନରାଜ ମିଶ୍ର,ପି ଏନ ଜିଓ, ଓ ବନରକ୍ଷୀ କୁନି କୁଶୁଲିଆ, କସ୍ତୁରୀ ପ୍ରହରାଜ, ରଣିତ୍ କୁମାର ମହାରଣା, ଲକ୍ଷ୍ମୀ କାନ୍ତ ପାଇଟାଳ, ଅହଲ୍ୟା ପାତ୍ର ,ଓ ବନରକ୍ଷୀ କର୍ମଚାରି ଉପସ୍ଥିତ ଥିଲେ। ଏହାକୁ ପରିଚାଳନା କରିଥିଲେ ବନପାଳ ସୁଜାତା ସୁନାମୁଦୀ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଗୁଣପୁର, ୫ା୧ (ସମିସ): ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପଙ୍କ ନିର୍ଦ୍ଦେଶକ୍ରମେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ଡେପୁଟି କଲେକ୍ଟର ଶୁଭଜିତ ରାଉତ, ଜହନ ବଡ଼ରଇତ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମନୋଜ କୁମାର ମଞ୍ଚାସୀନ ଥିଲେ। ସାଧାରଣତନ୍ତ୍ର ଦିବସ ଦିନ ଭୋର



ସାଢେ ୪ଟାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୁନ ପ୍ରଚାର, ଭୋର ସାଢେ ୫ଟା ସମୟରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରରୁ ପ୍ରଭାତଫେରି କରାଯିବ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ସାଢେ ୭ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ ଏବଂ ଦିନ ସାଢେ ୮ଟା ସମୟରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଉପ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିବେ। ସମୁଦାୟ ୨୭ଟି ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ଭାରତୀୟ ରିଜର୍ଭ ଫୋର୍ସ, ଭାମିନି ପ୍ୟାରେଡ୍‌ର ସମ୍ପୂର୍ଣ ଦାୟିତ୍ୱ ଗ୍ରହଣ କରିବେ। ଜାନୁୟାରୀ ୧୭ ଓ ୧୯ ଦୁଇଦିନ ଧରି ମିନି ଷ୍ଟାଡିୟମ ଠାରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁୟାରୀ ୨୦,୨୧ଓ ୨୨ ତିନିଦିନ ସକାଳ ସାଢେ ୮ଟା ସମୟରେ ମିନି ଷ୍ଟାଡିୟମ ଠାରେ ପ୍ୟାରେଡ଼ର ପୂର୍ବଭ୍ୟାସ କରାଯିବାକୁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର, ଜେଲ ଉପ ଅଧିକ୍ଷକ, ଫରେଷ୍ଟ ରେଞ୍ଜ ଅଧିକାରୀ ଗଙ୍ଗାଧର ମିଶ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଲେଫ୍ଟନାଣ୍ଟ ସୁସ୍ମିତା ବାଉରୀ, ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ ହେମାନନ୍ଦ ବରିହା, ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଏନସିସି ଅଧିକାରୀ, ପିଇଟି, ବିଭିନ୍ନ ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରମୁଖଙ୍କ ସମେତ ସାମ୍ବାଦିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନନ୍ତ ପାତ୍ର ସହଯୋଗ କରିଥିଲେ।

## ● ପ୍ରଗତି ଡ୍ୟାସବୋର୍ଡ ର୍ୟାଙ୍କିଙ୍ଗ

# ଟିକିରି ଥାନା ତୃତୀୟ ସ୍ଥାନରେ



ଟିକିରି, ୫ା୧(ସମିସ): ୨୦୨୫ ବର୍ଷ ପାଇଁ ଓଡ଼ିଶା ପୁଲିସର କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଙ୍ଗ୍ ନେଟ୍‌ୱର୍କ ଆଣ୍ଡ ସିଷ୍ଟମ (ସିସିଟିଏନ୍ଏସ୍) ଅଧୀନରେ ପ୍ରଗତି ଡ୍ୟାସବୋର୍ଡର ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଏଥିରେ ଜନସାଧାରଣଙ୍କୁ ହାତପାଆନ୍ତାରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସେବା ଯୋଗାଇବା, ଅନ୍‌ଲାଇନରେ ମାମଲା ପଞ୍ଜିକରଣ ଓ ସେଗୁଡିକ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନେଇ ଜିଲ୍ଲା ସ୍ତରୀୟ ରିପୋର୍ଟ ପ୍ରକାଶ ପାଇଛି। ସିସିଟିଏନ୍ଏସ୍ ପ୍ରଗତି ଡ୍ୟାସବୋର୍ଡରେ ଥାନା ଓ ଥାନା ଅଧିକାରୀଙ୍କ ବର୍ଗରେ ପ୍ରକାଶିତ ରିପୋର୍ଟରେ ରାୟଗଡ଼ା ଜିଲା ବେଶ ସଫଳତା ହାସଲ କରିଛି। ରାୟଗଡ଼ା ଜିଲାର ବିଭିନ୍ନ ଥାନାର ଅଧିକାରୀ ମାନେ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଗୌରବ ଅର୍ଜନ କରିଛନ୍ତି।ଏହି ସ୍ଥାନରେ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ ଜିଲ୍ଲାରେ ତୃତୀୟ ସ୍ଥାନରେ ରହିଛନ୍ତି। ଅଞ୍ଚଳବାସୀଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଯେଉଁଠି କୌଣସି ଦୁର୍ଘଟଣା ଘଟିଲେ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଆମ୍ବୁଲାନ୍ସ ହେଉ ବା ନିଜ ଗାଡିରେ ନେଇ ପ୍ରଥମେ ମେଡିକାଲ ପହଞ୍ଚାଇ ବହୁ ଜୀବନ ରକ୍ଷା କରିଛନ୍ତି। ସେହିପରି ଚୋରି ହେଉ କିମ୍ବା ଅପରାଧ ନିୟନ୍ତ୍ରଣରେ ମଧ୍ୟ ସଫଳତା ମିଳିଛି। ଜିଲ୍ଲାର ସମସ୍ତ ଥାନା ମଧ୍ୟରୁ ବିଷମକଟକ ଥାନା ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ପରେ କାଶିପୁର ଥାନା ଦ୍ୱିତୀୟ, ଟିକିରି ଥାନା ତୃତୀୟ ସ୍ଥାନ ଲାଭ କରି ଜିଲାକୁ ଗୌରବ ଆଣିଛନ୍ତି। ସେହିପରି ବିଷମ କଟକ ଥାନା ଆଇଆଇସି ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ପ୍ରଥମ, କାଶିପୁର ଆଇଆଇସି ଦେବଦତ୍ତ ମଲ୍ଲିକ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ମେଗା ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ

# ଜିଲ୍ଲାର ବହୁ ବେକାର ଉପକୃତ ହେବେ



ରାୟଗଡ଼ା, ୫ା୧(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଗାମୀ ବୃହତ୍ତ ନିଯୁକ୍ତି ମେଳା ୨୦୨୫-୨୬ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଆଦି ଯୋଗ ଦେଇଥିଲେ। ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ସୁଶ୍ରୀ ସ୍ୱର୍ଣ୍ଣଲତା ରାଉତ ସମସ୍ତଙ୍କୁ ସ୍ୱାଗତ କରି ନିଯୁକ୍ତି ମେଳା ଆୟୋଜନର ଉଦ୍ଦେଶ୍ୟ ଉପରେ ଉପସ୍ଥାପନା କରିଥିଲେ। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାର ବହୁ ବେକାର ଯୁବକ ଯୁବତୀ ଯେପରି ଉପକୃତ ହେବେ, ସେଥିପାଇଁ ବହୁ ନିଯୁକ୍ତି ସଂସ୍ଥା ଯେପରି ସାମିଲ ହେବେ ସେଥିପାଇଁ ସମସ୍ତଙ୍କୁ ଆମନ୍ତ୍ରଣ କରିବାକୁ କହିଥିଲେ। ଜିଲ୍ଲାର ନିଯୁକ୍ତି ମେଳା ମାଧ୍ୟମରେ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟରଖି ଜିଲ୍ଲାରୁ ଅତି କମ୍‌ରେ ୪୦୦ ଜଣକୁ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ଫେବୃଆରୀର ପ୍ରଥମ ସପ୍ତାହରେ ମେଗା ଜବ୍ ଫେୟାର ୨୦୨୫-୨୬ ଆୟୋଜିତ କରାଯିବା ନିମନ୍ତେ ନିର୍ଦ୍ଧାରଣ ହୋଇଛି । ଜିଲ୍ଲାରେ ସମଦୂରତାକୁ ଦେଖି ଏବଂ ସବୁ ଆଡୁ ଯେପରି ସମସ୍ତେ ଆସିପାରିବେ, ତାହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଷମକଟକ ବ୍ଲକର ମିନି ଷ୍ଟାଡିଅମ ଠାରେ ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ମେଗା ଜବ୍ ଫେୟାର ୨୦୨୫-୨୬ ଅଂଶଗ୍ରହଣକାରୀ ମାନଙ୍କ ସହ କମ୍ପାନୀ ଓ ସ୍ଥାନୀୟ ଏମ୍ଏସ୍ଏମ୍ଇ ସହିତ ଫୋକସ୍ ଗ୍ରୁପ୍ ସହ ଆଲୋଚନା କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହିଥର ଷ୍ଟାର୍ଟଅପ୍, ମୁଦ୍ରା ଲୋନ ଉପଭୋକ୍ତାଙ୍କ ଅନୁଭୂତି ଉପସ୍ଥାପନା କରିବାକୁ ଜିଲ୍ଲାପାଳ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ରାୟଗଡ଼ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବବର୍ତ୍ତି ଜବ୍ ଫେୟାରର ସଫଳତାରେ ଆଧାରିତ ନିଯୁକ୍ତି ପାଇଥିବା ଏହି କାର୍ଯ୍ୟକ୍ରମ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନରେ ସାହାଯ୍ୟ କରିବ। ଏହି ବୈଠକରେ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସ୍ଥାୟୀ ରାସ୍ତା ନିର୍ମାଣ ଦାବି କଲେ ଗ୍ରାମବାସୀ

ରାୟଗଡ଼ା,୫ା୧(ସମିସ): ଦୀର୍ଘ ବର୍ଷରୁ ଗାଁକୁ ଯାତାୟାତ ପାଇଁ ନଦୀ ବାଟ ଓଗାଳୁଥିବା ବେଳେ ଗ୍ରାମବାସୀଙ୍କ ଦାବି ପୂରଣ ପାଇଁ ତତ୍କାଳୀନ ସରକାର ନଦୀ ଉପରେ ବ୍ରିଜ ଏବଂ ଆବଶ୍ୟକୀୟ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀ ଦେଇଥିଲେ। ତେବେ ବ୍ରିଜ କାର୍ଯ୍ୟଟି ସଂପୂର୍ଣ୍ଣ ହୋଇଥିବା ବେଳେ ଗାଁକୁ ଯିବାଆସିବା ନିତି ଦିନିଆ ରାସ୍ତାଟି ଅସଂପୂର୍ଣ୍ଣ ହୋଇଥିବାରୁ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୋଡାମରା ଗ୍ରାମବାସୀ। ଏ ନେଇ ପୋଡମରା ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ରାୟଗଡ଼ା ଜିଲ୍ଲା ସଦର ବ୍ଲକ କୁମ୍ଭିକୋଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଡମରା ଗ୍ରାମକୁ ପୂର୍ବରୁ ରାସ୍ତା



ନ ଥିବାରୁ ଗାଁ ନିକଟରେ ପ୍ରବାହିତ ନଦୀ ପାର ହୋଇ ଯିବା ସମସ୍ତଙ୍କ ପାଇଁ ବଡ଼ ସମସ୍ୟା ହୋଇ ରହିଥିଲା। ବର୍ଷା ଦିନେ ପୋଡାମରା ଗାଁ ଏକ ପ୍ରକାର ବିଚ୍ଛିନ୍ନାଞ୍ଚଳ ଭାବେ ରହୁଥିଲା। ଗାଁ ଲୋକଙ୍କ ଦାବିକୁ ନେଇ ନଦୀ ଉପରେ ବ୍ରିଜ ଏବଂ କୁମ୍ଭିକୋଟା ମୁଖ୍ୟ ରାସ୍ତାରୁ ଉକ୍ତ ବ୍ରିଜ ପର୍ଯ୍ୟନ୍ତ ଅଳ୍ପ କିଛି ବାଟ ପର୍ଯ୍ୟନ୍ତ ଆପ୍ରୋଚ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବ୍ରିଜର ଆରପାରିରୁ ଗାଁ ପର୍ଯ୍ୟନ୍ତ ରାସ୍ତା ଅସଂପୂର୍ଣ୍ଣ ହୋଇ ରହିଯାଇଛି। ଉକ୍ତ ରାସ୍ତା ପାଇଁ ଗାଁ ଲୋକ ନିଜ ଜମି ଦେବାକୁ ପ୍ରସ୍ତୁତ ରହିଥିବା ବେଳେ କୌଣସି କାରଣ ବଶତଃ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଫଳରେ ଉକ୍ତ ଖାଲଢିପ କାଦୁଆ ମାଟି ରାସ୍ତାରେ ଗାଁ ଲୋକଙ୍କ ଦୈନନ୍ଦିନ ଯାତାୟାତ ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ଏହାର ସମାଧାନ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଗ୍ରାମ୍ୟ ନିର୍ମାଣ ବିଭାଜନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଆବଶ୍ୟକ ସ୍ଥଳେ ଗାଁକୁ ଗସ୍ତ କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ତହସିଲଦାର ପ୍ରତିଶୃତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ପାହାଡ଼ ଶିଖରରେ ଶିବଶମ୍ଭୁ, ଜମୁଛି ପର୍ଯ୍ୟଟଙ୍କ ଭିଡ଼



କାଲିମେଳା,୫ା୧(ସମିସ): ନୂଆବର୍ଷ ଆରମ୍ଭ ସହିତ ଲୋକଙ୍କ ମନରେ ପିକନିକ୍ ଓ ଭ୍ରମଣର ଉତ୍ସାହ ବଢ଼ିଛି। ଏହି ସମୟରେ କାଲିମେଳା ବ୍ଲକ ଅଧିନସ୍ଥ ମାନ୍ୟମକୋଣ୍ଡା ପଞ୍ଚାୟତର ଟାଗୋରକୋଟା ପାହାଡ଼ ଶିଖରରେ ନିର୍ମାଣାଧିନ ଶିବଶମ୍ଭୁ ମନ୍ଦିର ଓ ମାନ୍ୟମକୋଣ୍ଡା ନିକଟରେ ଥିବା ପୁରାତନ ପଥର ଗୁମ୍ଫା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର ନୂଆ କେନ୍ଦ୍ର ପାଲଟିଛି। ମାଲକାନଗିରିର ପ୍ରସିଦ୍ଧ ବଡ଼ଯାତ୍ରାରେ ପୂଜିତ କାନାମରାଜୁ, ବାଲାରାଜ୍ ଓ ପୋତରାଜ ଏହି ତିନି ଠାକୁରଙ୍କ ଆବିର୍ଭାବ ସ୍ଥଳ ଭାବେ ପରିଚିତ ପାଲକୋଣ୍ଡା ପର୍ବତର ବିରାଟ ପଥର ଗୁମ୍ଫା ମାନ୍ୟମକୋଣ୍ଡା ନିକଟରେ ଅବସ୍ଥିତ। ପୌରାଣିକ ଓ ଆଧ୍ୟାତ୍ମିକ ମହତ୍ତ୍ୱରେ ପୂର୍ଣ୍ଣ ଏହି ସ୍ଥାନ ଦେଖିବା ପାଇଁ ଜିଲ୍ଲା ସହିତ ଜିଲ୍ଲା ବାହାରରୁ ମଧ୍ୟ ଲୋକେ ଆସୁଛନ୍ତି। ସୁଉଚ୍ଚ ପାହାଡ଼ ଶିଖରରେ ଧ୍ୟାନମଗ୍ନ ଅବସ୍ଥାରେ ଅବସ୍ଥିତ ଶିବ ଶମ୍ଭୁଙ୍କ ବିଶାଳ ମୂର୍ତ୍ତି ପର୍ଯ୍ୟଟକଙ୍କୁ ବେଶୀ ଆକର୍ଷିତ କରୁଛି। ଏଠାରେ ଫଟୋ ଓ ଭିଡିଓ ଉଠାଇବା ପାଇଁ ଦିନକୁ ଦିନ ଭିଡ଼ ବଢୁଛି। କାଲିମେଳାର ପୂର୍ବ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର ଦଲେଇଙ୍କ ଭିଜନ୍‌ରେ ଆରମ୍ଭ ହୋଇଥିବା ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନର ପର୍ଯ୍ୟଟନ ବିକାଶ ଯୋଜନା ଅନୁଯାୟୀ ଶେଷ ପର୍ଯ୍ୟାୟରେ ରହିଛି। ବର୍ତ୍ତମାନ ଏହି ସ୍ଥାନ ପ୍ରେଇଂ ଫଟୋସୁଟ ଓ ସୋସିଆଲ ମିଡ଼ିଆ ରିଲ୍ସ ପାଇଁ ମଧ୍ୟ ଖୁବ୍ ଲୋକପ୍ରିୟ ହୋଇଉଠିଛି। ଆନ୍ଧ୍ର ପ୍ରଦେଶରୁ ମଧ୍ୟ ପର୍ଯ୍ୟଟକମାନେ ଏଠାକୁ ଆସୁଥିବା ନଜିର ରହିଛି। ସେହିପରି ମାନ୍ୟମକୋଣ୍ଡା ଗୁମ୍ଫା ଓ ଟାଗୋରକୋଟା ଶିବ ମନ୍ଦିର ପାଖାପାଖି ଥିବାରୁ ପର୍ଯ୍ୟଟକମାନେ ଉଭୟ ସ୍ଥାନ ବୁଲି ସାରି ପଲୁର ନିକଟରେ ଥିବା ଜଳପ୍ରପାତରେ ପିକନିକ୍ କରୁଥିବା ଦେଖାଯାଉଛି। ସ୍ଥାନୀୟ ଲୋକଙ୍କ ମତାନୁସାରେ, ଯଦି ପାନୀୟ ଜଳ, ଛୋଟ ବଜାର ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଏ, ତେବେ ଏହା ଆହୁରି ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭୟ ହେବ।

# ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

## ୭୦ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ରାୟଗଡ଼ା,୫ା୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଚଳିତ ମାସର ପ୍ରଥମ ସୋମବାରରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୭୦ ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା। ସେଥି ମଧ୍ୟରୁ ୫୨ଟି ବ୍ୟକ୍ତିଗତ ଓ ୧୮ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା କ୍ଷ ୮ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଏକ ଲକ୍ଷ ୧୦ ହଜାର ଟଙ୍କା ଏବଂ ତିନିଜଣକୁ ଜିଲ୍ଲା ରେଡକ୍ରସ ଫଣ୍ଡରୁ ୨୫ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ।

## ଇଏସ୍ଆଇସି, ସୁପର୍ ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଦାବି

# ଆର୍ଏମ୍ସି କାର୍ଯ୍ୟାଳୟ ଆଗରେ କ୍ରିୟାନୁଷ୍ଠାନ କମିଟିର ଅନ୍ଦୋଳନ




**ରାଉରକେଲା, ୫।୧(ସମିସ)**

ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି କମିଟି ଏବଂ ରାଉରକେଲା ଇଏସ୍ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ୧୫ ବର୍ଷରୁ ଅଧିକ ସମୟ ଧରି ରାଉରକେଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ନେଇ ଅଦୋଳନ ଆରମ୍ଭ କରିଛନ୍ତି। ଇଏସ୍ଆଇସି ମେଡିକାଲ କଲେଜ ଏବଂ ସୁପର୍ ସ୍ପେଶାଲିଷ୍ଟ ହସ୍ପିଟାଲ ରାଉରକେଲାଠାରେ ପ୍ରତିଷ୍ଠା ଦାବି କରି ଆରଏମ୍ସି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟିର ଦୀର୍ଘ ଏକ ମାସ ପରେ ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ରାଉରକେଲାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଉରକେଲା ବିମାନବନ୍ଦରକୁ ଆଇଏଲଏସ/ଏନଏଲଏସ ଏବଂ ଏଏଆଇ ମାଲିକାନା ସହିତ ୪ସି ଲାଇସେନ୍ସପ୍ରାପ୍ତ ସୁବିଧାରେ ଉନ୍ନୀତ କରିବା ପାଇଁ ମଧ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ୧୦୦ରୁ ଅଧିକ ଲୋକ ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି, ଯାହା ସରକାର ଠୋସ୍ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଶିଳ୍ପ ସହର ରାଉରକେଲାର ଗୁରୁତ୍ୱ ଏବଂ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଦର୍ଶାଇ ଇଏସ୍ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ୍ ଦାବି ୨୦୦୯ ମସିହାରୁ ଜାରି ରହିଛି, ଅଞ୍ଚଳରେ ନାଗରିକ, ଟ୍ରେଡ୍ ୟୁନିଅନ୍ ଏବଂ ଛାତ୍ର ସଂଗଠନଗୁଡ଼ିକ ରାଉରକେଲାରେ ଏହାର ପ୍ରତିଷ୍ଠା ପାଇଁ ଦାବି କରୁଛନ୍ତି। ଆଜିର ଆନ୍ଦୋଳନରେ ଶ୍ରମିକ ନେତା ଓ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ଓ ରାଉରକେଲା ଇଏସ୍ଆଇସି ମେଡ଼ିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଓ ବିଜେଡି ନେତ୍ରୀ ଜ୍ୟୋସ୍ନା ନାୟକ, ଚନ୍ଦ୍ରା ରାଓ, ବୃନ୍ଦା ବାରିକ ଜ୍ୟୋସ୍ନା ପଲ୍, ଶୁରୁବାଲି ବାଗ, ଲକ୍ଷ୍ମୀ ମୋଦକ, ସୂର୍ଯ୍ୟାବାଗ, ବିଣାପାଣୀ ରାଉତ, ବିରେନ୍ ସେନାପତି, ସୁମନ ଦତ୍ତ, ସୁପ୍ରତିକ ମିଶ୍ର, ରଞ୍ଜନ ଲେଙ୍କା, ରତିକାନ୍ତ ସ୍ୱାଇଁ, ନଟବର ପାତ୍ର, ପ୍ରତାପ ଦାସ, ଜଗବନ୍ଧୁ ଜେନା, ବିଦ୍ୟାଧର ସାସମଲ, ଚକ୍ରାନ୍ତ ଜେନା ଉପସ୍ଥିତ ଥିଲେ।

# ଆର୍ଏସ୍ପିରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ରାଉରକେଲା, ୫।୧(ସମିସ):** ଚଳିତ ୨୦୨୬ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ ସେଲ୍ଫ, ରାଉରକେଲା ଇସ୍ପାତ କାରଖାନାରେ ବିବିଧ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି ଅଭିଯାନରେ କାରଖାନାର କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ପରିଲକ୍ଷିତ ହେଉଛି। ସଡକ ସୁରକ୍ଷା ମାସ ପାଳନର ଏକ ଅଂଶ ସ୍ୱରୂପ, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ (ସିପିପି-୧) ବିଭାଗର ସାମୂହିକ ଜାନୁଆରୀ ୫ ତାରିଖରେ ସିପିପି -୧ ବିଭାଗରୁ ସିଣ୍ଟରିଂ ପ୍ଲାଣ୍ଟ ରୋଡ୍ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ କରାଯାଇଥିଲା। ଏହି ଅବସରରେ ସିଜିଏମ ପାୱାର ଡି. ରୟ ଓ ସିପିପି-୧ ବିଭାଗର ଜିଏମ (ଓ ଆଣ୍ଡ ଏମ) ଏନସି ପରିଡ଼ା ଅଭିଯାନର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ୩ ଶହରୁ ଊର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ସିପିପି-୧ ବିଭାଗର ଡିଜିଏମ୍ ତଥା ଡିଏସଓ ରଞ୍ଜିତ ରଞ୍ଜନ, ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ରୋହିତ ନାୟକ, ଆରଏନ ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ରିତେଶ ପଟେଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିପୂର୍ବରୁ ଜାନୁୟାରୀ ୨ ତାରିଖରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଆରମ୍ଭ ଉପଲକ୍ଷେ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସମେତ ପ୍ରାୟ ୮୦୦ ଅଂଶଗ୍ରହଣକାରୀ ଉତ୍ସାହର ସହ ସଂସ୍କାର ଗେଟ୍ ଠାରୁ ମୁଖ୍ୟ ଗେଟ୍ ଏବଂ ଇଡି (କାର୍ଯ୍ୟ) ଛକ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ଏହି ଅଭିଯାନର ନେତୃତ୍ୱ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଏଜିଏମ ବିକ୍ରମ ପାଢ଼ୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗୀୟ ଦଳ ସଂଯୋଜନା କରିଥିଲେ। ଏଥିରେ ଅଂଶଗ୍ରହଣକାରୀମାନେ ହାତରେ ଜରୁରୀ ସୁରକ୍ଷା ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରିଥିଲେ। ଏହି ପ୍ଲାକାର୍ଡଗୁଡ଼ିକରେ ସଡ଼କ ସୁରକ୍ଷାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ସୂଚନା ଦିଆଯାଇଥିଲା। ଯେପରିକି ସଠିକ ଟ୍ରାଫିକ୍ ନିୟମ ପାଳନ କରିବା, ସୁରକ୍ଷିତ ସଡ଼କ ନିୟମର ଅନୁପାଳନ, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଓଭରଟେକିଂ ଏଡାଇବା, ରେଡ ଲାଇଟ ଉଲ୍ଲଙ୍ଘନରୁ ନିବୃତ୍ତ ରହିବା, ଅସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସ ଏଡାଇବା ଏବଂ କାରଖାନା ପରିସରରେ ଗତି ସୀମାର ସଠିକ ଅନୁପାଳନ କରିବା ପ୍ରଭୃତି ରହିଥିଲା।

# ଆମ ବସ୍ ଦୁର୍ଘଟଣା ପରେ ପରିବହନ ବିଭାଗର କଡ଼ାକଡ଼ି ଯାଞ୍ଚ




**ରାଉରକେଲା, ୫।୧(ସମିସ):** ରାଜଧାନୀ ଭୁବନେଶ୍ୱରର ରୂପାଲି ଛକଠାରେ ସରକାରୀ ଆମ ବସ୍ ଏକ ଅଟୋକୁ ଧକ୍କା ଦେବା ଯୋଗୁଁ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାକୁ ନେଇ ସରକାର ସଜାଗ ହୋଇ ସାରା ରାଜ୍ୟରେ ଯାନବାହାନ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସ୍ମାର୍ଟ୍ ସିଟି ରାଉରକେଲାର ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସୂଚନା ମୁତାବକ, ସଡ଼କ ସୁରକ୍ଷା ଓ ଯାତ୍ରୀମାନଙ୍କ ନିରାପତ୍ତାକୁ ପ୍ରାଥମିକତା ଦେଇ ପରିବହନ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ରାଉରକେଲାରେ ମଧ ଆମ ବସ ଏବଂ ଅନ୍ୟାନ୍ୟ ଯାତ୍ରୀବାହୀ ବସ୍‌ଗୁଡ଼ିକର ଯାଞ୍ଚକୁ ଜୋରଦାର କରାଯାଇଛି। ଏହି ଯାଞ୍ଚ ସମୟରେ ବସ୍ ଚାଳକମାନେ ମଦ୍ୟପାନ କରି ଗାଡ଼ି ଚଳାଉଛନ୍ତି କି ନାହିଁ, ତାହା ପରୀକ୍ଷା କରାଯିବା ସହ ଗାଡ଼ିର ଫିଟନେସ୍, ପ୍ରଦୂଷଣ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ରର ଯାଞ୍ଚ କରାଯାଉଛି। ଆଜି ହନୁମାନ ବାଟିକା ଛକ ଓ ପାନପୋଷ ଛକଠାରେ ଯାଞ୍ଚ ହୋଇଥିଲା। ତେବେ ଏହି ଯାଞ୍ଚ ବେଳେ 'ମୁଁ ଆଜି ମଦ ପିଇନାହିଁ, ଗତକାଲି ନୂଆ ବର୍ଷ ଭୋଜି ପାଇଁ ପିଇଥିଲି। କାନ ଧରୁଛି, ଆଉ କେବେ ମଦ ପିଇ ଗାଡ଼ି ଚଳାଇବି ନାହିଁ' ବୋଲି ଜଣେ ଡ୍ରାଇଭର ସ୍ୱତଃ ପ୍ରବୃତ୍ତ ଭାବେ କହିଥିବା ଦେଖିବାକୁ ମିଳିଥିଲା। ଯାହାକୁ ଶୁଣି ସମସ୍ତେ ହତବାଗ ହୋଇ ପଡ଼ିଥିଲେ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ତେବେ ଆଗାମୀ ଦିନରେ ସଡ଼କ ସୁରକ୍ଷା ନିଶ୍ଚିତ କରିବା ଏବଂ ଦୁର୍ଘଟଣା ରୋକିବା ପାଇଁ ଏଭଳି ଯାଞ୍ଚ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ବସ୍ ଚାଳକ ଓ ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## ବଣାଇଁରେ ବଢୁଛି ଗୋଚରଜମି ଜବରଦଖଲ

# ଗାଈ ଗୋରୁ ଚରିବାକୁ ନାହିଁ ଜାଗା



**ବଣାଇଁ, ୫।୧(ସମିସ):** ବଣାଇଁର ପ୍ରାଶାସନିକ ଅବହେଳା ଓ ଅନିୟମିତତା ଯୋଗୁଁ ବଣାଇଁ ତହସିଲ ଅଞ୍ଚଳରେ ବ୍ୟାପକ ପରିମାଣର ଗୋଚର ଜମି ଜବରଦଖଲକାରୀଙ୍କ କବଳରେ ଥିବାରୁ ପଶୁସମ୍ପଦ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସ୍ଥାନୀୟ କୃଷି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ସଂଗେ ସଂଗେ ପଶୁପାଳନ ପ୍ରତି ମଧ ସମସ୍ୟା ସୃଷ୍ଟି କରିଛି। ଚାଷ ସମୟରେ ଗୋରୁଗାଈଙ୍କ ଚରିବା ନେଇ ଅସୁବିଧା ଦେଖାଦେଉଥିବାବେଳେ ଚାରା ନ ପାଇ ଚାଷଜମିରେ ପଶି ଫସଲ ନଷ୍ଟ କରିଥାନ୍ତି। ଏପରିକି ଅନେକ ସ୍ଥାନରେ ରାସ୍ତାଘାଟ ହାଟ ବଜାରରେ ଗୋରୁଗାଈ ଆଡା ଜମାଉଥିବା ଦେଖାଯାଉଛି। ସୂଚନାଯୋଗ୍ୟ, ରାଜସ୍ୱ ନିୟମ ମୁତାବକ ଗ୍ରାମର ମୋଟ ଜମିର ଏକ ପଞ୍ଚମାଂଶ ଗୋଚରଜମି ରହିଥିବାବେଳେ କେତେକ ବେସରକାରୀ କଳ କାରଖାନା ଓ ଅସାଧୁ ବ୍ୟକ୍ତିଙ୍କ ଜବରଦଖଲ ଯୋଗୁଁ ଗ୍ରାମାଞ୍ଚଳରେ ଆଉ ଗୋଚରଜମିର ନାଁ ଗନ୍ଧ ନାହିଁ। ଅନେକଗ୍ରାମରେ ଲୋକେ ଗୋଚରଜମିରେ ଘରଦ୍ୱାର ନିର୍ମାଣକରି ବସ୍ତି ସ୍ଥାପନ କରିସାରିଥିବାବେଳେ କେତେକ ସ୍ଥାନରେ ପଥର କ୍ୱାରି, ଇଟାଭାଟି, ମୋରମ ଖଣି ଇତ୍ୟାଦି ଜବରଦଖଲ କରାଯାଇଛି। ଏପରିକି ଅନେକ ସ୍ଥାନରେ ସରକାରୀ ବିଭାଗ ଦ୍ୱାରା ମଧ ଗୋଚର ଜମିରେ କ୍ୱାର୍ଟର୍ସ ଓ ଅଫିସ ନିର୍ମାଣ ହୋଇଥିବା ଦେଖାଯାଉଛି। ବହୁ ପରିମାଣର ଗୋଚରଜମିକୁ ଲୋକେ ଚାଷଜମିରେ ପରିଣତ କରି ନିଜ ଦଖଲକୁ ନେଇଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଅଧିକାଂଶ ଗୋଚରଜମିରେ ଲୋକେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣକରି ଦଖଲ କରି ନେଇଥିବା ଦେଖିବାକୁ ମିଳୁଛି। ବ୍ଲକ କର୍ତ୍ତୃପକ୍ଷ କିଭଳି ସେହିଜମିରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଉଛନ୍ତି, ତାହା ମଧ ପ୍ରଶ୍ନବାଚୀ ସୃଷ୍ଟିକରିଛି। କେତେକ ସ୍ଥଳେ ତହସିଲ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକମାନେ ଜମିହୀନ ଗରିବଲୋକଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କଠାରୁ ମୋଟା ଅର୍ଥ ନେଇ ଗୋଚରଜମିକୁ ପାର୍ଚା କରାଇ ଦେବାର ପ୍ରତିଶ୍ରୁତି ଦେଇ ଦଖଲ ସୁଯୋଗ ଦେଉଥିବା ଅଭିଯୋଗ ମିଳୁଛି। ଏଭଳି ବ୍ୟାପକ ଜବରଦଖଲ ହେବା ଦ୍ୱାରା ଗୋରୁଗାଈ, ଛେଳିମେଣ୍ଢା ପ୍ରଭୃତି ପଶୁଙ୍କ ଚରିବା ପାଇଁ ଆଉ ଗ୍ରାମାଞ୍ଚଳରେ ଜାଗା ମିଳୁନାହିଁ। ଚାଷ ସମୟରେ ଫସଲ ସବୁ ଖାଇ ଉଜାଡ଼ି ଦେଉଥିବାରୁ ଚାଷୀ ଘୋର କ୍ଷତିର ସମ୍ମୁଖୀନ ହେଉଛି। ଫଳରେ ଅଧିକାଂଶ ଲୋକ ବାଧହୋଇ ନିଜ ଗୋରୁ ବିକ୍ରି କରିଦେଉଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତି ଯୋଗୁଁ ପାରମ୍ପରିକ ଭାବେ ଚାଲି ଆସିଥିବା ପଶୁପାଳନରୁ ଚାଷୀ ଦୂରେଇ ଯାଉଛି। ଗୋଚର ଜମି ଉଚ୍ଛେଦ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଉଥିଲେ ସୁଦ୍ଧା ତହସିଲ କର୍ତ୍ତୃପକ୍ଷଙ୍କ ଅନିୟମିତତା ଓ ଉଦାସୀନତା ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରୁନି। ଏ ଦିଗରେ ଜିଲ୍ଲାପାଳ ବିଶେଷ ଦୃଷ୍ଟିଦେଇ ଗୋଚରଜମିର ସୁରକ୍ଷା ତଥା ଜବରଦଖଲ ଜମି ସବୁର ଉଚ୍ଛେଦ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

# ଜିଲ୍ଲାପାଳ, ଏସ୍ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ରାଉରକେଲା, ୫।୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲା ସଦର ମହକୁମା ସ୍ଥିତ ସଦ୍‌ଭାବନା ଭବନଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୩ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨୦ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୬ ଗୋଟି ଆବେଦନ ରହିଥିଲା ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଦୁଇ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଆଇଏଏସ ଶିକ୍ଷାନବିଷ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଦେବଦାସୀ ରିୟଲିଟି ସୋ'ରେ ଚମକିଲେ ଆୟେଶା




**ରାଉରକେଲା, ୫।୧(ସମିସ):** ଓଡ଼ିଶୀ ନୃତ୍ୟକୁ ନେଇ ସିଦ୍ଧାର୍ଥ ଟିଭି ପକ୍ଷରୁ ପ୍ରସ୍ତୁତ ଦେବଦାସୀ ରିୟଲିଟି ସୋ'ରେ ରାଉରକେଲାର ଝିଅ ଆୟେଶା ମିଶ୍ର ଉପବିଜେତା ହୋଇ ରାଉରକେଲାକୁ ଗର୍ବିତ କରିଛନ୍ତି। ଆୟେଶା ଛେଣ୍ଡ ଚିନ୍ମୟ ସ୍କୁଲର ଅଷ୍ଟମ ଶ୍ରେଣୀର ଜଣେ ମେଧାବୀ ଛାତ୍ରୀ ସହ ଓଡିଶୀ ନୃତ୍ୟରେ ବେଶ୍ ନିପୁଣ ଅଟନ୍ତି। ନୃତ୍ୟ ଗୁରୁ ପ୍ରଶାନ୍ତି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ବର୍ଷ ଧରି ସେ ନୃତ୍ୟ ଶିକ୍ଷା କରୁଛନ୍ତି। ରାଉରକେଲାରେ ଆୟୋଜିତ ପ୍ରତିଟି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ସର୍ବଦା ଶ୍ରେଷ୍ଠ ସ୍ଥାନ ଅଧିକାର କରି ନିଜର ପ୍ରତିଭା ପ୍ରଦର୍ଶନ କରି ଆସିଛନ୍ତି। ସେ ସମ୍ପ୍ରତି ସିଦ୍ଧାର୍ଥ ଟିଭି ଦ୍ୱାରା ଆୟୋଜିତ ଦେବଦାସୀ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମାନପତ୍ର ସହ ୨୦ ହଜାର ଟଙ୍କା ପ୍ରାପ୍ତ କରିଛନ୍ତି। ଦୀର୍ଘ ମାସାଧିକ କାଳ ଅନୁଷ୍ଠିତ ଏହି ପ୍ରତିଯୋଗିତା ଗତକାଲି ଟିଭି ପରଦାରେ ସମ୍ପନ୍ନ ହୋଇଛି। ଏହି ପ୍ରତିଯୋଗିତାର ପ୍ରି ଅଡିସନ, ଅଡିସନ୍, ୪ଟି ଗାଲା ରାଉଣ୍ଡ, ସେମିଫାଇନାଲ ଓ ଫାଇନାଲ ପର୍ଯ୍ୟାୟ ପର୍ଯ୍ୟନ୍ତ ଥିଲା। ୧୨୦୦ ପ୍ରତିଯୋଗୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ନୃତ୍ୟ କାର୍ଯ୍ୟକ୍ରମରେ ଗ୍ରାଣ୍ଡ ଫିନାଲେରେ ଉଭୟ ଜୁନିଅର ଓ ସିନିୟର ବର୍ଗରେ ୬ ଜଣ ଲେଖାଏଁ ମୋଟ ୧୨ ଜଣ ପ୍ରତିଯୋଗୀ ଥିଲେ। ଏଥିରେ ଜୁନିଅର ବର୍ଗରେ ଆୟେଶା ନୃତ୍ୟ ପରିବେଷଣ କରି ଉପବିଜେତା ହୋଇ ସମଗ୍ର ରାଉରକେଲାକୁ ଗର୍ବିତ କରିଛନ୍ତି। ଏନେଇ ବିଦ୍ୟାଳୟ, ସମସ୍ତ ବନ୍ଧୁବାନ୍ଧବ, ବିଭିନ୍ନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି।

# ରୁକୁଡା ଡ୍ୟାମ୍‌ରେ ମରାମତି ହେଲା ନଳକୂପ

**ବଣାଇଁ, ୫।୧(ସମିସ):** ବଣାଇଁ ନିକଟରେ ଥିବା ରୁକୁଡା ଡ଼୍ୟାମକୁ ଭୋଜି କରିବାକୁ ଆସି ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିଲେ ପର୍ଯ୍ୟଟକ। ପିଇବା ପାଣି ସହ ରୋଷେଇ କରିବାକୁ ବ୍ୟବହାର କରୁଥିଲେ ଡ଼୍ୟାମ ପାଣି। ଏକ ମାତ୍ର ନଳକୂପ ଖରାପ ହୋଇ ପଡ଼ିଥିବା ବେଳେ ଧ୍ୟାନ ଦେଇନଥିଲା ବିଭାଗ। ଏନେଇ ଗତ ଡିସେମ୍ବର ୨୯ ତାରିଖରେ 'ସକାଳ' ଖବର କାଗଜରେ 'ପର୍ଯ୍ୟଟନ ସ୍ଥଳୀରେ ଆନୁଷଙ୍ଗିକ ସୁବିଧା ନଥିବା' ଖବର ପ୍ରକାଶ କରାଯାଇଥିଲା। ଖବର ପ୍ରକାଶ ପାଇବାର ମାତ୍ର ଦିନକ ମଧ୍ୟରେ ସ୍ଥାନୀୟ ପଞ୍ଚାୟତ ଓ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ତୁରନ୍ତ ଅଚଳ ନଳକୂପକୁ କାର୍ଯ୍ୟକ୍ଷମ କରାଯାଇଛି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏହି ଡ଼୍ୟାମକୁ ବଣ ଭୋଜି ନିମନ୍ତେ ଆସୁଛନ୍ତି। ନଳକୂପ ମରାମତି ପରେ ଏବେ ଡ଼୍ୟାମ ଜଳ କିମ୍ବା ଦୂରକୁ ଯାଇ ପାଣି ଆଣିବାକୁ ପଡୁନାହିଁ, ପିଇବା ପାଣି ସହ ରୋଷେଇ କରିବାକୁ ଆଉ ସମସ୍ୟା ନାହିଁ। ତୁରନ୍ତ ପଦକ୍ଷେପ ନିଆଯାଇ ପର୍ଯ୍ୟଟକଙ୍କ ସମସ୍ୟା ଦୂର କରିଥିବାରୁ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଖୁସି ବ୍ୟକ୍ତ କରିଛନ୍ତି।




# ଗଞ୍ଜେଇ ଚାଲାଣକାରୀ ଗିରଫ

**ରାଉରକେଲା, ୫।୧(ସମିସ):** ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ବେଳେ ସେକ୍ଟର -୧୫ ଥାନା ପୁଲିସ ଜଣକୁ ଧରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ସେକ୍ଟର -୧୫ ମଲ୍ଲିକ ବସ୍ତିର ହୃଷୀକେଶ ପ୍ରଧାନ (୫୪) ହୋଇଥିବା ବେଳେ ତା'ଠାରୁ ୧ କେଜି ୯୪୦ ଗ୍ରାମ ଓଜନର ଗଞ୍ଜେଇ, ବାଇକ୍, ୬୦୦ ଟଙ୍କା ଓ ମୋବାଇଲ ଜବତ କରାଯାଇଛି। ଥାନାଞ୍ଚଳରେ ସୋମବାର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଏସ୍ଆଇ ଅମ୍ବିକା ମାର୍ଣ୍ଡି ନିଜ ଟିମ୍ ସହ ସେକ୍ଟର -୧୮ ମାର୍କେଟଠାରେ ଚଢ଼ଉ କରି ହୃଷୀକେଶକୁ କାବୁ କରିଥିଲେ। ପଚରାଉଚରା ପରେ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବାକୁ ଯାଉଥିବା ଅଭିଯୁକ୍ତ ପୁଲିସ ନିକଟରେ ସ୍ୱୀକାର କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ୩୮ ତମ ଲୋକନାଟକ ମହୋତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ହୁଲ୍' ମଞ୍ଚସ୍ଥ

**ରାଉରକେଲା, ୫।୧(ସମିସ)**




ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ରାଉରକେଲାର କଲଚରାଲ ଏକାଡ଼େମୀ ପକ୍ଷରୁ ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ଉତ୍ସବ ମଧ୍ୟରେ ଦ୍ୱିତୀୟ ସଂଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଜୟ କୁମାର ଭୋଳଙ୍କ ନିର୍ଦ୍ଦେଶନାରେ 'ପରିଚୟ' ରାଉରକେଲାର କଳାକାରମାନେ ପରିବେଷଣ କରିଥିଲେ ନାଟକ 'ହୁଲ୍'। ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦଘାଟନ କରି ସାଧାରଣ ଜନତାଙ୍କର ଦୁଃଖ, ଆର୍ଥିକ ସମସ୍ୟା ଏବଂ ବୈଚାରିକ ଦ୍ୱନ୍ଦ୍ୱକୁ ଆଧାର କରି ଲୋକଙ୍କର ସୁଖ, ସୁବିଧା ଏବଂ ସକଳ ପ୍ରକାରର ଅଧିକାର ହାସଲ କରିବାର ସଂଗ୍ରାମର କାହାଣୀ ହେଉଛି 'ଲୋକନାଟକ' ବୋଲି କହିଥିଲେ। କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀ ଏହି ଉତ୍ସବରେ ଅଧକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିଲେ। କବି ମୀନକେତନ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ସଦସ୍ୟ ସଦସ୍ୟା ଡ. ପ୍ରଭାତ ମଲ୍ଲିକ, ଅକ୍ଷୟ କୁମାର ସାମଲ, ଡ. ଶ୍ରୀକାନ୍ତ ମହାନ୍ତି, ଡା. କୃପାସିନ୍ଧୁ ନାୟକ, ଡ. ନଗେନ ଦାସ, ଅକ୍ଷୟ ପଣ୍ଡା, ସୁଜିତ କୁମାର ନାଏକ, କିଶୋର ଚନ୍ଦ୍ର ବେହେରା, ଆଲୋକ ବୋଷ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ପରେଶ ବିଶ୍ୱାଳ, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ସଭା ପରେ ଦ୍ୱିତୀୟ ସଂଧ୍ୟାରେ ନାଟ୍ୟାନୁଷ୍ଠାନ 'ପରିଚୟ' ରାଉରକେଲାର କଳାକାରମାନେ ପରିବେଷଣ କରିଥିଲେ ନାଟକ 'ହୁଲ୍'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଶ୍ରୀକାନ୍ତ ଗୁରୁ ଦେଇଥିବା ବେଳେ ମଞ୍ଚସଜ୍ଜାରେ ଜନ୍ମେଜୟ ମହାନ୍ତି ସହଯୋଗ କରିଥିଲେ। ନାଟକରେ ବିଭିନ୍ନ ଭୂମିକାରେ ଭୀଷ୍ମ ନାରାୟଣ ସ୍ୱାଇଁ, ପଞ୍ଚାନନ ପାତ୍ର, ମାନସ ସାହୁ, ନରେନ ଦାସ, କିଶୋର ଚନ୍ଦ୍ର ମହାରଣା, ଭାସ୍କର ଚନ୍ଦ୍ର ସାହୁ, ପର୍ଶୁରାମ ମଲ୍ଲିକ, ବାସୁଦେବ ଷଡ଼ଙ୍ଗୀ, ସୁଶାନ୍ତ ନନ୍ଦ, ବିଶ୍ୱଜିତ୍ ଦାଶ, ପ୍ରଜ୍ଞାପରିମିତା ପାଣିଗ୍ରାହୀ, ପାୟଲ ନାୟକ, ପୁଷ୍ପଲତା ବିଶୋଇ, ସନ୍ଧ୍ୟାରାଣୀ ରାଉତ (ଶିଶୁ) ଅଭିନୟ କରିଥିଲେ। ସରଳ, ନିରୀହ, ନିଷ୍କପଟ, ଛଳଛଳ ପାହାଡି ଝରଣା ଭଳି ସ୍ୱଚ୍ଛ, ନିର୍ମଳ ହୃଦୟଧାରୀ ମଣିଷମାନେ ସମସ୍ତଙ୍କୁ ନିଜର କରିପାରନ୍ତି। ଆପଣାର ସବୁକିଛି ଅନ୍ୟମାନଙ୍କ ପାଇଁ ଅଜାଡି ଦେଇପାରନ୍ତି, କିନ୍ତୁ କେହି ଯଦି ତାଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିବାର ପ୍ରୟାସ କରେ, ତାଙ୍କ ସାବଲୀଳ ଜୀବନ ଜୀବିକା ଉପରେ ଆକ୍ରମଣ କରେ, ତେବେ ସେହି ସରଳ ମଣିଷମାନଙ୍କ ରକ୍ତରେ ଲାଗେ ନିଆଁ। ଆଉ ସେହି ନିଆଁ, ଦାବାନଳର ରୂପ ନେଇ ଅନ୍ୟାୟ, ଅବିଚାର, ବଞ୍ଚନାକୁ ଜାଳିପୋଡ଼ି ଦେବାପାଇଁ ନାଟକ ମହାବିଦ୍ରୋହ 'ହୁଲ୍' ଆହ୍ୱାନ ଦେଇଥିଲା।

ସକାଳ
THE SAKALA



www.sakalaepaper.com

# ଦୁର୍ଘଟଣାରେ ସମ୍ବର ମୃତ

**ବାରିକପୁର, ୫।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ଜାତୀୟ ରାଜପଥର କହରାପୋଖରୀ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୋଟିଏ



ସମ୍ବରର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୭ଟାବେଳେ ସମ୍ବରଟି ରାଜପଥ ଅତିକ୍ରମ କରୁଥିବାବେଳେ ଏକ ଦ୍ରୁତଗାମୀ ଯାନ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସମ୍ଭୁନାଥ ବେହେରା ଓ ଅନ୍ୟମାନେ ଏକ ଅଟୋରେ ଗୁରୁତର ବନ୍ୟପ୍ରାଣୀଟିକୁ ପଶୁ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ଅଧିକାରୀ ଦେବାଶିଷ ହୋତା ସମ୍ବରଟିକୁ ମୃତ ଘୋଷଣା କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଚିକିତ୍ସା କେନ୍ଦ୍ରରେ ପହଞ୍ଚିବା ପରେ ସମ୍ବରଟିର ବ୍ୟବଚ୍ଛେଦ ହୋଇଥିଲା। ବନ ବିଭାଗକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଘନ କୁହୁଡ଼ି ଯୋଗୁଁ ସମ୍ବରଟି ହଦଗଡ଼ ଜଙ୍ଗଲରୁ ବାଟବଣା ହୋଇ ପଳାଇ ଆସିଥିବା ଅନୁମାନ କରାଯାଉଛି ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ସୌଭାଗ୍ୟ ସାହୁ ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ହେଉଥିବା ଶ୍ରୀ ସାହୁ କହିଛନ୍ତି।

### ଛତ୍ରପଦା ଗାଁ ପଣ୍ଡିତସାହିରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ୧୬ ବଖରା; ୭ ପରିବାର ସର୍ବସ୍ୱାନ୍ତ





**ଭଦ୍ରକ, ୫।୧(ସମିସ)**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ଥାନା ନରେନ୍ଦ୍ରପୁର ଛତ୍ରପଦା ପଣ୍ଡିତସାହିରେ ରବିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୬ ବଖରା ଘର ସମ୍ପୂର୍ଣ୍ଣ ଜଳି ଧ୍ୱଂସ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୧୦ଟି ଗୋରୁ, ୩ଟି ଛେଳି ସହ ଶହଶହ ବସ୍ତା ଧାନ, ଆସବାବପତ୍ର ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ୭ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି।

ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ଛତ୍ରପଦା ପଣ୍ଡିତସାହିରେ ଏହି ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସନାତନ ନାୟକ, ଜଡ଼ା ନାୟକ, ମାନସ ନାୟକ, ସୁଧାକର ନାୟକ, ଦାଶରଥି ନାୟକ, ଚକ୍ରଧର ନାୟକ ଓ ଗୁଣନିଧି ନାୟକ ୭ ପରିବାର ସର୍ବହରା ହୋଇଯାଇଛନ୍ତି। ଅଗ୍ନିକାଣ୍ଡ ପ୍ରକୋପରେ ସାରା ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଗାଁ ନିକଟରେ ଜଳ ସମସ୍ୟା ଥିବାରୁ ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ନାକେଦମ୍ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡରେ ବିପନ୍ନ ପରିବାର ସାଇତି ରଖିଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ, ଧାନ ଓ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ନିଆଁକୁ ଆୟତ କରିବାକୁ ଅନେକ ସମୟ ଲାଗିଯାଇଥିଲା। ତେବେ ଅଗ୍ନିଶମ ଗାଡ଼ି ବିଳମ୍ବରେ ପହଞ୍ଚିବାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିପନ୍ନ ପରିବାର ସଦସ୍ୟମାନେ ବାହୁନି ବାହୁନି କାନ୍ଦିବା ଛଡ଼ା ଆଉ କିଛି ଉପାୟ ନ ଥିବା ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଥିଲା। ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଭଦ୍ରକ ଜିଲ୍ଲାପାଳ ଓ ତିହିଡ଼ି ତହସିଲ୍‌ଦାରଙ୍କୁ ଅନୁରୋଧ କରିଛନ୍ତି ବିଧାୟକ ଡ. ରାୟ। ଏଥିସହ ବିପନ୍ନ ପରିବାରକୁ ପଲିଥିନ୍, ଶାଢ଼ି, ଶୁଖିଲା ଖାଦ୍ୟ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ସହ କିଛି ଆର୍ôଥିକ ସହାୟତା ପ୍ରଦାନ କରିଥିଲେ। ସେହିଭଳି ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିଦ୍ୟୁତ୍‌ଲତା ନାୟକ, ସ୍ଥାନୀୟ ଗୋପୀନାଥପୁର ସରପଞ୍ଚ ବାପୁନ ବାରିକ ଓ ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ ମଧ୍ୟ ବିଧାୟକଙ୍କ ସହ ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଅନୁରୂପ ଭାବେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ମଧ୍ୟ ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏହି ଭୟାବହ ଅଗ୍ନିକାଣ୍ଡର କୌଣସି କାରଣ ସ୍ପଷ୍ଟ ହୋଇ ନ ଥିବା ଜଣାଯାଇଛି।

> **୧୦ ଗୋରୁ, ୩ ଛେଳି ଜୀବନ୍ତ ଦଗ୍ଧ**
>
> **ଶତାଧିକ ବସ୍ତା ଧାନ ସହ ଆସବାବପତ୍ର ପାଉଁଶ**
>
> **ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ବିଧାୟକ**

### ଭେନେଜୁଏଲା ରାଷ୍ଟ୍ରପତି ଦମ୍ପତିଙ୍କୁ ନିଃସର୍ତ୍ତରେ ଖଲାସ ଦାବି

# ସିପିଆଇ(ଏମ୍) ପକ୍ଷରୁ ପଥପ୍ରାନ୍ତ ସଭା



**ଭଦ୍ରକ, ୫।୧(ସମିସ):** ବିଶ୍ୱ ଗଣତନ୍ତ୍ରକୁ ବିପନ୍ନ କରି ଆନ୍ତର୍ଜାତିକ ଶାନ୍ତି ଆଇନକୁ ଭଙ୍ଗ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସେନାବାହିନୀ ଯେପରି ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ଭେନେଜୁଏଲାର ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଅପହରଣ କରି ଆମେରିକାରେ ନେଇ ବନ୍ଦୀ କରି ରଖିଛନ୍ତି ତାହାକୁ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ନିଃସର୍ତ୍ତରେ ଖଲାସ କରିବାକୁ ଦାବି କରାଯାଇଛି। ଭଦ୍ରକ ସହର ବନ୍ତ ଛକଠାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ନେତା ପ୍ରଫୁଲ୍ଲ ପାଢ଼ୀ, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ବରିଷ୍ଠ ନେତା ନିରଞ୍ଜନ ପାଣି, ପ୍ରଫେସର ପ୍ରହଲ୍ଲାଦ ପତି, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଯୁବନେତା ସେକ୍ ସନାଉଲ୍ଲା, ଯୁବନେତା ପ୍ରତାପ ସେଠୀ, ଯୁବନେତା ସେକ୍ ରୋସନ, ଯୁବନେତା ସେକ୍ ଅଫ୍‌ଜଲ, ଯୁବନେତା ବିପ୍ଳବ ଯେନା, ଯୁବ ଆଇନଜୀବୀ ବିନୋଦ ସାହୁ, ଶ୍ରମିକ ନେତା ସେକ୍ ସିକୁ ପ୍ରମୁଖ ଯୋଗଦେଇ ଆମେରିକାର ସାମ୍ରାଜ୍ୟବାଦ ବିରୋଧରେ ଭଦ୍ରକବାସୀ ଏକ ହେବାକୁ ଆହ୍ୱାନ ଜଣାଇଥିଲେ। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଇତିହାସର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ଏହି ଅମାନବୀୟ ଗିରଫକୁ ନିନ୍ଦା କରିବା ସହ ଭେନେଜୁଏଲା ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ଖଲାସ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ନିବେଦନ କରିବାକୁ ସିପିଆଇ(ଏମ୍) ଜିଲ୍ଲା କମିଟି ପକ୍ଷରୁ ଏହି ପଥପ୍ରାନ୍ତ ସଭା ମାଧ୍ୟମରେ ନିବେଦନ କରାଯାଇଛି।

### ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟା

# ‘ଓଡ଼ିଶା ରାଜନୀତି ପାଇଁ ଅନ୍ତୁଡ଼ିଶାଳ ସାଜିଛି ଭଦ୍ରକ ମାଟି’

**ଭଦ୍ରକ, ୫।୧(ସମିସ):** ଓଡ଼ିଶା ରାଜନୀତି ପାଇଁ ଭଦ୍ରକ ମାଟି ଅନ୍ତୁଡ଼ିଶାଳ ସାଜିଛି। ଭଦ୍ରକ ମାଟିର ଯଶସ୍ୱୀ ସନ୍ତାନ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ବିପ୍ଳବୀ ଚକ୍ରଧର ବେହେରାଙ୍କ ଭଳି ବହୁ ବରପୁତ୍ର ଓଡ଼ିଶାର ନେତୃତ୍ୱ ନେବା ସହ ନୂତନ ବୃହତର ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସଞ୍ଜୀବ କିଆ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହରର ଗାନ୍ଧୀ ପଡ଼ିଆଠାରେ ଦଶମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବର ତୃତୀୟ ସନ୍ଧ୍ୟାରେ ‘ଓଡ଼ିଶା ରାଜନୀତି ଜଗତକୁ ଭଦ୍ରକର ଅବଦାନ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସୋମବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁବାସ ରାମ ଯୋଗଦେଇ ଭଦ୍ରକର ବହୁ ସାରସ୍ୱତ ସାଧକ ଜିଲ୍ଲାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ଅତିଥିମାନଙ୍କୁ କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ମଞ୍ଚ ନିମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଅତିଥି ପରିଚୟ, ମହୋତ୍ସବ କମିଟି ଉପଦେଷ୍ଟା ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଏବଂ ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଅଞ୍ଜନା ମିଶ୍ର, ଶିକ୍ଷୟିତ୍ରୀ ମନୋରମା ରାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ସଞ୍ଚାର ଡ୍ୟାନ୍ସ ଗ୍ରୁପ୍ ମେଲୋଡି ଓ ଦର୍ଶନ ଏକାଡେମୀ ପିଲାଙ୍କ ନୃତ୍ୟ ପରିବେଷଣ। ଉପଦେଷ୍ଟା ସ୍ମୃତି ରଞ୍ଜନ ସାହୁ, ହରିହର ନାୟକ, ଅତିସ ବେହେରା, ଉମାକଲ୍ୟାଣ ମହାପାତ୍ର, ଯୁବନେତା ଅଶୋକ ନାୟକ, କାଉନ୍‌ସିଲର ସେକ୍ ସଇଦ, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ରାଜେଶ ଦାସ, ଅଜୟ ପଣ୍ଡା, କ୍ଷୀତିଶ ସାମନ୍ତ, ଶିବାନନ୍ଦ ଦାସ, ଶୁଭଦ୍ୱୀପ ମଲ୍ଲିକ, ଓମ୍‌କାର, କଳ୍ପତରୁ ପରିଡ଼ା, ଜଗନ୍ନାଥ ବେହେରା, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଓଡ଼ିଆ ଭଜନ ‘କଳାଶ୍ରୀମୁଖ’ ଓ ଆଲବମ୍ ‘ବିଶ୍ୱାସ’ ଲୋକାର୍ପିତ



**ଭଦ୍ରକ, ୫।୧(ସମିସ):** ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଦ୍ୱାରା ସମ୍ପର୍କ ମ୍ୟୁଜିକ୍ ନିବେଦିତ ସବିତା ପରିଡ଼ାଙ୍କ ପ୍ରଯୋଜନାରେ ଗୀତିକାର ଭୀମଚରଣ ପରିଡ଼ାଙ୍କ ଦ୍ୱାରା ଲିଖିତ ଓଡ଼ିଆ ଭଜନ ‘କଳାଶ୍ରୀମୁଖ’ ଓ ଆଲ୍‌ବମ୍ ସଙ୍ଗୀତ ‘ବିଶ୍ୱାସ’ର ଶୁଭ ଉନ୍ମୋଚନ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଇଂ. ଅଭୟ ସୂତାର, ବରିଷ୍ଠ ସାମ୍ବାଦିକ ହରିହର ନାୟକ, ସାଇ ଭରଦ୍ୱାଜ ହସ୍ପିଟାଲ ସତ୍ତ୍ୱାଧିକାରୀ କ୍ଷୀରୋଦ ବିହାରୀ ଦାସ, ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ୍ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅଟଳ ବିହାରୀ ନାୟକ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଆଲବମ୍‌ର ସବୁ ସଙ୍ଗୀତକୁ ଭିଜୁଆଲ ମାଧ୍ୟମରେ ଦର୍ଶକମାନଙ୍କୁ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିବୋଲ କ୍ଷେତ୍ରର ସଭାପତି ନଗେନ୍ଦ୍ର ପ୍ରସାଦ ଦାସ ଓ ସମ୍ଭାବନା ସାହିତ୍ୟ ପରିଷଦର ସମ୍ପାଦକ ଋତୁରାଜ ଅକ୍ଷୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଭୀମ ଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୈକୁଣ୍ଠ ନାଥ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ଶିକ୍ଷୟିତ୍ରୀ ଲିପିଲେଖା ବେହେରା, ଶିକ୍ଷୟିତ୍ରୀ ସୁବାସିନୀ ଘଡ଼େଇ ପରିଚାଳନା କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବାସୁଦେବପୁର, ୫।୧(ସମିସ):** ବାସୁଦେବପୁର ପୌରପାଳିକାର ପିଏମ୍‌ଶ୍ରୀ ଅଟଳ ବିହାରୀ ହାଇସ୍କୁଲରରେ ୩ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ ଗୁରୁଙ୍କଠାରୁ ପାଇଥିବା ଶିକ୍ଷାର ସୁବିନିଯୋଗ କଲେ ସମାଜରେ ଜଣେ ଭଲ ମଣିଷ ହୋଇପାରିବ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ଆଲୁମ୍‌ନି କମିଟିର ସଭାପତି ଅଭିମନ୍ୟୁ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ, ଏବିଇଓ ଅମୀୟ ମହାଳିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପିଏମ୍‌ଶ୍ରୀ ଅଟଳ ବିହାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରତାପ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ପଦ୍ମନାଭ ଦାଶ, ପ୍ରାକ୍ତନ ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ରାଉତ ଓ ପ୍ରାକ୍ତନ ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ବାରିକ ଯୋଗଦେଇ ବିଦାୟକାଳୀନ ଭାଷଣ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ୩ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ହଜରତ ବଡ଼େଖାନ୍ ଗାଜି ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ଓ ଜଲସା

**ଧାମନଗର, ୫।୧(ସମିସ):** ଧାମନଗର ଏନ୍‌ଏସି ଅଧୀନ ୯ନମ୍ବର ୱାର୍ଡ ଅଧୀନସ୍ଥ ପଠାଣମହଲ୍ଲା ଗାଁରେ ପୀରବାବା ହଜରତ ବଡ଼େଖାନ୍ ଗାଜି ବାବାଙ୍କର ବାର୍ଷିକ ଉର୍ସ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୬ଟାରେ ପୀରବାବାଙ୍କ ଗୋସଲ(ସ୍ନାନ) ଗୋଲାପ ଜଳ ଓ ଚନ୍ଦନରେ କରାଯାଇଥିଲା। ପରେ ୭ଟାରେ କୋରାନ ଖାନି ଓ ଫାତେହା ପରେ ଚାଦର ପୋସି ଓ ଦର୍ଶନ ଆରମ୍ଭ ହୋଇଥିଲା। ରବିବାର ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ (ଲଙ୍ଗର) ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ ଦିନ ରାତି ପ୍ରାୟ ୮ଟାରେ ଖାନକା ସରିଫ୍ ମତୱଲ୍ଲୀ ହଜରତ ସୟଦ ହବିବ ରଜା ହବିବି ସଜ୍ଜାଦା ନସିନଙ୍କ ସଭାପତିତ୍ୱରେ ଜଲସା ଓ ଧର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜଲସା କାର୍ଯ୍ୟକ୍ରମରେ ସାଲିକ ରଜା ମୋଜାହିଦୀଙ୍କ ସଞ୍ଚାଳନାରେ ବିଭିନ୍ନ ରାଜ୍ୟରୁ ଆସିଥିବା ବିଶିଷ୍ଟ ମୌଲାନା, ସାଏର (କବି) ସାହିଦ ରଜା ହବିବି, ସମଉଇଲ ଆଖ୍‌ତର ମୋଜାହିଦୀ, ସମସୁଦ୍ଦିନ ନେଜାମି, ଆକ୍ରମ ରଜା ଆକ୍ରମ, ମୁଫ୍‌ତି ରଫିକୁଲ୍ଲା ଆଜହରି, ସାହାଦତ୍ ହୋସେନ ମିସ୍‌ବାହୀ ପ୍ରମୁଖ ଉର୍ସ ଉତ୍ସବରେ ଯୋଗଦେଇ ପୀରବାବାଙ୍କୁ ଦର୍ଶନ ସହ ଜଲସାରେ ଉପସ୍ଥିତ ରହି ବାବାଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଜଲସା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।







# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବନ୍ତ/ଆଗରପଡ଼ା, ୫।୧(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗଣିଜାଙ୍ଗ ନେହେରୁ ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାଗବତ ବିଶ୍ୱାଳ (୮୩)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ରବିବାର ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଯାଇଥିଲେ। ସେଠାରେ ରାତି ପ୍ରାୟ ୩ଟାରେ ତାଙ୍କର ବିୟୋଗ ହୋଇଥିଲା। ପରେ ତାଙ୍କ ଶବକୁ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ରାନ୍ଦିଆ ବିଶ୍ୱାଳ ସାହିସ୍ଥିତ ବାସଭବନକୁ ଅଣାଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରି ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା।



# ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜପଥ ଦୁର୍ଘଟଣା ଜୋନ୍

**ଅସୁରାଳି, ୫।୧(ସମିସ)**

ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜ୍ୟ ରାଜପଥରେ ମଠଡିହଠାରୁ କୁଳସାହି ପର୍ଯ୍ୟନ୍ତ ପ୍ରାୟ ୬ କି.ମି. ରାସ୍ତା ଏବେ ଦୁର୍ଘଟଣା ଜୋନ୍‌ରେ ପରିଣତ ହୋଇଛି। ପିଚୁ କାମ ଓ ସମ୍ପ୍ରସାରଣ ଆଳରେ ଠିକାଦାର ୩ ବର୍ଷ ହେଲା ରାସ୍ତା କାମ କରୁନାହାନ୍ତି। ଗୋଡ଼ି ପଡ଼ିଥିବାରୁ ରାସ୍ତାରେ ପ୍ରତିଦିନ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମହାଶିବରାତ୍ରି ପୂର୍ବରୁ ସ୍ଥାନୀୟ ଅଧିବାସୀମାନେ ଜିଲ୍ଲା ପ୍ରଶାସନକୁ ରାସ୍ତା ମରାମତି ପାଇଁ ଦାବି କରିଥିଲେ, କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତା ଦେଇ ଆଖଣ୍ଡଳମଣି ପୀଠକୁ ବହୁବାର ଯାତାୟାତ କରୁଥିଲେ ବି, ରାସ୍ତାର ଦୁରବସ୍ଥା ଉପରେ ସେମାନଙ୍କ ନଜର ପଡ଼ିନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀମାନେ ମଧ୍ୟ ଏହି ଦୁରବସ୍ଥାକୁ ଦେଖି ନିରବଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଅଧିବାସୀମାନେ ସ୍ୱର ଉଠାଇଛନ୍ତି। ଶନିବାର ମଧ୍ୟାହ୍ନରେ ଜଣେ ବାଇକ ଚାଳକ ଗୋଡ଼ିରେ ପଡ଼ି ଲହୁଲୁହାଣ ହୋଇଥିଲେ। ଯାହାକୁ ସ୍ଥାନୀୟ ଲୋକେ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଯଦି ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନ ହୁଏ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତାର ଦୁରବସ୍ଥା ବିଷୟରେ ସେ ଜାଣିନାହାନ୍ତି। ତଥାପି ୨ ଦିନ ମଧ୍ୟରେ ଗୋଡ଼ିକୁ ସଫା କରାଯାଇ ଅସ୍ଥାୟୀ ଭାବେ ସମସ୍ୟାକୁ ଏଡ଼ାଇ ଦିଆଯିବ ଓ ପ୍ରାୟ ୨ ମାସ ମଧ୍ୟରେ ସ୍ଥାୟୀ ଭାବେ ରାସ୍ତା ମରାମତି କରାଯିବ।



> ▸▸ ୩ ବର୍ଷ ହେଲା କାମ ଠପ୍; ପୂର୍ତ୍ତ ବିଭାଗ ନିରବ
>
> ▸▸ ପ୍ରତିଦିନ ଘଟୁଛି ଦୁର୍ଘଟଣା

### ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

# ୧୯୨ଟି ଅଭିଯୋଗ ଗ୍ରହଣ; ୪୫ଟି ତୁରନ୍ତ ସମାଧାନ



**ଭଦ୍ରକ, ୫।୧(ସମିସ):** ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ୍ କୁମାର ମାଝୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ୍ ୧୯୨ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୦ଟି ବ୍ୟକ୍ତିଗତ ଥିଲାବେଳେ, ୫୨ଟି ସାମୂହିକ ଥିଲା। ୪୫ଟିର ସମାଧାନ ତତ୍‌କ୍ଷଣାତ୍ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ଓ ରେଡ୍‌କ୍ରସରୁ ୨୯ ଜଣଙ୍କୁ ମୋଟ ୧ ଲକ୍ଷ ୮୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନ୍‌ସନ୍, ପିଏମ୍ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି-ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା।

ସକାଳ THE SAKALA



www.sakalaepaper.com

### ନିର୍ଗୁଣ୍ଡି ଡବଲ ମର୍ଡର ଘଟଣା

# ଆଉ ୨ ଜଣଙ୍କୁ ଧରିଲା ଟାଙ୍ଗୀ ପୁଲିସ



**ଗିରଫଦାରୀ ସଂଖ୍ୟା ୫କୁ ବୃଦ୍ଧି**

ଟାଙ୍ଗୀ,୫ ।୧(ସମିସ): କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ତଥା ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ ନିର୍ଗୁଣ୍ଡି ଅଞ୍ଚଳରେ ଘଟିଥିବା ଡବଲ ମଡର୍‌ର ଘଟଣାରେ ଟାଙ୍ଗୀ ପୁଲିସ ଗ୍ୟାରେଜ ମାଲିକ ସମେତ ୩ ଜଣଙ୍କୁ ଗିରଫ କରିବାପରେ ସୋମବାର ଆଉ ୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ୨ ଜଣଙ୍କ ମଧ୍ୟରୁ ଜଣେ କଟକ ଜିଲ୍ଲା କାନପୁର ଥାନା କନକପୁର ଗ୍ରାମର ନାଲୁ ଓରଫ ସୂର୍ଯ୍ୟମଣି ମୁଦୁଲି (୨୮) ଓ ଅନ୍ୟଜଣେ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ବନ୍ଧଗାଁର ସ୍ୱପ୍ନେଶ୍ୱର ମହନ୍ତ(୧୯)। ଉକ୍ତ ୨ ଅଭିଯୁକ୍ତ ଜେସିବି ଅପରେଟର ଓ ସହାୟକ ଭାବେ କାର୍ଯ୍ୟ କରନ୍ତି ବୋଲି ଆଇଆଇସି ଡ. ବିକାଶ ସେଠୀ ସୂଚନା ଦେଇଛନ୍ତି। ତେବେ ଫେରାର ଥିବା ବ୍ରହ୍ମାନନ୍ଦ ଗଁଡିଆ, ଦିଲେଶ୍ୱର ନାୟକ ଓ ବିଶ୍ୱରଞ୍ଜନ ଖୁଣ୍ଟିଆଙ୍କୁ ଧରିବାରେ ଟାଙ୍ଗୀ ପୁଲିସ ଉଦ୍ୟମ ଜାରି ରଖିଛି। ତେଣୁ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଥିବାବେଳେ ଫେରାର ୩ଜଣଙ୍କୁ ମିଶାଇଲେ ଘଟଣାରେ ୮ ଜଣଙ୍କ ସଂପୃକ୍ତି ଥିବା ସ୍ପଷ୍ଟ ହୋଇଛି। ପ୍ରକାଶ ଥାଉକି ଗତ ଡିସେମ୍ବର ୩୦ ତାରିଖ ରାତିରେ ନିର୍ଗୁଣ୍ଡି ନିକଟସ୍ଥ ଓମ୍ ନାରାୟଣୀ ନାମକ ପୋକଲିନ୍ ଗ୍ୟାରେଜ୍ ପରିସରରେ ସ୍ଥାନୀୟ ବିଲତେରୁଆଁ ଗ୍ରାମର ମହମ୍ମଦ ସୋଏବ(୨୧) ଓ ଚୌଦ୍ୱାର ଅଞ୍ଚଳର ପ୍ରଶାନ୍ତ ଜେନା (୨୪) ନାମକ ୨ ଜଣ ଯୁବକଙ୍କୁ ଅତି ନିର୍ମମ ତଥା ନିର୍ଦ୍ଦୟ ଭାବେ ପିଟିପିଟି ହତ୍ୟା କରାଯାଇଥିଲା। ପ୍ରବଳ ଶୀତରେ ୨ ଜଣଙ୍କୁ ଖୁଣ୍ଟରେ ବନ୍ଧାଯିବା ସହ ପ୍ୟାଣ୍ଟ ସାର୍ଟ ଖୋଲାଯାଇ ଥଣ୍ଡା ପାଣି ଢ଼ାଳି ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା।

### ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟର ପ୍ରତ୍ୟାହାର ଦାବି

# ଟାଙ୍ଗୀ-ଚୌଦ୍ୱାର ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ




ଟାଙ୍ଗୀ,୫।୧(ସମିସ): ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟର ପ୍ରତ୍ୟାହାର ଏବଂ ୩୦୦ ୟୁନିଟ୍ ମାଗଣା ବିଜୁଳି ଆଦି ୬ ଦଫା ଦାବିକୁ ନେଇ ସିପିଆଇ(ଏମ୍) ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ସମାବେଶ ଓ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବିକ୍ଷୋଭକାରୀ ପ୍ଲା କାଡର୍ ଓ ବ୍ୟାନର ଧରି କନ୍ହେଇପୁର ପଞ୍ଚାୟତ ଭଗତପୁର ମେଡ଼ିକାଲ ଛକରୁ ବାହାରିବା ଓ କୋଟସାହି ପଞ୍ଚାୟତ ଟାଙ୍ଗୀ ବଜାର ସହ ରେଳପଥ ଓ ରାଜପଥ ଅତିକ୍ରମକରି ଟାଙ୍ଗୀସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୬ କିମି ରାସ୍ତା ଅତିକ୍ରମ କରିଥିଲେ। କମିଟି ସମ୍ପାଦକ ରମେଶ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାବେଶରେ ଜିଲ୍ଲା କମିଟି ସମ୍ପାଦକ ତଥା ବରିଷ୍ଠ ନେତା ବଦ୍ରୀ ନାରାୟଣ ଦାଶ, ଡମ୍ବରୁଧର ସାହୁ, ପିତାମ୍ବର ଲେଙ୍କା ଓ ବିଷ୍ଣୁ ବେହେରା ଯୋଗଦାନ କରିଥିଲେ। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏକ ପ୍ରତିନିଧିମଣ୍ଡଳୀ ଟାଟା ପାୱାର ପରିଚାଳକଙ୍କୁ ଓ ଇଆରସିଙ୍କ ଉଦ୍ଦେଶ୍ୟରେ ଦାବି ସଂକ୍ରାନ୍ତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଜଳିଗଲା ଗୁହାଳ ଓ ୨ ବଖରା ଘର



ସାଲେପୁର,୫ ।୧(ସମିସ): ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଓ ଏକ ଗାଈ ପୋଡ଼ିଯାଇଥିବାବେଳେ ଘର ମଧ୍ୟରେ ଥିବା ପ୍ରାୟ ୮୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାଯାଇଛି। ସାଲେପୁର ବ୍ଲକ୍ ଉତ୍ତ୍ରୋଳ ଗ୍ରାମର ମଙ୍ଗୁଳି ପରମାଣିକ ପ୍ରଥମେ ଗୁହାଳ ଘରେ ନିଆଁ ଲାଗି ସେ ରହୁଥିବା ବାସଗୃହରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ଏକ ଗାଈ ୮୦ଭାଗ ପୋଡ଼ିଯାଇଥିବାବେଳେ ମଙ୍ଗୁଳି ରହୁଥିବା ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଧାନ ବିକ୍ରି କରି ରଖିଥିବା ପ୍ରାୟ ୮୦ହଜାର ଟଙ୍କା ମଧ୍ୟ ଏହି ଅଗ୍ନିକାଣ୍ଡରେ ପୋଡ଼ି ପାଉଁଶ ହୋଇଯାଇଥିଲା। ସେହିପରି ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସାଲେପୁର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିଲାବେଳକୁ ଗୁହାଳ ଘର ସମେତ ୨ ବଖରା ଘର ପୋଡ଼ି ସାରିଥିଲା। ମଙ୍ଗୁଳି ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଏହି ଅଗ୍ନିକାଣ୍ଡ କିପରି ଘଟିଲା ତାହା ସଠିକ୍ ଜଣାପଡିନାହିଁ।

### ଆଠଗଡ଼ ଡାକ୍ତରଖାନାରେ ଡାକ୍ତରଙ୍କ ଧର୍ମଘଟ

# ସ୍ୱାସ୍ଥ୍ୟସେବା ପ୍ରଭାବିତ; ରୋଗୀ ହନ୍ତସନ୍ତ

ଆଠଗଡ଼,୫।୧(ସମିସ): ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତରମାନେ ଗତ ୧୫ ଦିନ ହେଲା କଳା ବ୍ୟାଜ ପିନ୍ଧି ପ୍ରତିବାଦ କରି ଆସୁଥିଲେ। ୧୦ ଦଫା ଦାବି ନେଇ ଡାକ୍ତରମାନଙ୍କର



ଦାବି ପୂରଣ ନ ହେବାରୁ ଆଜିଠାରୁ ସକାଳ ୯ଟାରୁ ୧୧ଟା ଦୁଇ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିନେଇ ଆଠଗଡ଼ ଡ଼ାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି। ବହୁ ଦୂରଦୁରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଅପେକ୍ଷା କରି ଅଧିକାଂଶ ରୋଗୀ ନିରାଶ ହୋଇ ଫେରିବା ଦେଖିବାକୁ ମିଳିଛି। ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ଦୁଇ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବାକୁ ଥିବା ବେଳେ ଦାବି ପୂରଣ ନହେଲେ ଆଗକୁ ୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ଓମସା ଆଠଗଡ଼ ଓ ବାଙ୍କୀ ଶାଖାର ସମ୍ପାଦକ ଡା. ଦିଲ୍ଲୀପ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

# ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ମହୋତ୍ସବ



ତିଗିରିଆ,୫।୧(ସମିସ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅଧୀନ ନୂଆସାହି ଭାଗବତଜୀଉଙ୍କ ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାମଣ୍ଡଳର ୧୭ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଆସାହି ବାସିନ୍ଦାଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରିଆ ମଠର ମଠାଧୀଶ ସିଦ୍ଧବାବା ଶ୍ରୀ ସଦାନନ୍ଦ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଅଚଳକୋଟ ପଞ୍ଚାୟତ ସରପଞ୍ଚ ରୋଜାଲିନ ବଳିୟାର ସିଂହ, ସମିତିସଭ୍ୟା ଝିପି ସାହୁ, ଯୁବ ନେତା ବିଜୟ ବଳିୟାରସିଂହ ସମସ୍ତ କୀର୍ତ୍ତନମଣ୍ଡଳୀ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଅଞ୍ଚଳ ତଥା ଅଞ୍ଚଳ ବାହାରର ମୋଟ ୫୧ଟି ସଂକୀର୍ତ୍ତନ ଦଳ ଯୋଗଦେଇ ପ୍ରଭୁ ନାମ ଜପ କରିଥିଲେ।

# ୧୯୭୪ ମାଟ୍ରିକ ବ୍ୟାଚ୍‌ର ବୈଠକ




ତିଗିରିଆ,୫।୧(ସମିସ): ତିଗିରିଆ ବ୍ଲକର ସର୍ବପୁରାତନ ଉଚ୍ଚବିଦ୍ୟାଳୟ ପବିତ୍ର ମୋହନ ବିଦ୍ୟାପୀଠର ୧୯୭୪ ମସିହା ମାଟ୍ରିକ ବ୍ୟାଚର ଛାତ୍ରମାନଙ୍କର ଅଷ୍ଟମ ବାର୍ଷିକ ବୈଠକ ରବିବାର ଯମୁନାବନ୍ଧ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସହପାଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସହପାଠୀ ନିଜର ଦିବଙ୍ଗତ ଗୁରୁ ଓ ସହପାଠୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ନିଜର ଛାତ୍ର ଜୀବନର ସ୍ମୃତି ଓ ଅନୁଭୂତି ବଖାଣିଥିଲେ। ସହପାଠୀଙ୍କ ତରଫରୁ ଆଗାମୀ ଦିନରେ ଅଧିକରୁ ଅଧିକ ସହପାଠୀଙ୍କୁ ବୈଠକରେ ସାମିଲ କରିବା ସହ ଏହି ବୈଠକକୁ ଅଧିକ ଲୋକାଭିମୁଖୀ କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ କିଶୋର ରଣା, ଜଳଧର ପ୍ରଧାନ, ପ୍ରତାପ ଦାଶ, ସଦାଶିବ ରାଉତ, ଲମ୍ବୋଧର ଦାଶ, ବାସୁଦେବ କଅଁର, ଗିରିଶ ମହାନ୍ତି, ଲକ୍ଷ୍ମୀଧର ମହାରଣା, ଲୁଟୁ ଗୁରୁ, ବିଶ୍ୱମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ସାଲେପୁର ବିଦ୍ୟୁତ୍ ସେକ୍ସନ୍ ଉପଭୋକ୍ତା ସଂଘ ଗଠିତ



ସାଲେପୁର,୫ ।୧(ସମିସ): ଅପରାହ୍ଣରେ ସାଲେପୁର ମା'ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ମହାସଂଘ ପକ୍ଷରୁ ସାଲେପୁର ବିଦ୍ୟୁତ୍ ସେକ୍ସନ୍ ଉପଭୋକ୍ତା ସଂଘ ଗଠିତ ହୋଇଯାଇଛି। ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଦ୍ୟୁତ୍ ସେକ୍ସନ୍‌ର ଶତାଧିକ ବିଦ୍ୟୁତ୍ ଉପଭୋକ୍ତାମାନେ ଯୋଗଦେଇ ଟିପିସିଓଡିଏଲ୍ ଚଳାଇଥିବା ଗ୍ରାହକମାରଣ ନୀତି ଓ ମନମୁଖୀ କାର୍ଯ୍ୟର ତୀବ୍ର ସମାଲୋଚନା କରିବା ସହ ଆଗାମୀ ଦିନରେ ଏହାକୁ ପ୍ରତିରୋଧ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ସାଲେପୁର ବିଦ୍ୟୁତ୍ ସେକ୍ସନ୍ ଉପଭୋକ୍ତା ସଂଘର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ପ୍ରତାପଚନ୍ଦ୍ର ଭୂୟାଁ, ଉପସଭାପତି ଭାବେ ଅଶ୍ୱିନୀ ଦାସ, ସଂପାଦକ ଭାବେ ସବ୍ୟସାଚୀ ଦାସ, ସହସଂପାଦକ ଦିଲ୍ଲୀପ ସାହୁ, କୋଷାଧ୍ୟକ୍ଷ ସତ୍ୟଶିବ ସୁନ୍ଦର କର, ଉପଦେଷ୍ଟା ମଣ୍ଡଳୀରେ ବିଶ୍ୱମୋହିତ କର, ଦିଲ୍ଲୀପ ଦାଶ, ସୁନୀଲ ମହାପାତ୍ର, କିରଣ ଭୂୟାଁ, ଅଭୟ ନାୟକ, ମହେଶ୍ୱର ମଲ୍ଲିକ, ହେମନ୍ତ ଭୂୟାଁ, ବିରଞ୍ଚିନାରାୟଣ କର ମନୋନୀତ ହୋଇଥିଲେ। ସେହିପରି ଆଗାମୀ ଦିନରେ ସଂଘ ଟିପିସିଓଡିଏଲ୍ ଚଳାଇଥିବା ଗ୍ରାହକ ମାରଣନୀତି ଓ ଗ୍ରାହକଙ୍କ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରିବ ବୋଲି ଆଲୋଚନା ହୋଇଥିଲା।

# ଶ୍ରୀଦୁର୍ଗା ସାହିତ୍ୟ ସଂସଦର ଆଲୋଚନାଚକ୍ର

କଟକ,୫।୧(ସମିସ): ସାହିତ୍ୟ ସବୁବେଳେ ସମୟର କଥା କୁହେ, ବର୍ଷ ପରେ ବର୍ଷ ଆସିବା ଯିବା ଲାଗିଥିଲେ ବି ସାହିତ୍ୟ ସଦାସର୍ବଦା ସମୟକୁ ନେଇ ସୃଷ୍ଟି ହୁଏ ବୋଲି ଖପୁରିଆସ୍ଥିତ



ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସ୍ୱତନ୍ତ୍ର ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ ପରିସରରେ ସଂସଦର ସ୍ଥାୟୀ ସଭାପତି ପଣ୍ଡିତ ଚୈତନ୍ୟ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ବରିଷ୍ଠ ସାହିତ୍ୟିକ ଓ ଆଇନଜୀବୀ ପତିତପାବନ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ବରେଣ୍ୟ ଅତିଥି ଭାବେ ଆଦର୍ଶ ପ୍ରତିଭା ବିକାଶ ପରିଷଦ ସଭାପତି ପଣ୍ଡିତ ଅଭୟ ଦାଶ, ମୁଖ୍ୟବକ୍ତା ଭାବେ ସାହିତ୍ୟ ସପର୍ଯ୍ୟାର ସଭାପତି ବିଧୁଭୂଷଣ ମହାନ୍ତି, ସମ୍ମାନିତ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ବିଶିଷ୍ଟ ଅତିଥି ଭାବରେ ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ ଯୋଗ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଡ.ବୈଜୟନ୍ତୀ ମାଳା ଶତପଥୀ, ମୀରା ବେଉରା, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦ ଓ ସନ୍ଧ୍ୟା ଶତପଥୀଙ୍କ ସଂଯୋଜନାରେ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ■ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଭେଟେରାନ୍ କ୍ରିକେଟ କ୍ଲବ୍‌କୁ ହରାଇ କୁମାରବସ୍ତ ବିଜୟୀ




ଆଠଗଡ଼, ୫।୧ (ସମିସ): ଆଠଗଡ଼ ଷ୍ଟାଡିୟମ ଠାରେ ଭେଟେରାନ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚରେ ଆୟୋଜକ ଭେଟେରାନ କ୍ରିକେଟ କ୍ଲବ୍‌କୁ ୧୦ ୱିକେଟରେ ପରାସ୍ତ କରି ରାଇଜିଂ ଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ବିଜୟ ଲାଭ କରିଛି। ଟସରେ ଜିତି ଭେଟେରାନ୍ କ୍ରିକେଟ କ୍ଲବ ଆଠଗଡ ନିର୍ଦ୍ଧାରିତ ୧୭ ଓଭରରେ ୮ ୱିକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲେ। କୁମାରବସ୍ତ ପକ୍ଷରୁ ସୁଜିତ ପରିଡା ୩ ଓଭରରେ ୨୪ ରନ୍ ଦେଇ ୪ଟି ୱିକେଟ ଅକ୍ତିଆର କରିଥିଲେ। କୁମାରବସ୍ତ ଦଳ କୌଣସି ୱିକେଟ ନ ହରାଇ ୫.୫ ଓଭରରେ ଆବଶ୍ୟକ ୧୩୪ ରନ୍ ହାସଲ କରିନେଇ ବିଜୟ ଲାଭ କରିଥିଲେ। ଉନ୍ନତ ବୋଲିଂ ପ୍ରଦର୍ଶନ ପାଇଁ ୪ ୱିକେଟ ନେଇଥିବା କୁମାରବସ୍ତ ଦଳର ସୁଜିତ ପରିଡା ମ୍ୟାଚର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ଭାବେ ସମୀର ପ୍ରଧାନ ଓ ଦୀପ୍ତିରଞ୍ଜନ ରାଉତ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟଅତିଥି ରୂପେ ବିଜେପି ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ମୁଖ୍ୟଅତିଥି ଓ କୌଶଲ୍ୟା ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚ୍ ଶେଷରେ ବରିଷ୍ଠ ଫୁଟବଲ ଖେଳାଳି ତଥା ଅବକାରୀ ନିରୀକ୍ଷକ ଦେବାନନ୍ଦ ଭୂୟାଁ ମ୍ୟାଚର ଶ୍ରେଷ୍ଠ ଖେଳାଳୀଙ୍କୁ ଟ୍ରଫି, ପୁଷ୍ପଗଛ ସହ ନଗଦ ଟଙ୍କା ଦେଇ ପୁରସ୍କୃତ କରିଥିଲେ।

# ସାଲେପୁର ଉପଖଣ୍ଡ ବ୍ରାସ୍‌ବ୍ୟାଣ୍ଡ ପାର୍ଟିର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି,୫।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ କଳାଗ୍ନି ପୀଠରେ ସାଲେପୁର-କୁଳିଆ ବ୍ରାସବ୍ୟାଣ୍ଡ ପାର୍ଟି ମାଲିକ ସଙ୍ଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ମୀନକେତନ ସିଂଙ୍କ ପୌରହିତରେ ମୁଖ୍ୟଅତିଥିଭାବେ ଅଲ ଓଡିଶା ବ୍ରାସବ୍ୟାଣ୍ଡ ପାର୍ଟିର ସଭାପତି ପ୍ରକାଶଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ କଟକ ଜିଲ୍ଲା ବ୍ରାସବ୍ୟାଣ୍ଡ ପାର୍ଟି ମାଲିକ ସଂଘର ସଭାପତି ନରେନ୍ଦ୍ର ବାଗ, ସମ୍ପାଦକ ପ୍ରଦୀପ୍ତ ଦାସ, ଉପସଭାପତି ବିଶ୍ୱନାଥ ପଣ୍ଡା, ସାଲେପୁର ଉପଖଣ୍ଡ ସଂଘର ସମ୍ପାଦକ ତାପସ କୁମାର ସିଂ, ଉପସଭାପତି ଜୟନ୍ତ ରାଉତ, ସହସମ୍ପାଦକ ପ୍ରମୋଦ ବେହେରା ପ୍ରମୁଖ ଚଳିତ ବର୍ଷ ସରକାରଙ୍କ ସମ୍ପୂର୍ଣ୍ଣ ନୀତି ନିୟମରେ ସେମାନଙ୍କ ବାଜା ବଜାଇବା ପାଇଁ ସ୍ଥିର କରିଥିଲେ। ପ୍ରତ୍ୟେକ ବ୍ୟାଣ୍ଡପାର୍ଟି ମାଲିକ ଶୋଭାଯାତ୍ରାରେ ୬୨ ଡିସମିଲ ସାଉଣ୍ଡରେ ୬ଟି ବକ୍ସ ଲଗାଇ ବାଜା ବଜାଇବା ପାଇଁ ଏଭଳି ଯତ୍ନବାନ ହେବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ସଙ୍ଘର କୋଷାଧ୍ୟକ୍ଷ ବାସୁଦେବ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ନତକାଇ ଚ୍ୟାଲେଞ୍ଜ କପ୍ କ୍ରିକେଟ

# ପଲେଇକୁ ହରାଇ ସୁକରପଡ଼ା ଚାମ୍ପିଅନ



ନିଶ୍ଚିନ୍ତକୋଇଲି,୫।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ବାଘୁଆ ଖେଳ ପଡ଼ିଆରେ କଦମ୍ବ ବିହାରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ନତକାଇ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳର ମୋଟ ୨୪ଟି କ୍ରିକେଟ ଦଳକୁ ନେଇ ୧୦ ଦିନ ଧରି ଚାଲିଥିଲା। ଫାଇନାଲ ମ୍ୟାଚରେ ପଲେଇ ୟୁଥ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ଇଲେଭେନ ବ୍ରଦର୍ସ କ୍ରିକେଟ କ୍ଲବ ସୁକରପଡା ବ୍ୟାଟିଂ କରି ୧୧.୫ ଓଭରରେ ୬ ୱିକେଟ ହରାଇ ୧୭୯ ରନ କରି ଚାମ୍ପିଅନ ହୋଇଥିଲା। ସୁକରପଡା ଦଳର ମିର୍ଜା ହୋଜେଫା ୯ଟି ଛକା, ୭ଟି ଚଉକା ସହ ୩୫ଟି ବଲରେ ୯୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ପଲେଇ ଟିମ ପକ୍ଷରୁ ପ୍ରଜ୍ଞା ପରିଡା ୧୧୪ ରନ କରିବା ସହିତ ୪ଟି ୱିକେଟ ନେଇଥିବାରୁ ମ୍ୟାନ ଅଫ ଦି ସିରିଜ ଆଖ୍ୟା ପାଇଥିଲେ। ପ୍ରଦ୍ୟୁମ୍ନ ବେହେରା, ମାୟାଧର ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଏହାର ପୁରସ୍କାର ବିତରଣ ଉତ୍ସବରେ ଯୁବନେତା ପ୍ରବୀର କୁମାର ରାଉତଙ୍କ ପୌରୋହିତରେ ଏଥିରେ ମୁଖ୍ୟ ଅତିଥିଭାବେ ଅଚ୍ୟୁତସେନାର ସଭାପତି ଯୁବ ସମାଜସେବୀ କିଶୋର ବସ୍ତିଆ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଜୟଦେବ ରାଉତ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ, ଆଦିତ୍ୟ ରଞ୍ଜନ ଭୂୟାଁ ପ୍ରମୁଖ ଯୋଗଦେଇ ଚମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଯୁବନେତା କିଶୋର କୁମାର ବସ୍ତିଆ ଧନ୍ୟବାଦ ଦେଇଥିଲେ।

### ବାରଙ୍ଗରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ୧୫୯ ରୁ ୨୦ଟିର ତ୍ୱରିତ ସମାଧାନ

କଟକ,୫।୧(ସମିସ): ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୫୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୧୫୮ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି କାଳରେ ଜିଲ୍ଲାପାଳ ୨୦ଟି ମାମଲାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ପାନୀୟ ଜଳ ଯୋଗାଣ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ପ୍ରାଣୀ ସମ୍ପଦ ବିଭାଗ ସମ୍ପର୍କିତ ବହୁ ଅଭିଯୋଗ ସାମ୍ନାକୁ ଆସିଥିଲା। ପ୍ରଶାସନିକସ୍ତରରେ ସମନ୍ୱୟ ରକ୍ଷା କରି ଲୋକଙ୍କୁ ଯଥାଶୀଘ୍ର ସେବା ଯୋଗାଇଦେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର-କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧୨ ତାରିଖରେ କଣ୍ଟାପଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

### ଆନନ୍ଦପୁରକୁ ରେଳପଥ ସଂଯୋଗ ପ୍ରସଙ୍ଗ

# ଡବଲ୍ ଇଞ୍ଜିନ୍ ସରକାର ଥାଇ ହେଉନି କାହିଁକି ?




ଗତବର୍ଷ ଅଗଷ୍ଟରେ ମା' ଧନେଇ ସେବାସଂଘ ପକ୍ଷରୁ କେନ୍ଦୁଝରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା

ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପ୍ରସଙ୍ଗ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବ ବିଜେଡି ସରକାରକୁ ଏ ପ୍ରସଙ୍ଗରେ ବିଜେପି ନେତାମାନେ କଟାକ୍ଷ କରିଆସୁଥିବାବେଳେ ଏବେ ଡବଲ ଇଞ୍ଜିନ ସରକାର ସମୟରେ ଶାସନରେ ଥାଇ ବିଜେପି ହାତରେ ହୋଇପାରୁନି କାହିଁକି? ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି। ସାଧାରଣ ନିର୍ବାଚନରେ କେନ୍ଦୁଝର ସଂସଦୀୟ କ୍ଷେତ୍ରରୁ ବିଜେପିର ଅନନ୍ତ ନାୟକ ନିର୍ବାଚିତ ହୋଇଛନ୍ତି। ଡବଲ ଇଞ୍ଜିନ ସରକାରରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ସହଜ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ରେଳପଥ ସମ୍ପ୍ରସାରଣ ସହ ଆନନ୍ଦପୁର ଉପଖଣ୍ଡ ଓ ଘଟଗାଁର ମା' ତାରିଣୀ ପୀଠକୁ ରେଳପଥ ସଂଯୋଗ ହେବ ବୋଲି ଚର୍ଚ୍ଚା ହୋଇଥିଲା। ବର୍ଷ ୨୦୨୪ ଯାଇ ୨୦୨୫ ଚାଲିଗଲା; ହେଲେ ଅଦ୍ୟାବଧି ଏନେଇ ସବୁଜ ସଙ୍କେତ କିମ୍ବା ନିର୍ଭର ପ୍ରତିଶ୍ରୁତି ମିଳିନାହିଁ। କେନ୍ଦୁଝର ଜିଲ୍ଲାରେ ୧୬୪.୮୨କିମି ରେଳପଥ ରହିଛି। ଯଖପୁରା-ବାଂଶପାଣି ରେଳପଥ କାର୍ଯ୍ୟକ୍ଷମ ହେବା ସହ ୨୦୦୯ରେ ପ୍ରଥମଥର ପାଇଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ରହିଥିବା ବେଳେ ଆନନ୍ଦପୁରର ଜନସାଧାରଣ ଏଥିରୁ ବଞ୍ଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡର ଲୋକେ ଯାଜପୁରରୋଡ ଓ ଭଦ୍ରକ ରେଳଷ୍ଟେସନ ଉପରେ ନିର୍ଭର କରୁଛନ୍ତି। ରେଳପଥ ନଥିବାରୁ ଏହି ଅଞ୍ଚଳର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ହୋଇପାରୁନି। ୨୦୦୫ରେ ଯାଜପୁର-କେନ୍ଦୁଝରରୋଡ ଷ୍ଟେସନରୁ ଭାୟା ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼କୁ ରେଳପଥ ସଂଯୋଗ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୨୦୧୩-୧୪ରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶୀପୁରକୁ ରେଳପଥ ସଂଯୋଗ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ନିକଟରୁ ପ୍ରସ୍ତାବ ଆସିଥିଲା। ଏନେଇ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା; ଯାହା ନାଳିଫିତା ତଳେ ରହିଛି।

ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳପଥ ସଂଯୋଗ ହେଲେ ଉଭୟ ବ୍ୟବସାୟିକ ଓ ଯାତ୍ରୀ ସୁବିଧା ହୋଇପାରିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ୧୫ବର୍ଷ ହେଲା ବାରିଗାଁର ମା' ଧନେଇ ସେବାସଂଘ, ଆନନ୍ଦପୁର ବିକାଶ ପରିଷଦ, ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତିନିଥର ରେଳ ମନ୍ତ୍ରଣାଳୟକୁ ଆନନ୍ଦପୁରର ଦାବି ସମ୍ପର୍କରେ ବିଚାର କରିବାପାଇଁ ଅବଗତ କରାଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ଅଗ୍ରଗତି ହୋଇପାରୁନି। ଅନ୍ୟପକ୍ଷରେ ପୂର୍ବରୁ ରେଳପଥ ସଂଯୋଗ ପାଇଁ ହୋଇଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଶାସକ ଦଳର ନେତାମାନେ ଏବେ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ରେଳପଥ ସଂଯୋଗ ଦାବି ଲୋକଙ୍କ ଭାବାବେଗ ସହ ଜଡ଼ିତ ବୋଲି ଆନନ୍ଦପୁର ବିକାଶ ପରିଷଦ ସଭାପତି ପ୍ରାଧ୍ୟାପକ ରମାକାନ୍ତ ନାୟକ କହିଛନ୍ତି। ନିକଟରେ ପ୍ରେସ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ବାଣିଜ୍ୟ ମହୋତ୍ସବରେ ଏହି ଦାବି ଉଠିଥିଲା। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଓ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏହାକୁ ସମର୍ଥନ ଜଣାଇଥିଲେ। ଆନନ୍ଦପୁରକୁ ରେଳ ସଂଯୋଗ ହେଲେ ଅଞ୍ଚଳର ଦ୍ରୁତବିକାଶ ହୋଇପାରିବ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ସାଂସଦ ଅନନ୍ତ ନାୟକ ଏ ଦିଗରେ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ। ବହୁ ବର୍ଷର ଦାବି କେବେ ପୂରଣ ହେବ ବୋଲି ଆନନ୍ଦପୁରବାସୀ ପ୍ରଶ୍ନ କରିଛନ୍ତି।

# ମନ୍ତ୍ରୀଙ୍କ ଦ୍ୱାରା ଧାନସଂଗ୍ରହ ପ୍ରକ୍ରିୟାର ଜିଲ୍ଲାସ୍ତରୀୟ ସମୀକ୍ଷା

କେନ୍ଦୁଝର, ୫।୧(ସମିସ):

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ୨୦୨୫-୨୬ ବର୍ଷର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚଳିତବର୍ଷ ପାଇଁ ୧୩,୧୩,୦୦୦ କ୍ୟୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଜିଲ୍ଲାରେ ରଖାଯାଇଛି। ଗତ ୨୬ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୭୨,୯୪୭ ଟି ଟୋକନ୍ କରାଯାଇଥିବା ବେଳେ ପ୍ରାୟ ୧୯୫ ଜଣ ଚାଷୀଙ୍କଠାରୁ ୭୬୯୪.୫୬ କ୍ୟୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ବୈଠକ ପୂର୍ବରୁ ମନ୍ତ୍ରୀ ନରଣପୁର ଲ୍ୟାମ୍ପସ ପରିଦର୍ଶନ କରି ସେଠାରେ ଚାଷୀଙ୍କ ସହ ଆଲୋଚନା କରିବା ସହ ବ୍ୟବସ୍ଥାର ତଦାରଖ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ୮୨ଟି ପ୍ରାଥମିକ କୃଷି ସମବାୟ ସମିତି/ ବୃହତ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତିରେ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୯୫ ଜଣ ବହୁମୁଖୀ ଅଣବୈଷୟିକ କର୍ମଚାରୀ ଓ ୩୩ ଜଣ ବହୁମୁଖୀ ସହାୟକ କର୍ମଚାରୀ ନିଯୁକ୍ତ ହୋଇଥିବା ନେଇ ସୂଚନା ଦିଆଯାଇଛି। ଏମାନେ ମୁଖ୍ୟତଃ ସମିତିର ଦୈନନ୍ଦିନ ପରିଚାଳନା, ଋଣ ପ୍ରଦାନ ପ୍ରକ୍ରିୟା ଏବଂ ଚାଷୀମାନଙ୍କୁ ସହାୟତା କରିବା କାର୍ଯ୍ୟରେ ନିୟୋଜିତ ହେବେ। ଚାଷୀମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସ୍ୱଚ୍ଛତାର ସହ ଯେପରି ଧାନ ସଂଗ୍ରହ କରାଯିବ ସେଥିପ୍ରତି ସତର୍କ ଏବଂ ଧ୍ୟାନ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସମେତ ବିଧାୟକ ଘସିପୁରା ବଦ୍ରିନାରାୟଣ ପାତ୍ର, ବିଧାୟକ ପାଟଣା ଅଖିଳଚନ୍ଦ୍ର ନାୟକ, ବିଧାୟକ ତେଲକୋଇ ଡଃ ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଡିଆରସିଏସ ପର୍ଶୁରାମ ପାତ୍ର ଏବଂ ଯୋଗାଣ ଓ ସମବାୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର



ଆନନ୍ଦପୁର, ୫।୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ୧, ୟୁନିଟ୍ ୨ ତରଫରୁ ସପ୍ତଦିବସୀୟ ସ୍ୱତନ୍ତ୍ର ସେବା ଶିବିର ଉଦଘାଟିତ ହୋଇଯାଇଛି। ଉଭୟ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ମିତା ପାତ୍ର ଏବଂ ଗଣେଶ ହେମ୍ବ୍ରମଙ୍କ ସଂଯୋଜନାରେ ୧୦୦ ଜଣ ସ୍ୱେଚ୍ଛାସେବୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଶିବିର ଆସନ୍ତା ୧୧ ତାରିଖ ଯାଏ ଚାଲିବ। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀୟ କୁମାର ମିଶ୍ର ଉକ୍ତ ସପ୍ତଦିବସୀୟ ଶିବିରକୁ ଉଦଘାଟନ କରିଥିଲେ। ଅଧ୍ୟାପକ ବିଜୟ କୁମାର ସାହୁ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଇଲାବତୀ ଖୁଣ୍ଟିଆ, ମହେଶ୍ୱର ପାତ୍ର, ରାଷ୍ଟ୍ରରଞ୍ଜନ ବାରିକ, କ୍ଷେତ୍ରବାସୀ ସୋରେନ ପ୍ରମୁଖ ସେବାଶିବିରର ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଉପଦେଶ ଦେଇଥିଲେ। ଶିବିରର ବିବିଧ କାର୍ଯ୍ୟପନ୍ଥା ସମ୍ପର୍କରେ କାର୍ଯ୍ୟକ୍ରମ ଅଧିକାରୀ ମାନେ ସୂଚନା ଦେଇଥିଲେ।

## ୨୦ ଫୁଟ୍ ତଳକୁ ଖସି ଟ୍ରାକ୍ଟର ଚାଳକ ମୃତ

ବାଲିବନ୍ଧ, ୫।୧ (ସମିସ): ଝୁମ୍ପୁରା ଥାନା ଅଧିନ ଅର୍ଶଳା-ଅଶୁକୀ ରାସ୍ତା ବାଞ୍ଚା ପୋଖରୀ ନିକଟରେ ସୋମବାର ଅପରାହ୍ନରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଟ୍ରାକ୍ଟରରେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ହୋଇଛି। ଏନେଇ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗକ୍ରମେ ପୁଲିସ ତଦନ୍ତ କରୁଛି। ମୃତ ଚାଳକ ହେଲେ ଝୁମ୍ପୁରା



ଥାନା ଅର୍ଶଳା ପଞ୍ଚାୟତ ବଳଭଦ୍ରପୁର (ପାଟକୁଳ) ଗ୍ରାମର ଘାସିରାମ ମାଝୀଙ୍କ ପୁଅ ସାକିଲ (୨୫)। ଟ୍ରାକ୍ଟର ଇଞ୍ଜିନ ନଂ ଓଡି୨୨ପି ୦୦୧୮ ଏବଂ ଟ୍ରଲି ନଂ ଓଡି୦୯ଏଫ୬୫୫୯ରେ ଚାଳକ ଭାବେ କାମ କରୁଥିଲେ ସାକିଲ। ସାକିଲ ଟ୍ରାକ୍ଟର ଚଳାଇ ଅଶୁକୀରୁ ଅର୍ଶଳା ଅଭିମୁଖେ ଯାଉଥିଲେ। ଟ୍ରାକ୍ଟର କୌଣସି କାରଣବଶତଃ ଭାରସାମ୍ୟ ହରାଇ ଉକ୍ତ ପୋଖରୀ ନିକଟରେ ୨୦ ଫୁଟ ତଳକୁ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଚାଳକ ସାକିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହକୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଗ୍ରୋସେରି ଦୋକାନରୁ ମଦ ଜବତ; ମାଲିକ ଗିରଫ



ତୁରୁମୁଙ୍ଗା, ୫।୧(ସମିସ): ପାଟଣା ଥାନା ପୁଲିସ ସୋମବାର ମେଦିନିପୁର ଗ୍ରାମରେ ଚଢ଼ଉ କରି ଏକ ଗ୍ରୋସେରି ଦୋକାନରୁ ବିପୁଳ ବିଦେଶୀ ଓ ଦେଶୀ ମହୁଲି ମଦ ଜବତ କରିବା ସହ ଦୋକାନ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୋକାନୀ ହେଲେ ତନୟ କୁମାର ନାଏକ(୩୪)। ପୁଲିସ ୯୫ ଲିଟର ମହୁଲି ମଦ ସହ ୪ ଲିଟର ବିଦେଶୀ ମଦ ଜବତ କରିଛି। ଚଢ଼ଉରେ ଥାନାଧିକାରୀ କିରଣପ୍ରସାଦ ସାହୁ, ଏସ୍‌ଆଇ ଉଦିତ ସୋରେନ ସାମିଲ ଥିଲେ। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି। ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଘଟଣାର ତଦନ୍ତ କରୁଛନ୍ତି।



ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ଓ ବାଉଁଶୁଳି ଲ୍ୟାମ୍ପସ୍‌ରେ ସୋମବାର ଧାନମଣ୍ଡିର ଶୁଭାରମ୍ଭ

## ଖଡ଼ିବିଲରେ ୧୫ତମ ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡିବିଲ ଖେଳପଡ଼ିଆଠାରେ ୧୫ତମ ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ବରିପାଳ ପ୍ରଥମ ବ୍ୟାଟିଂ କରି ୭ ଓଭରରେ ୭୩ ରନ କରିଥିବା ବେଳେ ଶାଳପଡା ୫.୧ ଓଭରରେ ୭୪ ରନ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶତ୍ରୁଘ୍ନ ସାହୁ, କ୍ରୀଡ଼ାବିତ ବଲୁ ପଟ୍ଟନାୟକ. ଧନେଇ ଯୁବ ସଭାପତି ବିଜୟ ମିଶ୍ର ଦାମୋଦର ଜେନା, ବରିଷ୍ଠ ନାଗରିକ ସୁକାନ୍ତ ଜେନା, ଯୁବ ସମାଜସେବୀ ଆମ୍ପାୟର ସୂର୍ଯ୍ୟମଣି ଜେନା, ଚିନ୍ମୟ ଜେନା, ବିଚିତ୍ର ପେରେଇ, ଚନ୍ଦନ ଜେନା ସ୍କୋରର ଶକ୍ତିରଞ୍ଜନ ପେରେଇ, ଦେବବ୍ରତ ପେରେଇ ଧାରା ବିବରଣୀ, ସୁରେଶ କୁମାର ଜେନା ସଭାପତି ସୁରେଶ କୁମାର ଜେନା, ସମ୍ପାଦକ ସିପୁନ ଜେନା, ମକରନ୍ଦ ଜେନା, ବାପି ଜେନା, ସନ୍ତୋଷ ପେରେଇ, ଫୁଙ୍କୁନ ଜେନା, ଲିପୁ ଜେନା, ଆଲୋକ ଜେନା, ତପୁ ଜେନା, ଜଗନ ଜେନା, ମନୋଜ ଜେନା ସୁଶିଲ ଜେନା, ରାଜା ଦଳେଇ, ସୌମ୍ୟ ରଂଜନ ଜେନା ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ପରିଷଦର ସମ୍ବର୍ଦ୍ଧନା



ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ସବଡିଭିଜନରେ ଓଡ଼ିଶା ସରକାରଙ୍କ ଦ୍ୱାରା ନବନିଯୁକ୍ତ ଓକିଲଙ୍କୁ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ସମର୍ଦ୍ଧନା ଓ ସ୍ୱାଗତ କାର୍ଯ୍ୟକ୍ରମ ସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ତଥା ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ସାହୁ, ଦୟାନିଧି ଦାଶ, ହେମନ୍ତ ମଲ୍ଲିକ, ଜୟନ୍ତ ରାଜ, ଆଲୋକ ରାଉତ, ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ସୁଦର୍ଶନ ବଳ ଧନ୍ୟବାଦ ପ୍ରଦାନ କରିଥିଲେ। ଭଗବାନ ସାହୁ, ଝାନସୀରାଣୀ ଦାସ, କୈଳାସଚନ୍ଦ୍ର ନାୟକ, ପ୍ରାଣବନ୍ଧୁ ସାହୁ, ଟୁକୁନୁ ହେତା, ପ୍ରଦୀପ ଦାସ, ରଘୁନାଥ ପଣ୍ଡିତ, ଦୀଲିପ ସିଂ, କୀର୍ତ୍ତନ ସାହୁ, ବିନୋଦ ମିଶ୍ର, ମୁରଲୀଧର ମିଶ୍ର, ଗଗନ ବିହାରୀ ସିଂ, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, ସାବିତ୍ରୀ ଦାସ, ଦାମୋଦର ଧଡା, ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ମାଛଗଡ଼ ଧାନମଣ୍ଡି ଆରମ୍ଭ



ତୁରୁମୁଙ୍ଗା, ୫।୧(ସମିସ): ସାହାରପଡା ବ୍ଲକ ମାଛଗଡ଼ ଧାନମଣ୍ଡିରେ ସୋମବାର ଧାନ କିଣାର ଶୁଭାରମ୍ଭ କାରାଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଧାନକିଣା ପ୍ରକ୍ରିୟା ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ମାଛଗଡ଼ ସରପଞ୍ଚ ସୁନେଲି ଦାସ, ଖଡ଼ିକାପଦା ସରପଞ୍ଚ ମାଳତି ମାଝି, ଡାଳପକା ସରପଞ୍ଚ ଟୁନି ସିଂ, ସାହାରପଡ଼ା ସମିତିସଭ୍ୟ ନବକିଶୋର ସେଠୀ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହନ୍ତବର୍ମା, ବିଧାୟକ ପ୍ରତିନିଧି ନରେନ୍ଦ୍ର ମହାନ୍ତ, ବ୍ଲକ୍ ଅଧ୍ୟକ୍ଷା ରୀନା ନାଏକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ ଯୋଗଦେଇଥିବା ବେଳେ ଏମ୍‌ଡି ରିତୁ ସାହାଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନରେ ୨୨ ଜଣ ଚାଷୀଙ୍କଠାରୁ ୭୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଗୁରୁବାର ଓ ରବିବାର ଛଡ଼ା ଅନ୍ୟ ଦିନରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବା ନେଇ ଦିନ ଧାର୍ଯ୍ୟ କାରାଯାଇଥିବା ସୂଚନା ଦିଆଯାଇଛି।

## ସଫେଇସାଥୀଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା



ଆନନ୍ଦପୁର, ୫।୧ (ସମିସ): ପରିବେଶ ରକ୍ଷା ତଥା ଏହାର ସ୍ୱଚ୍ଛତାରେ ସଫେଇସାଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୂର୍ଯ୍ୟ ଉଦୟର ଢେର୍ ପୂର୍ବରୁ ସଫେଇ ସାଥୀମାନେ ସ୍ୱଚ୍ଛତା ପାଇଁ ଲାଗି ପଡ଼ି ନର୍ଦ୍ଦମାରେ ପଶି ଆମର ଯତ୍ନ ନେଉଥିବା ସଫେଇସାଥୀଙ୍କୁ ଆଜି ଫୁଲଚନ୍ଦନରେ ପୂଜା କରାଯାଇଛି। ଆଦର୍ଶ ସେବା ସଂଘ ପକ୍ଷରୁ ସୋମବାର ଘଷିପୁରାସ୍ଥିତ ହୋଟେଲ ଗାୟତ୍ରୀଠାରେ ସଫେଇସାଥୀଙ୍କୁ ସମ୍ମାନିତ କରିଥିଲେ। ପାରିଷଦ ଜ୍ୟୋସ୍ନାରାଣୀ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ରଣା, ସମ୍ବିତ ଦାସ, ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଧର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ କେଶଦୁରାପାଳ, ଦେଓଗାଁ, ଶୈଳଙ୍ଗ, ଘଷିପୁରା, ଖପରାଖାଇ, ଶାଳପଡ଼ା, କୋଡ଼ପଡ଼ା, ଆନନ୍ଦପୁର, ଫକିରପୁର, ଶାଳନିଆ ଆଦି ଅଞ୍ଚଳର ୧୩୭ ଜଣ ସଫେଇସାଥୀଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଉପସ୍ଥିତ ସମସ୍ତ ସାଥୀଙ୍କୁ ଯଜ୍ଞପ୍ରସାଦ ସାହୁ ଶୀତବସ୍ତ୍ର ପ୍ରଦାନ କରି ସହଯୋଗ କରିଥିଲେ।

## କୁଶଳେଶ୍ୱର ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ



ଆନନ୍ଦପୁର, ୫।୧ (ସମିସ): ଘଷିପୁରା ବ୍ଲକର ଦେଓଗାଁଠାରେ ଥିବା କୁଶଳେଶ୍ୱର ସରକାରୀ ହାଇସ୍କୁଲର ୧୯୭୭ ମସିହାର ପୁରାତନ ଛାତ୍ରଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ଭବନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେହି ବ୍ୟାଚର ବହୁ ପୁରାତନ ଛାତ୍ର ପରସ୍ପର ମଧ୍ୟରେ ପୁରୁଣା ସ୍ମୃତିକୁ ମନେ ପକାଇ ଆଲୋଚନା କରିଥିଲେ। ଏହି ହାଇସ୍କୁଲରେ ବିଭିନ୍ନ ଅଞ୍ଚଳରୁ ଅଧ୍ୟୟନ କରୁଥିବା ଛାତ୍ରମାନେ ଉପସ୍ଥିତ ଥିଲେ। ପରେ ସମସ୍ତ ପୁରାତନ ଛାତ୍ର ଏକତ୍ରିତ ହୋଇ ଶ୍ରୀ କୁଶଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପ୍ରସାଦ ସେବନ କରି ଥିଲେ। ପୁରାତନ ଛାତ୍ର ଭାଗୀରଥି ପୃଷ୍ଟି, ତପନ ଚକ୍ର, ବ୍ରଜକିଶୋର ଶର୍ମା, ମନ୍ମଥ ଓଝାଙ୍କ ସମେତ ୪୦ ଜଣ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ପୁରାତନ ଛାତ୍ର ବସନ୍ତ ପଣ୍ଡା, ମନୋରଞ୍ଜନ ପତି, ଅରୁଣ ଶିୟଳ, ସୁକାନ୍ତ ଦାସ ଆୟୋଜନ କରିଥିଲେ।

### ପାଟଣା ରେଞ୍ଜରେ ୨୫ ଟିକିଆ ହାତୀପଲର ଉତ୍ପାତ

# ପନିପରିବା ଚାଷ ନଷ୍ଟ, ଘର ଭାଙ୍ଗି ଖାଇଲେ ଧାନଚାଉଳ









ତୁରୁମୁଙ୍ଗା, ୫।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜକୁ ସୋମବାର ସକାଳୁ ୨୫ ଟିକିଆ ହାତୀପଲ କରଞ୍ଜିଆ ରେଞ୍ଜରୁ ଆସି ବ୍ୟାପକ ପନିପରିବା ଚାଷ ନଷ୍ଟ କରିଛନ୍ତି। ହାତୀପଲ ଡୁମୁରିଗୋଡ଼ା ନିକଟରେ ଏନଏଚ ୪୯ ପାରି ହୋଇ ରାଜପଥ ଉପରେ କିଛି ସମୟ ଧରି ଛିଡ଼ା ହେବାରୁ ମୁମ୍ବାଇ କଲିକତା ରାଜପଥରେ ଗାଡି ଚଳାଚଳରେ ବ୍ୟାହତ ହୋଇଥିଲା। ହାତୀପଲ ଆସିବା ବାଟରେ ଅଞ୍ଚଳରେ ପନିପରିବା ଚାଷ ନଷ୍ଟ କରିବା ସହ ଝାରବେଡ଼ା ଗ୍ରାମର ଡମ୍ବୁରୁଧର ନାଏକଙ୍କ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ତିଣ୍ଡା ବିଟ୍ ବନରକ୍ଷୀ ଅନିତା ସାହୁ ଘର ଭାଙ୍ଗିଥିବା ଡମ୍ବୁରୁଧର ନାଏକଙ୍କ କ୍ଷୟକ୍ଷତି ଆକଳନ କରିଛନ୍ତି। ଖୁବଶୀଘ୍ର ସହାୟତା ରାଶି ପ୍ରଦାନ କରାଯିବ ବୋଲି ବନପାଳ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ତ୍ରିବିନ୍ଧା ଗାଁ ନିକଟ ଆମ୍ବାଗାନ, ପରେ ଧରୁଆପଡ଼ା ନିକଟରେ ହାତୀପଲ ଡେରା ପକାଇଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀପଲଙ୍କ ଉପରେ ବନ ବିଭାଗ ନଜର ରଖିଛି।

## ବିପଦସଙ୍କୁଳ ଅବସ୍ଥାରେ ସ୍ୱେରେଜ ବୋର୍ଡ ପାଚେରି

**ତାଳଚେର, ୫ ।୧(ସମିସ):** ତାଳଚେର ପୌରପରିଷଦ ଅନ୍ତର୍ଗତ ପାଇକସାହି ୩ନଂ ୱାର୍ଡ ପଛପାଶ୍ୱର୍ ରାସ୍ତାକଡ଼ରେ ସ୍ୱେରେଜ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଇଥିବା ପାଚେରି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହି ପାଚେରି ଆଜକୁ ୧ବର୍ଷ ହେବ ନିର୍ମାଣ ହୋଇଥିଲା । ନିମ୍ନମାନର କାମ ଯୋଗୁଁ ମାତ୍ର ବର୍ଷକ ମଧ୍ୟରେ ପାଚେରିରେ ଫାଟ ଦେଖାଯିବା ସହ କେଉଁ ମୁହୂର୍ତ୍ତରେ ଗଳିପଡ଼ିବ ଓ କେତେ ଧନଜୀବନ ନଷ୍ଟ ହେବ ତାହା ଆକଳନ କରିହେବନି । ଏହାର ପାଶ୍ୱର୍ରେ ରହିଥିବା ବ୍ରିଜ ମଧ୍ୟ ଦବିଯାଇଥିବାରୁ ଏହା ଉପରେ ଯାତାୟାତ କରିବାକୁ ଭୟ ସୃଷ୍ଟି ହୋଇଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନ ଉଠିବା ସହ ଏହାର ତଦନ୍ତ କରାଯାଇ ପୁନଃନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି । ଏହି ବ୍ରିଜ ଉପରେ ଦୈନନ୍ଦିନ ୩ନମ୍ବର ୱାର୍ଡର ଅଧିବାସୀ ସମେତ ଅନ୍ୟ ବ୍ୟକ୍ତିମାନେ ଯାତାୟାତ କରୁଛନ୍ତି । ଏହି ରାସ୍ତା ତାଳଚେର ମଣ୍ଡାପାଳ ଡାକ୍ତରଖାନା ଯିବାକୁ ଦୂରତା କମିଯାଏ ବୋଲି ୱାର୍ଡବାସୀ ପ୍ରକାଶ କରିଛନ୍ତି । ତେବେ ପୌରପରିଷଦ ପକ୍ଷରୁ ଏହି ବ୍ରିଜକୁ ଭାଙ୍ଗିକୁ ନୂତନ ବ୍ରିଜ ନିର୍ମାଣ କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି ।

## ଅନୁଗୋଳ ମେଡିକାଲରେ ଅଭିମତ ଓ ଅଭିଯୋଗ ବାକ୍ସର ଶୁଭାରମ୍ଭ

**ଅନୁଗୋଳ, ୫ ।୧(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ତିନିଟି ସ୍ଥାନରେ ଅଭିଯୋଗ ଓ ଅଭିମତ ବାକ୍ସର ଶୁଭାରମ୍ଭ କରାଯାଇଛି । ଏହି ଅଭିଯୋଗ ବାକ୍ସ ଟ୍ରମା କେୟାର, ଆଇପିଡି କୋଠା ଏବଂ ଏମସିଏଚ୍ କୋଠା ସମ୍ମୁଖରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ନେଇ କୌଣସି ଅଭିଯୋଗ କିମ୍ବା ଗଠନମୂଳକ ଅଭିମତ ଥିଲେ ରୋଗୀଙ୍କ ସମ୍ପର୍କୀୟ ଅବା ଜନସାଧାରଣ ଏହି ବାକ୍ସର ଉପଯୋଗ କରିପାରିବେ । ପ୍ରତ୍ୟେକ ମଙ୍ଗଳବାର ଏହା ଖୋଲାଯାଇ ଗୁରୁତ୍ୱ ବହନ କରୁଥିବା ସମସ୍ୟା ବା ତ୍ରୁଟିର ସମାଧାନ କରାଯିବ । ହସ୍ପିଟାଲ ସୁପରିନଟେଣ୍ଡେଣ୍ଟ ଦିଲୀପ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ କମିଟି ଏହି ଅଭିମତଗୁଡ଼ିକର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ତେବେ ଅତୀତରେ ମଧ୍ୟ ଅଭିଯୋଗ ବାକ୍ସର ସୁବିଧା ଥିଲେ ବି ତତ୍କାଳୀନ ଅଧିକାରୀମାନଙ୍କ ମନମାନି ଯୋଗୁଁ ଏହା କିଛିଦିନ କାର୍ଯ୍ୟ କରିବା ପରେ ବନ୍ଦ ହୋଇଯାଇଥିଲା ।

## ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଗଣଦୌଡ଼

**ତାଳଚେର, ୫ ।୧(ସମିସ):** 'ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ'ର ବାର୍ତ୍ତା ନେଇ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ।




ଏହି ଅବସରରେ ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ତାଳଚେର ରାଜପ୍ରସାଦଠାରୁ ଗଣଦୌଡ଼ ବାହାରି ବଡ଼ଦାଣ୍ଡ ସାହି, ବଡ଼ବାଜର ଛକ, ଥାନାଛକ, ଫାଷ୍ଟ ଗେଟ ଦେଇ ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

### ● ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ପ୍ରଥମ ମ୍ୟାଚରେ ବେଙ୍ଗାଲୁରୁ ବିଜୟୀ



**କଣିହାଁ, ୫ ।୧(ସମିସ):** କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ଦ୍ୱାରା ଆୟୋଜିତ ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପ୍ରଥମ ଦିବସରେ ଆୟୋଜକ ପବିତ୍ରନଗର ଓ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ବେଙ୍ଗାଲୁରୁ ୩୧ ରନରେ ବିଜୟୀ ହୋଇଛି । ଟସ୍ ଜିତି ବେଙ୍ଗାଲୁରୁ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୫ରନ କରିଥିଲା । ଜବାବରେ ପବିତ୍ରନଗର ଦଳ ନିର୍ଦ୍ଧାରିତ ଓଭରରେ ୧୫୪ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ରାଗା କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ବଅଁରପାଳର ସମାଜସେବୀ ଦେବବ୍ରତ ସାମଲ ଯୋଗଦେଇଥିଲେ । ଅମ୍ପାୟର ଭାବେ ପ୍ରସନ୍ନ କୁମାର ସାହୁ ଓ ଶିଶୁପାଳ ପ୍ରଧାନ ଖେଳ ପରିଚାଳନା କରିଥିଲେ । ସୁବାସ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ । କ୍ଲବ ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଜ୍ଞାନରଞ୍ଜନ ଜ୍ୟୋତିଷ ଓ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି । ସୋମବାର ବେଙ୍ଗାଲୁରୁ ଓ ତାଳଚେର ୟୁଥ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳଯିବ ବୋଲି କ୍ଲବ ତରଫରୁ ସୂଚନା ମିଳିଛି ।

## ଦୟାନନ୍ଦ ବୈଦିକ ସାଧନା ଆଶ୍ରମର ନୂତନ କୁଟୀର ଲୋକାର୍ପିତ

**କଣିହାଁ, ୫ ।୧(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପାହାଡ଼ତଳ କଲୋନୀ ନିକଟ ଦୟାନନ୍ଦ ବୈଦିକ ସାଧନା ଆଶ୍ରମର ନୂତନ କୁଟୀର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି ।



ସ୍ଥାନୀୟ କୁଲୁମା ଗ୍ରାମର ସମାଜସେବୀ ଜଗମୋହନ ପ୍ରଧାନଙ୍କ ସହଧର୍ମିଣୀ ସ୍ୱର୍ଗତ ଇନ୍ଦିରା ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଏହି କୋଠାକୁ ଆଶ୍ରମର ସ୍ୱାମୀଜୀ ଶ୍ରୀ ସତ୍ୟ ସରସ୍ୱତୀ ଲୋକାର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟୁଷରୁ ଆଶ୍ରମରେ ବୈଦିକ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା । ସ୍ୱାମୀ ବେଦପ୍ରଭା ସରସ୍ୱତୀ ବେଦପାଠ କରିଥିଲେ । ଆଶ୍ରମ ସଭାପତି ଜଗମୋହନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**କିଶୋରନଗର, ୫ ।୧(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ୨୦୦୦ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଭୁ ଜଗନ୍ନାଥଙ୍କୁ ଧୂପଦୀପ, ପୁଷ୍ପଦେଇ ସଭା ଆରମ୍ଭ ହୋଇଥିଲା । ଏଥିରେ ପୂର୍ବତନ ଶିକ୍ଷକ ଓ ବର୍ତ୍ତମାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଦିବଂଗତ ସାଥୀମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ୬୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ମହେନ୍ଦ୍ର ସାହୁ, ଅଜିତ ଦେହୁରୀ, ଜିତେନ୍ଦ୍ର ବେହେରା, ମନୋଜ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ବାଳକୃଷ୍ଣ ମୁଦୁଲି, ପ୍ରବୀର ବିଶ୍ୱାଳ, ଅନଙ୍ଗ ସେଠୀ, ଗିରୀଶ ପ୍ରଧାନ, ସୁଶାନ୍ତ ସାହୁ, ବିଭୂତି ସାହୁ ଏବଂ ରୀନାରାଣୀ ପୃଷ୍ଟି ସହଯୋଗ କରିଥିଲେ ।

# 'ଡିଜିଟାଲ ଗିରଫ' ମାମଲା; ରାଜସ୍ଥାନରୁ ଅଭିଯୁକ୍ତ ଗିରଫ

**ଅନୁଗୋଳ, ୫ ।୧(ସମିସ):**



ଏକ "ଡିଜିଟାଲ ଗିରଫ' ମାମଲାରେ ଅନୁଗୋଳ ଜିଲ୍ଲା ପୁଲିସ ରାଜସ୍ଥାନରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ ଝୁନଝୁନ ଜିଲ୍ଲା ବାସିନ୍ଦା ଅକ୍ଷିତ କୁମାର । ଅଭିଯୋଗ ଅନୁଯାୟୀ, ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଜରାରପୁର ଗାଁର ଗୌରହରି ପ୍ରଧାନଙ୍କ ବ୍ୟକ୍ତିଗତ ଆଧାର ବିବରଣୀ ଅପବ୍ୟବହାର କରି ଅକ୍ଷିତ କୁମାର ନିଜକୁ ଜିପିଓ ମୁମ୍ବଇ ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କଠାରୁ ଅର୍ଥ ଶୋଷଣ କରିଥିଲେ । ପରେ ପୁଲିସ ପୋଷାକରେ ଭିଡିଓ କଲିଂ କରି ପୁଲିସ ପରିଚୟ ଦେଇ ଗୌରହରିଙ୍କୁ ପ୍ରାୟ ୨୦ ଦିନ ପର୍ଯ୍ୟନ୍ତ ଡିଜିଟାଲ ଆରେଷ୍ଟ କରିଥିଲେ । ନରେଶ ଗୋୟଲଙ୍କ ସହ ଜଡ଼ିତ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କୁ ମିଥ୍ୟା ଭାବରେ ଅଭିଯୁକ୍ତ କରାଯାଇଥିଲା । ଜଣେ ଆଇପିଏସ୍ ଅଧିକାରୀ ଏବଂ ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର ଭାବରେ ନିଜ ପରିଚୟ ଦେଇ ତାଙ୍କୁ ଯାଞ୍ଚ ପାଇଁ ଗୌରହରି ଓ ତାଙ୍କ ମାଆଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ଏକ ନକଲି ଆର୍‌ବିଆଇ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିବାକୁ ବାଧ୍ୟ କରିଥିଲେ । ତାଙ୍କ ପରିବାରକୁ ଧମକ ଦେଇ ସେ ୨୦୨୪ ଡିସେମ୍ବର ୨୬ରୁ ୨୦୨୫ ଜାନୁଆରୀ ୯ ମଧ୍ୟରେ ୪୬,୧୨,୧୯୦ ଟଙ୍କା ସ୍ଥାନାନ୍ତର କରିଥିଲେ । ହ୍ୱାଟ୍ସଆପ୍ ମାଧ୍ୟମରେ ତାଙ୍କୁ ନକଲି ଆଇନଗତ କାଗଜପତ୍ର ପଠାଯିବା ସହ ତାଙ୍କ ଉପରେ ନିରନ୍ତର ନଜର ରଖାଯାଇଥିଲା । ଏ ନେଇ ଅଭିଯୋଗ ପରେ ଅନୁଗୋଳ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା । ପୁଲିସ ଦଳ ଡିଜିଟାଲ ସୁରାକ, ଆର୍ଥିକ ରେକର୍ଡ ଯାଞ୍ଚ କରିଥିଲା ଏବଂ ସୁରାକ ଅନୁଯାୟୀ ରାଜସ୍ଥାନରୁ ଅକ୍ଷିତ କୁମାରଙ୍କୁ ଗିରଫ କରିଛି । ଟ୍ରାନ୍‌ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯାଇଛି ।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ବଅଁରପାଳ, ୫ ।୧(ସମିସ):** ବଅଁରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତ ଗିରିଧି ବାସିଆ ଗ୍ରାମ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଗଛରେ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ପୁଲିସକୁ ଖବର ଦେଇଥିଲେ । ମହୀଧରପୁର ଫାଣ୍ଡି ଅଧିକାରୀ ଓ ବଅଁରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ମୃତଦେହ ଅନୁଗୋଳ ଡାକ୍ତରଖାନା ଶବଗୃହରେ ରଖାଯାଇଛି । ଏ ନେଇ ବଅଁରପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**କଣିହାଁ, ୫ ।୧(ସମିସ):** କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ ଲଙ୍ଗୁଆବେଡ଼ା ଗ୍ରାମର ସ୍ୱାଧୀନ ପରିଡ଼ାଙ୍କୁ ରବିବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ କରାଯାଇଛି । ସ୍ୱାଧୀନ ଘରୁ ବାହାରି ଏନଟିପିସି ବଜାର ଅଭିମୁଖେ ଆସୁଥିବା ବେଳେ ଲାଗୁଆବେଡ଼ା ଗ୍ରାମର ରତ୍ନାକର ବେହେରା, ବିଭୂତି ବେହେରା ଓ ରିଜୁ ବେହେରା ତାଙ୍କ ସାର୍ଟ କଲର ଧରି ବେକ, ପିଠି, ଛାତି, ଗୋଡ଼କୁ ଆକ୍ରମଣ କରିଥିଲେ । ସ୍ୱାଧୀନ ଜୀବନବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ମୁଣ୍ଡ ପଛ ପାଖକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ପରିବାର ଲୋକେ ସ୍ୱାଧୀନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏ ନେଇ ସ୍ୱାଧୀନଙ୍କ ସ୍ତ୍ରୀ ସାବିତ୍ରୀ ବେହେରା କଣିହାଁ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ବାଗଡ଼ିଆରେ ହିନ୍ଦୁ ସମ୍ମିଳନୀ ନିମନ୍ତେ ବୈଠକ

**ଛେଣ୍ଡିପଦା, ୫ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ବାଗଡ଼ିଆ ନିକଟ ବାମନାଳୀ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନ ୧୧ଟାରେ ଅଜୟ ବାବାଙ୍କ ଅଧ୍ୟକ୍ଷତାରେ ହିନ୍ଦୁ ସମ୍ମିଳନୀ ନିମନ୍ତେ ବାଗଡ଼ିଆ ମଣ୍ଡଳର ବୈଠକ ଅନୁଷ୍ଠିତ ହୋଇଛି । ସଂଯୋଜକ ଭାବେ ଚନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ଭାବେ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ ତଥା ସମସ୍ତ ଗ୍ରାମର ସଭାପତିମାନେ ସହସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ମାଘ ମାସ ଶୁକ୍ଳପକ୍ଷ ଦଶମୀ ତିଥି ଜାନୁୟାରୀ ୨୮ ତାରିଖ ବାଗଡ଼ିଆ କଦମ୍ବଛକଠାରେ ଗୋ-ପୂଜନ, ହିନ୍ଦୁ ସମ୍ମିଳନୀ ଓ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ଏଥିରେ ବାଗଡ଼ିଆ, ବସନ୍ତପୁର, ଶିମିଳିପାଳ, ବରସାହି, ଟାଙ୍ଗିରି, ପାଟକୁମୁଣ୍ଡା ପଞ୍ଚାୟତର ଶତାଧିକ ଭକ୍ତ ଉପସ୍ଥିତ ଥିଲେ । ଯଶୋବନ୍ତ ବେହେରା, ଡ. ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିନ୍ଦୁମାନଙ୍କ କର୍ତ୍ତବ୍ୟ ଓ ହିନ୍ଦୁଧର୍ମର ବିକାଶ ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ବିପିନି ବିହାରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିପଶିରେ ବିଧାୟକଙ୍କ କମ୍ବଳ ବଣ୍ଟନ

**କଣିହାଁ, ୫ ।୧(ସମିସ):** କଣିହାଁ ବ୍ଲକ ବାଲିପଶି ପଞ୍ଚାୟତରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଦ୍ୱାରା ରବିବାର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପଞ୍ଚାୟତ ର ନାକିଟିଦେଓଳ ଗ୍ରାମରେ ଅସହାୟ, ଗରିବ, ବିଧବା ମହିଳାଙ୍କୁ କମଳ ବଣ୍ଟନ କରାଯାଇଛି । ଏଥିସହ ବିଧାୟକ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ପାଲଲହଡ଼ା ଏସଡିପିଓ କୈଳାସ ସେଠୀ, ଅନୁଗୋଳ ଜିଲ୍ଲା ଉପସଭାପତି ନୃସିଂହ ବରାଳଙ୍କ ସମେତ ବିଜେପି ନେତା ବିଷ୍ଣୁସେନ ଶତପଥୀ, ଧ୍ରୁବଚରଣ ଧୀର, ଟିକନ ପ୍ରଧାନ, ତ୍ରିପୁରାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

### ● ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ

## ଜିଲ୍ଲା ବାହାର ଠିକାଦାରଙ୍କୁ ଅନୁଗୋଳରେ ଟେଣ୍ଡର୍ ପକାଇବାକୁ ବାରଣ



**ଅନୁଗୋଳ, ୫ ।୧(ସମିସ):** ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ ସ୍ଥାନୀୟ ସଭାଘରସ୍ଥିତ କାର୍ଯ୍ୟାଳୟରେ ସଂଘ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଠିକା କାମଗୁଡ଼ିକୁ ଅଳ୍ପ ମୂଲ୍ୟରେ ନେଇ ନିମ୍ନମାନର କାମ ହେଉଥିବାରୁ ଏଣିକି ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବାହାରୁଥିବା ସମସ୍ତ ଟେଣ୍ଡରଗୁଡ଼ିକୁ ଠିକାଦାରମାନେ ସିଡ୍ୟୁଲ୍ଡ ରେଟ ଅନୁଯାୟୀ ପକାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ବାହାର ଠିକାଦାରମାନଙ୍କୁ ଅନୁଗୋଳ ଜିଲ୍ଲାରେ ଟେଣ୍ଡର୍ ପକାଇବାକୁ ବାରଣ କରାଯାଇଛି । ଏହି ନିଷ୍ପତ୍ତି ଆଜିଠାରୁ କାର୍ଯ୍ୟକାରୀ ହେବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି । ଏ ବିଷୟରେ ଅଧିକ ଆଲୋଚନା ଓ ଆଗାମୀ ରଣନୀତି ପ୍ରସ୍ତୁତି ପାଇଁ ଆସନ୍ତା ୯ ତାରିଖ ଜିଲ୍ଲାର ସମସ୍ତ ଠିକାଦାରଙ୍କୁ ନେଇ ଅନୁଗୋଳରେ ପୁନଃ ବୈଠକ ଅନୁଷ୍ଠିତ ହେବ । ସମସ୍ତ ଠିକାଦାର ଆସନ୍ତା ବୈଠକରେ ନିଶ୍ଚିତ ଭାବେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଥିବା ସଙ୍ଘ ସଭାପତି ପ୍ରଧାନ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ହଣ୍ଡପା ଥାନା ଏଏସଆଇଙ୍କୁ ହତ୍ୟା ଧମକ ଅଭିଯୋଗ

**ବଇଣ୍ଡା, ୫ ।୧(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଏଏସଆଇ ପ୍ରକାଶ ବାରିକ (୫୩)ଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ର ହାବିଲଦାର ତଥା ହଣ୍ଡପା ଥାନା ବିଡ଼ିସିଙ୍ଗ ଗ୍ରାମର ଅଜିତ କୁମାର ସାହୁ ହତ୍ୟା ଧମକ ଦେବା ସହ ଥାନା ଭିତରେ ଗାଳିଗୁଲଜ କରିଥିବା ଶନିବାର ପ୍ରକାଶ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଅଜିତ ପ୍ରକାଶଙ୍କ ପତ୍ନୀଙ୍କ ସହ ଝଗଡ଼ା କରୁଥିଲେ । ଏ ନେଇ ଥାନାକୁ ସୂଚନା ଆସିବା ପରେ ପୁଲିସର ଏକ ଟିମ୍ ଗ୍ରାମକୁ ଯାଇ ଅଜିତଙ୍କୁ ଥାନାକୁ ଆଣି ବୁଝାସୁଝା କରିଥିଲେ । ହେଲେ ଅଜିତ ସେଠାରେ ପ୍ରକାଶଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ଏ ନେଇ ପ୍ରକାଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି ।

## ହଣ୍ଡପା ଥାନାରେ ନୂତନ ଅଧିକାରୀ



**ବଇଣ୍ଡା, ୫ ।୧(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନାରେ ନୂତନ ଆଇଆଇସି ଭାବେ ରାଜେଶ କୁମାର ଶତପଥୀଙ୍କୁ ନିଯୁକ୍ତି ମିଳିଛି । ହଣ୍ଡପା ଥାନାରେ କାର୍ଯ୍ୟ କରୁଥିବା ଇନ୍ସପେକ୍ଟର ନମିତା ନାୟକଙ୍କର ନାଲୋକୋ ଥାନାକୁ ବଦଳି ହୋଇଥିବା ବେଳେ ଛେଣ୍ଡିପଦା ଥାନା ଆଇଆଇସି ଭାବେ କାର୍ଯ୍ୟ କରୁଥିବା ରାଜେଶଙ୍କୁ ଅନୁଗୋଳ ଏସ୍‌ପି ହଣ୍ଡପା ଥାନାକୁ ବଦଳି କରିଛନ୍ତି । ସୋମବାର ରାଜେଶ ଏଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଥାନା ଅଞ୍ଚଳରେ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ସହ ପୁଲିସ ଯେପରି ଲୋକଙ୍କ ପ୍ରିୟଭାଜନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ଦାୟିତ୍ୱ ଗ୍ରହଣ ଅବସରରେ ରାଜେଶ କହିଛନ୍ତି । ପରେ ରାଜେଶ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

## ସ୍କୁଲରୁ ଚୋରି; ଥାନାରେ ଏତଲା

**ତାଳଚେର ସହର, ୫ ।୧(ସମିସ):** ତାଳଚେର ବ୍ଲକ କଣ୍ଠାଳ ପଞ୍ଚାୟତ ଲାଙ୍ଗିଯୋଡ଼ା ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲରୁ ୬ଟି ସିଲିଂ ଫ୍ୟାନ୍ ସହ ଝରକା ଚୋରି ହୋଇଥିବା ପ୍ରଧାନଶିକ୍ଷକ ଥାନାରେ ଅଭିଯୋଗ କରିଛନ୍ତି । ବଡ଼ଦିନ ଛୁଟି ଭିତରେ ବିଦ୍ୟାଳୟରେ କେହି ଜଗୁଆଳି ରହୁ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ବାଲି ବୋଝେଇ ହାଇୱା ଜବତ

**କଣିହାଁ, ୫ ।୧(ସମିସ):** ରବିବାର ରାତିରେ କଣିହାଁ ଥାନା ପୁଲିସ ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି । ସାନତ୍ରିବିଡ଼ା ଗାଁ ପାଖରୁ ବାଲି ବୋଝେଇ କରି ହାଇୱା କଣିହାଁ ଅଭିମୁଖେ ଆସୁଥିଲା । ପୁଲିସର ପଟ୍ରୋଲିଂ ଟିମ୍ ବଡ଼ତ୍ରିବିଡ଼ା ଛକରୁ ଏହାକୁ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି ।

## ଜାମୁନାଳୀ ପଞ୍ଚାୟତରେ ଜନଶୁଣାଣି




**କିଶୋରନଗର, ୫ ।୧(ସମିସ):** କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ବିଏସଏସଓ ଝସକେତନ ସାହୁ, ବିପିସି (ଓଏଲଏମ୍) ଜିତେନ୍ଦ୍ର ଦେହୁରୀ, ଡିଇଓ (ଆରସିଏମ) ସରୋଜ ପ୍ରଧାନ, ଆରଏଚର କର୍ମଚାରୀ ହେମନ୍ତ ପ୍ରଧାନ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ, ପିଇଓ, ଏଡିଇଓ ଉପସ୍ଥିତ ଥିଲେ ।

### ■ ଡା. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## କଟକ ଓ ତାଳଚେର ଫ୍ରେଣ୍ଡ୍‌ସ କ୍ଲବ ବିଜୟୀ

**ତାଳଚେର, ୫ ।୧(ସମିସ):**

ତାଳଚେର ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ କ୍ଲବ ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆରେ ଡା. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଛି । ଅନୁଗୋଳ ବିଧାୟକ ତଥା ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ତାଳଚେର ପୌର ପରିଷଦ ଅଧ୍ୟକ୍ଷ ତଥା ଫ୍ରେଣ୍ଡ୍ସ କ୍ଲବ ସଭାପତି ପବିତ୍ର ଭୁତିଆ, ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ,



ଏମ୍‌ସିଏଲର ନୋଡାଲ ଜିଏମ ଅଶୋକ ଧଳ ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ ୟୁଥ ୟୁନିୟନ କଟକ ଓ ଉତ୍ତରପ୍ରଦେଶ ପ୍ରୟାଗରାଜ ଦଳ ମଧ୍ୟରେ ଖେଳାଯାଇଥିଲା । କଟକ ବିଜୟୀ ହୋଇଛି । କଟକ ଦଳ ପ୍ରଥମେ ବ୍ୟାଟିଂ କରି ୨୧୬ ରନ କରିଥିଲା । ଜବାବରେ ପ୍ରୟାଗରାଜ ଦଳ ମାତ୍ର ୯୦ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । କଟକର ନଦିମ୍ ଖାଁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ସୋମବାର ଦ୍ୱିତୀୟ ଦିନରେ ଆୟୋଜକ ତାଳଚେର ଫ୍ରେଣ୍ଡସ କ୍ଲବ ଦଳ ଓ କୋଲକାତାର ଲକ୍ଷ୍ମୀରତନ ଶୁକ୍ଳା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଫ୍ରେଣ୍ଡସ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଫ୍ରେଣ୍ଡ୍ସ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୨୧୭ରନ୍ ସଂଗ୍ରହ କରିଥିଲା । ଜବାବରେ କୋଲକାତା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୯୭ ରନ କରିପାରିଥିଲା । ବିଜୟୀ ଦଳର ୱାଲ୍ଟର ଟପ୍ପ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ତାଳଚେର ପୌର ପରିଷଦର କାଉନସିଲର ତଥା ତାଳଚେର ଟ୍ରକ ମାଲିକ ସଂଘ ସଭ୍ୟ ଜିତେନ୍ଦ୍ର ଭୁତିଆ ତାଙ୍କୁ ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୮ଟି ଦଳ ଭାଗନେଇଛନ୍ତି । ମ୍ୟାଚ୍ ଦେଖିବା ପାଇଁ ତାଳଚେର ସହର ତଥା ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମୁଛି ।






# ୨୩ରୁ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା



ବାରିପଦା,୫ ।୧(ସମିସ): ଆସନ୍ତା ୨୩ ତାରିଖ ନେତାଜୀଙ୍କ ଜୟନ୍ତୀଠାରୁ ଆୟୋଜିତ ହେବାକୁ ଯାଉଥିବା ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା । ଏ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ, ବନ୍ଧୁମିଳନ ଓ ସାଧାରଣ ସଭା ବାରିପଦା ଜୁବୁଲି ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ମନୋଜ ଦଳବେହେରା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ହେଉଥିବା ପୁସ୍ତକ ମହୋତ୍ସବର ବିସ୍ତୃତ ରୂପରେଖ ଓ ଖସଡ଼ା ସଭାର ଅବଗତି ଓ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିଥିଲେ । ମାର୍ଗଦର୍ଶକ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅଧକ୍ଷ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଚଳିତ ବର୍ଷର ପୁସ୍ତକମେଳା କିପରି ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ ହେବ, ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ କେମିତି ପୁସ୍ତକମନସ୍କ କରିପାରିବ, ତା'ଉପରେ ବକ୍ତବ୍ୟ ପ୍ରଦାନ ପୂର୍ବକ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଆୟୋଜନ କମିଟି ସମ୍ପାଦକ ପ୍ରାକ୍ତନ କଲେଜ ଅଧକ୍ଷ ସନ୍ଦୀପ କୁମାର ଚାନ୍ଦ, ଅଧାପକ ସମରେନ୍ଦ୍ର ବଶା ଓ ଡଃ ଶଶୀଧର ବିଶ୍ୱାଳ ଏବର୍ଷ ପୁସ୍ତକ ମେଳାରେ ଆୟୋଜନ ହେବାକୁ ଥିବା ଶିକ୍ଷାନିବେଶୀ ଓ ପୁସ୍ତକପ୍ରେମୀଙ୍କ ପ୍ରତିଯୋଗିତାମୂଳକ ଶୈକ୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ପୁସ୍ତକ ମେଳା ସଫଳ ଓ ଶୃଙ୍ଖଳିତ ଆୟୋଜନ ସକାଶେ ସଭାରେ ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ନାୟକ, ଅଜିତ କୁମାର କବାଟ, କୈବଲ୍ୟ ପ୍ରସାଦ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ବଶା, ସୁଶ୍ରୀ କାବେରୀ ମିଶ୍ର, କମଳାକାନ୍ତ ପ୍ରହରାଜ, ପ୍ରଫେସର୍ ଉଷା ଶତପଥୀ, ବାସନ୍ତୀଲତା ମହାପାତ୍ର, ଯୁବ ସଦସ୍ୟ ରାକେଶ ସିଂ, ପ୍ରଫେସର ସ୍ୱରୂପାନନ୍ଦ ବିଶୋଇ, ପ୍ରଦୀପ ଭୂୟାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଜୟ ପାଲ, ସୁସ୍ମିତା ଘୋଷାଲ, ଗୋପାଳ ସାଓ, ଜ୍ୟୋତିର୍ମୟୀ କବାଟ, ତିମିର ଘୋଷ, ଅଜିତ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟତମ ସମ୍ପାଦକ ଭାସ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

● ଅଯୋଧ୍ୟା ଅଭିମୁଖେ ସୁବର୍ଣ୍ଣ ଧନୁ ଯାତ୍ରା

# ୧୪ରେ ମୟୂରଭଞ୍ଜରେ ପହଞ୍ଚିବ

କରଞ୍ଜିଆ, ୫।୧(ସମିସ): ରାଉରକେଲା ସହରର ହନୁମାନ ବଟିକାରୁ ଗତକାଲି ଅଯୋଧ୍ୟା ଅଭିମୁଖେ ବାହାରିଛି ସୁବର୍ଣ୍ଣ ଧନୁଷ ଶୋଭାଯାତ୍ରା । ପୂର୍ବରୁ ସନାତନ ଜାଗରଣ ମଞ୍ଚ ପକ୍ଷରୁ ହନୁମାନ ବାଟିକା ପରିସରରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାଳୀଦାସ



ମହାରାଜାଙ୍କ ଦ୍ୱାରା ସୁବର୍ଣ୍ଣଧନୁର ପୂଜାର୍ଚ୍ଚନା କରାଯାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ଏହି ସୁବର୍ଣ୍ଣ ଧନୁଷ ଶୋଭାଯାତ୍ରା ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନାଗିରି, ରାୟଗଡ଼ା, କୋରାପୁଟ, ପାରଳାଖେମୁଣ୍ଡି, ବ୍ରହ୍ମପୁର, ଫୁଲବାଣୀ, ନୟାଗଡ଼ ଦେଇ ଘସିପୁରାରେ ପହଞ୍ଚିବ । ସେଠାରୁ କେନ୍ଦୁଝର, ଯଶିପୁର, ବାରିପଦା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ପାରାଦୀପ, ଜଗତସିଂହପୁର, କଟକ, ଭୁବନେଶ୍ୱର ଦେଇ ୧୯ ରେ ପୁରୀରେ ପହଞ୍ଚିବ । ସେଠାରୁ ଛତିଶଗଡ଼ ଦେଇ ଉତ୍ତରପ୍ରଦେଶ ଅଯୋଧ୍ୟାରେ ପହଞ୍ଚିବ । ପଞ୍ଚଧାତୁ (ସୁନା, ରୁପା, ସୀସା, ଲୁହା ଓ ଆଲୁମିନିୟମ)ରେ ତିଆରି ହୋଇଥିବା ୮ ଫୁଟ୍ ଲମ୍ବ ଓ ୩ ଫୁଟ୍ ଉଚ୍ଚତାର ଧନୁ ଅଯୋଧ୍ୟା ଶ୍ରୀରାମମନ୍ଦିରକୁ ଦାନ କରାଯିବ । ଏହି ଯାତ୍ରା ୧୪ ତାରିଖ ମକର ସଂକ୍ରାନ୍ତି ଦିନ ଦିବା ୧୦.୩୦ ସମୟରେ ଯଶିପୁରସ୍ଥ ରାମତୀର୍ଥଠାରେ ପହଞ୍ଚିବ । ଏଣୁ ସମସ୍ତ ସନାତନୀ ରାମ ଭକ୍ତ ଏହି ଅବସରରେ ଯଶିପୁର ରାମତୀର୍ଥଠାରେ ଉପସ୍ଥିତ ରହିବାକୁ ସନାତନ ଜାଗରଣ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

■ ସ୍କିଲ୍ ଚାମ୍ପିଅନ୍ସ ପ୍ରତିଯୋଗିତା

# ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଦକ୍ଷତା ପ୍ରଦର୍ଶନ

ମହୁଲଡିହା,୫।୧(ସମିସ): ଡନ୍ ବସ୍କୋ ଟେକ୍ ସୋସାଇଟିର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ସ୍କିଲ୍ ଚାମ୍ପିଅନ୍ସ ପ୍ରତିଯୋଗିତା ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଆୟୋଜିତ ହୋଇଯାଇଛି । ଡନ୍ ବସ୍କୋ ଟେକ୍ ଠାକୁରମୁଣ୍ଡା କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ଡୋମେଷ୍ଟିକ୍ ସୋଲ୍ୟୁସନ୍ସ ଟ୍ରେଡ୍‌ର ଟ୍ରେନିଙ୍କ ପାଇଁ ପ୍ରାୟୋଗିକ ପ୍ରତିଯୋଗିତା । ଏଥିରେ ସରଳ ବଲ୍‌ବ ଓ ସ୍ୱିଚ୍ ୱାୟରିଂ, ବିଦ୍ୟୁତ ତ୍ରୁଟି ପରିଚୟ ଓ ବିଦ୍ୟୁତ ଉପକରଣର ସୁରକ୍ଷିତ ବ୍ୟବହାର ଭଳି କାର୍ଯ୍ୟ ସମ୍ମିଳିତ ଥିଲା । ଏହି ପ୍ରତିଯୋଗିତାରେ ସମ୍ବାଦିକ ଯୋଗେନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଡୋମେନ୍ ଟ୍ରେନର ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା ।



ପ୍ରତିଯୋଗିତାରେ ଦୀପାନୀ ପାଟିଙ୍କ ନେତୃତ୍ୱରେ ଗ୍ରୁପ୍-ଏ ବିଜେତା ଘୋଷିତ ହୋଇଥିଲା । ସେହିପରି ଡନ୍ ବସ୍କୋ ଟେକ୍ ସମ୍ବଲପୁର କେନ୍ଦ୍ରରେ ଗେଷ୍ଟ ସର୍ଭିସ୍ ଆସୋସିଏଟ୍ (ଫୁଡ୍ ଏଣ୍ଡ ବେଭରେଜ୍) ଟ୍ରେଡ୍‌ର ଟ୍ରେନିଙ୍କ ପାଇଁ ସାଲାଡ୍ କଟିଂ ସହ ଗାର୍ନିଶ୍ ଓ ସ୍ୟାଣ୍ଡୱିଚ୍ ତିଆରି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଟ୍ରେନି ସ୍ୱଚ୍ଛତା, ସୃଜନଶୀଳତା ଓ ଟିମ୍‌ୱର୍କ୍ ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତା କେନ୍ଦ୍ର ପ୍ରଧାନ ସିଷ୍ଟର ସରିତାଙ୍କ ଉପସ୍ଥିତିରେ ଟ୍ରେନରଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଆଚିତା କୁଲ୍ଲୁ ଓ ତାଙ୍କ ଟିମ୍ ବିଜେତା ଘୋଷିତ ହୋଇଥିଲେ । ଏହି ସ୍କିଲ୍ ଚାମ୍ପିଅନ୍ସ ପ୍ରତିଯୋଗିତା ଟ୍ରେନିଙ୍କୁ ପ୍ରାୟୋଗିକ ଦକ୍ଷତା, ଶୃଙ୍ଖଳା, ସୁରକ୍ଷା, ସଚେତନତା ଓ ନିଯୁକ୍ତି ଯୋଗ୍ୟତା ବୃଦ୍ଧି ପାଇଁ ପ୍ରେରିତ କରି ସଫଳତାର ସହ ସମାପ୍ତ ହୋଇଥିଲା ।

ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ

# ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠି ବିନିଯୋଗ ସମ୍ପର୍କରେ ସମୀକ୍ଷା

ବାରିପଦା,୫ ।୧(ସମିସ):



ମୟୂରଭଞ୍ଜ ଜିଲ୍ଲାକୁ ଷଷ୍ଠ ରାଜ୍ୟ ଅର୍ଥ କମିଶନ ପରିଦର୍ଶନରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ନବଗଠିତ ୬ଷ୍ଠ ରାଜ୍ୟ ଅର୍ଥ କମିଶନ ସଭାପତି ଡଃ ଅରୁଣ କୁମାର ପଣ୍ଡା, ସଦସ୍ୟ ପ୍ର. ଅସିତ ରଞ୍ଜନ ମହାନ୍ତି, ଡଃ ବିଭୁପ୍ରସାଦ ନାୟକ, ପ୍ରଦୀପ୍ତ କୁମାର ବିଶାଳ ପ୍ରମୁଖ ଉପସ୍ଥିତ ରହି ୫ମ ରାଜ୍ୟ ଅର୍ଥ କମିଶନ ପି.ଆର୍.ଆଇ, ୟୁଏଲବି ଓ ୧୫ଶ ଅର୍ଥ କମିଶନ ପି.ଆର୍.ଆଇ ପାଣ୍ଠି ଅର୍ଥ ବିନିଯୋଗ ଉପରେ ସମୀକ୍ଷା କରିଛନ୍ତି । ଏଥିରେ ପଞ୍ଚମ ଅର୍ଥ କମିଶନ ପାଣ୍ଠି ବିନିଯୋଗର ସଫଳତା ଓ ବାକି ରହିଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଛି । ସେହିପରି ନିଜସ୍ୱ ଆୟ ପାଣ୍ଠି ବୃଦ୍ଧି କରି ଏହାର ସୁବିନିଯୋଗ କରିବାକୁ କମିଶନ ସଭାପତି ଡଃ ପଣ୍ଡା ଗୁରୁତ୍ୱ ଦେଇଛନ୍ତି । ୧ମରୁ ୫ମ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ବିଭିନ୍ନ ବକେୟା ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଛନ୍ତି । ସମସାମୟିକ କୌଶଳ, ଆଇଟି ଆଦି ବିଭିନ୍ନ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ କମିଶନ ସଭାପତି ଡଃ ପଣ୍ଡା ମତପୋଷଣ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତନୁ ନାୟକଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଡିଓ, ଚେୟାରମ୍ୟାନ୍, ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନଗରପାଳ, ବିଜ୍ଞାପିତ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଜାତୀୟ ଆଲୋଚନାଚକ୍ର




ସାରସକଣା/ଝାରପୋଖରିଆ, ୫।୧(ସମିସ): ଝାରପୋଖରିଆ ସୀମାନ୍ତ ଯୁବ ମହୋତ୍ସବ ମଞ୍ଚରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଓ ସୀମାନ୍ତ ଯୁବ ସମିତି ମିଳିତ ସହଯୋଗରେ ସାହିତ୍ୟର ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । 'ଲୋକ ସାହିତ୍ୟରେ ଶ୍ରୀଜଗନ୍ନାଥ' ଶୀର୍ଷକରେ ଏକାଡେମୀ ସଭାପତି ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ନିଜ ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର କୁଞ୍ଜବନ ପୁଷ୍ଟି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦିବାକର ପଟ୍ଟନାୟକ, ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ ବ୍ରହ୍ମପୁରର ସହକାରୀ ପ୍ରଫେସର ଡକ୍ଟର ଦିଲ୍ଲୀପ ଦଳେଇ, ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଫୁଲବାଣୀର ସହକାରୀ ପ୍ରଫେସର ଡକ୍ଟର ଧନଞ୍ଜୟ ସିଂ, ଇଂ ସୁଶାନ୍ତ ବେହେରା, ବରିଷ୍ଠ କବି ଅମିତାଭ ମିଶ୍ର, ଡକ୍ଟର ନିରୁପମା ନାୟକ ଯୋଗ ଦେଇଥିଲେ । ଜାତୀୟ ଯୁବ ପ୍ରକଳ୍ପର ଜିଲ୍ଲା ସଂଯୋଜକ ମଳୟ ନାୟକ ସ୍ୱାଗତ ଭାଷଣ, ଅଧ୍ୟାପକ ଶିଶିର ପଟ୍ଟନାୟକ ଅତିଥିଙ୍କ ପରିଚୟ, ସୀମାନ୍ତ ଯୁବ ସମିତି ସଭାପତି ଅଧ୍ୟାପକ ଅଶୋକ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ବିଷୟଭିତ୍ତିକ ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ଚୋଧୁରୀ ମୁଖ୍ୟଅତିଥ ଠିଭାବେ ଯୋଗ ଦେଇଥିବାବେଳେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅଜିତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଡକ୍ଟର ଦିଲ୍ଲୀପ ଦଳେଇ, ଡକ୍ଟର ଧନଞ୍ଜୟ ସିଂହ ନିବନ୍ଧ ଉପସ୍ଥାପନ ମଞ୍ଚରେ ସଭାପତିତ୍ୱ କରିଥିଲେ । ଡକ୍ଟର ରମାକାନ୍ତ ମହାନ୍ତ ସ୍ୱରଚିତ କବିତା ଆବୃତ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡାକ୍ତର ବୁଢାନ ମୁର୍ମୁ ଯୋଗଦେଇ ପ୍ରତିଯୋଗୀ ଓ ଅତିଥିଙ୍କୁ ପୁରସ୍କାର, ସାର୍ଟିଫିକେଟ, ମାନପତ୍ର ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, କୋଲହାଣ ବିଶ୍ୱବିଦ୍ୟାଳୟର ପିଏଚଡ଼ି ସ୍କୋଲାର, ଗବେଷକ ତଥା ଅତିଥିଙ୍କ ଦ୍ୱାରା ୨୭ଟି ନିବନ୍ଧ ଉପସ୍ଥାପିତ ହୋଇଥିଲା । ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ ମାନସ ସେନାପତିଙ୍କୁ ଶ୍ରେଷ୍ଠ ନିବନ୍ଧ ଉପସ୍ଥାପକ, କରଞ୍ଜିଆର ଇଂ ସୁସ୍ମିତା ମହାନ୍ତଙ୍କୁ ଶ୍ରେଷ୍ଠ ସ୍ୱରଚିତ କବିତା ଆବୃତ୍ତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମକରରେ ଘରକୁ ଆସିବା ସ୍ୱପ୍ନ ଅଧୁରା

କୁଆମରା, ୫ ।୧(ସମିସ): ଗତ ଦୁର୍ଗାପୂଜାରେ ଆସିଥିଲେ ଓ ଏକ ସପ୍ତାହ ରହି ପୁଣି ନିଜ କର୍ମଭୂମିକୁ ଫେରିଥିଲେ ଦମ୍ପତି । ମକରକୁ ଆସିଲେ ଦୁଇ ସପ୍ତାହ ରହିବା ଓ ବାହାରକୁ ଏକାଠି ବୁଲିବାକୁ ଯିବା କହି ଯାଇଥିଲେ । ମାତ୍ର ସମସ୍ତ ଖୁସି ଛଡ଼ାଇ ନେଲେ ଭଗବାନ । ମକର ଆଉ ୧୦ ଦିନ ରହିଛି । ତା' ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ତିନି ଜୀବନ । ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ଗୁଣ୍ଡୁରିଆ ସାହି ଗ୍ରାମର ହାମରାୟ ମୁର୍ମୁ (୪୦) ସୋନପୁର ଜିଲ୍ଲାର ଉଠା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ପତ୍ନୀ କନକଲତା ହାଁସଦା (୩୫) ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ସେନା ବିଭାଗର ଆସିଷ୍ଟାଣ୍ଟ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ । ସେ ନୂଆବର୍ଷ ମାନିବାକୁ ବିଶାଖାପାଟଣାରୁ ଦୁଇ ସନ୍ତାନଙ୍କୁ ଧରି କାର ଡ୍ରାଇଭର ଓ ଅନ୍ୟ ଜଣେ ସଂପର୍କୀୟଙ୍କୁ ନେଇ ନୂଆବର୍ଷ ଦିନ ପହଞ୍ଚିଥିଲେ ସ୍ୱାମୀ ରହୁଥିବା ସୋନପୁରରେ । ପରିବାର ସହ ତିନିଦିନ ଖୁସି ମନାଇ ରବିବାର ମଧ୍ୟାହ୍ନରେ କନକଲତା ବାହାରିଥିଲେ ନିଜ କର୍ମଭୂମିକୁ । ଆଜି ସୋମବାର କାର୍ଯ୍ୟରେ ଯୋଗ ଦେଇଥା'ନ୍ତେ । କର୍ମସ୍ଥଳରେ ପହଞ୍ଚିବା ପୂର୍ବରୁ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲାମ ଜିଲ୍ଲା ବାରୁଆ ନିକଟରେ ଦୁର୍ଘଟଣାରେ ଚାଲିଗଲା ତିନି ଜୀବନ । କାର୍‌ରେ ଥିବା କନକଲତା, ତାଙ୍କର ଦୁଇ ସନ୍ତାନ ଝିଅ ଆଦ୍ୟାଶା (୮) ଓ ତିନି ମାସର ଶିଶୁ ପୁତ୍ର ଆଦିତ୍ୟ ଆଖି ବୁଜିଲେ । ତେବେ ତାଙ୍କ ସହ ଜଣେ ସମ୍ପର୍କୀୟ ମହିଳା ଜାନକୀ ହାଁସଦା (୨୫)ଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ସାଥିରେ ଚାଳକ ଥିଲେ ମଧ୍ୟ କନକଲତା ଗାଡ଼ି ଚଳାଉଥିଲେ । ଚାଳକ ନାଗରାଜୁ ବର୍ତ୍ତିଯାଇଛନ୍ତି । ଏହି ଦୁଃଖଦ ଘଟଣା ପରେ ପରିବାର ଲୋକେ ଭାଙ୍ଗିପଡିଛନ୍ତି । ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଶତାଧିକ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



ରାସଗୋବିନ୍ଦପୁର,୫।୧(ସମିସ): ସୋମବାର ମୋରଡ଼ା ବିଧାୟକ ଡ କୃଷ୍ଣଚନ୍ଦ୍ର ମହାପାତ୍ର ରାସଗୋବିନ୍ଦପୁର ବ୍ଲକ ଗସ୍ତରେ ଆସି ରାସଗୋବିନ୍ଦପୁର ଖୁଣ୍ଟାପାଳ, ମାଣିଦା, ବଡ଼ାମପୁର, ସାରୁମୂଳା, ରାସଗୋବିନ୍ଦପୁର ପଞ୍ଚାୟତରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ । କମ୍ବଳ ବଣ୍ଟନ ପରେ ଅସହାୟ, ବୃଦ୍ଧବୃଦ୍ଧାଙ୍କ ସମସ୍ୟା ବୁଝିଥିଲେ । ପରେ ଭତ୍ତା ପାଇ ନ ଥିବା ବୃଦ୍ଧବୃଦ୍ଧାଙ୍କୁ ତୁରନ୍ତ ଭତ୍ତା କରାଇବା ସହ ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବଞ୍ଚିତ ହୋଇଥିବା ଅସହାୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଘର ଯୋଗାଇ ଦେବାକୁ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏ ଅବସରରେ ମନ୍ତ୍ରୀଙ୍କ ସହ ରାଜ୍ୟ ଅନୁସୂଚିତ ଜାତିର ସଭାପତି କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ବିଜେପି ଜିଲ୍ଲା (ପୂର୍ବ) ସମ୍ପାଦକ ପୁରୁଷୋତ୍ତମ ଦେ, ବରିଷ୍ଠ ବିଜେପି କର୍ମୀ ଇଂ ନରୋତ୍ତମ ମହାନ୍ତି, ଅଞ୍ଜନ ମୁର୍ମୁ, ଦିଲ୍ଲୀପ ମଜୁମଦାର, ଚିତ୍ତରଞ୍ଜନ ପରିଡ଼ା, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଟାରୀ କ୍ଲବ୍ ପକ୍ଷରୁ ବିଶୁଦ୍ଧ ଜଳଯୋଗାଣ ଯନ୍ତ୍ର ଦାନ

ବେତନଟୀ, ୫।୧(ସମିସ): ବେତନଟୀ ରୋଟାରୀ କ୍ଲବ୍ ପକ୍ଷରୁ ବେତନଟୀ ନିକଟସ୍ଥ ବଡଛୁରୁଣୀ ପଦ୍ମଲୋଚନ ଉଚ୍ଚବିଦ୍ୟାଳୟକୁ ଲିଭ୍ ପିଓର କମ୍ପାନୀର ଏକ ବିଶୁଦ୍ଧ ପାଣିଛଣା ଯନ୍ତ୍ର ଦାନ କରାଯାଇଛି । ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ ଗିରିଧାରୀ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ରୋଟାରିଆନ ରବୀନ୍ଦ୍ର ନାଥ ମିଶ୍ର ଓ ରୋଟାରିଆନ ସୁନୀଲ କୁମାର ଖଣ୍ଡେଲୱାଲ ପ୍ରମୁଖ ଯୋଗଦାନ କରି ଉପସ୍ଥିତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ରୋଟାରୀ କ୍ଲବ୍‌ର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ସୂଚନା ଦେଇଥିଲେ । ରୋଟାରୀ କ୍ଲବ୍‌ର ଏତାଦୃଶ କାର୍ଯ୍ୟକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ଅଶେଷ ଧନ୍ୟବାଦ ଜଣାଇଥିଲେ ।



# ଉଠାଜଳସେଚନ ପ୍ରକଳ୍ପ ଟ୍ରାନ୍ସଫର୍ମରରୁ କଏଲ୍ ଚୋରି

ବୈଶିଙ୍ଗା,୫।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତ ଅଧୀନ ଗବପାଳସ୍ଥ ଉଠାଜଳସେଚନ ପ୍ରକଳ୍ପ-୧ ପାଇଁ ଥିବା ୨୫ କେଭି ଟ୍ରାନ୍ସଫର୍ମରରୁ ଦୁର୍ବୃତ୍ତମାନେ ମୂଲ୍ୟବାନ କଏଲ୍ ଚୋରି କରିନେଇଛନ୍ତି । ସ୍ଥାନୀୟ ଗବପାଳ ଗ୍ରାମର ଯୁବଚାଷୀ ସୁନ୍ଦରମୋହନ ମହାନ୍ତଙ୍କ ସୂଚନା ମୁତାବକ ୧୬ ହେକ୍ଟର ଖରିଫ ଚାଷ ଓ ୮ ହେକ୍ଟର ରବିଚାଷ ପାଇଁ ରାଜ୍ୟ ସରକାରଙ୍କ ଉଠାଜଳସେଚନ ନିଗମ ପକ୍ଷରୁ ୧୩ ଲକ୍ଷ ୪୮ ହଜାର ଟଙ୍କାରେ ୨୦୧୭ରେ ଗବପାଳ-୧ ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀ କରାଯାଇଥିଲା । ଏହି ପ୍ରକଳ୍ପ ମାଧ୍ୟମରେ ଅଞ୍ଚଳର ଏକାଧିକ ଚାଷୀ ଉଭୟ ଖରିଫ ଓ ରବି ଧାନଚାଷ କରିଆସୁଥିଲେ । କିଛି ଦୁର୍ବୃତ୍ତ ଗବପାଳ-୧ ଉଠାଜଳସେଚନ ପାଇଁ ଉଦ୍ଦିଷ୍ଟ ୨୫ କେଭି କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ କୋଏଲ ଚୋରି କରିଛନ୍ତି । ଏ ନେଇ ପ୍ରକଳ୍ପର ଯନ୍ତ୍ରୀ ଓ ଅଧିକାରୀଙ୍କୁ ଅବଗତ କରାଯାଇଛି । ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀ ଓ ପାଣି ପଞ୍ଚାୟତର ସଦସ୍ୟ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି ।



# ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଓ ସରଞ୍ଜାମ ଜବତ

ବୈଶିଙ୍ଗା, ୫।୧(ସମିସ): ବୈଶିଙ୍ଗା ଥାନା ଅଧୀନ ବାମଡାଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମିଳିତ ଭାବେ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ କରାଯାଇ ନଷ୍ଟ କରିଛି ଅବକାରୀ ବିଭାଗ । ବାମଡା ଇଲାକାରେ ଚୋରା ଦେଶୀମଦ କାରଖାନା ଚାଲିଥିବା ଖବରପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କାଣ୍ଡିଙ୍କ ସମେତ ଅବକାରୀ ବିଭାଗର ଉଦଳା, ଖୁଣ୍ଟା, ମୋବାଇଲ ଟିମ ସମେତ ସଶସ୍ତ୍ର ପୁଲିସ



ଫୋର୍ସ ସହାୟତାରେ ସୋମବାର ଅତର୍କିତ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ମଦ ମାଫିଆ ଚମ୍ପଟ ମାରିଥିବାବେଳେ ଅବକାରୀ ବିଭାଗ ସେଠାରୁ ୪ ହଜାର ୭ ଶହ କିଲୋଗ୍ରାମ ଓଜନର ମହୁଲପୋଚ, ୩ ଶହ ୮୦ ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରିଥିଲେ । ଏଥିସହିତ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ମଧ୍ୟ ଜବତ ପୂର୍ବକ ନଷ୍ଟ କରାଯାଇଥିବା ବେଳେ ବିପୁଳ ପରିମାଣର ପ୍ଲାଷ୍ଟିକ ଡ୍ରମ ଓ ଜାର୍କିନ ଜବତ କରାଯାଇଛି । ସେହିଭଳି ବୈଶିଙ୍ଗା ଥାନା ଅଧୀନ ତିଳଦା ଗ୍ରାମରେ ଚଢ଼ଉ କରି ଅଢେଇ ଲିଟରରୁ ଅଧିକ ଚୋରା ବିଦେଶୀମଦ ଜବତ ଘଟଣାରେ ଜଡିତ ଅଭିଯୁକ୍ତ ତିଳଦା ଗ୍ରାମର ରମେଶ ଦେଙ୍କ ପୁଅ ରଣଜିତ ଦେ (୩୯)କୁ ଗିରଫ କରି ସ୍ୱାସ୍ଥ୍ୟ ପରୀକ୍ଷାପରେ ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି । ଏ ନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ବାରିପଦା, ୫ ।୧(ସମିସ):





ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂହ, ରିଜର୍ଭ ପୁଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ଦିବସକୁ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବା ସହ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ ।

ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ମୁଖ୍ୟଅତିଥି ପୂର୍ବାହ୍ନ ୮.୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ ଓ ଉଦବୋଧନ ଦେବେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ , ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ । ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ଭିନ୍ନକ୍ଷମ ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ ପରେ ରକ୍ତଦାନ ଶିବିରରେ ଯୋଗ ଦେବେ । ବୈଠକରେ ଡିଏସପି, ଡିଆଇବି, କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ (ରାସ୍ତା ଓ ଗୃହ), ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ୱାଟକୋ ସାଧାରଣ ପରିଚାଳକ, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମତପୋଷଣ କରିଥିଲେ ।

# ଡାକ୍ତର ସଂଘର ଆନ୍ଦୋଳନ, ରୋଗୀ ହନ୍ତସନ୍ତ



ବାରିପଦା/ରାଇରଙ୍ଗପୁର,୫ ।୧(ସମିସ): ଡିସେମ୍ବର ୨୬ ତାରିଖରୁ ଡାକ୍ତର ସଂଘ (ସଂଖ୍ୟା) ପକ୍ଷରୁ ଘଣ୍ଟା ଲେଖାଏଁ ଓପିଡି କାର୍ଯ୍ୟବନ୍ଦ କରି ଆନ୍ଦୋଳନ ଜାରି ରହିଥିବାବେଳେ ସୋମବାରଠାରୁ ଏହାକୁ ୨ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଆଜି ସକାଳ ୯ଟାଠାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଥିଲେ ଡାକ୍ତର । ୨୦୨୪ ସେପ୍ଟେମ୍ବର ୧୮ଠାରୁ ସରକାରଙ୍କ ନିକଟରେ ୧୮ ଦଫା ଦାବି ରଖିଥିଲୁ, ଯାହା ଆଜି ଯାଏଁ ପୂରଣ ହୋଇପାରିନାହିଁ । ଏଥିପାଇଁ ସେପ୍ଟେମ୍ବର ମାସ ୨୦ ତାରିଖରୁ କଳା ବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ଆନ୍ଦୋଳନ ପୂର୍ବକ ସରକାରଙ୍କ ଜଣାଇଥିଲୁ । ଏହାପରେ ଆମେ ଡିସେମ୍ବର ୨୬ରୁ ୧ ଘଣ୍ଟା ପାଇଁ ଓପିଡିକୁ ବନ୍ଦ ରଖି ସରକାରଙ୍କ ସହ ଆଲୋଚନା ପାଇଁ ଦାବି କରିଥିଲୁ । ଏଥିରେ କୌଣସି ବାଟ ନ ଫିଟିବାରୁ ଆଜିଠାରୁ ସକାଳ ୯ରୁ ୧୧ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ ହୋଇଛି । ଏହାଦ୍ୱାରା ଏନଆରଏଚଏମର ସମସ୍ତ କାର୍ଯ୍ୟ ପ୍ରଭାବିତ ହେବ, ମିଟିଂ କିମ୍ବା ଟ୍ରେନିଂ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେବ । ସରକାର ଦାବି ନ ମାନବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ଡାକ୍ତର ସଂଘ ସଭାପତି ଡା ସୁଭାଷ ଚନ୍ଦ୍ର ନାୟକ ଓ ସମ୍ପାଦକ ତଥା କୋଷାଧ୍ୟକ୍ଷ ଡା ସୌମ୍ୟରଞ୍ଜନ ନାୟକ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ୨୬ଟି ସିଏଚସି, ୮୯ଟି ପିଏଚସି ଓ ୩ଟି ଉପଖଣ୍ଡ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୮ଟି ବିଭାଗରେ କାର୍ଯ୍ୟରତ ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

ସକାଳ THE SAKALA



**ଟୋକନ ଓ କଟ୍‌ନୀ ଛଟ୍‌ନୀ ସମସ୍ୟା**

# ଜିଲ୍ଲାପାଳ କାର୍ଯ୍ୟାଳୟରେ କୃଷକ ସଂଘର୍ଷ ସଂଘର ଧାରଣା

**ଦେବଗଡ଼, ୫।୧(ସମିସ)**

ସରକାରୀ ଆଦେଶରେ ଜିଲ୍ଲାରେ ଧାନ କାଣ୍ଟଛାଣ୍ଟ ଚାଲିଛି। ଫଳରେ ଚାଷୀ ହତାଶ ହୋଇଛନ୍ତି। ଦେବଗଡ଼ ଜିଲ୍ଲାରେ ୫୧ ସେବା ସମବାୟ ସମିତି ଜରିଆରେ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ବିନା କଟଣି ଛଟଣିରେ ଧାନ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ହେଲେ ଅଧିକାଂଶ ମଣ୍ଡିରେ ସେବା ସମବାୟ ସମିତି ସମ୍ପାଦକ ମାନେ ମିଲରଙ୍କ ଦଲାଲ ସାଜି ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ଅଭିଯୋଗ କରିଛି। ସରକାରଙ୍କ ପକ୍ଷରୁ ମଣ୍ଡିରେ କଟଣି ଛଟଣି ବିନା ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଉଥିବା ନେଇ ଡିଣ୍ଡିମ ପିଟା ଯାଉଛି। ମାତ୍ର ମଣ୍ଡିରେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଥିବା ସଙ୍ଘ ଅଭିଯୋଗ କରିଛି। ଏହାର ପ୍ରମାଣ ସ୍ୱରୂପ ରିଆମାଳ ବ୍ଲକ ଅଧୀନ ତାବଡା ଧାନ ମଣ୍ଡିରେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ସାଢ଼େ ୪ କେଜି ଧାନ କଟଣି ଛଟଣି କରାଯାଉଥିବା ଚାଷୀଙ୍କ ଅଭିଯୋଗ ହୋଇଥିଲା। ଖବରପାଇ ସଙ୍ଘର ପ୍ରତିନିଧି ମଣ୍ଡଳ ସେଠାକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଚାଷୀଙ୍କ ଅଭିଯୋଗରେ ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ତାବଡା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ଏନେଇ ପ୍ରତିବାଦ କରିଥିଲେ। ମାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ପାକ୍ସ ସମ୍ପାଦକ ସେମାନଙ୍କୁ କହିଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ଓ ସେବା ସମବାୟ ଉପନିବନ୍ଧକଙ୍କ ନିକଟରେ ସଙ୍ଘ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏଥିସହ ଯେଉଁ ଚାଷୀଙ୍କ ଠାରୁ ଧାନ କଟାଯାଇଛି ସେମାନଙ୍କୁ ଧାନ ଫେରସ୍ତ କରାଯାଉ ନଚେତ ଓଜନରେ ସାମିଲ କରାଯାଉ ଏବଂ ପାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ଦାବି କରାଯାଇଥିଲା। ମାତ୍ର କୌଣସି ଦାବି ପୂରଣ ନହେବାରୁ ଆଜି ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିଲେ। ସମସ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ଏବଂ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତେବେ ଅପରାହ୍ଣରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଏସଡପିଓ ରମେଶ ମାହାନା, ଜିଲ୍ଲା ଯୋଗାଣ ଅଧିକାରୀ କେଦାର ନାୟକ, ସମବାୟ ନିବନ୍ଧକ ଭୀମସେନ ସାହୁ, ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସହ କୃଷକ ସଂଘର୍ଷ ସଙ୍ଘର ଆଲୋଚନା ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଗୁଣନିଧି ବେହେରା, ଦେବରାଜ ପ୍ରଧାନ, ସୁରେଶ ସାହୁ, ଲମ୍ବୋଦର ମାଝୀ, ଓ ତୀର୍ଥବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





**ପ୍ରଶାସନିକ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**

## ଟୋକନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଝାରସୁଗୁଡ଼ା:** ଟୋକନ ସମସ୍ୟା ଦୂରୀକରଣ ନେଇ ଝାରସୁଗୁଡ଼ାରେ ଜିଲ୍ଲାପାଳଙ୍କୁ ଲଖନପୁର ବ୍ଲକ ଭଇଁରଖୋଲ ସେବା ସମବାୟ ସମିତିର ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ଧାନ ବିକ୍ରି ପାଇଁ ଆବଶ୍ୟକ ଟୋକନ ଏପର୍ଯ୍ୟନ୍ତ ମିଳି ନଥିବା ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରିଛନ୍ତି। ଚାଷ କରି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ ହେଁ ଆବଶ୍ୟକ ପରିମାଣର ଟୋକନ ନ ମିଳି କମ ଟୋକନ ମିଳିଥିବା ଚାଷୀ ପ୍ରକାଶ କରିଛନ୍ତି। ୧୦୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ କେବଳ ୭୫ କ୍ୱିଣ୍ଟାଲର ଟୋକନ ଆସିଛି। ଯେଉଁମାନେ କମ ପରିମାଣର ଜମି ରେଜିଷ୍ଟ୍ରେସନ କରିଛନ୍ତି ସେମାନଙ୍କର ମଧ୍ୟ ଆବଶ୍ୟକ ପରିମାଣର ଟୋକନ ଆସିନାହିଁ। ଫଳରେ ଚାଷୀ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଯଦି ଶୀଘ୍ର ଚାଷୀଙ୍କୁ ଆବଶ୍ୟକ ପରିମାଣର ଟୋକନ ଯୋଗାଇ ଦିଆ ନଯାଏ ତେବେ ଚାଷୀ ନିଜ କଷ୍ଟ ଉତ୍ପାଦିତ ଫସଲକୁ ଅତି କମ ଦରରେ ଦଲାଲଙ୍କ ହାତରେ ଟେକି ଦେବାକୁ ବାଧ୍ୟ ହେବେ ବୋଲି ଜିଲ୍ଲାପାଳଙ୍କ ନିକଟରେ କହିଛନ୍ତି। ଏଣୁ ଯଥାଶୀଘ୍ର ଚାଷୀଙ୍କୁ ଉପଯୁକ୍ତ ପରିମାଣର ଟୋକାନ କିପରି ମିଳି ପାରିବ ସେଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆଲୋଚନା କରି ସମାଧାନର ବାଟ ବାହାର କରାଯିବ ବୋଲି ଜିଲ୍ଲାପାଳ ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ଅବସରରେ ଚାଷୀ ଶିବୁ ପ୍ରଧାନ, ସରୋଜ ପ୍ରଧାନ, ଝସକେତନ ବିଶ୍ୱାଳ, ଶିବାଜୀ ବେହେରା, ଯୁଗେଶ କାଲୋ, କୃଷ୍ଣ ପଧାନ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସରକାରୀ ଘୋଷଣା ପ୍ରହସନ**

## ବିନା ଓଜନରେ ମିଲ୍‌କୁ ଯାଉଛି ଧାନ

**ଝାରସୁଗୁଡ଼ା, ୫।୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଆନ୍ଦୋଳନ ଏବଂ ବାରମ୍ବାର ଦାବି ପରେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳିଛି। ବିଭିନ୍ନ ଏସଏଚଜି ଜରିଆରେ ବର୍ତ୍ତମାନ ଧାନ କିଣା ଚାଲିଥିବା ବେଳେ କୁଲିହାମାଲ ଠାରେ ଧାନ କିଣା ସମୟରେ ଏସଏଚଜି ପକ୍ଷରୁ ବିନା ଓଜନରେ ଧାନ ସିଧାସଳଖ ମିଲ୍‌କୁ ଯାଉଥିବା ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅଧୀନ କୁଲିହାମାଲରେ ମାଁ ଜଗଦମ୍ବା ମହିଳା ଏସଏଚଜି ଜରିଆରେ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଧାନ କିଣା ଯାଉଛି। କିନ୍ତୁ ଧାନମଣ୍ଡିରେ ଓଜନ ମେସିନର ଦେଖାନାହିଁ। ଆଜି ପର୍ଯ୍ୟନ୍ତ ଏହି ମଣ୍ଡିରେ ୧ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ କ୍ରୟ ହୋଇ ସାରିଛି। ମଣ୍ଡିରେ ବିନା ଓଜନରେ ଧାନ ସିଧାସଳଖ ମିଲକୁ ଯାଉଥିବା ଅଭିଯୋଗ ହୋଇଛି। ମଣ୍ଡିରେ କ୍ୟାମେରା ଲାଗିଛି ତଥାପି ପ୍ରଶାସନ କିପରି ଏହିପରି ବଡ଼ ବ୍ୟତିକ୍ରମ ବିଷୟରେ ଜାଣି ପାରୁନାହିଁ ତାହା ତଦନ୍ତ ସାପେକ୍ଷ। ଧାନ କ୍ରୟ କେନ୍ଦ୍ରରେ ହିଁ ଓଜନ ହେବ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ସରକାରୀ ଘୋଷଣା କୁଲିହାମାଲ ମଣ୍ଡିରେ ଏକ ପ୍ରହସନ ପାଲଟିଛି। ବେପାରୀ ମାନେ ଏଥିରେ ବିଶେଷ ଭାବେ ଲାଭବାନ ହେଉଛନ୍ତି। ଅନ୍ୟପକ୍ଷେ ପ୍ରକୃତ ଚାଷୀଙ୍କୁ ସିଧାସଳଖ ମିଲକୁ ଧାନ ନେବାକୁ ପଡୁଛି; କିମ୍ବା କମ୍ ଦରରେ ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ଫଳରେ କୁଲିହାମାଲ ପଞ୍ଚାୟତର ଚାଷୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଶୋଷଣର ଶିକାର ହେଉଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ମହିଳା ଏସଏଚଜି ଧାନ ଓଜନ ନ କରି ମଧ୍ୟ ଧାନର ଶ୍ରମିକ ପାଉଣା ସରକାରଙ୍କ ଠାରୁ ପାଇବେ। ଆରଏମସି ପକ୍ଷରୁ ନିୟୋଜିତ ଧାନ ନିରୀକ୍ଷକ ମଧ୍ୟ ଧାନର ମାନ ପରୀକ୍ଷା ନ କରି ବିନା କାମରେ ଦରମା ପାଇବେ। ଏନେଇ ସିଏସଓ ଦୁର୍ଗା ଚରଣ ବେସରାଙ୍କୁ ମତାମତ ପାଇଁ ସମ୍ପର୍କ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ତୈଳିକ ବୈଶ୍ୟ ସମାଜର ପ୍ରତିଷ୍ଠା ଦିବସ




**ଇବ୍‌ଥର୍ମାଲ, ୫।୧(ସମିସ):** ତୈଳିକ ବୈଶ୍ୟ ସମାଜର ୨୦ତମ ପ୍ରତିଷ୍ଠା ଦିବସ ବନ୍ଧବାହାଲ ସ୍ଥିତ ଏମସିଏଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ବାର୍ଷିକ ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସମ୍ପାଦକ ପ୍ରଶାନ୍ତ ସାହୁ ୨୦୨୫ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଙ୍ଗଠନର ବାର୍ଷିକ ଖର୍ଚ୍ଚ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାପରେ ସଙ୍ଗଠନର ଚଳିତ ବର୍ଷ ପାଇଁ କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଦେବରାଜ ସାହୁ, ଉପସଭାପତି ବସନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ ସାହୁ, ସହସମ୍ପାଦକ ଭୀମସେନ ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ପୁଞ୍ଜି ପ୍ରଭାରୀ ଭାବେ ଅରବିନ୍ଦ ସାହୁ, ରାଜକିଶୋର ସା, ସତ୍ୟାନନ୍ଦ ସାହୁ, ସଞ୍ଜୟ ସାହୁଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା କମିଟିରେ ଲକ୍ଷ୍ମୀକାନ୍ତ ସାହୁ, ରବି ସାହୁ, ତ୍ରିଲୋଚନ ସାହୁ, ରବୀନ୍ଦ୍ର ସା, ଗୌରଙ୍ଗ ସାହୁ ପ୍ରମୁଖ ରହିଛନ୍ତି। ମୁଖ୍ୟ ପୃଷ୍ଠପୋଷକ ଭାବେ ଲକ୍ଷ୍ମୀକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଚକା ଫାଟି ଅଟକିଲା ଗଞ୍ଜେଇ ବୋଝେଇ ଗାଡ଼ି

ଦେବଗଡ଼, ୫।୧(ସମିସ): ଫିଲ୍ମ ଷ୍ଟାଇଲରେ ପୁଲିସ ଗାଡିକୁ ଧକ୍କା ଦେଇ ଚୋରା ଗଞ୍ଜେଇ ବେପାରୀ ଫେରାର ହେବା ପରେ ଚକା ଫାଟିବାରୁ ଅଧା ବାଟରେ ଗଞ୍ଜେଇ ବୋଝେଇ ଗାଡ଼ି ଅଟକିଛି। ଏଭଳି ଏକ ଘଟଣା ଘଟିଛି ଦେବଗଡ଼ ପୌରାଞ୍ଚଳ ଅଧୀନ ଦେବଗଡ଼-ରିଆମାଳ ୫୩ ନମ୍ବର ଜାତୀୟ ରାଜପଥରେ। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଅଞ୍ଚଳରୁ ଏକ ସ୍କର୍ପିଓ ଗାଡ଼ି ଯୋଗେ ଦେବଗଡ଼ ପଟକୁ ବେଆଇନ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଦେବଗଡ଼ ପୁଲିସକୁ ସୂଚନା ମିଳିଥିଲା। ତେଣୁ ପୁଲିସ ଦଳ ଦେବଗଡ଼-ରିଆମାଳ ୫୩ ନମ୍ବର ଜାତୀୟ ରାଜପଥରେ ଛକି ରହିଥିଲା। ସେହି ସମୟରେ ବେଆଇନ ଗଞ୍ଜେଇ ବୋଝେଇ ଗାଡ଼ିଟି ରିଆମାଳ ପାରିହୋଇ ଦେବଗଡ଼ ପଟକୁ ଆସିଥିଲା। ସୂଚନା ପାଇ ରିଆମାଳ ଥାନା ଅଧିକାରୀ ବିନୟ କେରକେଟ୍ଟା ଏହାକୁ ପିଛା କରୁଥିଲେ। ଏଣେ ଦେବଗଡ଼ ଥାନା ପୁଲିସ ଚିକିଣିଘାଟି ଦୁର୍ଗା ମନ୍ଦିର ନିକଟରେ ଗାଡ଼ିଟିକୁ ଅଟକାଇବା ନିମନ୍ତେ ରାସ୍ତା ଅବରୋଧ କରିଥିଲା। କିନ୍ତୁ ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓଟି ଅଟକିବା ପରିବର୍ତ୍ତେ ପୁଲିସ ବିଭାଗର ପିସିଆରକୁ ଧକ୍କା ଦେଇ ଫେରାର ହୋଇଥିଲା। ତେବେ ସେହି ଗାଡ଼ିର ବାମ ପାର୍ଶ୍ୱ ପଛ ଚକାରେ ପୁଲିସ ପିସିଆର ଗାଡିର ଫୁଟ୍‌ରେଷ୍ଟ ପଶିଯାଇ ତାର ଚକ ଫାଟିଯାଇଥିଲା। ଯଦ୍ୱାରା ଗାଡ଼ିଟି ଅଧିକ ଦୂରକୁ ଯାଇ ନପାରି ମୋହିନୀପୁର ଛକ ନିକଟରେ ଅଟକି ଯାଇଥିଲା। ଏହାପରେ ଗାଡିରେ ଥିବା ନିଶା ବେପାରୀ ମାନେ କୌଣସି ଉପାୟ ନପାଇ ଗାଡ଼ିକୁ ଛାଡି ଫେରାର ହୋଇଥିଲେ। ସେପଟେ ନିଶା ବେପାରୀଙ୍କ ଗାଡି ଧକ୍କାରେ ପୁଲିସ ପିସିଆରରି ଆଂଶିକ କ୍ଷତି ହୋଇଥିବା ବେଳେ ପୁଲିସ କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି। ସୂଚନା ପାଇ, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଘଟଣା ସ୍ଥଳରେ ପହଞ୍ଚି ଗଞ୍ଜେଇ ବୋଝେଇ ସ୍କର୍ପିଓକୁ ଜବତ କରିଥିଲେ। ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡ଼ିରେ ଥିବା ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ମୋଟ ୧୦୬ କେଜି ଗଞ୍ଜେଇ ରହିଥିବା ଜଣା ପଡ଼ିଥିଲା। ଗାଡିରୁ ଗଞ୍ଜେଇ ସହ ଗୋଟିଏ ୱାକିଟକି ଓ ଉକ୍ତ ସ୍କର୍ପିଓକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଜବତ କରି କୋର୍ଟକୁ ପଠାଇଛି। ତେବେ ସ୍କର୍ପିଓରେ ଲାଗିଥିବା ନମ୍ବର ପ୍ଲେଟ ଟି ଜାଲ ବୋଲି ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି। ଘଟଣାରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



**ଫିଲ୍ମ ଷ୍ଟାଇଲରେ ପୁଲିସ ଗାଡିକୁ ଧକ୍କାଦେଇ ଫେରାର୍ ହୋଇଥିଲା**
**ଏକ କ୍ୱିଣ୍ଟାଲ ୬ କେଜି ଗଞ୍ଜେଇ ସହ ୱାକି ଟକି ଓ ଗାଡ଼ି ଜବତ**

## ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

**ଦେବଗଡ଼, ୫।୧(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୬ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୦ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ଧାନ ବିକ୍ରିର ଟୋକନ୍ ପାଇବା ସମ୍ବନ୍ଧରେ, ପାନୀୟ ଜଳ, ଘରବାରି ପଟ୍ଟା ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ‘ସନ୍ଥ କବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦର ଚେତନା’ ଶୀର୍ଷକ ଆଲୋଚନାଚକ୍ର

**ଦେବଗଡ଼, ୫।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥିତ ସନ୍ଥକବି ଭୀମ ଭୋଇ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ସହଯୋଗରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ କାର୍ଯ୍ୟାଳୟ ପରିସରରେ ସୋମବାର ‘ସନ୍ଥ କବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦର ଚେତନା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସନ୍ଥ କବି ଭୀମ ଭୋଇ ମେମୋରିଆଲ ଟ୍ରଷ୍ଟର ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ନାଗରିକ ଫୋରମର ସହ ସମ୍ପାଦକ ଅଶୋକ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର ଓ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସ୍ୱାମୀ ମଦନ ବାବା ଓ ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଅଖିଳ ବିଶ୍ୱାଳ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗାଳ୍ପିକ, ସାହିତ୍ୟିକ, କବି ଓ କବୟିତ୍ରୀ ମାନେ ସନ୍ଥ କବିଙ୍କ ମହାନ କାବ୍ୟ କୃତୀ ଓ ସାହିତ୍ୟରେ ରହିଥିବା ମାନବବାଦର ଚେତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସମ୍ପାଦକ ଗୌରହରୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ସାଧନା, ପୁସ୍ତକ ପ୍ରକାଶନ, ପ୍ରକୃତି ବର୍ଣ୍ଣନା ଏବଂ ସାମାଜିକ ଚେତନା ଧର୍ମୀ ରଚନା ନିମନ୍ତେ ପ୍ରସିଦ୍ଧ ଦେବଗଡ଼ର ସାହିତ୍ୟିକ ପ୍ରଫୁଲ୍ଲ ମହାପାତ୍ରଙ୍କୁ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ଓ ବିଶ୍ୱଶ୍ରଷ୍ଟା ଗଠନ ଭବନ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ନାଗରିକ କମିଟିର ସଭାପତି ସୁଶୀଳ କପରଦାର, ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ବିଶ୍ୱଶ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠାତା ଭ୍ରାତୃ ପ୍ରଫୁଲ୍ଲ, ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ସାହିତ୍ୟିକ ଫକୀର ମୋହନ ଦେହୁରୀ, ବେହେରା, ସୁରଥୀ ପ୍ରଧାନ, ନିରଞ୍ଜନ ଦ୍ୱିବେଦୀ, ଦୁଃଖବନ୍ଧୁ ବେହେରା, ଡକ୍ଟର ଭାରତ ଭୂଷଣ ନନ୍ଦ, ଲଳିତ ମୋହନ ସାହୁ, ଅଧ୍ୟାପକ ଚିତରଞ୍ଜନ ଦାସ, କାହ୍ନୁଚରଣ ପ୍ରଧାନ, ଉଦୟନାଥ ପ୍ରଦାନ, ବିଜୟ ଗୋଏଲ, ଲକ୍ଷ୍ମୀଧର ମିଶ୍ର, ସୁରଭୀ ନନ୍ଦ, ମିନାକ୍ଷୀ ମିଶ୍ର, ପ୍ରଣତି ମିଶ୍ର, ଜିଲ୍ଲା ଯୁବ କେତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ଜିଲ୍ଲା ମହିଳା ଏକତା ମଞ୍ଚର ସଦସ୍ୟା ରାଜଶ୍ରୀ ପାତ୍ର ଓ ରଞ୍ଜିତା ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଓ ଜନସାଧାରଣ ଉପସ୍ଥିତ ଥିଲେ।



## ଠରକଶପୁରରେ ରୁଦ୍ରମହାଯଜ୍ଞ, ତତ୍ତ୍ୱ ରାମଚରିତ ମାନସ ଓ ଜ୍ଞାନଯଜ୍ଞ ଆରମ୍ଭ

**ଝାରସୁଗୁଡ଼ା, ୫।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଙ୍ଗ ପଞ୍ଚାୟତ ଅଧୀନ ଠରକଶପୁର ଗାଁ ସ୍ଥିତ ଶ୍ରୀଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଷଷ୍ଠ ତମ ରୁଦ୍ର(ଶିବ) ମହାଯଜ୍ଞ, ତତ୍ତ୍ୱ ରାମଚରିତ ମାନସ ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି। ସୋମବାର ୧୫୧ କଳସ ଯାତ୍ରା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ଅପରାହ୍ଣ ୫ଟାରୁ ସତସଙ୍ଗ ରାମକଥା ଓ ରାତ୍ରି ୮ଟାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଆସନ୍ତା ବୁଧବାର ଠାରୁ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ରୁଦ୍ର ମହାଯଜ୍ଞ ଶିବତତ୍ତ୍ୱ ଶ୍ରୀରାମକଥା ଜ୍ଞାନଯଜ୍ଞର ପ୍ରଥମ ଦିନରେ ଠରକଶପୁର ସ୍ଥିତ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଜନାରଣ୍ୟ ହୋଇଉଠିଥିଲା। କର୍ତ୍ତା ଭାବେ ଗୌରା ପ୍ରଧାନ ଓ ଚନ୍ଦ୍ରିକା ପ୍ରଧାନ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ପଣ୍ଡିତ ରମାକାନ୍ତ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିର ପୂଜକ ନବୀନ ମହାପାତ୍ର ସହଯୋଗ କରିଥିଲେ। ସାର୍ବଜନୀନ ଶିବ ତଥା ଶ୍ରୀରାମ କୃପା ପରିଷଦ ଶ୍ରୀ ଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଠରକଶପୁର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ମଞ୍ଜୁରି ବଳଦେବଜୀଉ ଆଶ୍ରମରୁ ଆସିଥିବା ବାଣୀ ସେବକ ସନ୍ତ ହିମାଂଶୁ ଭୂଷଣ ଦାସ ମହାରାଜଙ୍କ ଦ୍ୱାରା ସତସଙ୍ଗ ଶ୍ରୀରାମ କଥାମୃତ ଅନୁଷ୍ଠିତ ହୋଇଥିଲା। ଭକ୍ତ ମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଜାନୁଆରୀ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଜ୍ଞାନଯଜ୍ଞ ତଥା ପ୍ରବଚନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆଖପାଖ ଅଞ୍ଚଳର ଅନେକ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭକ୍ତ ମାନେ ବହୁମାତ୍ରାରେ ଶ୍ରୀରାମ କଥାମୃତ ଶ୍ରବଣ କରିଥିଲେ। ରାଜେଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଦେବଗଡ଼, ୫।୧(ସମିସ):** ତିଳେଇବଣି ବ୍ଲକ କଳାମାଟି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ଶୀତ କାଳୀନ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ସିକନ୍ଦର ନିଷଦଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା କରିଥିଲେ। ବିଦ୍ୟାଳୟର ଉପ ଅଧିନାୟିକା ସାଇନା ଗର୍ତିଆ ବାର୍ଷିକ କ୍ରୀଡାର ଶପଥ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ କ୍ରୀଡା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡାକୁ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଡୋମନ ଏକ୍କାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଦେବଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି, ତିଳେଇବଣି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାମଚନ୍ଦ୍ର ସୋରେନ କ୍ରୀଡ଼ାର ବହୁମୁଖୀ ଦିଗ ଓ ଏହାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହାନ୍ତ ମଞ୍ଚାସୀନ ଥିଲେ। ଅଧ୍ୟାପକ ମନୋରଞ୍ଜନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକରଞ୍ଜନ ବିଶ୍ୱାଳ ଓ ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ମନୋରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ବୈଠକ

**ଦେବଗଡ଼, ୫।୧(ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ସୋମବାର ସଭାପତି ଡ.ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଦେଶରେ ପ୍ରଦୂଷଣ ବୃଦ୍ଧି ପାଇଥିବା ବେଳେ ଆସନ୍ତା ମକର ସଙ୍କ୍ରାନ୍ତି ଅବସରରେ ଜିଲ୍ଲାର ବିଭିନ୍ନ ରାସ୍ତା ମଝିରେ ମକର ହୁଲ ନ କରିବା ସହ ହୁଲ ମଧ୍ୟରେ ଟାୟାର ନ ଜାଳିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ମତପ୍ରକାଶ ପାଇଥିଲା। ପୁରୁଣା ମେଡିକାଲରେ ଏକ୍ସରେ ମେସିନ କାର୍ଯ୍ୟକ୍ଷମ କରିବା ସହ ରୋଗୀଙ୍କର ରକ୍ତ ପରୀକ୍ଷା ବ୍ୟବସ୍ଥା କରିବା ପାଇଁ ଫୋରମ ପକ୍ଷରୁ ଦାବି କରାଯାଇଛି। ସେହିପରି ଦେବଗଡ଼ ସହରର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଏଦିଗରେ ଜିଲ୍ଲା ପ୍ରଶାସନ ଓ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ରିଆମାଳ ବ୍ଲକର ବରିଷ୍ଠ ନାଗରିକ ମାନେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ଏକ ଅଂଶ ଭାବେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ବରିଷ୍ଠ ନାଗରିକ ସୁଦର୍ଶନ ଦାଶ, ଉଦୟ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଗିରିଜା ନାଏକ, ଘନଶ୍ୟାମ ଦ୍ୱିବେଦୀ, ବିମଳ ଦ୍ୱିବେଦୀ, ଗିରିଜା ଦେବ, ଭାଗୀରଥି ଦ୍ୱିବେଦୀ, ପୁର୍ଣ୍ଣଚନ୍ଦ୍ର ମିଶ୍ର, ବିଭୂତି ଗଙ୍ଗଦେବ, ସରୋଜ ସାହୁ, ଅଶୋକ ମିଶ୍ର, ବିଜୟ ମହାନ୍ତି, ସୁଶୀଲ କପରଦାରଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଫୋରମର ସମ୍ପାଦକ ଗୌରହରି ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।



# ସାଂସ୍କୃତିକ ମହାକୁମ୍ଭ ‘ଧୁଲଧୁଲି ୨୦୨୬’ ଉଦ୍‌ଯାପିତ

**ଝାରସୁଗୁଡ଼ା, ୫।୧(ସମିସ)**

ଜିଲ୍ଲାର ପ୍ରସିଦ୍ଧ ୫ ଦିନିଆ ସାଂସ୍କୃତିକ ମହୋତ୍ସବ ‘ଧୁଲଧୁଲି-୨୦୨୬’ ଏବଂ ଏଥିସହିତ ଆୟୋଜିତ ସ୍ୱଦେଶୀ ଓ ପଲ୍ଲିଶ୍ରୀ ମେଳା ସୋମବାର ଏକ ଭବ୍ୟ ଉଦ୍‌ଯାପନୀ ସମାରୋହ ସହ ସମାପ୍ତ ହୋଇଯାଇଛି। ଜିଲ୍ଲାର କଳା, ସଂସ୍କୃତି ଏବଂ ବାଣିଜ୍ୟକୁ ନୂତନ ପରିଚୟ ଦେଇଥିବା ଏହି ୫ ଦିନିଆ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ଜନସମୁଦ୍ରର ସୁଅ ଛୁଟିଥିଲା। ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଜି.ରାଘବେନ୍ଦ୍ର ରେଡ୍ଡୀ, ବିଭାଗୀୟ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି ଏବଂ ଲାଇକେରା ବ୍ଲକର ଅଧ୍ୟକ୍ଷ ସଞ୍ଜିତ ନାୟକ ସମ୍ମାନିତ ଅତିଥି ଏବଂ ପଦ୍ମଶ୍ରୀ ଗୁରୁ ଭାଗବତ ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବର ସଫଳ ଆୟୋଜନ ପାଇଁ ସହଯୋଗ କରିଥିବା ପ୍ରଯୋଜକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଏସ୍ସିଲନ୍ କାର୍ବନ କମ୍ପାନୀର ସିଏସଆର ମୁଖ୍ୟ ଋତୁପର୍ଣ୍ଣା ଦେ, ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡର ପ୍ଲାଣ୍ଟ ହେଡ୍ ଚରଣ ଜେନା, ଏନଟିପିସି ଦର୍ଲିପାଲିର ଜେନେରାଲ ମ୍ୟାନେଜର ରବୀନ୍ଦ୍ର ଶର୍ମା ଏବଂ ଟିଆରଏଲ କ୍ରୋସାକିର ଉପସଭାପତି ସୁଶାନ୍ତ ଦାସ ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଝାରସୁଗୁଡ଼ା ଉପରେ ଆଧାରିତ ଝାରସୁଗୁଡ଼ା ଗାଥା ସଙ୍ଗୀତର ସ୍ରଷ୍ଟା ମନ୍ଦାକିନୀ ଶତପଥୀ, ଆର୍‌ଏସ ଏକାଡେମୀର ରାଜଶ୍ରୀ ତ୍ରିପାଠୀ ତଥା ତାଙ୍କ ସହଯୋଗୀ ଏଇତ ଜୀବନ ଫାଉଣ୍ଡେସନର ସୁଜାତା ମିଶ୍ର ଏବଂ ଅଭିନବ କଳା ମନ୍ଦିରର ମଳୟ ବିହାରୀ ନାୟକ ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ତେବେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମହୋତ୍ସବର ଶେଷ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲେ। ତାଙ୍କର ସଙ୍ଗୀତ ଯାଦୁରେ ଦର୍ଶକ ବେଶ୍ ମନ୍ତ୍ରମୁଗ୍ଧ ହୋଇଥିଲେ। ଏଥିସହ ଡ୍ରୋନ୍ ଲେଜର ଶୋ’ ମାଧ୍ୟମରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଭବ୍ୟ ପ୍ରଦର୍ଶନ କରାଯାଇଥିଲା। ପାରମ୍ପରିକ କିଷାନ ନୃତ୍ୟ, ଝୁମର ନାଚ ଏବଂ ପଶ୍ଚିମବଙ୍ଗର ବିଶ୍ୱପ୍ରସିଦ୍ଧ ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ଆସାମର ଶାସ୍ତ୍ରୀୟ ସତ୍ରିୟା ଓ ଆସାମିଜ୍ ଫ୍ୟୁଜନ ସାଙ୍ଗକୁ ରାଜସ୍ଥାନର ଲୋକପ୍ରିୟ ଘୁମର ଓ କାଲବେଲିଆ ଏବଂ ଜମ୍ମୁର ଗୀତଡୁ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

**ଶେଷ ସନ୍ଧ୍ୟାରେ ଭାରତୀୟ କଳା ଓ ସଂସ୍କୃତିର ପ୍ରତିଫଳନ**

**ଅସୀମା ପଣ୍ଡାଙ୍କ ସଙ୍ଗୀତ ଓ ଡ୍ରୋନ୍ ଲେଜର ଶୋ’ ମୁଖ୍ୟ ଆକର୍ଷଣ**



**ମିଲର୍ସଙ୍କ ଆନ୍ଦୋଳନରେ ପେଶି ହେଉଛନ୍ତି ଚାଷୀ**

# ବ୍ଲକ୍‌ର ୨୩ ମଣ୍ଡିରୁ ଉଠୁନି ଧାନ





**କୋକସରା, ୫।୧(ସମିସ)**

କଳାହାଣ୍ଡି ଜିଲ୍ଲାରେ ମଣ୍ଡି ଆରମ୍ଭ ଦିନ ଠାରୁ ବହୁ ସମସ୍ୟା ଦେଖା ଦେଇଥିବା ବେଳେ ଅନେକ ବିଳମ୍ବରେ ମଣ୍ଡି ଆରମ୍ଭ ହୋଇଥିଲା। ଏବେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ମଣ୍ଡିରେ ଚାଷୀ ଧାନ ବିକ୍ରୀ କରି ନ ପାରି ଶୀତ କାକରରେ ପେଶି ହେଉଛନ୍ତି। ଏଫସିଆଇ ମିଲର୍ସଙ୍କ ଷ୍ଟକ୍ ଥିବା ଚାଉଳ ଉଠାଉ ନଥିବାରୁ ଗୋଦାମରେ ଜାଗା ଖାଲି ନଥିବାରୁ ସେମାନେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାନ ଉଠାଣ ବନ୍ଦ କରିବା ପାଇଁ ଆନ୍ଦୋଳନ କରିଛନ୍ତି। ଏଥି ଯୋଗୁଁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ମଧ୍ୟ ୨୩ ଧାନ ମଣ୍ଡିରୁ ଧାନ କ୍ରୟ ବନ୍ଦ ହୋଇଛି। ଯୋଗାଣ ବିଭାଗର ସୂଚନା ଅନୁସାରେ ବ୍ଲକରେ ମୋଟ୍ ୨୩ ଧାନ ମଣ୍ଡି ରହିଛି। ସେଥିମଧ୍ୟରୁ ୬ଟି ପ୍ୟାକ୍ସ ଧାନକ୍ରୟ କରୁଥିବା ବେଳେ ଗୋଟିଏ ଏସ୍‌ଏଚ୍‌ଜି ଗ୍ରୁପ କ୍ରୟ କରୁଛି। ଧାନ ବିକ୍ରି ନିମନ୍ତେ ବ୍ଲକର ୧୩ ହଜାର ୧ ଶହ ୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୬ ହଜାର ୬ ଶହ ୬୯ ଜଣ ଚାଷୀ ବିଭିନ୍ନ ମଣ୍ଡିରେ ନିଜର ଧାନ ବିକ୍ରୀ କରିପାରିଛନ୍ତି। ସୋମବାର ସୁଧା ୩ ଲକ୍ଷ ୧ ହଜାର ୪୯୫.୭ କୁଇଣ୍ଟାଲ ଧାନ କ୍ରୟ ହୋଇ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୭ଟି ମୁଖ୍ୟ ମଣ୍ଡି ଥିବାବେଳେ ୧୭ଟି ସବ୍ ମଣ୍ଡି ରହିଛି। ଏଥିମଧ୍ୟରୁ ଝରିଆଗୁଡା, ରେଙ୍ଗାଲପାଲି, ମୁଖାପାଲି, କାଶୀବାହାଲ, ବଡପୋଡଗୁଡା, ବରାଡଙ୍ଗା, ଖୁଣ୍ଟିଆ ଆଦି ଖୋଲା ମଣ୍ଡି ରହିଛି। ତେବେ ମିଲର୍ସମାନଙ୍କ ଆନ୍ଦୋଳନ ଯୋଗୁଁ ଏସବୁ ମଣ୍ଡି ଗୁଡିକରେ ହଜାର ହଜାର କୁଇଣ୍ଟାଲ ଧାନ ଉଠାଣ ହୋଇ ପାରିନଥିବାରୁ ଚାଷୀ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଏପଟେ ଆସନ୍ତା ସପ୍ତାହରେ କେନାଲ ପାଣି ଛାଡ଼ିବାକୁ ଥିବାବେଳେ ଚାଷୀମାନେ ଖରିଫ ଧାନ ବିକ୍ରି କରି ନାହାନ୍ତି। କେବେ ଧାନ ବିକ୍ରୀ କରିବେ ଓ ରବିଧାନ ପାଇଁ ପ୍ରସ୍ତୁତି କରିବେ ତାହା ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଏଣେ ଧାରକରଜ ବ୍ୟାଙ୍କ ଋଣ ଆଣି ଚାଷ କରିଥିବା ଚାଷୀ ଧାନ ବିକ୍ରୀ କଲେ ସୁଝିବେ ବୋଲି ଆଶା କରିଛନ୍ତି। ବର୍ତ୍ତମାନ ଅଞ୍ଚଳରେ ହାଡ଼ଭଙ୍ଗା ଶୀତ ଜାରି ରହିଥିବାବେଳେ ଧାନ ବିକ୍ରୀ କରିବା ପାଇଁ ମଣ୍ଡିରେ ଚାଷୀମାନେ ଶୀତ କାକରରେ ପଡ଼ି ରହିଥିବା ଅଭିଯୋଗ କରିଛନ୍ତି। ଏଣେ କେବେ ମିଲର୍ସଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେବ ଓ କେବେ ଧାନ ଉଠାଣ ହେବ ତାହା ଆଶା ଆଶଙ୍କାରେ ରହିଛି। ଏନେଇ କୋକସରା ଯୋଗାଣ ନିରିକ୍ଷକ ଜଗାରାମ ମୁର୍ମୁଙ୍କୁ ପଚାରିବାରୁ ମିଲର୍ସ ମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ହୋହ୍ଲାଇଛନ୍ତି, ତାଙ୍କ ଗୋଦମରେ ଥିବା ଚାଉଳ ଉଠାଣ ହେଲେ ଧାନ ଉଠାଇବା ପାଇଁ ଅଡ଼ି ବସିଥିବା କହିଛନ୍ତି।

**ଶବ ବ୍ୟବଚ୍ଛେଦ ଗୃହ ଅବସ୍ଥା ବେହାଲ**

# ବିଦ୍ୟୁତ୍ କି ପାନୀୟ ଜଳ ବ୍ୟବସ୍ଥା ନାହିଁ

**କୋମନା, ୫।୧(ସମିସ):** ସରକାର ସ୍ୱାସ୍ଥ୍ୟ ସେବା ଏବଂ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କୁହାଯାଉଛି। କୋମନା ବ୍ଲକର ଶବ ବ୍ୟବଚ୍ଛେଦ ଗୃହ ଏବେ ଅବହେଳାର ଚରମ ସୀମାରେ ପହଞ୍ଚିଛି। ମୃତ୍ୟୁ ପରେ ମଧ ଶବକୁ ସମ୍ମାନ ମିଳିବା ପରିବର୍ତ୍ତେ ଏଠାରେ ଅତ୍ୟନ୍ତ ଅଭାବନୀୟ ପରିବେଶ ମଧ୍ୟରେ ବ୍ୟବଚ୍ଛେଦ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଶବ ବ୍ୟବଚ୍ଛେଦ ଗୃହର ମୁଖ୍ୟ ଦ୍ୱାର ସମ୍ମୁଖରେ ପ୍ଲାଷ୍ଟିକ୍ ବୋତଲ ଓ ଅଳିଆ ଆବର୍ଜନା ଜମା ହୋଇରହିଛି। ଗୃହର କାନ୍ଥଗୁଡ଼ିକ ଶିଉଳି ଧରି ବିକୃତ ହୋଇଗଲାଣି। ଚାରିପାଖରେ ଅନାବନା ଘାସ ଓ ବୁଦା ମାଡ଼ିଯାଇ ଭୟଙ୍କର ପରିବେଶ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରରେ ଦୀର୍ଘ ଦିନ ହେବ ବିଦ୍ୟୁତ୍ ସଂଯୋଗ ନାହିଁ। ଅନ୍ଧାରରେ ଟର୍ଚ୍ଚ ଲାଇଟ୍ ସାହାଯ୍ୟରେ ଅତି କଷ୍ଟରେ କାର୍ଯ୍ୟ ସମ୍ପାଦନ କରାଯାଉଛି। ଏହା ବ୍ୟତୀତ ବ୍ୟବଚ୍ଛେଦ ପାଇଁ ପାଣିର ଆବଶ୍ୟକତା ଥିଲେ ମଧ ଏଠାରେ ପାଣି ଯୋଗାଣର ବ୍ୟବସ୍ଥା ନାହିଁ। ଚାରିଆଡେ ଗନ୍ଧମୟ ପରିବେଶ ଯୋଗୁଁ ମୃତକଙ୍କ ସମ୍ପର୍କୀୟମାନେ ଏଠାରେ ଛିଡ଼ା ହେବା ମଧ କଷ୍ଟକର ହୋଇପଡୁଛି। ଏଭଳି ଅବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ଘଟଣା କିମ୍ବା ଅସ୍ୱାଭାବିକ ମୃତ୍ୟୁ ପରେ ଶୋକାକୁଳ ପରିବାର ଏଠାକୁ ଆସିବା ବେଳେ, ଏହି ଦୟନୀୟ ସ୍ଥିତି ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଉଛି। ତୁରନ୍ତ ଶବ ବ୍ୟବଚ୍ଛେଦ ଗୃହର ମରାମତି ସହ ବିଦ୍ୟୁତ୍ ଓ ଜଳ ଯୋଗାଣ ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ଦାବି କରିଛନ୍ତି।

## ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

**ସମ୍ବଲପୁର, ୫।୧(ସମିସ):** ସଦରଥାନା ଅନ୍ତର୍ଗତ ଜାତୀୟ ରାଜପଥ ହଲିପାଲିରେ ଟ୍ରେଲର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ମୁଣ୍ଡେରର ପ୍ରହଲ୍ଲାଦ ଭୋଇ(୩୦)। ସୂଚନା ଅନୁସାରେ ପ୍ରହଲ୍ଲାଦ ବାଇକ୍ ନଂ-ଓଡି୧୫ଏସ-୮୮୮୪) ନେଇ ଯାଉଥିବା ବେଳେ ଟ୍ରେଲର ନଂ-ସିଜି୦୪ ପିଆର୯୦୩୪ ଧକ୍କା ଦେଇଥିଲା। ପୁଲିସ ଗାଡି ଓ ଡ୍ରାଇଭରଙ୍କୁ ଅଟକ ରଖିଛି।

## ପ୍ରେମୀ ଯୁଗଳଙ୍କୁ ଉଠାଇନେଲା ପୁଲିସ

**ସମ୍ବଲପୁର, ୫।୧(ସମିସ):** ସମ୍ବଲପୁରରୁ ପ୍ରେମୀ ଯୁଗଳଙ୍କୁ ଝାଡ଼ଖଣ୍ଡ ପୁଲିସ ଉଠାଇ ନେଇଛି। ସୂଚନା ଅନୁସାରେ ଝାଡ଼ଖଣ୍ଡର ଏହି ପ୍ରେମୀଯୁଗଳ ଫେରାର ହୋଇ ନଭେମ୍ବର ମାସରୁ ସମ୍ବଲପୁର ସୁନାପାଲି ଅଞ୍ଚଳରେ ରହୁଥିଲେ। ଝିଅର ପରିବାର ଲୋକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଝାଡ଼ଖଣ୍ଡ ପୁଲିସ ଆଜି ସମ୍ବଲପୁର ପହଞ୍ଚି ଧନୁପାଲି ପୁଲିସ ସହାୟତାରେ ସୁନାପାଲିରୁ ଉଭୟଙ୍କୁ ଉଦ୍ଧାର କରିଛି। ଝିଅର ବୟସ ୨୦ ବର୍ଷ ରହିଥିବା ବେଳେ ପୁଅର ବୟସ ୨୪ ବର୍ଷ।

## ଗଞ୍ଜେଇ ଜବତ, ୨ ଗିରଫ

**ରେଢ଼ାଖୋଲ, ୫।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢଉ କରି ବେଆଇନ ଚୋରା ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଗୁଜୁରାଟ ରାଜ୍ୟର ସୁରଟ ଜିଲ୍ଲାର ସୁରଜ ମଲ୍ ଖଟିକ୍ ଓ ସରୋଜ ଯାଦବ। ଅଭିଯୁକ୍ତଙ୍କ ପାଖରୁ ଅବକାରୀ ବିଭାଗ ୮ କେଜି ଗଞ୍ଜେଇ ଜବତ କରାଯାଇଛି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦ୍ୱବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଲଇଣ୍ଡାମାଲ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ଅଭିଯୁକ୍ତଙ୍କ ପାଖରୁ ୮ କେଜି ବେଆଇନ ଗଞ୍ଜେଇ ଜବତ କରି ଗିରଫ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି।



## ବ୍ୟବସାୟୀ କୃଷ୍ଣ ବଲ୍ଲବ ବିଶ୍ୱାଳଙ୍କ ପରଲୋକ

**ଭେଡେନ, ୫।୧(ସମିସ):** ଭେଡେନ ବ୍ଲକ ସୁନାଲରମ୍ଭା ଗ୍ରାମପଞ୍ଚାୟତ ସ୍ଥିତ ବାଘପାଲି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଅଞ୍ଚଳର ଜଣାଶୁଣା ବ୍ୟବସାୟୀ କୃଷ୍ଣ ବଲ୍ଲବ ବିଶ୍ୱାଳ(୭୪)ଙ୍କ ବିୟୋଗରେ



ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ସହିତ ମେଳାପୀ ବ୍ୟକ୍ତି ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ସ୍ତ୍ରୀ, ତିନି ପୁଅ ଗଙ୍ଗାଧର ବିଶ୍ୱାଳ, ଗଜାନନ ବିଶ୍ୱାଳ, ଦିଲିପ ବିଶ୍ୱାଳ, ଦୁଇ ଝିଅ ବୃନ୍ଦାବତୀ ବିଶ୍ୱାଳ, ପୁଷ୍ପାବତୀ ବିଶ୍ୱାଳଙ୍କ ସମେତ ପୁତ୍ରବଧୂ ଓ ନାତିନାତୁଣୀ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିକଟସ୍ଥ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କ ବଡ଼ପୁଅ ଗଙ୍ଗାଧର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କେସିଙ୍ଗା, ୫।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରସ୍ଥିତ ୱାର୍ଡ ନଂ୬ ଏମଇ ସ୍କୁଲ୍ ପଡ଼ାର ନେପାଳ ମାଝୀ (୨୦)ଟ୍ରେନରେ କଟି ଦୁଇ ଖଣ୍ଡ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ସୋମବାର ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗାରୁ ରାୟଗଡ଼ା ପଟେ ଥିବା କାଣ୍ଡେଲରୋଡ ରେଳ ଷ୍ଟେସନରୁ ଏକ କିମି ଦୂର ରେଳ ଧାରଣା କଡରେ ନେପାଳଙ୍କ ମୃତଦେହ ଦୁଇ ଖଣ୍ଡ ହୋଇ ପଡ଼ିଥିବାର କିଛି ଲୋକ ଦେଖି ପାଖ ଷ୍ଟେସନକୁ ଫୋନ୍ କରି ଜଣାଇଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ ନେପାଳ ରବିବାର ସନ୍ଧ୍ୟା ସମୟରୁ ଘରୁ ବାହାରି ଆସିଥିଲା। ପରେ ଟିଟଲାଗଡ଼ରୁ ଏକ ରେଲୱେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି କେଉଁ ପରିସ୍ଥିତିରେ କିପରି ଭାବରେ ଟ୍ରେନରେ କଟି ଯୁବକର ମୃତ୍ୟୁ ହେଲା ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ବିଷୟ ଜଣାପଡ଼ିବ ବୋଲି ତଦନ୍ତ କରୁଥିବା ଅଫିସର ପ୍ରକାଶ କରିଛନ୍ତି। ପରିବାର କହିଲେ ନେପାଳଙ୍କ ବାପା ଆଗରୁ ମରି ସାରିଥିବା ବେଳେ ବର୍ତ୍ତମାନ ନେପାଳର ମୃତ୍ୟୁ ମାଁଙ୍କୁ ଏକୁଟିଆ କରିଦେଇଛି।

## ବିଶ୍ୱର କଲ୍ୟାଣ ପାଇଁ ବିଷ୍ଣୁ ଯଜ୍ଞ

**ବରଗଡ଼, ୫।୧(ସମିସ):** ବରଗଡ଼ ହାଟପଦା ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡି ପଣ୍ଡିତ ମଙ୍ଗଳଟ୍ରଷ୍ଟ ବରଗଡ଼ ଶାଖା ଆନୁକୂଲ୍ୟରେ ଓ ମାଁ ଦୁର୍ଗା ମାତୃଶକ୍ତିର ସୌଜନ୍ୟତାରେ ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡି ପଣ୍ଡିତ ମଙ୍ଗଳ ଟ୍ରଷ୍ଟର ସଭାପତି ବୈଷ୍ଣବ ଷଡଙ୍ଗୀଙ୍କ ଉପସ୍ଥିତିରେ ବିଶ୍ୱର କଲ୍ୟାଣ କାମନାରେ ଏକଦିନାତ୍ମକ ବିଷ୍ଣୁଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଅଶୋକ ଗୁରୁ ସପତ୍ନୀକ କର୍ତ୍ତା ହୋଇଥିଲେ। ପଣ୍ଡିତ ରତ୍ନାକର ଦେବତା, ଆଶିଷ ତ୍ରିପାଠୀ, ସଞ୍ଜୟ ଦାଶ, ଲାଲା ଷଡଙ୍ଗୀ, ରବି ମହାପାତ୍ର ସମିର ପଣ୍ଡା, ମନୋଜ ହୋତା, ସୁରେନ୍ଦ୍ର ପାଣିଗ୍ରାହୀ, ଜୀବର୍ଦ୍ଧନ ଦାଶଙ୍କ ସମେତ ଅନେକ ପଣ୍ଡିତ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ପ୍ରଫୁଲ୍ଲ ଦାଶ ବୟୋଜ୍ୟୋଷ୍ଠ ଭାବେ ସମସ୍ତଙ୍କୁ ଆଶୀର୍ବାଦ ସହ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ୫୦ ଘରଖଡ୍ଡୁରା ସମାଜ ସମାବେଶ



**ବରପାଲି, ୫।୧(ସମିସ):** ବରପାଲି ବଣିକ ସଂଘ ଭବନ ପରିସରରେ ବରଗଡ଼ ଜିଲ୍ଲାସ୍ତରୀୟ ୫୦ ଘର ଖଡ୍ଡୁରା ସମାଜର ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୁଷ୍ପରାଜ୍ ପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାବେଶ ସଭାରେ ଅତିଥି ଭାବେ କାଇଁଶିର ଥାନ ଚେୟାରମ୍ୟାନ୍ ସୀତାରାମ ପାତ୍ର, ରାଧେଶ୍ୟାମ ସାହୁ, ସନ୍ତୋଷ ପନୁଆରଜା, ସରୋଜ ସାହୁ, ଗଜାନନ ପାତ୍ର, ଜମିଦାର ପାତ୍ର, ପ୍ରଫୁଲ୍ଲ ପାତ୍ର, ନାରାୟଣ ଦାସ, ଲେଖରାଜ୍ ସାହୁ, ଅଜିତ ପାତ୍ର, ହୃଷୀକେଶ ଦାସ, କୃପାସିନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ସମାଜକୁ କେମିତି ଏକଜୁଟ କରିବା, ବିବାହ ଏ ଧାର୍ମିକ କାର୍ଯ୍ୟରେ ସହଯୋଗ, ଗରିବ ଶ୍ରେଣୀରେ ଥିବା ଜାତିର ଲୋକଙ୍କୁ ସାହାଯ୍ୟ, ଶିକ୍ଷା, ବାଲ୍ୟ ବିବାହକୁ ବିରୋଧ, ଜାତି ସଂଘଠନ ଉପରେ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୨ ଖଣ୍ଡ ଗାଁର ଜନସାଧାରଣ ଯୋଗ ଦେଇଥିଲେ। ପ୍ରଥମେ ଖଡ୍ଡୁରା ସମାଜର ଇଷ୍ଟଦେବୀ ମାଁ ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିବା ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ଣ୍ଣାନନ୍ଦ ପାତ୍ର, ହୃଷୀକେଶ ଦାସ ସଭାକୁ ସଞ୍ଚାଳନ କରିଥିବା ବେଳେ ଅମୂଲ୍ୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।







































**ଖରିଫ ଧାନ ସଂଗ୍ରହ ବିପର୍ଯ୍ୟସ୍ତ**

# ପ୍ରତି ମିଲ୍‌ରେ ବାଧ୍ୟତାମୂଳକ ୩ ରୁ ୫ କେଜି କଟ୍‌ନୀଛଟ୍‌ନୀ

**ସମ୍ବଲପୁର, ୫।୧(ସମିସ)**

ଖରାରେ ଧାନ ଶୁଖାଇ, ପରିଷ୍କାର କରି ଚାଷୀ ମିଲକୁ ନେବ। ଆଦ୍ରତା ଅଧିକ ବାହାରିଲେ ଧାନର ମାନ କମିଯିବ। ସେଥିପାଇଁ ବିଲରୁ ଧାନ କାଟିବା ପରେ ଏତେ ସବୁ ପରିଶ୍ରମ କରିଥାଏ। ଶେଷରେ ବସ୍ତାରେ ଭରି ମଣ୍ଡିକୁ ନିଏ। ଧାନର ମାନ ଖରାପ ଆସିଲେ ସଂଗ୍ରହ ହୋଇପାରିବନି। ଏତେ ସାରା ପରିଶ୍ରମ ପରେ ମଧ୍ୟ ସମ୍ବଲପୁରର ଚାଷୀ ଠିକ ଭାବେ ଧାନ ବିକ୍ରି କରିପାରୁନାହିଁ। କାରଣ ପ୍ରତି ମିଲରେ କ୍ୱିଣ୍ଟାଲ ପିଛା ୩ରୁ୫ କେଜି ବାଧ୍ୟତାମୂଳକ ଭାବେ ଧାନ କଟାଯାଉଛି। ଧାନର ମାନ ପରୀକ୍ଷା ପଛରେ, ମିଲକୁ ଗାଡ଼ି ଆସିବା ପରେ ପ୍ରଥମେ କଟ୍‌ନୀଛଟ୍‌ନୀ ପ୍ରସଙ୍ଗ। ମିଲର କଥାରେ ରାଜିହେଲେ ଧାନ ମିଲକୁ ଯିବ ନହେଲେ ଘରକୁ ଚାଷୀ ଫେରିଆସିବ। ଏପିରି ଘଟଣା ସମ୍ବଲପୁରର ବିଭିନ୍ନ ମିଲରେ ଘଟୁଥିବା ଅଭିଯୋଗ ହେଉଛି। ସମ୍ବଲପୁରରେ ଚଳିତ ଖରିଫ ଧାନ ବିକ୍ରୟ ହେବା ଦିନ ଠାରୁ ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ଶୋଷଣ କରାଯାଉଛି। କେତେବେଳେ ଟୋକନ ସମସ୍ୟା ତ ଆଉ କେତେବେଳେ ମିଲରେ ଟାର୍ଗେଟ ନାହିଁ। ଚାଷୀଟିଏ ବର୍ଷତମାମ ଝାଳ ବୁହା ପରିଶ୍ରମ କରି ଅମଳ କରିଥାଏ। ହେଲେ ଶେଷରେ ମିଲର ଓ ପ୍ରଶାସନର ଶୋଷଣର ଶିକାର ହେଉଛି। ସୂଚନା ଅନୁସାରେ, ସମ୍ବଲପୁରର ଧାନ ସଂଗ୍ରହ ପାଇଁ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିଥିଲା। ହେଲେ ମିଲର ଧାନ ନେବାକୁ ମନା କରିଥିବାରୁ ଡିସେମ୍ବର ୧ରେ ସିନ୍ଦୁରପଙ୍କ ତୁମ୍ବେସିଂହାରେ ଚାଷୀମାନେ ୮ ଘଣ୍ଟା ଜାତୀୟ ରାଜପଥ ୫୩ ଅବରୋଧ କରିଥିଲେ। ପରେ ମିଲର ଧାନ ଉଠାଇଥିଲା। ହେଲେ ମନମୁଖୀ କାରବାର କରି କ୍ୱିଣ୍ଟାଲ ପିଛା ୫କେଜି ଲେଖାଏଁ କଟନୀଛଟନୀ କରିଥିଲା। ଚାଷୀର ଧାନ ବିକ୍ରୟ ମାସେ ବିଳମ୍ବ ଯୋଗୁଁ ଶ୍ରମିକ ଦେୟ ଓ ଗଚ୍ଛିତ କରିବା ସମସ୍ୟା ଯୋଗୁଁ ମିଲର ଶୋଷଣକୁ ବାଧ୍ୟ ହୋଇ ସହ୍ୟ କରିଥିଲା। ସେପଟେ ସରକାର ଟୋକନ ଇସ୍ୟୁ କରିବାରେ ବିଳମ୍ବ କରିଥିବାରୁ ଅନେକ ଚାଷୀ ଧାନ ବିକ୍ରିୟ କରିପାରୁନାହାନ୍ତି। ପୂର୍ବବର୍ଷଗୁଡ଼ିକରେ ଏକକାଳୀନ ଦୁଇରୁ ତିନୋଟି ଟୋକନ ବିଭିନ୍ନ ତାରିଖରେ ଆସିଥାଏ। ଟୋକନ ସମସ୍ୟାକୁ ନେଇ ଗତ ୧୨ ତାରିଖରେ ଚାଷୀମାନେ ସମ୍ବଲପୁର ବନ୍ଦ କରିଥିଲେ।

**ଚାଷୀ ଶୋଷଣର ଶିକାର**

ଏତେ ସବୁ ପରେ ମଧ୍ୟ ଚାଷୀ ସମସ୍ୟା ଶେଷ ହୋଇନାହିଁ। ଏବେ କଟନୀଛଟନୀ ପାଇଁ ନୂତନ ଉପାୟ ଅବଲମ୍ବନ କରାଯାଉଛି। ଚାଷୀଟିଏ ଧାନ ନେଇ ମିଲକୁ ପହଞ୍ଚିଲା ପରେ ମିଲର୍ସ ପ୍ରଥମେ ୩-୫କେଜି ଧାନ କାଟିବା ପାଇଁ ଡିଲ କରୁଛନ୍ତି। ବାଧ୍ୟତାମୂଳକ ଭାବେ ପ୍ରତି ମିଲରେ ୫କେଜି ଲେଖାଏଁ ଧାନ କଟାଯାଉଛି। ପୁଣି ଏଫ୍‌ଏକ୍ୟୁ ମାନ ଦର୍ଶାଇ ମଧ୍ୟ ଧାନ କଟା ହେଉଛି। କେବଳ ସେତିକି ନୁହଁ ପଶ୍ଚିମ ଓଡ଼ିଶାର ସ୍ୱର୍ଣ୍ଣ ଧାନ ଏକ ପ୍ରକାର ଉତ୍ତମ ଧାନ। ଭଲ ଅମଳ ହୋଇ ଥାଏ ବୋଲି ଚାଷୀ ମନେ ଚାଷ କରନ୍ତି। କିନ୍ତୁ ସ୍ୱର୍ଣ୍ଣ ଧାନର ରଙ୍ଗ ଯୋଗୁଁ ଏଫ୍‌ଏକ୍ୟୁ ମାନ ହାସଲ କରି ପାରୁନି। ଚାଷୀର ଆଖ ପାଖ ମଣ୍ଡିରେ ଧାନ ଦେବା ପଡୁ ନାହିଁ।

ଧାନର ଆଦ୍ରତା ମାପିବା ନେଇ ମଣ୍ଡିରେ ଡିଜିଟାଲ ମେସିନ ଯାଗାଇ ଦିଆଯାଇଛି। ୧୭ ପ୍ରତିଶତରୁ କମ ରହିଲେ ଧାନକୁ ସଂଗ୍ରହ କରାଯାଇପାରିବ ନାହିଁ। ୧୭ ପ୍ରତିଶତରୁ ଯଦି ଟିକେ ଅଧିକ ରହିଲେ କ୍ୱିଣ୍ଟାଲ ପିଛା ସିଧା ୭-୧୦ କେଜି ଧାନ କଟାଯାଉଛି। ଚାଷୀ ବାଧ୍ୟ ହୋଇ ଶୋଷଣର ଶିକାର ହେଉଛି। ମିଲର୍ସ କଥାରେ ରାଜି ନ ହେଲେ ଧାନ ସଂଗ୍ରହ ହୋଇପାରିବ ନାହିଁ ବୋଲି ସିଧା ଶୁଣାଇ ଦେଉଛନ୍ତି। ଗାଡ଼ି ଭଡ଼ା କରି ଚାଷୀ ଧାନ ମିଲକୁ ନେଉଛି। ଯଦି ସେଠାରୁ ଫେରିବ ତାହାଲେ ଶ୍ରମିକ ଦେୟ, ଗାଡିଭଡ଼ା ଖର୍ଚ୍ଚ ଓ ଗଛିତ ଖର୍ଚ୍ଚ ପୁଣି ନିଜେ ଦେବାକୁ ପଡ଼ିବ। ତେଣୁ ବାଧ୍ୟ ହୋଇ ମିଲରଙ୍କ କଥାରେ ରାଜି ହେଉଛି ଚାଷୀ। ଏହି ଭଳି ଅନେକ ପ୍ରକାର ସମସ୍ୟାରେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ଧାନ ଶୀଘ୍ର ବିକ୍ରି ହେବା ଆଶାରେ ବାଧ୍ୟ ହୋଇ ପ୍ରତିବାଦ ନ କରି ମିଲର୍ସ କଥାରେ ମୁଣ୍ଡ ପତି ରାଜି ହେଉଛନ୍ତି।

**■ ଭୋଜପୁର ମାର୍କେଟ ୟାର୍ଡରେ ଅବ୍ୟବସ୍ଥା**

## ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

**ଜମନକିରା, ୫।୧(ସମିସ):** ଜମନକିରା ବ୍ଲକ ଭୋଜପୁର ମାର୍କେଟ ୟାଡ଼ରେ





ଅନେକ ଦିନ ହେଲାଣି ଧାନ ନ ଉଠିବାରୁ ସୋମବାର ବିଜୟ ଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନ ଭୋଜପୁର ପକ୍ଷରୁ ସମ୍ବଲପୁର ଜିଲ୍ଲା ଉପ ସଭାପତି ତଥା ଭୋଜପୁର ୟାଡ଼ ସମ୍ପାଦକ ସରୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଚାଷୀଙ୍କୁ ନେଇ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭୋଜୟାଡରେ ପ୍ରାୟ ୧୮ ହଜାର ବସ୍ତା ଖୋଲା ଆକାଶ ତଳେ ପଡ଼ି ରହିଥିବା ବେଳେ ଗାଡ଼ି ନ ଆସିବାରୁ ଚାଷୀମାନେ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଚାଷୀମାନେ ବିଭିନ୍ନ ନାରା ଦେଇ ପ୍ରତିବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଗଡ଼ତିଆ, ଟଙ୍କଧର କୁମୁରା, ନାମମଣି ଧରୁଆ, ପ୍ରଫୁଲ୍ ସାହୁ, ଧ୍ରୁବ ଗଡ଼ତିଆ, ପ୍ରତାପ କୁମାର ଦେହୁରୀ, ସନ୍ତୋଷ ପରିଡ଼ା, ପ୍ରବୀଣ ପଟେଲ, ବିରଞ୍ଚି ପଟେଲ, ସୁବ୍ରତ ପଟେଲ, ରାଜା ପଟେଲ, ପ୍ରବୀଣ ପଟେଲ, ସୁଶାନ୍ତ ମହାପାତ୍ର ପ୍ରଭୃତି ଯୋଗ ଦେଇ ଥିଲେ। ପରେ ଉଭୟଙ୍କୁ ଦାହ କରାଯାଇଥିଲା। ଟୋକନ ସମସ୍ୟା, କଟ୍‌ନୀ ଛଟନୀ, ଟ୍ରକ୍‌ନ ଆସିବା ପ୍ରଭୃତି ନେଇ ଚାଷୀଙ୍କ ଅସନ୍ତୋଷ ତ୍ରୀବ ସିଦ୍ଧାର୍ଥ ପଟେଲ, ଚିତ୍ତରଞ୍ଜନ ଶର୍ମା, ନଗେନ୍ଦ୍ର ନାୟକ, ସତ୍ୟନାରାୟଣ ପଟେଲ, ସୁଧାଂଶୁ ଚୌଧୁରୀ, ଚିତ୍ର ସେନ ବେହେରା, ରମେଶ ପଟେଲ, ବିନୋଦ ପଟେଲ, ସରୋଜ ପଧାନ (୨), ଅମିୟ ହେବାରେ ଲାଗିଛି। ପଶ୍ଚିମଓଡ଼ିଶାର ବିଧାୟକ ଓ ମନ୍ତ୍ରୀ ଚୁପ କାହିଁକି ବୋଲି ଚାଷୀ ନାରା ବାଜି କରିଥିଲେ। ଆଗକୁ ବଡ଼ ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ହେଉ ଥିବା ସୂଚନା ପ୍ରକାଶ କରିଥିଲେ।

## ବଡବାହାଲ ମଣ୍ଡି ବନ୍ଦ କଲେ ଚାଷୀ

**ରେଢ଼ାଖୋଲ, ୫।୧(ସମିସ):** ମଣ୍ଡିରେ ଶହ ଶହ ଧାନ ବସ୍ତା ପଡ଼ି ରହିଛି। ବଡବାହାଲ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ମଣ୍ଡି ବନ୍ଦ କରିଛନ୍ତି। କୃଷି ଓ କୃଷକର ଉନ୍ନତି ଦିଗରେ ସରକାର ପଦକ୍ଷେପ ନେଉଥିବା କହୁଛନ୍ତି, ହେଲେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡରେ ଅମଳ ପରେ ଧାନ କିଣାରେ ବଡବାହାଲ ଧାନ ମଣ୍ଡିରେ ଅବ୍ୟବସ୍ଥା ଦେଖାଦେଇଛି। ଏଥିରେ ୨୨ ଦିନ ହେଲା ବଡବାହାଲ ଧାନ ମଣ୍ଡିରେ ପଡ଼ି ରହିଛି ଧାନ। ୧୮ଶହରୁ ଉର୍ଦ୍ଧ୍ୱ ବସ୍ତା ଧାନ ମଣ୍ଡିରେ ପଡ଼ିରହିଛି। ହେଲେ ସରକାରୀ ଅଧିକାରୀ କୌଣସି ପଦକ୍ଷେପ ନେଉନଥିବା ବେଳେ ଶେଷରେ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ସଟର ପକାଇ ମଣ୍ଡି ବନ୍ଦ କରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଯେ ପର୍ଯ୍ୟନ୍ତ ଏକା ସଙ୍ଗେ ସମସ୍ତ ଚାଷୀଙ୍କ ଧାନ ନଯାଇଛି ସେ ପର୍ଯ୍ୟନ୍ତ ମଣ୍ଡି ବନ୍ଦ ରହିବ। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ



ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ସୋସାଇଟି ସମ୍ପାଦକ ଅଖିଳ ପୁରୋହିତ ଙ୍କୁ ପଚାରିବାରୁ ଆମେ ଉପର ଅଧିକାରୀଙ୍କୁ ସୂଚନା ଦେଇଛୁ ଯାହା ନିଷ୍ପତ୍ତି ନେବେ ବୋଲି କହିଥିଲେ। ମଣ୍ଡିରେ ଚାଷୀମାନଙ୍କ ଧାନ ପଡ଼ି ପଡ଼ି ଖରାପ ହୋଇ ବସିଥିବା ବେଳେ ମିଲର୍ସ ଆସୁନଥିବା ବେଳେ ଏହାକୁ ନେଇ ସମବାୟ ସମିତି ନିରବଦ୍ରଷ୍ଟା ସାଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର

**ସମ୍ବଲପୁର, ୫।୧(ସମିସ):** ଗର୍ତ୍ତରେ ପଡ଼ି ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର। ସମ୍ବଲପୁର ସୋନପୁର ରାଜ୍ୟ ରାଜପଥ ୧୫ରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗର୍ତ୍ତ ସାଜିଛି ମରଣଯନ୍ତା। ବରଗାଁ ନିକଟ ପେଟ୍ରୋଲ ପମ୍ପ ନିକଟରେ ଟ୍ରାକ୍ଟର ଓଲଟି ଯାଇଛି। ସୂଚନା ଅନୁସାରେ ମାନେଶ୍ୱରରୁ ଆରମ୍ଭ କରି ଧମା ପର୍ଯ୍ୟନ୍ତ ରାସ୍ତାରେ ବହୁ ବଡବଡ ଗର୍ତ୍ତ ରହିଛି। ଯାହାଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନହାନି ଘଟୁଛି। ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ପ୍ରଶାସନ ଶୁଣୁନି।କାମ ନେଇଥିବା ଠିକାଦାର ସଂସ୍ଥା କାମ ବିଳମ୍ବ କରି ଚାଲିଛି।



## ରେଢ଼ାଖୋଲ ପଞ୍ଚାୟତ ସମିତି ବୈଠକ

**ରେଢ଼ାଖୋଲ, ୫।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ସୋମବାର ଦିନ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ବିଭାଗର ଯୋଜନା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇ ରେଢ଼ାଖୋଲ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଥିଲେ। ତାଙ୍କ ସହିତ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟ ଶରତ ପ୍ରଧାନ ଓ ଶ୍ରାବଣୀ ଭୋଇ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ପ୍ରମୁଖ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତରେ ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ତର୍ଜମା କରାଯାଇଥିଲା। ତା ସହିତ ଗ୍ରାମାଞ୍ଚଳରେ ସମସ୍ତେ ମିଳିମିଶି ବିକାଶମୂଳକ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଆହ୍ୱାନ ଦେଇଥିଲେ। ବୈଠକରେ ସମସ୍ତ ପ୍ରଶାସନ ଅଧିକାରୀମାନଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

## କିଡ୍‌ସ କେୟାର ପ୍ରି-ସ୍କୁଲ ଉଦ୍‌ଘାଟିତ

**ସମ୍ବଲପୁର, ୫।୧(ସମିସ):** ପିକେ ଏକାଡେମୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ସମ୍ବଲପୁର ଦ୍ୱାରା ପରିଚାଳିତ କିଡ୍‌ସ କେୟାର ପ୍ରି-ସ୍କୁଲ ଉଦ୍‌ଘାଟନ ହୋଇଯାଇଛି। ଫାଟକ ମାଲିପଡ଼ା ଲେନ୍-





୧ସ୍ଥିତ ପିକେ ଏକାଡେମୀ କ୍ୟାମ୍ପସରେ ଆୟୋଜିତ ଉଦ୍‌ଘାଟନୀ ସମାରୋହକୁ ସ୍କୁଲର ଅଧ୍ୟକ୍ଷ ଡ.ସ୍ୱର୍ଣ୍ଣମୟୀ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ମୋନାଲି ଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅତିଥି ଭାବରେ ଯୁବନେତା ତଥା ଅନୁଷ୍ଠାନର ଉପଦେଷ୍ଟା ସଙ୍ଗୀତ ମହାନ୍ତି, ଶିକ୍ଷାବିତ ପ୍ରଶାନ୍ତ ପାଟଯୋଶୀ, କିଡ୍‌ସ କେୟାର ପ୍ରି-ସ୍କୁଲର ଉପଦେଷ୍ଟା ଡ. ଶୋଭାମୟୀ ମହାପାତ୍ର ଏବଂ ପିକେ ଏକାଡେମୀ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଡାଙ୍ଗ ମଞ୍ଚାସୀନ ଥିଲେ। ଅତିଥିମାନେ ଅଭିଭାବକ ଏବଂ କୁନି କୁନି ପିଲାମାନଙ୍କୁ ସ୍ୱାଗତ ଜଣାଇବା ସହ ବାଲ୍ୟାବସ୍ଥା ପିଲାମାନଙ୍କୁ ବିଭିନ୍ନ ଉପକରଣ ସହ ନୈତିକ ଏବଂ ଗୁଣାତ୍ମକ ଶିକ୍ଷା ଦେବାକୁ ଉପଦେଶ ଦେଇଥିଲେ। ସ୍କୁଲର ଅଧ୍ୟାପିକା ସୁଦୀପ୍ତା ହୋତା, ରଶ୍ମିରେଖା ତ୍ରିପାଠୀ, ସ୍ୱପ୍ନାଲିଶା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲାବନ୍ୟା କୁମ୍ଭାର, ସତ୍ୟଭାମା ଜାଲ, ଜୟନ୍ତିକା, ଅବିନାଶ ଶାହା, ଅକ୍ଷୟ ଭୋଇ, ଅବିନାଶ ପଧାନ, ଦୀପକ ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ଚାରମାଲ ଫୋର୍ ସି କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରେଢ଼ାଖୋଲ, ୫।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଲ ପଞ୍ଚାୟତ ଖେଳ ପଡ଼ିଆରେ ସୋମବାର ଦିନ ଚାରମାଲ ଫୋର୍ ସି କ୍ଲବ ପକ୍ଷରୁ ଡିଉଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ସୋମବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ କୁ ଉଦ୍‌ଘାଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଚାରମାଳ କ୍ରିକେଟ କ୍ଲବ୍‌ର ପବିତ୍ର ପ୍ରଧାନ ଓ ବିଭୂତି ପ୍ରଧାନ ଅମ୍ପାୟାର ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।



ପ୍ରାରମ୍ଭିକ ମ୍ୟାଚ୍ ଝାରସୁଗୁଡା ଏବଂ ଦେବଗଡ଼ ମଧ୍ୟରେ ହୋଇଥିଲା।ଝାରସୁଗୁଡା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରଣ କରିଥିଲା। ଦେବଗଡ଼ ଦଳ ୧୭ ଓଭରରେ ୩ ଉଇକେଟ ବିନିମୟରେ ୧୪୩ ରଣ ସଂଗ୍ରହ କରି ବିଜୟୀ ଲାଭ କରିଥିଲେ। ଚାରମାଲ କ୍ରିକେଟ କ୍ଲବ୍‌ର ଲିକୁଣ ବିଶ୍ୱାଲ, ଅଭିନାଶ, ପଙ୍କୋଜ, ପ୍ରଭାତ, ରାଜା, ପିଲୁ, ପ୍ରେମା, ବବୁଲ, ଉତ୍ତମ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଧନକଉଡ଼ା ବ୍ଲକ୍‌ରେ ଜନଅଭିଯୋଗ ଶୁଣାଣି

**ସମ୍ବଲପୁର, ୫।୧(ସମିସ):** ଧନକଉଡ଼ା ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୩୬ଟି ଆବେଦନ ଗ୍ରହଣ କରାଯାଇଥିଲା ଯେଉଁଥିରୁ ୩୩ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ସିଏମଆରଏଫ ଅଧୀନରେ ଜଣଙ୍କୁ ସମୁଦାୟ ୧୫ହଜାର ଟଙ୍କା ଏବଂ ରେଡ୍‌କ୍ରସ ଅଧୀନରେ ସହାୟତା ଜଣଙ୍କୁ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି।

**ସମ୍ବଲପୁର ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

# ସମ୍ବଲପୁର ମାଟିର ମହକ ଓ ମହିମା ରହିଛି







**ସମ୍ବଲପୁର, ୫।୧(ସମିସ)**

ସମ୍ବଲପୁର ମାଟିର ମହକ ଅଲଗା। ଏହି ମାଟିର ମହିମା ମଧ୍ୟ ରହିଛି। ଏଠାରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ବସବାସ କରନ୍ତି। ସେମାନେ ବିଭିନ୍ନ ପର୍ବ ପାଳନ କରିଥାନ୍ତି। ସମସ୍ତଙ୍କ ସହଯୋଗିତା ଓ ସହଭାଗିତାରେ ଏସବୁ ପାଳନ କରାଯାଏ। ସମ୍ବଲପୁର ଲୋକ ମହୋତ୍ସବ ଦ୍ୱାରା ତୃଣମୂଳ ସ୍ତରରୁ କଳାକାର ମାନଙ୍କୁ ମଞ୍ଚ ଦିଆ ଯାଇଛି। ଏହାଦ୍ୱାରା ଲୋକ କଳା ବଞ୍ଚି ରହିଛି। ୨୮ତମ ସମ୍ବଲପୁର ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ରଜନୀରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ମାନେଶ୍ୱର ବ୍ଲକ ଅଧ୍ୟକ୍ଷ ରୁକ୍ମଣୀ ମହାନନ୍ଦ, ମହାନଗର ନିଗମ କମିଶନର ରେହାନ ଖତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ମାଁ ସମଲେଶ୍ୱରୀଙ୍କ ପ୍ରତିକୃତିରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଲୋକଗୀତ ପାଇଁ ତେଜରାଜ୍ ନାୟକ, ଚିତ୍ରକଳା ପାଇଁ ବରଦା ମାଧବ ଗୁରୁ ଓ ଲୋକ ବାଦ୍ୟ ପାଇଁ ଡାକ୍ତର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ପ୍ରଫୁଲ୍ଲ ମିତ୍ର ଓ ସତ୍ୟ ରଞ୍ଜନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ ସମିତି ସଂଯୋଜକ ଦୀପକ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହାପରେ ନଟରାଜ ସମ୍ବଲପୁର ବଜନିଆ, ହରିଆନାର ଘୁମର, ଗୁଜୁରାଟର ରାଥୁଆ, ସୁବର୍ଣ୍ଣପୁରର ପର୍ବ, ରାଜସ୍ଥାନର କାଲବେଲିଆ, ମହାରାଷ୍ଟ୍ରର କୋଲି, କଳାହାଣ୍ଡିର ଘୁମୁରା, ଆସାମର ବିହୁ, ସମ୍ବଲପୁର ସ୍ୱପ୍ନ ଏକାଡେମୀର ଚୁଟକୁଚୁଟା, ପଞ୍ଜାବର ଭାଙ୍ଗଡ଼ା, ଉତ୍ତରପ୍ରଦେଶ ମୟୂର ଓ ହିମାଚଳ ପ୍ରଦେଶର ସିରମୋର ନାଟି ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଘୁଡ଼କା, ଧୁନକେଲ, କରମା ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଶତ୍ରୁଘ୍ନ ଲୁହା, ଅଙ୍କିତ ସଡ଼ଙ୍ଗି, ନୂର ବେଗମ ଓ ଅର୍ପିତା ମିଶ୍ର ପ୍ରମୁଖ ସଙ୍ଗୀତ ଗାନ କରିଥିଲେ।

**ଲୋକ ମହୋତ୍ସବ ଆଲୋଚନାଚକ୍ର**

## ଲୋକଙ୍କ ଜିଇଁବାର ଇଚ୍ଛାକୁ ଲୋକପର୍ବ ପୂର୍ଣ୍ଣ କରେ

**ସମ୍ବଲପୁର, ୫।୧(ସମିସ):** ସମ୍ବଲପୁର ଲୋକ ମହୋତ୍ସବ-୨୦୨୬ ଅବସରରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ, ଲୋକ ସଂସ୍କୃତି ଓ ଲୋକପର୍ବ ଉପରେ ଆଲୋଚନା ହୋଇଥିଲା। ଡ. ଶ୍ୟାମସୁନ୍ଦର ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାରେ ମହୋତ୍ସବ ସମିତି ସଂଯୋଜକ ଦୀପକ କୁମାର ପଣ୍ଡା ଯୋଗ ଦେଇ କହିଥିଲେ ଯେ, ସମ୍ବଲପୁର ଲୋକ ମହୋତ୍ସବରେ ବହୁ ମୂଲ୍ୟବାନ ବିଷୟରେ ଆଲୋଚନା ହୋଇଥାଏ। ବିଶେଷ କରି ଆଲୋଚନା ଚକ୍ରରେ କଳା, ସଂସ୍କୃତି ଓ ପରମ୍ପରା ଆଦି ଉଦ୍‌ଜିବୀତ ହୋଇଥାଏ। ଯାହାକି ଆଗାମୀ ପୀଢି ପାଇଁ ସଂରକ୍ଷିତ ହୋଇ ରହିପାରିବ। ପ୍ରାରମ୍ଭରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଠାରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଆଲୋଚକ ଭାବେ ଉତ୍ପନ୍ନ ଭୋଇ ଲୋକ ସାହିତ୍ୟ ସମ୍ପର୍କରେ କହିଥିଲେ ଯେ, କର୍ମ ପ୍ରତି ସଚେତନ କରିବା ଲୋକ ସାହିତ୍ୟର କାର୍ଯ୍ୟ ଅଟେ। ତେବେ ବିଜ୍ଞାନ ଯୋଗୁଁ ଲୋକ ସାହିତ୍ୟ, ଲୋକ ସଂସ୍କୃତିର ଅବକ୍ଷୟ ଘଟୁଛି। ଆଧୁନିକତା ନାଁରେ ଅଶ୍ଳୀଳତା ପ୍ରବେଶ କରୁଛି। ଲୋକନାଟ୍ୟକୁ ଛାଡି ଲୋକ ସାହିତ୍ୟ ଅପୂର୍ଣ୍ଣ ଅଟେ। ଯାତ୍ରା, ଲୀଳା, ସୁଆଙ୍ଗ ଭେଦରେ ସେ ଏହାକୁ ଉପସ୍ଥାପନ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଡ. ଶ୍ୟାମ ଭୋଇ ଲୋକ ସଂସ୍କୃତିର ବିଭିନ୍ନ ଦିଗରେ ଉପରେ ଆଲୋଚନା କରିଥିଲେ। ଲୋକ ସାହିତ୍ୟ, ଲୋକାଚାର ଓ ରୀତିନୀତି, ଲୋକ କ୍ରୀଡା, ଲୋକ ଔଷଧ, ଲୋକ ଧର୍ମ, ଲୋକ କର୍ମ ଆଦି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଂସ୍କୃତି ଏକ ଜାତିର ପରିଚୟ। ପଶ୍ଚିମ ଓଡ଼ିଶା ସଂସ୍କୃତିର ଏକ ସ୍ୱତନ୍ତ୍ରତା ରହିଛି। ଏହି ଅ ଳର ଗୀତ, ବାଦ୍ୟ, ଚାଲିଚଳଣ, ଆଚାର ବ୍ୟବହାର, ପର୍ବପର୍ବାଣୀ, ପୂଜା ପଦ୍ଧତି, ବିଭିନ୍ନ ସାମାଜିକ କ୍ରିୟାକର୍ମ, ବିଭିନ୍ନ ଲୋକକଳା ଭିତରେ ଏ ଅଳର ସଂସ୍କୃତି କିଭଳି ଭାବେ ବିଦ୍ୟମାନ ସେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଗୌରୀଦାସ ପଧାନ ଲୋକପର୍ବ ସମ୍ପର୍କରେ କହିଥିଲେ ଯେ, ଲୋକପର୍ବ ସମସ୍ତଙ୍କୁ ଏକତା ସୂତ୍ରରେ ଯୋଡି ରଖିଥାଏ। ଲୋକର ଜିଇଁବାର ଇଚ୍ଛାକୁ ଲୋକପର୍ବ ପୂର୍ଣ୍ଣ କରିଥାଏ। ଲୋକପର୍ବ ଆମକୁ ଜୀବନ ଜୀବିକା ଓ ଅଞ୍ଚଳର ଲୋକ ବିଶ୍ୱାସ ସହ ଯୋଡେ। ଆନନ୍ଦ ଓ ଆସ୍ୱାଦନ ସହ ମଧ୍ୟ ଯୋଡିଥାଏ। ଏଭଳି ବିଚାର ରଖୁଥିବା ଲୋକ ପର୍ବ ଗୁଡିକର ଅନ୍ତସ୍ୱରରେ ଥିବା ମହାଭାରତୀୟ ଦର୍ଶନ ବିଶ୍ୱକୁ ଜଣାଇବାର ଦାୟିତ୍ୱ ଆଜିର ଗବେଷକ ମାନଙ୍କର ଅଟେ। ଆବାହକ ପ୍ରଦୀପ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସଦସ୍ୟ ମମତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।୨ୟ ଅଧିବେଶନ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରମ୍ପରା ଶୀର୍ଷକ ଆଲୋଚନା ହୋଇଥିଲା।





ସଂସ୍କୃତି ଗବେଷକ ଗଦାଧର ବାରିକ ଆଲୋଚକ ଭାବେ ଯୋଗ ଦେଇ ଦଣ୍ଡନୃତ୍ୟର ୧୬ସୁଆଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିସହ ସାଥି କଳାକାରଙ୍କ ଦ୍ୱାରା ଦଣ୍ଡ ଯାତ୍ରା ପ୍ରଦର୍ଶନ କରି ଦେଖାଇଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଶା ବିଭାଗ ଅଧ୍ୟାପକ ଡ. ପ୍ରମୋଦ କୁମାର ପାଢ଼ୀ ଆଲୋଚକ ଭାବେ ଯୋଗ ଦେଇ ଲୋକନାଟ୍ୟ ପରମ୍ପରା ଉପରେ ବକ୍ତବ୍ୟରେ କହିଥିଲେ ଯେ, ଧର୍ମାଚାର ହେଉଛି ଲୋକନାଟ୍ୟର ପରମ୍ପରା। ସରମଙ୍ଗଳା, ମୁଡତୁପା, ଗୁଙ୍ଗୁଁନାଦିଆ, ଶୀତଳଷଷ୍ଠୀ, ଧନୁଯାତ୍ରା ଓ ନାଗବାଚା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଉପଦେଷ୍ଟା କମିଟି ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନୋଡାଲ ଅଧିକାରୀ ତଥା ତହସିଲଦାର ଅଭିଜିତ୍ ମହନ୍ତ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଳେଇ, ସହ ଆବାହକ ସୌମିକ୍ ବାବୁ ଓ ଭବତୋଷ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ପଶ୍ଚିମ ଓଡ଼ିଶାର ଲୋକକ୍ରୀଡା, ଲୋକ ଚିକିତ୍ସା, ଲୋକ ଚିତ୍ରକଳା ଶୀର୍ଷକ ଆଲୋଚନାଚକ୍ର ଓ ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

## ବୃତ୍ତି ପରୀକ୍ଷାରେ ସଂଶ୍ରିତାଙ୍କ ସଫଳତା



**ଭଟଲି, ୫।୧(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କର୍ଲାଯୋରୀର ଛାତ୍ରୀ ସଂଶ୍ରିତା ଖମାରୀ ଚଳିତ ବର୍ଷ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭଟଲି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଏଡିଇଓ ସରୋଜ ଭୁଏ, ଏଡିଇଓ ବିନୟ ସୋଏ, ଭଟଲି ବିଇଓ ଅମୃତା ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ଶିଶୁ ବିଦ୍ୟା ମନ୍ଦିର କର୍ଲାଯୋରୀ ପକ୍ଷରୁ ପ୍ରଧାନଆଚାର୍ଯ୍ୟ ଅଜିତ ଖମାରୀ, ଗୁରୁଜୀ ନୈମିଶ ଭୋଇ, ଗୁରୁମା ଐଶ୍ୱର୍ଯ୍ୟା ଭୋଇ, ସୁଦୀପ୍ତା ବେହେରା, ପୂଜା ନାଏକ, ଗୁରୁମା ସୁଜାତା ସାହୁ, ଗୋପଲକ୍ଷ୍ମୀ ଥପା, କମଳିନୀ ପୋଢ଼, ଅନୁସୂୟା ପଧାନ, ମାନସୀ ମୁଦୁଲି, କଳ୍ପନା ପଧାନ, ଲିପ୍ସା ପଧାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜିତେନ୍ଦ୍ରିୟ ଭୋଇଙ୍କ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ କୃତୀ ଛାତ୍ରୀ ସଂଶ୍ରିତାଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା କରିଛନ୍ତି। ସଂଶ୍ରିତା ଖମାରୀଙ୍କ ମାତା ସୁଚିସ୍ମିତା ପଧାନ କେଶାଇପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଓ ପିତା ସଞ୍ଜୟ ଖମାରୀ ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

## ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଲିହାନ ସମ୍ବର୍ଦ୍ଧିତ



**ଝାରବନ୍ଧ, ୫।୧(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ଅଧୀନ ସନଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଲିହାନ ହଂସ ଚଳିତ ବର୍ଷ ତୃତୀୟଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗର୍ବିତ କରିଛନ୍ତି। ଏହି ସଫଳତା ପାଇଁ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ ବିଦ୍ୟାଳୟ ପରିଦର୍ଶନ କରି କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ସୁନା, ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଦେଶୀ ବାଗ, ସଭ୍ୟ ହେମନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଲିହାନଙ୍କୁ ଉତ୍ସାହିତ କରିବା ପାଇଁ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ମିଶି ବାଜା ବଜାଇ ପରିକ୍ରମା କରିଥିଲେ। ସନଦାଦର ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ଏହାସତ୍ତ୍ୱେ ବିଦ୍ୟାଳୟକୁ ଏହି ସଫଳତା ମିଳିଥିବାରୁ ସିଆରସିସି ଶ୍ରୀ ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୯ରୁ ବୁଦ୍ଧଦେବ ମହାବିଦ୍ୟାଳୟର ରଜତ ଜୟନ୍ତୀ

**ଦହିତା, ୫।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅଧୀନ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଦିନିଆ ରଜତ ଜୟନ୍ତୀ ମହୋତ୍ସବ ଜାନୁୟାରୀ ୯ରୁ ଆରମ୍ଭ ହେବ। ଏଥିନିମନ୍ତେ ରଜତ ଜୟନ୍ତୀ ପାଳନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ପରିସରକୁ ବିଭିନ୍ନ ରଙ୍ଗବେରଙ୍ଗରେ ସଜାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି। ୯ତାରିଖ ବିଭିନ୍ନ ଲୋକନୃତ୍ୟ ସହିତ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ଦୁଇ ଦିନ ସଭା, ସମ୍ବର୍ଦ୍ଧନା, ବନ୍ଧୁ ମିଳନ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ଆଦି ପରିବେଷିତ ହେବ ବୋଲି ସୂଚନା ରହିଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କବି ଲେଖକ ପ୍ରମୁଖ ଦୁଇ ଦିନର କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ବିଜୁ ଏକ୍ସପ୍ରେସ୍ ଉଭୟ ପାର୍ଶ୍ୱରେ ଅନାବନା ଗଛ



**ବରଗଡ଼, ୫।୧(ସମିସ):** ବରଗଡ଼ ଜିଲ୍ଲା ଦେଇ ନୂଆପଡ଼ାକୁ ଯାଇଥିବା ବିଜୁ ଏକ୍ସପ୍ରେସ ୱେ'ର ଦୁଇ ପାର୍ଶ୍ୱରେ ଓ ମଝିରେ ଅନାବନା ଗଛ ମାଡ଼ି ରହିଛି। ସୋହେଲାରୁ ପଦ୍ମପୁର ଯାଏଁ ଓ ପଦ୍ମପୁରରୁ ମାଣ୍ଡୋସିଲ ଯାଏଁ ମଧ୍ୟ ଅନାବନା ଗଛ ବଢ଼ି ରହିଛି। ଯାହା ଫଳରେ ଅପର ପାର୍ଶ୍ୱରେ ଗାଡି ମଟର ଯାଉଛି କି ନାହିଁ ତାହା ମଧ୍ୟ ଜଣାପଡୁନାହିଁ। ଏହିରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡି ଯା'ଆସ କରୁଛି।ଫଳରେ ଅନାବନା ଗଛ ହେତୁ ଦୁର୍ଘଟଣା ଆଶଙ୍କା ରହିଛି। ଏଥିପ୍ରତି ପିଡବ୍ଲ୍ୟୁଡି ବିଭାଗ ଦୃଷ୍ଟି ଦେଇ ରାସ୍ତାର ଉଭୟ ପାର୍ଶ୍ୱ ଓ ମଝିରେ ଥିବା ଅନାବନା ଗଛ ସଫା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଧାନ ସଂଗ୍ରହ ପ୍ରକ୍ରିୟାରେ ଅଚଳାବସ୍ଥା

### ୫ରୁ ଆଉ ଧାନ କିଣିବେ ନାହିଁ ବୋଲି ମିଲ ମାଲିକଙ୍କ ଧମକ

### ଉପମୁଖ୍ୟମନ୍ତ୍ରୀ ଚାଷୀ ଆନ୍ଦୋଳନକୁ ନୌଟଙ୍କି କହିବା ପ୍ରସଙ୍ଗକୁ ତୀବ୍ର ନିନ୍ଦା

### ଆଗକୁ ଚାଷୀ ସମସ୍ୟା ନେଇ ଜୋରଦାର ଆନ୍ଦୋଳନ ଚେତାବନୀ

**ବରଗଡ଼, ୫।୧(ସମିସ)**

ବରଗଡ଼ ଜିଲ୍ଲାରେ ମଣ୍ଡି ଖୋଲିବାର ମାସାଧିକ ସମୟ ବିତିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଧାନ କିଣା ବିକା ବ୍ୟବସ୍ଥା ଠିକ ଭାବେ ଚାଲିଥିବା ଦାବି କରାଯାଉଛି। ହେଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବହୁ ଚାଷୀଙ୍କୁ ଟୋକନ ପ୍ରଦାନରେ ବିଳମ୍ବ ଓ ଅନିୟମିତତା, ମଣ୍ଡିରୁ ମନ୍ଥର





ଗତିରେ ଧାନ ଉଠାଇବା ଏବଂ କଟଣି ଛଟଣି ବ୍ୟାପକ ଭାବେ ହେଉଛି। ଏନେଇ ଚାଷୀଙ୍କ ଅବସ୍ଥା ଜଟିଳ ହେବାରେ ଲାଗିଛି। ଏପରି ସ୍ଥିତିରେ ୫ ଜାନୁଆରୀରେ ରାଇସ୍ ମିଲ୍ ମାଲିକ ମାନଙ୍କ ଧାନ ନ ଉଠାଇବା ଧମକ ଆଗରେ ରାଜ୍ୟ ସରକାର ମୁଣ୍ଡ ନୁଆଁଇଛନ୍ତି। ଏହା ରାଜ୍ୟର ଚାଷୀ କୂଳ ପାଇଁ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି କରିଛି। ଓଡ଼ିଶାରେ ଅନୁସୃତ କଷ୍ଟମ ମିଲିଂ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଜକୋଷର ଅର୍ଥରୁ ଧାନ କିଣା ଯାଉଛି। ଏହାସତ୍ତ୍ୱେ ଓଡ଼ିଶା ସରକାରଙ୍କ ମିଲର୍ସଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ଧାନ କିଣା ବ୍ୟବସ୍ଥା କାରଣରୁ ଏହାର ସୁଯୋଗ ନେଇ ମିଲର୍ସ ମାନେ ଏପରି ଧମକ ଦେଉଛନ୍ତି। ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ କିନ୍ତୁ ସରକାର ନିଜେ ଚାଷୀଙ୍କ ଠାରୁ ସିଧାସଳଖ ଧାନ କିଣି, ଆବଶ୍ୟକ ସ୍ଥଳେ କେପ୍ ଷ୍ଟୋରେଜ୍ ଜରିଆରେ ଖୋଲା ପଡ଼ିଆରେ ଧାନ ଗଚ୍ଛିତ ରଖିବା ସହ ପର୍ଯ୍ୟାୟ କ୍ରମେ ମିଲର୍ ମାନଙ୍କୁ ପଠାଇବା ବ୍ୟବସ୍ଥା କରିଛନ୍ତି। ଓଡ଼ିଶାରେ ଏପରି ନହେବା କାରଣରୁ ମିଲର୍ ମାନଙ୍କ ମନମୁଖୀ କାର୍ଯ୍ୟ ଚାଲୁଛି ଏବଂ ସରକାର ସେମାନଙ୍କ ଆଗରେ ଆତ୍ମସମର୍ପଣ କରିଛନ୍ତି। ତେଣୁ ରାଜ୍ୟ ସରକାର ମିଲର୍ ମାନଙ୍କ ଧମକର ବାହାନା ଆଳରେ ଅଚଳାବସ୍ଥାକୁ ପ୍ରୋତ୍ସାହିତ ନକରି ନିଜେ ସିଧାସଳଖ ଚାଷୀଙ୍କ ଠାରୁ ଧାନ କିଣିବା ବ୍ୟବସ୍ଥା କରନ୍ତୁ। ଆଗାମୀ ୩ ଦିନ ଭିତରେ ସରକାର ଆଶୁ ପଦକ୍ଷେପ ଗ୍ରହଣ ନକଲେ ସ୍ଥିତି ବିସ୍ଫୋରକ ହେବ। ଜୟ କିଷାନ ଆନ୍ଦୋଳନ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ବରଗଡ଼ ଜିଲ୍ଲା ଜୟ କିଷାନ ଆନ୍ଦୋଳନର ବୈଠକରେ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ସଦ୍ୟ ସମାପ୍ତ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଞ୍ଚକୁ ଆସି ରାଜ୍ୟର ମୁଖ୍ୟମନ୍ତ୍ରୀ ଚାଷୀଙ୍କର ଏ ସମସ୍ତ ସମସ୍ୟାକୁ ନେଇ ନୀରବ ରହିବା ଏବଂ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓ କୃଷକଙ୍କ ରାଜରାସ୍ତାରେ ଆନ୍ଦୋଳନକୁ ନୌଟଙ୍କି ବୋଲି କହି ବିଦ୍ରୂପ କରିବା ଘଟଣାକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। ଚାଷୀଙ୍କର ଗମ୍ଭୀର ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କର ଏଭଳି ମାନସିକତା ସମ୍ବେଦନହୀନତାର ପରିଚାୟକ। ଏପରି ଚାଷୀ ମାରଣ ଆଭିମୁଖ୍ୟ ପରିହାର କରି ରାଜ୍ୟ ସରକାର ତତ୍କାଳ ପଦକ୍ଷେପ ଗ୍ରହଣ ନକଲେ ରାଜ୍ୟର ଚାଷୀକୁଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଜୟ କିଷାନ ଆନ୍ଦୋଳନ ଆହ୍ୱାନ ଦେଇଛି। ଆଜିର ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ ସାହୁ, ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ମେହେର, ଅରୁଣ ପ୍ରଧାନ, କୁନା ବେହେରା, ମିନିଷ୍ଟର ବାରିକ, କିଶୋର ସାହୁ, ସରୋଜ ପଧାନ, ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ମାଗଣା ବାଲି ଓ ବକେୟା ବିଲ୍ ପ୍ରଦାନ ପାଇଁ ସରପଞ୍ଚଙ୍କ ଦାବି

**ଝାରବନ୍ଧ, ୫।୧(ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ହିତାଧିକାରୀ ମାନଙ୍କୁ ମାଗଣାରେ ବାଲି ପ୍ରଦାନ ଏବଂ ଦୀର୍ଘଦିନ ଧରି ବକେୟା ରହିଥିବା ବିଲ ତୁରନ୍ତ ପୈଠ କରାଯିବା ନିମନ୍ତେ କନ୍ଦାଡଙ୍ଗର ପଞ୍ଚାୟତ ସରପଞ୍ଚ ସୁନୀଲ ରାୟ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏନେଇ ସରପଞ୍ଚ ଶ୍ରୀ ରାୟ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ଆବଶ୍ୟକ ବାଲି ମାଗଣାରେ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀ ମାନଙ୍କ ବିଲ ପୈଠ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ଡାକ ମାଧ୍ୟମରେ ଚିଠି ପଠାଇଛନ୍ତି। ସୂଚନା ଅନୁସାରେ, ୨୦୧୬-୧୭ ଆର୍ଥିକ ବର୍ଷରୁ ଅସମ୍ପୂର୍ଣ୍ଣ ରହିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରଗୁଡିକୁ ବିଭାଗୀୟ ଅଧିକାରୀଙ୍କ



ନିର୍ଦ୍ଦେଶ ପରେ ହିତାଧିକାରୀ ମାନେ ନିଜ ଧାରକରଜରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। କିନ୍ତୁ ଉଚିତ ସମୟରେ ବିଲ୍ ପୈଠ ନହେବାରୁ ସେମାନେ ଗୁରୁତର ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଚିଠିରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଝାରବନ୍ଧ ବିଡିଓଙ୍କୁ ପଚାରିବାରୁ ସେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିଲ ପ୍ରଦାନରେ ବିଳମ୍ବ ହେଉଛି ଏବଂ ତ୍ରୁଟି ସମାଧାନ ପରେ ଶୀଘ୍ର ବିଲ ପୈଠ କରାଯିବ ବୋଲି କହିଛନ୍ତି।

## ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ପ୍ରାଥମିକ ଚିକିତ୍ସା

### ୧୧ ଦିନ ଯାତ୍ରାରେ ୧୨୬ ଜଣଙ୍କୁ ସ୍ୱାସ୍ଥ୍ୟ ସେବା

**ବରଗଡ଼, ୫।୧(ସମିସ):** ୭୮ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ମଥୁରାଧିପତି ତ୍ରିପୁର ବିଜୟୀ ମହାରାଜ କଂସାସୁରଙ୍କର ଆଦେଶକୁ ପାଳନ କରି ଜିଲ୍ଲା ସମାଜସେବୀ ସଂଘ ଦୀର୍ଘ ୧୧ ଦିନ ଧରି ଧନୁଯାତ୍ରାରେ ମଥୁରା ନଗରୀର ପ୍ରଜା ମାନଙ୍କ ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିଥିଲା। ଏହି ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ୧୨୬ ଜଣ ପ୍ରଜା ଚିକିତ୍ସିତ ହୋଇଛନ୍ତି। ଏଥିରେ ପ୍ରାଥମିକ ଚିକିତ୍ସାରେ ଡ.ନିରଜ ଦାଶ ଶର୍ମା, ସେଭେନ ହିଲ ପାଥୋଲାବର ପ୍ରତିଷ୍ଠାତା ଜଗଦିଶ ସାହୁ ଓ ତାଙ୍କ ସହଯୋଗୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସେବା କାର୍ଯ୍ୟ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ହୋଇଥିଲା। ସଂଘର ସଦସ୍ୟ ରାଜେଶ ଶର୍ମା, ଜୟନ୍ତ ଭୋଇ, ରାଜେଶ ପୁରୋହିତ, ଅନିଲ ବେହେରା, ଅନିଲ ପ୍ରଧାନ, ଦୀପକ ଦାଶ, ଅନନ୍ତ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଚଉବର୍ଗ ପ୍ରଧାନ, କୀର୍ତି ମହାନନ୍ଦ, ଶିବ ଲୁହା, ନାରାୟଣ ସିଂ, ପରମେଶ୍ୱର ନାଥ ମନୋଜ ବାଗ, ମିଠାରାମ ସାହୁ, ମୋହନଲାଲ ଅଗ୍ରୱାଲ, ଧୀରେନ୍ଦ୍ର ପୃଷ୍ଟି, ହାରମିତ ସିଂ, ଅନିଲ ପାଇକ, ରତନ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତ୍ୟେକ ଦିନ ମଥୁରା ନଗରୀ ରଙ୍ଗମହଲ ପରିସରରେ ସଫେଇ ଅଭିଯାନ କରା



ଯାଇଥିଲା। ମହାରାଜ କଂସ ସଂଘକୁ ଯୋଗ୍ୟ ବିବେଚିତ କରି ଏସମସ୍ତ କରିବା ପାଇଁ ଦାୟିତ୍ୱ ଦେଇଥିବାରୁ ମହାରାଜଙ୍କୁ ଏବଂ ଧନୁଯାତ୍ରା କମିଟିର ସଭାପତି ତଥା ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଜିଲ୍ଲା ସମାଜସେବୀ ସଂଘ ତରଫରୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଅମ୍ବାଭୋନା ଥାନାରେ ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଅମ୍ବାଭୋନା, ୫।୧(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୌରଭ ଭୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱର



ସ୍ଥିତ ନନ୍ଦନକାନନ ଥାନାରୁ ବଦଳି ହୋଇ ବରଗଡ଼ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଅମ୍ବାଭୋନା ଥାନାରେ ଯୋଗ ଦେଇଛନ୍ତି। ଅମ୍ବାଭୋନା ଥାନା ଅଧିକାରୀ ବିପିନ ବାଗ ବିଧିବଦ୍ଧ ଭାବେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅମ୍ବାଭୋନା ଅଞ୍ଚଳରେ ବେଆଇନ ନିଶା କାରବାର ଉପରେ କଡା ନଜର ରଖାଯିବ ଏବଂ ଏହାକୁ ମୂଳରୁ ଦମନ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଅପରାଧ ନିୟନ୍ତ୍ରଣ, ପାଟ୍ରୋଲିଂ, ଆଇନ ଓ ଶୃଙ୍ଖଳା ରକ୍ଷାକୁ ପ୍ରାଥମିକତା ଦିଆଯିବା ସହ ସାଧାରଣ ଲୋକଙ୍କ ସହ ସମନ୍ୱୟ ରଖି ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରାଯିବ ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଡିଇଓଙ୍କ କ୍ଷେତ୍ର ପରିଦର୍ଶନ



**ଝାରବନ୍ଧ, ୫।୧(ସମିସ):** ଝାରବନ୍ଧ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଳାସପୁର ପରିସରରେ ନିର୍ମାଣ ହେବାକୁ ଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ବିଳାସପୁରର ଭିତ୍ତିପ୍ରସ୍ତର ସ୍ଥାପନ ଚଳିତ ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ହେବାର ସୂଚନା ରହିଛି। ଏହା ପୂର୍ବରୁ ସୋମବାର ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସ୍ଥଳ ପରିଦର୍ଶନ କରି ସମଗ୍ର ପରିସ୍ଥିତିର ସମୀକ୍ଷା କରିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ସିନିୟର ଟିସିଏସ ଅନସାରୀ, ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଏବଂ ଏବିଇଓ ବିଶିକେସନ ଶତପଥୀ ଉପସ୍ଥିତ ଥିଲେ। ସେହିପରି ଭଣ୍ଡାରଜୋରି କ୍ଲଷ୍ଟରର ସିଆରସିସି, ବିଳାସପୁର ପଞ୍ଚାୟତର ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଏବଂ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପନ୍ନ କରିବା ସହ ବିଦ୍ୟାଳୟ ନିର୍ମାଣ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେଲେ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଛି।

## ଭୂମିସୂତା ପଣ୍ଡାଙ୍କ ପରଲୋକ

**ଅତାବିରା, ୫।୧(ସମିସ):** ଅତାବିରା ଏନ୍ଏସି ରେଙ୍ଗାଲିକେମ୍ପ ସ୍ୱର୍ଗତ ଭକ୍ତ ଚରଣ ପଣ୍ଡାଙ୍କ ଧର୍ମପତ୍ନୀ ଭୂମିସୂତା ପଣ୍ଡା(୭୭)ଙ୍କ ସୋମବାର ଅପରାହ୍ଣରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ବିଭିନ୍ନ ସମସ୍ୟା କାରଣରୁ ୯ ଦିନ ଧରି ହସ୍ପିଟାଲରେ ରହି ଫେରିଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ଭର୍ତ୍ତି କରାଯାଇଥିଲା। ସୋମବାର



ସଂଧ୍ୟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ତିନି ପୁଅ ହରିନାରାୟଣ, ସତ୍ୟନାରାୟଣ, ରବି ନାରାୟଣ, ଦୁଇ ଝିଅ ସୁଷମା, ସୁରମା, ନାତି ନାତୁଣୀ ତଥା ପରିବାର ବର୍ଗ ରହଥିଲେ। ତାଙ୍କ ଦ୍ୱିତୀୟ ପୁତ୍ର ସତ୍ୟନାରାୟଣ ବ୍ୟବସାୟ କରୁଥିବା ବେଳେ କନିଷ୍ଠ ପୁତ୍ର ରବିନାରାୟଣ ସମ୍ବାଦିକତା, ଓକିଲାତି କରିବା ସହ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ୍ ବରଗଡ଼ର ସଭାପତି, ଓସିଏ ସଦସ୍ୟ, ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶାର ଉପ ସଭାପତି ରହିଛନ୍ତି। ସ୍ୱର୍ଗତ ଭୂମିସୂତାଙ୍କ ବିୟୋଗରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିକାଶ ସ୍କୁଲ ଚେୟାରମ୍ୟାନ ଡି ମୁରଲି କ୍ରିଷ୍ଣା, ଡି ନାଗେଶ୍ୱର ରାଓ, ଭାସ୍କର ରାଓ, ଶ୍ରୀନିବାସ ରାଓ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ୍ ସଭାପତି ସତ୍ୟଜିତ ଦାଶ, ବରଗଡ଼ ଓକିଲ ସଂଘ ସଭାପତି ଭୀଷ୍ମ ଦେବ ସରାଫ, ଜିଲ୍ଲା କଂଗ୍ରେସ୍ ସଭାପତି ହରଦୀପ ସିଂ, ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ନାସିର ଖାନ, ବରଗଡ଼ ଘରୋଇ ବସ୍ ମାଲିକ ସଂଘ ସଭାପତି ବିନୋଦ ମହାପାତ୍ର, ଠିକାଦାର ସଙ୍ଘ ସଭାପତି ସୁଧାଂଶୁ ଗଡ଼ତିଆ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ମଙ୍ଗଳବାର ଅତାବିରା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

# ମଣ୍ଡିରେ ମନ୍ଥରତା, ଚାଷୀ ନିରାଶ

### ଢେ ପରଚେଜ୍ ଆଳ ଦେଖାଉଛି ପ୍ରଶାସନ

### ବିଭିନ୍ନ ମଣ୍ଡିରେ ୮ ଲକ୍ଷ ୭୫ ହଜାର ପାକେଟ ଧାନ ପଡ଼ିଛି



**ପଦ୍ମପୁର/ଦହିତା, ୫।୧(ସମିସ)**

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ପ୍ରାୟ ଦେଢ଼ ମାସ ବିତିଛି। ମାତ୍ର ସମସ୍ତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ଚାଷୀଙ୍କ ପାଖକୁ ଟୋକନ ମିଳିଛି ସେମାନେ ମଣ୍ଡିରେ ଧାନ ପକାଇଥିଲେ ମଧ୍ୟ ମିଲର୍ସ ଓ ପ୍ରଶାସନର ଅସହଯୋଗ ଓ ଜୁଲୁମରେ ଚାଷୀ ଅତିଷ୍ଠ ହୋଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଦିନକୁ କେଉଁ ମଣ୍ଡିରେ କେତେ କ୍ୱିଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ସେହିପରି ଉପଖଣ୍ଡର ଗୋଟିଏ ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଉଛି। ଫଳରେ ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ, ଜମଲା, କନସିଂହା ସମେତ ଉପଖଣ୍ଡର ୯୨ଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଆଜି ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ଟି ମଣ୍ଡିରେ ୮ ଲକ୍ଷ ୭୫ ହଜାର ୯୨୮ ପାକେଟ ଧାନ ପଡ଼ି ରହିଛି। ଏ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନ, ବ୍ଲକ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାଙ୍କ ଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଚଳିତ ବର୍ଷ ସବୁଠାରୁ ବଡ଼ ବ୍ୟତିକ୍ରମ ଟୋକନ ସମସ୍ୟା ଭାବେ ଉଭା ହୋଇଛି। ଆଜି ଯାଏଁ ଚାଷୀଙ୍କ ଟୋକନ ଆସିନାହିଁ। ଯେଉଁ ଚାଷୀଙ୍କ ଟୋକନ ଆସିଛି, ତାହା ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ ରହିଛି। ତେଣୁ ଚାଷୀ ସେମାନଙ୍କ ଅମଳ ଧାନକୁ କେମିତି ବିକ୍ରି କରିବେ ସେନେଇ ଚିନ୍ତାରେ କାଳାତିପାତ କରୁଛନ୍ତି। ସେହିପରି ପଞ୍ଜୀକରଣ କରିଥିବା ଅନେକ ଚାଷୀ ଟୋକନକୁ ଅପେକ୍ଷା କରି ବିଭିନ୍ନ ଖଳା, ରାସ୍ତାରେ ଧାନ ବସ୍ତା ଜଗି ରହିବା ଦେଖାଦେଇଛି।

## ଶୁଣ୍ଢି ସମାଜର ସେବାକେନ୍ଦ୍ର ଉଦ୍ଯାପିତ

**ବରଗଡ଼, ୫।୧(ସମିସ):** ଦୀର୍ଘ ୧୧ ଦିନ ଧରି ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ବରଗଡ଼ ଶୁଣ୍ଢି ସମାଜର ଏକ ସେବାକେନ୍ଦ୍ର ଖୋଲାଯାଇ ମଥୁରାପୁର ବାସୀଙ୍କୁ



ବିଭିନ୍ନ ସେବା ଦିଆଯାଉଥିଲା। ଏହି ସେବାକେନ୍ଦ୍ରରେ ଜନସାଧାରଣଙ୍କ ପାଇଁ ପ୍ରାଥମିକ ଚିକିତ୍ସା, ପାନୀୟ ଜଳ, ମହିଳା ମାନଙ୍କ ପାଇଁ ସ୍ତନ୍ୟପାନ କକ୍ଷ, ରକ୍ତଚାପ ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା, ବୟୋଜ୍ୟୋଷ୍ଠଙ୍କ ପାଇଁ ସାମୟିକ ବିଶ୍ରାମ ଗୃହର ସୁବିଧା କରାଯାଇଥିଲା। ଜର୍ଜ ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ହୋଇଥିବା ମୀନାବଜାର ମଧ୍ୟରେ ସେବା କରିବା ପାଇଁ ଏକ କକ୍ଷ ଯୋଗାଇଥିବାରୁ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ସେବା କାର୍ଯ୍ୟରେ ଡ.ସଞ୍ଜୀବ ବେହେରା, ତୁର୍ଯ୍ୟାତନୟା ବେହେରା ଓ ନମିତା ବେହେରାଙ୍କ ଦ୍ୱାରା କରାଯାଇଥିବା ସ୍ୱାସ୍ଥ୍ୟ ସେବା ଯୋଗୁଁ ହେତୁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମାଜର ଜିଲ୍ଲା ସଭାପତି ଉଦ୍ଧବ ଚରଣ ବେହେରା, ଡ.ପାଣ୍ଡବ ବେହେରା, ଶରତ ବେହେରା, ଅଶୋକ ପରିଡ଼ା, ନୀଳମାଧବ ସାହୁ, ନିରଞ୍ଜନ ବେହେରା, ଗଣେଶ ବେହେରା, ଅଶୋକ ବେହେରା, ଟୁକୁନା ସାହୁ, ପ୍ରକାଶ ବେହେରା, ରାଜୁ ଚୌଧୁରୀ, ଦିପ୍ତିଲତା ବେହେରା, ସୁନୀତା ବେହେରା, ମୀନାକ୍ଷୀ ପରିଡ଼ା, ଟିଙ୍କି ସାହୁ, ଗୀତାଞ୍ଜଳି ବେହେରା ଓ ନାରୀ ସଭାପତି ଅନୁପମା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ୱାକାଥନ

ବାଲେଶ୍ୱର,୫।୧(ସମିସ): ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଚଳିତ ମାସ ଆରମ୍ଭରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଆରମ୍ଭ ହୋଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଆଜି ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନର ବାର୍ତ୍ତା ରଖାଯାଇଛି। ଏ ନେଇ ସହରର ଗାନ୍ଧିସ୍ମୃତି ଭବନଠାରୁ ଏକ ୱାକାଥନ ବାହାରିଥିଲା। ଆରଟିଓ ଶ୍ୟାମଳେନ୍ଦୁ ରାଉତ ଏହାକୁ ଉଦଘାଟନ କରିବା ସହ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କରେ ସୂଚନା ଦେଇ ଟ୍ରାଫିକ ନିୟମ



ମାନି ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ନିଶାସେବନରୁ ଦୂରେଇ ରହିବା, ଦୁଇ ଚକିଆ ଯାନ ଚଳାଇବା ବେଳେ ହେଲମେଟ ପିନ୍ଧିବା ଓ ଚାରିଚକିଆ ଯାନ ଚଳାଇବା ବେଳେ ସିଟ ବେଲ୍ଟ ବ୍ୟବହାର କରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି ୱାକାଥନ ସହର ପରିକ୍ରମା କରି ଶେଷରେ ଆଂଚଳିକ ପରିବହନ କାର୍ଯ୍ୟାଳୟରେ ପହଂଚିଥିଲା। ମାସ ସାରା ସହର ଠାରୁ ଗାଁ ଗହଳି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଯିବ ବୋଲି ଆରଟିଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଏସପି ଟ୍ରାଫିକ ଚାନ୍ଦମଣି ସିଂ, ସହଦେବଖୁଣ୍ଟା ଥାନା ଅଧିକାରୀ ବିରଂଚି ନାରାୟଣ ସାହୁ, ଟ୍ରାଫିକ ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ଟ୍ରାଫିକ ଇନସପେକ୍ଟର ସମରେନ୍ଦ୍ର ମହାପାତ୍ର, ଜୁନିୟର ଏମଭିଆଇ ଦେବସ୍ମିତା ନାୟକ, ଦିନେଶ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି
# ୩୩ ମାମଲାର ତତ୍କାଳ ଫଇସଲା



ବାଲେଶ୍ୱର, ୫।୧ (ସମିସ)

ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ଜନଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଛି। ବିଶେଷ କରି ଏହି ଶିବିରରେ ମୋଟ ୧୮୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫୭ଟି ମାମଲା ବ୍ୟକ୍ତିଗତ ରହିଥିବାବେଳେ ୧୧ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୨୦ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ହୋଇଥିଲା। ଏହାବ୍ୟତିତ ୩୩ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ,ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶିବ ମାଲବୀୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାଛଡା ଆଜି ଶିବିର ମାଧ୍ୟମରେ ୬୦ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ୮ଟି ବ୍ୟାଟେରୀ ଚାଳିତ ଗାଡି ସହ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ, ନୂତନ ବାର୍ଦ୍ଧକ୍ୟ ଭତା ହେଉ କିମ୍ବା ଆର୍ଥିକ ସହାୟତା ହେଉ ଆଦି ଉପରେ ଅଭିଯୋଗ ହୋଇଥିଲା।

## ବିକଳାଙ୍ଗ ପ୍ରମାଣପତ୍ର ସଂଶୋଧନ ଦାବି



ଜନ୍ମରୁ ଜଣେ ଦିବ୍ୟାଙ୍ଗଙ୍କ ବିକଳାଙ୍ଗ ପ୍ରମାଣପତ୍ର ସଂଶୋଧନ ହୋଇନପାରିବା କାରଣରୁ ସେ ବର୍ଦ୍ଧିତ ଭତ୍ତା ସାଙ୍ଗକୁ ଅନ୍ୟାନ୍ୟ ସୁବିଧାମାନ ପାଇବାରୁ ବଂଚିତ ହେଉଥିବା ନେଇ ଆଜି ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ବାହାନଗାସ୍ଥିତ ଇଶ୍ୱରପୁର ଅଂଚଳର ସୁଶାନ୍ତ କୁମାର ସ୍ୱାଇଁ(୨୧)। ସେ ଜନ୍ମରୁ ବିକଳାଙ୍ଗ। ତାଙ୍କ ନିକଟରେ ଯେଉଁ ପ୍ରମାଣପତ୍ର ରହିଛି ତାହା ହାତ ଲେଖା ଅନୁସାରେ ୮୦ପ୍ରତିଶତ ରହିଛି। ହେଲେ ଅନଲାଇନ ସାର୍ଟିଫିକେଟରେ ତାଙ୍କୁ ୭୫ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ମିଳିଛି। ହେଲେ ସେ ସମ୍ପୂର୍ଣ୍ଣ ଭାବେ ବିକଳାଙ୍ଗ ହୋଇଥିବା ବେଳେ ଜଣେ ଗରିବ ଶ୍ରେଣୀରେ ମଧ୍ୟ ଅଟନ୍ତି। ଏହି ପ୍ରମାଣପତ୍ରରେ ୮୦ପ୍ରତିଶତ ନହେବା କାରଣରୁ ସେ ବର୍ଦ୍ଧିତ ଭତ୍ତା ସାଙ୍ଗକୁ ଅନ୍ୟାନ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ତାଙ୍କର ବିକଳାଙ୍ଗ ପ୍ରମାଣପତ୍ରକୁ ସଂଶୋଧନ କରି ୮୦ପ୍ରତିଶତ କରିବାକୁ ଦାବି କରିଛନ୍ତି।

# ବିଶ୍ୱ ବ୍ରେଲ୍ ଦିବସ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର, ୫।୧(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ବିଶ୍ୱ ବ୍ରେଲ ଦିବସ ଓ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଉପ ଶାସନ ସଚିବ ସନ୍ୟାସ ବେହେରା, କବି ପ୍ରଶାନ୍ତ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଉପସ୍ଥିତ ଥିଲେ। ପ୍ରଥମେ ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ ମଞ୍ଚ ଆହ୍ୱାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ସ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବନମାଳୀ ନାୟକ, ଗୟାଧର ଜେନା, ଦିଗମ୍ବର ବେହେରା, ପ୍ରଶାନ୍ତ ସାହୁ, ଦିଲ୍ଲୀପ ପ୍ରଧାନ ପାଞ୍ଚ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଗୌରାଙ୍ଗ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବିଭିନ୍ନ ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ




ବାଲେଶ୍ୱର,୫।୧(ସମିସ): ଭାରତୀୟ ମଜଦୁର ସଂଘ ଦ୍ୱାରା ସଂଲଗ୍ନ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ବାଲେଶ୍ୱର ପକ୍ଷରୁ ୧୦ଦଫା ଦାବି ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ରେଳଷ୍ଟେସନରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯାଇ ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯାଉ, ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ପର୍ଯ୍ୟନ୍ତ ମାସିକ ବେତନ ୧୮ହଜାର ଟଙ୍କା ପ୍ରଦାନ କରାଯାଉ, ସମସ୍ତ ଆଶାକର୍ମୀମାନଙ୍କୁ ଇଏସଆଇ ଏବଂ ଇପିଏଫଓ ସ୍କିମରେ ସାମିଲ କରାଯାଉ, ପ୍ରତିମାସ ୧୦ତାରିଖି ମଧ୍ୟରେ ଦରମା ପ୍ରଦାନ କରାଯିବା, ପ୍ରତି ପିଏଚସି ଏବଂ ସିଏଚସିରେ ଆଶା ଗୃହ ନିର୍ମାଣ କରାଯାଉ, ଯୋଗ୍ୟତା ଭିତିରେ ଆଶାକର୍ମୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ଏଏନଏମ ପଦବୀକୁ ପଦୋନ୍ନତି କରାଯାଉ,ଆଶାକର୍ମୀମାନଙ୍କୁ ବର୍ଷକୁ ଦୁଇହଳ ୟୁନିଫର୍ମ ପ୍ରଦାନ ସହ ରିପୋର୍ଟ ପାଇଁ ରେଜିଷ୍ଟ୍ରାର ପ୍ରଦାନ କରାଯାଉ, ଆଶାକର୍ମୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ଅବସରକାଳୀନ ସହାୟତା ପାଇଁ ଏକକାଳୀନ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଉ,ସିଏଚସିରେ ପ୍ରସୂତି ବିଭାଗ ଡାକ୍ତର ରଖାଯାଉ ଆଦି ୧୦ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ବିକ୍ଷୋଭରେ ରାଜ୍ୟ ଆଶାକର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଛାୟତ, ବିଏମଏସ ଲିଗାଲ ସେଲ ରାଜ୍ୟ ସଭାପତି ଅଞ୍ଜନ କୁମାର କର, ଲିଗାଲ ସେଲ ଜିଲ୍ଲା ସଭାପତି ଆଲୋକ ପଣ୍ଡା, ଆଶାକର୍ମୀ ସଂଘର ଜିଲ୍ଲା ସଭାପତି ସୀତା ଦାସ, ସାଧାରଣ ସମ୍ପାଦିକା ଜାନକୀ ରାଉଳ, କୋଷାଧ୍ୟକ୍ଷ ଅପର୍ଣ୍ଣା ପ୍ରଧାନ, ମଞ୍ଜୁ ବାହାଦୁର, ସନ୍ଧ୍ୟାରାଣୀ ବେହେରା, ସୁଜାତା ପଣ୍ଡା, ଜ୍ୟୋସ୍ନାରାଣୀ ଦାସ, ପ୍ରେମଲତା ପରିଡା, ସ୍ନେହଲତା ଭୋଇ, କଳ୍ପନା ମିଶ୍ର, ଜିଲ୍ଲା ସମ୍ପାଦକ ଅରୂପ ନାଏକ, ହିମାଂଶୁ ବେରା, ରାଜ୍ୟ ସଙ୍ଗଠନ ସମ୍ପାଦିକା କୁମମଣି ଦେଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ

ବାଲେଶ୍ୱର,୫।୧(ସମିସ): ହଳଦୀପଦା ସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବର ପ୍ରଥମ ଦିନରେ ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦର ସହଯୋଗରେ ଏକ ଶିଶୁ କିଶୋର ଲେଖନୀ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି କାର୍ତ୍ତିକ ଚନ୍ଦ୍ର ବାରିକ ଉଦଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ମନୋଜ କୁମାର ସାହୁ ମଂଚ ପରିଚାଳନା କରିଥିଲେ। ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦର ସଦସ୍ୟ ଗୌତମ ମହାରଣା, ସଞ୍ଜୟ ଦାସ, ରଞ୍ଜନ ନାୟକ, ବାଇ ଚଢ଼େଇ ପତ୍ରିକାର ସମ୍ପାଦକ ବିକାଶ ଶତପଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପିଲାମାନେ କିପରି ଭାବେ ମୋବାଇଲଠାରୁ ଦୂରେଇ ରହି ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ ସେ ନେଇ ପ୍ରତ୍ୟେକ ଅଭିଭାବକମାନେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶେଷରେ ଅନୁଷ୍ଠାନ ସଭାପତି ମହେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଅନୀଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଦସ୍ୟ ଶୁଭଙ୍କର ସାହୁ, ନନ୍ଦନ ବେହେରା, ରୁଦ୍ର ଜେନା, ସତ୍ୟବ୍ରତ ସାହୁ, ସନ୍ତୋଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ସହଯୋଗ ଭ୍ରାମ୍ୟମାଣ ସହାୟତା ରଥ ଶୁଭାରମ୍ଭ



ବାଲେଶ୍ୱର, ୫।୧ (ସମିସ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସହଯୋଗ ଭ୍ରାମ୍ୟମାଣ ସହାୟତା ଭ୍ୟାନର ଶୁଭାରମ୍ଭ ହେଇଛି। ଏହାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦଘାଟନ କରିଥିଲେ। ଏହି ଭ୍ୟାନ୍ ଜିଲ୍ଲାର ପୌରାଞ୍ଚଳ, ବ୍ଲକ ତଥା ଗ୍ରାମାଞ୍ଚଳ ଗସ୍ତ କରି ସରକାରଙ୍କ ୧୩ଟି ଯୋଜନାର ସୂଚନା ଓ ପ୍ରଚାର କରିବ। ସହଯୋଗ ଭ୍ରାମ୍ୟମାଣ ସହାୟତା ଭ୍ୟାନର ଉଦ୍ଦେଶ୍ୟ ଯୋଗ୍ୟ ହିତାଧିକାରୀ ଯେଉଁମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହିଯାଇଛନ୍ତି, ସେମାନଙ୍କୁ ସଚେତନ କରାଯିବ। ଏହା ସହିତ ଯେଉଁ ମାନେ ସହରାଞ୍ଚଳରେ ରହି ମଧ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀଭୁକ୍ତ ସେମାନେ ମଧ୍ୟ ଏଥିରେ ଯୋଡି ହୋଇ ଲାଭାନ୍ୱିତ ହେବେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ତହସିଲଦାର ଦେବୀ ପ୍ରସନ୍ନ ସାରସ୍ୱତ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଉପସ୍ଥିତ ଥିଲେ।

# ଡାକ୍ତରମାନଙ୍କ ଦୁଇ ଘଣ୍ଟିଆ ପ୍ରତୀକ ଧାରଣା



ବାଲେଶ୍ୱର, ୫।୧(ସମିସ): ଦଶ ଦଫା ଦାବି ନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମାନେ ଦୁଇ ଘଣ୍ଟିଆ ପ୍ରତୀକ ଧାରଣା ଦେଇଛନ୍ତି। ଜିଲ୍ଲାରେ ୧୫ହଜାର ୭୭୪ଟି ଡାକ୍ତରୀ ପଦ ଖାଲି ପଡ଼ିଥିବା ବେଳେ ମାତ୍ର ୬ ହଜାର ଡାକ୍ତରଙ୍କୁ ନେଇ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଜାରି ରହିଛି। କେନ୍ଦ୍ରୀୟ ହାରରେ ଡିଏସିପି ଲାଗୁ କରିବା, ଦୀର୍ଘ ବର୍ଷ ଧରି କେବିକେ ଜିଲ୍ଲାରେ କାର୍ଯ୍ୟରତ ଡାକ୍ତର ମାନଙ୍କୁ ଅନ୍ୟତ୍ର ବଦଳି କରିବା, ପେ ଷ୍ଟ୍ରକଚରରେ ଲେବୁଲ ୧୫ଏବଲ୍ୟୁସନ କରିବା, ଡାକ୍ତରମାନଙ୍କୁ କ୍ୱାଟର ପ୍ରଦାନ କରିବା ଏବଂ ପ୍ରମୋସନ କମିଟି ଗଠନ କରି ନିୟମିତ ଭାବରେ ଡାକ୍ତରଙ୍କୁ ପ୍ରମୋସନ ଦେବା ଭଳି ଦଶ ଦଫା ଦାବି କରାଯାଇ ଓମସା ପକ୍ଷରୁ ଧାରଣା ଦିଆଯାଇଛି। ସମାନ ଦାବି ନେଇ ପୂର୍ବରୁ ଘଣ୍ଟିକିଆ ପ୍ରତୀକ ଧାରଣା ଦିଆଯାଉଥିବା ବେଳେ ଆଜି ଠାରୁ ଦୁଇ ଘଂଟିଆ ଧାରଣା ଆରମ୍ଭ ହୋଇଛି। ତେବେ ଏହି ଧାରଣା ଯୋଗୁଁ ରୋଗୀସେବା ବ୍ୟାଘାତ ହେବ ନାହିଁ ବୋଲି ଓମସାର ରାଜ୍ୟ ସମ୍ପାଦକ ଡା ସଞ୍ଜୀବ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରାଯାଇଥିଲା। ମାତ୍ର ତାହା ଫଳପ୍ରଦ ହୋଇନଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଏଦିଗରେ ଗୁରୁତ୍ୱ ଦେବା ପାଇଁ ଡାକ୍ତରମାନେ ଦାବି କରିଛନ୍ତି। ଏହି ପ୍ରତୀକ ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଡା ସରୋଜ ରାଜ, ସ୍ତ୍ରୀ ପ୍ରସୂତି ବିଭାଗ ଡା ଗିରିଜା ଶଙ୍କର ଦାସ, ଡା. ଅମୂଲ୍ୟ ଦାସ, ଡା ସୁଜିତ ନାରାୟଣ ମହାପାତ୍ରଙ୍କ ସମେତ ବହୁ ଡାକ୍ତର ଉପସ୍ଥିତ ଥିଲେ।

# 'ସହାୟକ' ପକ୍ଷରୁ ବୈଠକ ଓ କମ୍ବଳ ବଣ୍ଟନ

ବାଲେଶ୍ୱର,୫।୧(ସମିସ): ସାମାଜିକ ସଂଗଠନ "ସହାୟକ' ପକ୍ଷରୁ ମାସିକ ବୈଠକ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଭାପତି ଡ. କ୍ଷୀତିଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ହୃଷିକେଶ ସାହୁ ଗତ ବୈଠକର ବିବରଣୀ ଓ ପୁରାତନ କୋଷାଧ୍ୟକ୍ଷ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଓ ନବ ନିର୍ବାଚିତ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ସଂଗଠନ ପୃଷ୍ଠପୋଷକ ସଦସ୍ୟତା ଗ୍ରହଣ କରିଥିବା ଓ ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ଅକ୍ଷୟ କୁମାର କର ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦିବାକର ମହାପାତ୍ର ପରିଚାଳନା କରିଥିଲେ। ଭଜନ, ପଲ୍ଲୀଗୀତ, ନୀତିବାଣୀ ଓ ମଜାକଥା ପ୍ରଭୃତିର ଆସରରେ କଲ୍ୟାଣୀ ନନ୍ଦ, ଅର୍ଚ୍ଚନା କର, ଗୁଣାକର ଦେ, ହରିଶ୍ଚନ୍ଦ୍ର ସାହୁ, ପଦ୍ମଲୋଚନ ଦତ୍ତ, ଦତ୍ତ, ପ୍ରତିମା ପଣ୍ଡା, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଭବେଶ ଚନ୍ଦ୍ର ପଣ୍ଡା, ପ୍ରଜ୍ଞାପାରମିତା ବିଶ୍ୱାଳ, ସାବିତ୍ରୀ ଦାସ, ତାରକାନ୍ତ ନନ୍ଦ, ସୁକୁମାର ବେହେରା, ରଜନୀକାନ୍ତ ବେହେରା, ଯୋଗେଶ ଚନ୍ଦ୍ର ପ୍ରଧାନ, ରବି ନାରାୟଣ ଭୋଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମେଗା ସ୍ୱାସ୍ଥ୍ୟସେବା ଶିବିର

ଭୋଗରାଇ, ୫।୧ (ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପରିସରରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ମହାବିଦ୍ୟାଳୟ ପରିସରରେ ଭୁବନେଶ୍ୱର ଏମ୍ସ କର୍କଟ ରୋଗ ବିଭାଗର ବିଶେଷଜ୍ଞ ପ୍ରଫେସର ଡାକ୍ତର ସରୋଜ କୁମାର ଦାସ ମଜୁମଦାରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଶିବିରରେ ୩୫ ଜଣ ଅଭିଜ୍ଞ ଡାକ୍ତର ମାନେ ଉପସ୍ଥିତ ହୋଇ ୨୦ଟି ଜଟିଳ ରୋଗର ଚିକିତ୍ସା କରିଥିଲେ। ଏହି ଶିବିରକୁ ବାଲଗୋପାଲ ଦାସ, ଅଶୋକ ସାହୁ, ଗୋପାଳ ପାତ୍ର, ରମାକାନ୍ତ ପରିଡ଼ା, ଅଧ୍ୟାପକ ଅନୁପମ ସାମଲ, ତାପସ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାଲେଶ୍ୱର, ୫।୧(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ସ୍ଥାନ ପରିବର୍ତ୍ତନ ଅବସରରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ଅଧ୍ୟକ୍ଷଙ୍କୁ ତାଙ୍କର ଦୀର୍ଘ ଦିନର ନିଷ୍ଠାପର ସେବା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରେଷ୍ଠତାର ପରମ୍ପରା ଅନୁଷ୍ଠାନ ପାଇଁ ଏକ ଅମୂଲ୍ୟ ସମ୍ପତ୍ତି ହୋଇ ରହିବ। ପରିଶେଷରେ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିବାର ପକ୍ଷରୁ ତାଙ୍କର ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଅବସର ଜୀବନ କାମନା କରାଯାଇଥିଲା। ଏହି ସଭାରେ କନିଷ୍ଠ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଗୋପନାରାୟଣ ଦାସ ମେମୋରିଆଲ ଅଲ୍ଇଣ୍ଡିଆ କ୍ରିକେଟ \ ଆଦର୍ଶ କ୍ରିକେଟ କ୍ଲବ ଚାମ୍ପିଅନ

ବାଲେଶ୍ୱର, ୫।୧ (ସମିସ)



ଆଦର୍ଶ କ୍ଲବ ଆନୁକୂଲ୍ୟରେ ରୋଟାରୀ କ୍ଲବ ସହଯୋଗରେ ସ୍ଥାନୀୟ ପରମିଟ ପଡିଆରେ ପୂର୍ବତନ ବିଧାୟକ ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ସ୍ମୃତିରେ ଚାଲିଥିବା ୨ୟ ଗୋପନାରାୟଣ ଦାସ ମେମୋରିଆଲ ଅଲ ଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଆଦର୍ଶ କ୍ରିକେଟ କ୍ଲବ ଓ ସେରସା ଖଡଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦର୍ଶ କ୍ରିକେଟ କ୍ଲବ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୨୦ ଓଭରରେ ୧୯୭ ରନ କରିଥିଲା। ୧୯୮ ରନର ବିଜୟ ଲକ୍ଷ୍ୟ ନେଇ ସେର ସା ଖଡଗପୁର ୧୯.୧ ଓଭରରେ ୧୩୧ ରନ କରି ପରାଜୟ ବରଣ କରିଥିଲା। ଫଳରେ ଆଦର୍ଶ କ୍ରିକେଟ୍ କ୍ଲବ ଚାମ୍ପିଅନ ହୋଇଥିଲା। ଦଳର ସୁକାନ୍ତ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ରାଜୀବ ଲୋଚନ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ୍ ଘୋଷଣା କରାଯାଇଥିଲା। ଫାଇନାଲ ମ୍ୟାଚକୁ ଅଶ୍ୱିନୀ ସାମଲ ଓ ଶରତ ଜେନା ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ତଥା ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ସଦସ୍ୟ ନବଜ୍ୟୋତି ପଟ୍ଟନାୟକ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ଆଦର୍ଶ କ୍ରିକେଟ କ୍ଲବର କନଭେନର ମାତୃଦତ୍ତ ଦାଶ, ସେର ସା ଖଡଗପୁର ଦଳର ନିର୍ଦ୍ଦେଶକ ତଥା ମହେନ୍ଦ୍ର ସିଂହ ଧୋନୀଙ୍କ ସାଥୀ ଖେଳାଳୀ ସତ୍ୟ ପ୍ରକାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଆଦର୍ଶ କ୍ରିକେଟ୍ କ୍ଲବର ସଭାପତି ତଥା ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଦର୍ଶ କ୍ଲବର ସମ୍ପାଦକ ଇଂ ବିଭୁପଦ ଦାସ ଉପସ୍ଥିତ ଥିଲେ। ଅତିଥିମାନେ ଚାମ୍ପିଅନ ଆଦର୍ଶ କ୍ରିକେଟ୍ କ୍ଲବକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ସେର ସାକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏଥି ସହିତ ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାନ ଅଫ ଦି ସିରିଜ ଓ ଅନ୍ୟ ଖେଳାଳୀ ମାନଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଆଦର୍ଶ କ୍ଲବର ସଦସ୍ୟ ସେକ ମିନାଜ, ଜ୍ଞାନେନ୍ଦ୍ର ପରିଡ଼ା, ତପନ ମୁର୍ମୁ, କୁଲଦୀପ, ସୁଜିତ୍, ନାଜୁଲ ଖାନ୍, ପ୍ରଭାତ ବେହେରା, ଦୀପ୍ତେଶୁ ଦେ, ଲୋକନାଥ ମୁର୍ମୁ, ଅଭିଜିତ ପଣ୍ଡା, ପ୍ରଭାତ ବେହେରା, ଗୌତମ ସାମଲ, ବିରୁପକ୍ଷ ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଚୋରା ପଥର ବୋଝେଇ ଡମ୍ଫର ଜବତ

ସୋର, ୫।୧ (ସମିସ): ସୋର ତହସିଲ ପକ୍ଷରୁ ମଙ୍ଗଳପୁର ନିକଟରେ ଚଢ଼ଉ କରି ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରାଯାଇଛି। ଖଞ୍ଜାମାହାଲ ପଥର ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ସୋର ଅତିରିକ୍ତ ତହସିଲଦାର ସଂଜୀବ କୁମାର ପାତ୍ର ଏକ ଟିମ୍ ସହ ମଙ୍ଗଳପୁରରେ ଚଢ଼ଉ କରିଥିଲେ। ଏହି ସମୟରେ ଓଆର ୦୯ ପି ୮୦୪୭ ନମ୍ବର ବିଶିଷ୍ଟ ଡମ୍ଫରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ବେଆଇନ ପଥର ଚାଲାଣ ହେଉଥିବା ଜାଣିପାରି ଡମ୍ଫର ଟିକୁ ଜବତ କରି ସୋର ପୁଲିସ ସହାୟତାରେ ତହସିଲ ପରିସରରେ ରଖିଛନ୍ତି।

## ମଦ ଦୋକାନରୁ ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୫।୧(ସମିସ): ହରିଡାଖଣ୍ଡି ଛକଠାରେ ଥିବା ଏକ ଠିପିବନ୍ଦ ମଦ ଦୋକାନରୁ ନଗଦ ୩ଲକ୍ଷ ୭୫ହଜାର ଟଙ୍କା ଓ କିଛି ଦାମି ମଦ ବୋତଲ ଚୋରି ଘଟଣାରେ ବଡ଼ବଜାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଫାଷ୍ଟଗେଟ ଧୋବାବନ୍ଦ ହୁଡ଼ା ସାହିର ସନ୍ତୋଷ ରାଉତରାୟ ଓରଫ କାଲୁ (୨୧)। ପୁଲିସ ଅଭିଯୁକ୍ତଠାରୁ ନଗଦ ୪୦ହଜାର ଟଙ୍କା ଓ ଚୋରି ହୋଇଥିବା ମଦ ଦୋକାନର ହାର୍ଡ ଡିସ୍କ ଜବତ କରିଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଅମିର ବାହାଦୁର ଏଯାବତ ଫେରାର ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, କନିଷି ଗ୍ରାମ ନିବାସୀ ସନ୍ତୋଷ ସାହୁ ହରିଡାଖଣ୍ଡି ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ମଦ ଦୋକାନରେ ମ୍ୟାନେଜର ଭାବରେ କାର୍ଯ୍ୟ କରନ୍ତି। ଗତ ଡିସେମ୍ବର ୨୮ ତାରିଖ ରାତି ସାଢ଼େ ୧୦ଟା ସମୟରେ ସେ ଦୋକାନ ବନ୍ଦ କରିଥିଲେ। ପରଦିନ ଅର୍ଥାତ୍ ୨୯ ଦିନ ସକାଳ ପ୍ରାୟ ୯.୪୦ଟାରେ ସନ୍ତୋଷ ଦୋକାନ ଖୋଲି ଦେଖିଲେ ଯେ କୌଣସି ଅଜଣା ଦୁର୍ବୃତ୍ତ ଦୋକାନର ଟିନ୍ ସିଟ୍ ଭାଙ୍ଗି ଦୋକାନର ଉପର ଭାଗରେ ସିଲିଂ ଭାଙ୍ଗି ଦୋକାନରେ ପ୍ରବେଶ କରି ଦୋକାନରେ ଥିବା ଆଲମାରୀ ଭାଙ୍ଗି ଡ୍ରୟର ଖୋଲି ୩ଲକ୍ଷ ୭୫ହଜାର ଟଙ୍କା, ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ମଦ ଏବଂ ଦୋକାନରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ କାଲୁ ଓରଫ ଅମିର ବାହାଦୁର ଏହି ଚୋରି କରିଛନ୍ତି। ଆଜି ପୁଲିସ କାଲୁକୁ ଗିରଫ କରିବାରେ ସଫଳ ହୋଇଥିଲା। କାଲୁ ଓ ଅମିର ମିଶି ଦୋକାନର ଟିନ୍ ସିଟ୍ ଭାଙ୍ଗି ଦୋକାନର ଉପର ଭାଗର ସିଲିଂ ଭାଙ୍ଗି ଦୋକାନ ଭିତରକୁ ପ୍ରବେଶ କରିଥିଲେ। ଦୋକାନ ଭିତରକୁ ପ୍ରବେଶ କରିବା ପରେ, ଅମିର ବାହାଦୁର ଏବଂ କାଲୁ ଆଲମିରା ଭାଙ୍ଗି ଦୋକାନରୁ ଟଙ୍କା ଏବଂ ମଦ ଉଠାଇ ନେଇଗଲେ ଏବଂ ସେମାନେ ସିସିଟିଭିର ହାର୍ଡ ଡିସ୍କ ମଧ୍ୟ ନେଇଗଲେ। ଚୋରି କରିବା ପରେ, ଅମିର ବାହାଦୁର କାଲୁଙ୍କୁ ପ୍ରାୟ ୯୦ ହଜାର ଟଙ୍କା ଦେଇଥିଲେ। ସେ ଏହା ମଧ୍ୟ ସ୍ୱୀକାର କରିଥିଲେ ଯେ ସେ ଜୁଆ ଖେଳି ଏବଂ ଦୋକାନ କରି ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ବାକି ଟଙ୍କା ଅମିର ବାହାଦୁର ନେଇଥିବା ସେ ପୁଲିସକୁ ଜଣାଇଛି। କାଲୁର ଘର ଭିତରୁ ନଗଦ ୪୦ହଜାର ଟଙ୍କା ଏବଂ ମଦ ଦୋକାନ ପଛ ପାର୍ଶ୍ୱରେ ଥିବା ଏକ କେନାଲ ପାଖରେ ହାର୍ଡ ଡିସ୍କକୁ ପୁଲିସ ଜବତ କରିଛି। ଆଜି ଅଭିଯୁକ୍ତ କାଲୁକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ୍ ସୂଚନା ଦେଇଛନ୍ତି।



## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ବ୍ରହ୍ମପୁର,୫।୧(ସମିସ): ବଡବଜାର ଥାନା ଗ୍ରାମଦେବତୀ ସାହିରେ ଥିବା ଏକ ମଦ ଦୋକାନ ନିକଟରେ ଜଣେ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। ଆହତ ଯୁବକ ହେଲେ ଦିଗପହଣ୍ଡି ଥାନା ଅନନ୍ତେଇର ହେମନ୍ତ ସେଠୀ(୨୮)। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ସୂଚନାପ୍ରକାରେ, ହେମନ୍ତ ଜଣେ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଆଜି ସେ ଗ୍ରାମଦେବତୀ ସାହି ସ୍ଥିତ ମଦ ଦୋକାନକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ କିଛି ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପରେ ସମ୍ପୃକ୍ତ ଯୁବକମାନେ ଖଣ୍ଡା ସହ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ହେମନ୍ତଙ୍କୁ ଆକ୍ରମଣ କରିଥିଲେ। ହେମନ୍ତ ଦୌଡି ପଳାଉଥିବା ବେଳେ ଯୁବକମାନେ ତାଙ୍କୁ ଗୋଡାଇ ଗୋଡାଇ ଖଣ୍ଡାରେ ହାଣିଥିଲେ। ଏହାକୁ ନେଇ ସେହି ସାହିରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଖଣ୍ଡା ଚୋଟରେ ହେମନ୍ତ ଆହତ ହେବା ପରେ ଆକ୍ରମଣକାରୀମାନେ ଚାଲି ଯାଇଥିଲେ। ଖବରପାଇ ହେମନ୍ତଙ୍କ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଏହି ଆକ୍ରମଣ ଘଟଣାକୁ ନେଇ ବର୍ତ୍ତମାନ ଯାଏଁ ଥାନାରେ କୌଣସି ଅଭିଯୋଗ ହୋଇନଥିବା କୁହାଯାଉଛି।

## ଜୁଆ ଆଡ୍ଡାରେ ଚଢ଼ଉ; ମହିଳାଙ୍କ ସମେତ ୫ଗିରଫ

ବ୍ରହ୍ମପୁର,୫।୧(ସମିସ): ଗୋପାଳପୁର ପୁଲିସ ବାହାଦୂରପେଟା ଏକ ତୋଟାରୁ ଜୁଆ ଆଡ୍ଡାରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସେଠାରୁ ପୁଲିସ ୬୦ହଜାର ୨ଶହ ଟଙ୍କା, ଗୋଟିଏ ଜରି ପାଲ, ଗୋଟିଏ ତାସ ପେକେଟ, ୫ଟି ମୋବାଇଲ ଜବତ କରିଛି। ସେମାନେ ହେଲେ ବ୍ରହ୍ମପୁର ବଡ଼ବଜାର ଅଂଚଳର ପିଣ୍ଟୁ ପାତ୍ର, ମିଟୁ ଗୌଡ଼, ଆନନ୍ଦ କୁମାର ସାହୁ, ଅନୁସୟା ନାୟକ, କବିସୂର୍ଯ୍ୟନଗର ଅଂଚଳର ସତ୍ୟ ପ୍ରଧାନ, ବ୍ରହ୍ମପୁର ଟାଉନ ଥାନା ଗେଟ ବଜାର ଅଂଚଳର ଶଙ୍କର ଦାସ ବୋଲି ପୁଲିସ କହିଛି। ସୂଚନାପ୍ରକାରେ ବାହାଦୂରପେଟାର ଏକ ତୋଟାରେ ଦୀର୍ଘ ଦିନ ଧରି ଜୁଆ ଖେଳ ଚାଲିଥିବା ପୁଲିସକୁ ଖବର ମିଳିଥିବା ବେଳେ ଆଜି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ ଭବାନୀ ନାୟକ, ଏଏସଆଇ ମେଘନାଦ ସାହୁ, ମନୋଜ କୁମାର ଜେନା, ସମୀର ରଣା, ପିଏସଆଇ ଅଭୟ ସାହୁ ଓ ଟିମ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରି କେସ ନମ୍ବର ୬/୨୬ ମାମଲା ରୁଜୁ କରି ସର୍ତ୍ତ ମୂଳକ ଜାମିନରେ ଛଡ଼ା ଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ନିଲାମ ଗାଡ଼ି ଯୋଗାଣ ନାଁରେ ୧.୩୦ ଲକ୍ଷ ଠକେଇ

ବ୍ରହ୍ମପୁର,୫।୧(ସମିସ): ନିଲାମ ଗାଡି ଯୋଗାଣ ନାଁରେ ଲାଠି ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ୧ଲକ୍ଷ ୩୦ହଜାର ଟଙ୍କା ଠକେଇ ହୋଇଛି। ଢେଙ୍କାନାଳର ଜଣେ ବ୍ୟକ୍ତି ପ୍ରତିଶ୍ରୁତି ଦେଇ ଟଙ୍କା ନେବା ପରେ ବର୍ତ୍ତମାନ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ଲାଠି ଗ୍ରାମ ବାଳକୃଷ୍ଣ ଚୌଧୁରୀ କିଛି ମାସ ତଳେ ନିଲାମ ହେଉଥିବା ଏକ ଗାଡି କିଣିବାକୁ ଯୋଜନା କରିଥିଲେ। ସେହିକ୍ରମରେ ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଯୋଗାଯୋଗ ହୋଇଥିଲା। ସେହି ବ୍ୟକ୍ତି ଜଣଙ୍କ ଗାଡି ଯୋଗାଣ କରିବେ ବୋଲି ପର୍ଯ୍ୟାୟକ୍ରମରେ ୧ଲକ୍ଷ ୩୦ହଜାର ନେଇଥିଲେ। ହେଲେ ଅନେକ ଦିନ ଯାଏଁ ଗାଡି ପ୍ରଦାନ କରିନଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଏକ ଚେକ୍ ଦେଇଥିଲେ। ସେହି ଚେକ୍ ବାଉନ୍ସ ହୋଇଯାଇଥିଲା। ଏହାପରେ ବାଳକୃଷ୍ଣ ଲିଗାଲ ନୋଟିସ ପଠାଇଥିଲେ। ଯାହାକୁ ନେଇ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଧମକଚମକ ଦେଇଥିଲେ ବୋଲି ବାଳକୃଷ୍ଣ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

# ୫ଘଣ୍ଟା ବିଦ୍ୟୁତ୍ କାଟ୍; ଡିଇଓ ଅଫିସ୍ ଅଚଳ

### ନିରାଶ ହୋଇ ଫେରିଲେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଧାରଣ ଜନତା

ବ୍ରହ୍ମପୁର,୫।୧(ସମିସ)




ବିଦ୍ୟୁତ ନଥିବା କାରଣରୁ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ(ଡିଇଓ)ର ଦୈନନ୍ଦିନ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ବିଦ୍ୟୁତ ନଥିବାରୁ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନରେ ଥିବା କମ୍ପ୍ୟୁଟର ବନ୍ଦ ରହିଥିଲା। ଫଳରେ ଅନ୍‌ଲାଇନ୍ କାର୍ଯ୍ୟ ହୋଇପାରିନଥିଲା। ଏହାର ପ୍ରଭାବରେ ଶିକ୍ଷକମାନଙ୍କର ବେତନ ବିଲ୍, ସର୍ଭିସ୍ ବୁକ୍, ବଦଳି, ପୋଷ୍ଟିଂ ଓ ଛାତ୍ରବୃତ୍ତି ଭଳି ବହୁ କାର୍ଯ୍ୟ ସମ୍ପାଦନ ହୋଇପାରି ନଥିଲା। ଯାହାକୁ ନେଇ କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।

ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ଗଞ୍ଜାମ ଲୋକ ସଂଖ୍ୟା ଏବଂ ଆୟତନ ଦୃଷ୍ଟିରେ ଅଧିକ ରହିଛି। ଜିଲ୍ଲାରେ ମୋଟ ୨୨ଟି ବ୍ଲକ ରହିଥିବା ବେଳେ ଉକ୍ତ ବ୍ଲକ ଅଧୀନରେ ଶତାଧିକ ବିଭିନ୍ନ ବର୍ଗର ବିଦ୍ୟାଳୟ ରହିଛି। ପ୍ରତିଦିନ ଜିଲ୍ଲା କାର୍ଯ୍ୟାଳୟ ନିର୍ଦ୍ଦେଶ କ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଗୁଡ଼ିକ କାର୍ଯ୍ୟ କରୁଛି। ଏଭଳି ଭାବେ ବୃହତର ଗଞ୍ଜାମ ଜିଲ୍ଲରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଗୁଡ଼ିକ ପରିଚାଳନା କରିବାରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। କିନ୍ତୁ ବିଦ୍ୟୁତ୍ କାଟ୍ କାରଣରୁ ପୂରା କାର୍ଯ୍ୟାଳୟ ପରିଚାଳନା ବ୍ୟବସ୍ଥା ଠପ୍ ହୋଇପଡ଼ିଛି। କୌଣସି କାରଣକୁ ନେଇ ଟାଟା ପାୱାର ପକ୍ଷରୁ ସୋମବାର ସକାଳରୁ ଗିରି ରୋଡ୍ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ପ୍ରାୟ ଅପରାହ୍ନ ୨ଟା ୨୫ସମୟରେ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଇଥିଲା। ଏଭଳି ଭାବେ ବିଦ୍ୟୁତ ନଥିବା କାରଣରୁ ପ୍ରାୟ ୫ଘଣ୍ଟା ଧରି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇ ରହିଥିଲା। କିଛି ସେକ୍ସନରେ ଇନଭର୍ଟର ବ୍ୟବସ୍ଥା ରହିଥିବା ସତ୍ତ୍ୱେ କିଛି ଘଣ୍ଟା ମଧ୍ୟରେ ତାହାର ପାୱାର ଶେଷ ହୋଇଯାଇଥିଲା। କାର୍ଯ୍ୟାଳୟରେ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା(ଜେନେରେଟର) ନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏଭଳି ସମସ୍ୟା ନିମନ୍ତେ କାର୍ଯ୍ୟାଳୟକୁ ଆସିଥିବା ଶିକ୍ଷକ ଓ ସାଧାରଣ ଲୋକମାନେ ମଧ୍ୟ ନିରାଶ ହୋଇ ଫେରିଯାଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ତଥା ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ପରିଚା ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା କାରଣରୁ ଶତାଧିକ କର୍ମଚାରୀ ଓ ବିଭିନ୍ନ କାର୍ଯ୍ୟରେ ଆସିଥିବା ଶିକ୍ଷକଶିକ୍ଷୟତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ସମେତ କାର୍ଯ୍ୟାଳୟ ସୁପରିଚାଳାନା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ବାସ୍ତବ ଚିତ୍ର ଏବଂ ପରିଚାଳନା ବ୍ୟବସ୍ଥା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ରହିଛି। ଯଦି ଜିଲ୍ଲା କାର୍ଯ୍ୟାଳୟରେ ଏଭଳି ପରିସ୍ଥିତି ତେବେ ବ୍ଲକ୍ ଏବଂ ଗ୍ରାମାଞ୍ଚଳ ସ୍ଥିତି ନକହିଲେ ଭଲ ହେବ। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସମସ୍ୟାକୁ ଦୃଷ୍ଟି ଦେବା ସହ ଏହାର ସ୍ଥାୟୀ ସମାଧାନ ପ୍ରତି ଗୁରୁତ୍ୱ ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କୁ ଯୋଗାଯୋଗୀ କରାଯାଇଥିବା ବେଳେ ତାହା ସମ୍ଭବ ହୋଇ ପାରିନଥିଲା।

### ବିନାୟକ ଆଚାର୍ଯ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଛତ୍ରପୁରକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ



ବ୍ରହ୍ମପୁର,୫।୧(ସମିସ): ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ୬ଷ୍ଠ ବିନାୟକ ଆଚାର୍ଯ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜୁନିଅର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଛତ୍ରପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ରାମେଶ୍ୱର କ୍ଲବ ଛତ୍ରପୁରକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ୩୦ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିଣି ରାମେଶ୍ୱର କ୍ଲବ ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ୮ୱିକେଟ ବିନିମୟରେ ୩୧୭ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୋମନାଥ ପ୍ରଧାନ ୬୬ଟି ବଲରୁ ବ୍ୟକ୍ତିଗତ ସର୍ବାଧିକ ୧୨୩ରନ୍ ସଂଗ୍ରହ କରିଥିବା ବେଳେ ଦେବାଶିଷ ବେହେରା ୧୯ଟି ବଲରୁ ୪୭ ଓ ଦୀପକ କୁଣ୍ଡ ୧୬ବଲରୁ ୪୪ରନ୍ ସଂଗ୍ରହ କରି ଦଳ ପାଇଁ ବିଶାଳ ସ୍କୋର କରିଥିଲେ।

ଛତ୍ରପୁର ଦଳ ପକ୍ଷରୁ ଗୋପାଳ ରେଡ୍ଡୀ ୬ଓଭର ବୋଲିଂ କରି ୩୩ରନ୍ ବିନିମୟରେ ବ୍ୟକ୍ତିଗତ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ୩୧୮ ବିଶାଳ ସ୍କୋରର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟରେ ବ୍ୟାଟିଂ କରି ଛତ୍ରପୁର ଦଳ ୧୭୦ରନ୍‌ରେ ଦଳର ସମବସ୍ତ ଖେଳାଳୀଙ୍କ ୱିକେଟ ହରାଇ ପରାଜୟ ବରଣ କରିଥିଲେ। ଗୋପାଳ ରେଡ୍ଡୀ ୩୧ବଲରୁ ୪୮ ରନ୍ ସଂଗ୍ରହ କରିଥିଲେ। ବିଜୟୀ ରାମେଶ୍ୱର କ୍ଲବ ପକ୍ଷରୁ କାଳିଆ ସାହୁ ୬ଓଭର ବୋଲିଂ କରି ୧୬ରନ୍ ବିନିମୟରେ ଗୋଟିଏ, ପୂର୍ଣ୍ଣ ଚନ୍ଦ୍ର ନାୟକ ୩ଓଭର ବୋଲିଂ କରି ୧୮ରନ୍ ବିନିମୟରେ ୨ଟି ଓ ଦେବାଶିଷ ସାହୁ ୪ଓଭର ବୋଲିଂ କରି ୧୮ ରନ୍ ବିନିମୟରେ ଦୁଇଟି ୱିକେଟ ଅକ୍ତିଆର କରିଥିଲେ।

ଟୁର୍ଣ୍ଣାମେଣ୍ଟରେ ସନ୍ତୋଷ ସେଠୀ ଶ୍ରେଷ୍ଠ ବୋଲର, ସୋମନାଥ ପ୍ରଧାନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରୀହରି ଦଳାଇ ଶ୍ରେଷ୍ଠ ୱିକେଟ ରକ୍ଷକ ଭାବେ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚର ମ୍ୟାନ ଅଫ୍ ଦ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ କ୍ଲବର ସୋମନାଥ ପ୍ରଧାନ ଓ ଛତ୍ରପୁର କ୍ରିକେଟ କ୍ଲବର ଗୋପାଳ ରେଡ୍ଡୀ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କର୍ପୋରେଟର ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା ଯୋଗ ଦେଇ ଉଭୟ ଚାମ୍ପିଆନ ଓ ରନର୍ସ ଅପ୍ ଟିମ ସମେତ କୃତି ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଡିସେମ୍ବର ୨୫ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଟିମ ଅଂଶଗ୍ରହଣ କରିଥିଲେ।

### ■ ଆଧାର କାର୍ଡ ଅପରେଟରଙ୍କ ଠାରୁ ଲକ୍ଷାଧିକ ଠକେଇ

## ଜିଲ୍ଲା ପରିଚାଳକଙ୍କ ବିରୋଧରେ ଏତଲା

ବ୍ରହ୍ମପୁର,୫।୧(ସମିସ): ଗଞ୍ଜାମ ଜିଲ୍ଲାରେ ଥିବା ଆଧାର କାର୍ଡ ଅପରେଟରଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ହୋଇଛି। ଗଞ୍ଜାମରେ ଜିଲ୍ଲା ପରିଚାଳକ ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ଏହି ଟଙ୍କା ଠକି ନେବା ପରେ ନାନାପ୍ରକାର ଧମକ ଦେଉଥିବା ଅଭିଯୋଗ ହୋଇଛି। କେବଳ ଅପରେଟରଙ୍କ ଠାରୁ ନୁହେଁ, ଏହି ଯୁବକ ଜଣଙ୍କ ନିଜ କମ୍ପାନୀର ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ନେଇଥିବା ଟାଉନ ଥାନାରେ କମ୍ପାନୀ ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଧାରକାର୍ଡ ସଂଶୋଧନ କରିବାକୁ ହାଇଦ୍ରାବାଦର ବ୍ଲୁମ୍ ସଲ୍ୟୁସନ ନାମକ ଏକ ସଂସ୍ଥା ଦାୟିତ୍ୱ ନେଇଛି। ସେହି ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାର ପ୍ରାୟ ୭୦ଜଣ ଅପରେଟରଙ୍କୁ ଜନସାଧାରଣଙ୍କ ଆଧାରକାର୍ଡ ସଂଶୋଧନ କରିବାକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଅପରେଟରମାନେ ଲୋକଙ୍କ ଆଧାରକାର୍ଡ ସଂଶୋଧନ କରିବା ପରେ ନିର୍ଦ୍ଧାରିତ ଫି' ନେଉଛନ୍ତି। ହେଲେ ଲୋକଙ୍କ ଠାରୁ ଅଧିକ ଫି' ଆଦାୟ କରିବାକୁ ଜିଲ୍ଲା ପରିଚାଳକ ଜଣଙ୍କ ଅପରେଟରଙ୍କୁ ପରାମର୍ଶ ଦେଇ ଟଙ୍କା ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଛି। ଏପରିକି ଲାଇସେନ୍ସ ନବୀକରଣ ନାଁରେ କମ୍ପାନୀରେ ଟଙ୍କା ଜମା କରିବାକୁ କହି ପରିଚାଳକ ଜଣଙ୍କ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ଏହା ଜଣାପଡ଼ିବା ପରେ କମ୍ପାନୀ ପକ୍ଷରୁ ସଂପୃକ୍ତ ଯୁବକଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହାପରେ ଯୁବକ ଜଣଙ୍କ କିଛି ପରିଚାଳକଙ୍କୁ ଧରି ଚକ୍ରାନ୍ତ କରୁଥିବା ଜଣାପଡ଼ିବା ପରେ କମ୍ପାନୀ ଉପରିସ୍ଥ ଅଧିକାରୀମାନେ ବ୍ରହ୍ମପୁରରେ ପହଞ୍ଚି ଟାଉନ ଥାନାକୁ ଯାଇ ସଂପୃକ୍ତ ପୂର୍ବତନ ପରିଚାଳକଙ୍କ ନାଁରେ ଏତଲା ଦିଆଯାଇଛି। ସେହିପରି ଠକେଇର ଶିକାର ହୋଇଥିବା କିଛି ଅପରେଟର ମଧ୍ୟ ଟାଉନ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଗଞ୍ଜାମର ସିଡିଏମଓ ହେଲେ ଡାକ୍ତର ଭବାନୀଶଙ୍କର

ବ୍ରହ୍ମପୁର,୫।୧(ସମିସ): ଗଞ୍ଜାମ ଜିଲ୍ଲାର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ) ଭାବେ ବରିଷ୍ଠ ଡା. ଭବାନୀଶଙ୍କର ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ଡ଼ା. ମିଶ୍ର କନ୍ଧମାଳ ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧୀକ୍ଷକ ଭାବେ କାର୍ଯ୍ୟରତ ରହିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ବରିଷ୍ଠ ପଦବୀରେ ପଦୋନ୍ନତି ଦିଆଯାଇ ଗଞ୍ଜାମର ସିଡ଼ିଏମଓ ଭାବେ ବଦଳି କରାଯାଇଛି। ସେହିପରି ବର୍ତ୍ତମାନ ଗଞ୍ଜାମର ସିଡିଏମଓ ଭାବେ କାର୍ଯ୍ୟ କରୁଥିବା ଡା. ସୁଶାନ୍ତ କୁମାର ନାୟକଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲର ଅଧୀକ୍ଷକ ଭାବେ ବଦଳି କରାଯାଇଛି।

### ତୀବ୍ର ହେଉଛି ଓମ୍‌ସା ଆନ୍ଦୋଳନ

## ଦୁଇ ଘଣ୍ଟା ବନ୍ଦ ରହୁଛି ଓପିଡି; ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୫।୧(ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ପକ୍ଷରୁ ଜିଲ୍ଲାର ସିଟି ହସ୍‌ପିଟାଲ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନେ ୧୮ ଦଫା ଦାବି ନେଇ ପ୍ରତିବାଦ ଜାରି ରଖିଛନ୍ତି। ସରକାର ଦାବିକୁ ଗୁରୁତ୍ୱ ଦେଉ ନ ଥିବାରୁ ସୋମବାରଠାରୁ ଏକ ଘଣ୍ଟା ପରିବର୍ତ୍ତେ ଦୁଇ ଘଣ୍ଟା ଓପିଡି ବନ୍ଦ କରି ଅସନ୍ତୋଷ ଜାହିର କରିଛନ୍ତି। ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ବନ୍ଦ କରି ରୋଗୀ ଦେଖିବାରୁ ଅବ୍ୟାହତି ନେଇଛନ୍ତି। ଏଭଳି ଭାବେ ଜିଲ୍ଲାର ପ୍ରାୟ ୨୧୦ରୁ ଅଧିକ ଡାକ୍ତର ଏଥିରେ ସାମିଲ ହୋଇଥିବା ବେଳେ ଦିନକୁ ଦିନ ଓମ୍‌ସାର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଦୁଇଘଣ୍ଟା ଓପିଡି ବନ୍ଦ ସମୟରେ ରୋଗୀଙ୍କୁ ଜୁନିୟର ଡାକ୍ତର ଓ ଡିଆର୍‌ଏମ୍ ତଥା ଅନ୍ୟ ସହଯୋଗୀ ଡାକ୍ତର ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ସଂଘ ପକ୍ଷରୁ ଡାକ୍ତରମାନଙ୍କ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକଘଣ୍ଟା ଓପିଡ଼ିରେ ରୋଗୀ ଦେଖିବା ବନ୍ଦ କରିଥିଲେ। ସୂଚନାଯୋଗ୍ୟ ଯେ, ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଦାବି ମଧ୍ୟରେ କ୍ୟାଡ଼ର୍ ଗଠନ, କେନ୍ଦ୍ରୀୟ ଡିଏସିପି, କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଓ ସୁରକ୍ଷା, ବୀମା, ନିୟମିତ ଡିପିସି ସହ ସ୍ୱଚ୍ଛ ବଦଳି ନୀତି ପରି ୧୮ଦଫା ଦାବି ରହିଛି। ନଭେମ୍ବର ମାସରେ ସଂଘ ପକ୍ଷରୁ ପ୍ରତୀକାରକ ଧାରଣା ଦିଆ ଯାଇଥିଲା।

## ସବୁଜ ବାହିନୀ ପକ୍ଷରୁ ଜାତୀୟ ପକ୍ଷୀ ଦିବସ ପାଳିତ



ବ୍ରହ୍ମପୁର,୫।୧(ସମିସ): ଜାତୀୟ ପକ୍ଷୀ ଦିବସ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସୁକୁଣ୍ଡା ହଜରେ ବିଦେଶୀ ପକ୍ଷୀମାନଙ୍କ ସୁରକ୍ଷା, ସଚେତନତା ଓ ପରିବେଶ ସଂରକ୍ଷଣ ଉଦ୍ଦେଶ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ୍ ଅରବିନ୍ଦ ରାଜେଶିର୍କେ ଯୋଗଦେଇ ସଂଗଠନ ପକ୍ଷରୁ ପରିବେଶ ସଂରକ୍ଷଣ ଦିନ ଗୁଡ଼ିକୁ ମନ ପକାଇବା ପାଇଁ ପ୍ରସ୍ତୁତ ହୋଇଥିବା କ୍ୟାଲେଣ୍ଡରକୁ ଉନ୍ମୋଚନ କରିଥିଲେ। ଗତ ଦୁଇମାସ ଧରି ସବୁଜ ବାହିନୀର ସଦସ୍ୟମାନେ ସୁକୁଣ୍ଡା ହଜରେ ଆସୁଥିବା ବିଦେଶୀ ପକ୍ଷୀମାନଙ୍କ ଗଣନା ସହ ସେମାନଙ୍କ ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟରତ ଅଛନ୍ତି। ପ୍ରାୟ ୫୦ରୁ ଅଧିକ ପ୍ରଜାତିର ୨ହଜାରରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ ସ୍ଥାନୀୟ ଜଳଚର ଓ ସ୍ଥଳ ଚର ପକ୍ଷୀମାନେ ସୁକୁଣ୍ଡା ହଜରେ ବାସ କରୁଛନ୍ତି। ବିଗତ ପାଞ୍ଚ ବର୍ଷ ହେବ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରି ଏହିପରି ପରିବେଶ ତିଆରି କରାଯାଇଥିବା ବେଳେ ସଙ୍ଗଠନ ପକ୍ଷରୁ ପକ୍ଷୀ ସୁରକ୍ଷା, ଶିକାର ରକିବା, ଜଳାଶୟ ସଂରକ୍ଷଣ ଓ ସ୍ଥାନୀୟ ଲୋକମାନଙ୍କ ସଚେତନତା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରାଯାଇଛି। କାର୍ଯ୍ୟକ୍ରମରେ ସଂଗଠନ ସଭାପତି ଶିବରାମ ପାଣିଗ୍ରାହି, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଦସ୍ୟ ଅଜୟ କୁମାର ସାହୁ, ବିରଜା ପ୍ରସାଦ ପାତ୍ର, ଶିବରାମ ବକ୍ସି, ବି. ସତୀଶ, ପ୍ରବୀଣ ନାୟକ, ଗଣେଶ ପାଣିଗ୍ରାହୀ ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଘରଚଟିଆ ସୁରକ୍ଷା ଅଭିଯାନ

ବ୍ରହ୍ମପୁର,୫।୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ଜାତୀୟ ପକ୍ଷୀ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଗ୍ରାମକୁ ଘର ଚଟିଆ ସୁରକ୍ଷା ଅଭିଯାନରେ ସାମିଲ କରାଯାଇଛି। ଗ୍ରାମବାସୀଙ୍କୁ ଘର ଚଟିଆ ପକ୍ଷୀର ସଂରକ୍ଷଣ ସହ ସେମାନଙ୍କ ଯତ୍ନ ପାଇଁ ବୁଝାଯାଇଥିଲା। ପରିଷଦ ତରଫରୁ ଗ୍ରାମବାସୀଙ୍କୁ କୃତ୍ରିମ ବାସ, ଖାଦ୍ୟ ସ୍ଥଳୀ ବଣ୍ଟନ ସହ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗ୍ରାମର ଘର ଆଗରେ କୃତ୍ରିମ ବସା ଓ ଖାଦ୍ୟ ଥଳି ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ନଳିନୀକାନ୍ତ ପରିଡା, ପୁରୁଷୋତ୍ତମ ସ୍ୱାଇଁ, ଅର୍ଜୁନ ଗୌଡ଼, ପି. ଅରବିନ୍ଦ ଦେଶି ବେହେରା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



# ୧୬ ମାସ ଧରି ବସିନି ବ୍ଲକ୍ ବୈଠକ, ବିକାଶ କାର୍ଯ୍ୟ ଠପ୍

ବ୍ରହ୍ମପୁର,୫।୧(ସମିସ)



- ଶୁଣୁନାହାନ୍ତି ଅଧ୍ୟକ୍ଷ କିମ୍ବା ବିଡିଓ
- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ
- ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

ଦିର୍ଘ ୧୬ମାସ ଧରି ବସିନି ସାନଖେମୁଣ୍ଡି ପଞ୍ଚାୟତ ସମିତି ବୈଠକ। ଯାହା ଓଡିଶା ପଞ୍ଚାୟତ ସମିତି କାର୍ଯ୍ୟ ପରିଚାଳନା ନିୟମାବଳୀ ୧୯୬୯ର ଖୋଲାଖୋଲି ଉଲଂଘନ କରୁଛି। ନିୟମ ମୁତାବକ ପ୍ରତି ଦୁଇ ମାସରେ ଥରେ ବୈଠକ ବସିବାକୁ ଥିବା ବେଳେ ଦେଢ ବର୍ଷ ଧରି କୌଣସି ବୈଠକ ଡକାଯାଇନଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ସମିତିର ଶେଷ ବୈଠକ ଗତ ୨୦୨୪ ଅକ୍ଟୋବର ୮ରେ ଅନୁଷ୍ଠିତ ହୋଇଥିଲା। ଫଳରେ ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଥିବା ଅଭିଯୋଗ ହୋଇଛି। ଏଥି ଯୋଗୁଁ ପାନୀୟ ଜଳ ସମସ୍ୟା, ଗରୀବ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନା ଭତ୍ତା, ସାମଗ୍ରୀ ଏପରିକି ଗୃହନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନରେ ସମସ୍ୟା ଉପୁଜୁଛି। ଗରୀବ ଲୋକଙ୍କୁ ରାସନ କାର୍ଡ, ସୁଭଦ୍ରା ଯୋଜନାରେ ମାଆମାନଙ୍କ ନାମକୁ କାଟି ଦିଆଯିବା, ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ସରକାରୀ ଯୋଜନାରେ ସହାୟତା ପ୍ରଦାନରେ ମଧ୍ୟ ସମସ୍ୟା ଉପୁଜୁଛି। ଏହିଭଳି ବିଭିନ୍ନ ଅଭିଯୋଗ କରି ୧୦ଦଫା ଦାବିରେ କଙ୍କରଡା ସରପଞ୍ଚ ମିନତୀ ସେଠୀ ବ୍ରହ୍ମପୁର ଠାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକ ହେଉନଥିବା ବେଳେ ଏହାର ସୁଯୋଗ ନେଇ ବହୁ ଦୁର୍ନିତିରେ ଅଧିକାରୀ ଓ କର୍ମଚାରୀ ଲିପ୍ତ ରହୁଥିବା ସେ ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସେପଟେ ଏନେଇ କଙ୍କୋରଡା ସରପଞ୍ଚ ବାରମ୍ବାର ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କୁ ଅବଗତ କରିଥିଲେ ହେଁ କେହି ଶୁଣୁନଥିବାରୁ ସେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ସେ ଛତ୍ରପୁର ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଦିର୍ଘ ମାସ ଧରି ବୈଠକ ବସୁନଥିବାରୁ ଉପୁଜିଥିବା ଅଚଳାବସ୍ଥାକୁ ନେଇ ଅବଗତ ହେବାପରେ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ସିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଗୌହାଟୀ-ବେଙ୍ଗାଲୁର ସୁପରଫାଷ୍ଟରେ ଯାନ୍ତ୍ରିକ ତ୍ରୁଟି



ବ୍ରହ୍ମପୁର,୫।୧(ସମିସ): ଗୌହାଟୀରୁ ବେଙ୍ଗାଲୁରୁ ଯାଉଥିବା ସୁପରଫାଷ୍ଟ ଟ୍ରେନରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ସୋମବାର ବ୍ରହ୍ମପୁର ଷ୍ଟେସନର ପ୍ଲାଟଫର୍ମ ଦୁଇ ନମ୍ବରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଗୌହାଟୀ-ବେଙ୍ଗାଲୁର ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନର ରହଣି ସମୟରେ ବ୍ରେକ ବାଇଣ୍ଡିଙ୍ଗ କାରଣରୁ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ ଅପେକ୍ଷା କରିଥିବାର ଦେଖିବାକୁ ମିଳିଛି। ଟ୍ରେନରର ବି-୨ କୋଚ୍ ତଳୁ ଧୂଆଁ ବାହାରିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୨୦ମିନଟ ପରେ ଟ୍ରେନ ପ୍ଲାଟଫର୍ମରେ ଅଟକି ରହିଥିଲା। ବ୍ରହ୍ମପୁର ରେଲଷ୍ଟେସନର ଅଧିକାରୀ ଓ ଟେକ୍‌ନିସିଆନ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ସମସ୍ୟାର ସମାଧାନ କରାଯାଇଥିଲା। ପରେ ଟ୍ରେନଟି ନିଜ ଗନ୍ତବ୍ୟ ସ୍ଥଳକୁ ଯାତ୍ରା ଆରମ୍ଭ କରିଥିଲା।

## ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ରାଜନଗର, ୫ା୧(ସମିସ): ପେଣ୍ଠ ନିକଟରେ ବଙ୍ଗୋପସାଗର ଜୁଆରକୁ ଅଟକାଇବା ପାଇଁ ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ପ୍ରାଚୀର ପ୍ରତି ବିପଦ ସୃଷ୍ଟି ହୋଇଛି । ଜିଓ ସିନ୍ଥେଟିକ ପ୍ରାଚୀର ନଷ୍ଟ ନ ହେବା ପାଇଁ ସମୁଦ୍ର ପାଖରେ ଦିଆଯାଇଥିବା ଗ୍ୟାବିନ ବକ୍ସ ଯାହାକି ପଲିମର ଜାତୀୟ ଦଉଡିରେ ପ୍ରସ୍ତୁତ ଜାଲିରେ ପଥର ପୁରାଯାଇ ଥୁଆଯାଇଥିଲା । ସେଥିରେ ନିଆଁ ଲାଗି ପୋଡ଼ିଯାଇଛି । ଆଜି ସକାଳୁ ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରାଯାଇପାରିନାହିଁ । ନିଆଁ ଆୟତ୍ତକୁ ଆସିଥିଲେ ମଧ୍ୟ ସିନ୍ଥେଟିକ ପ୍ରାଚୀର ମଧ୍ୟରୁ ଧୂଆଁ ବାହାରୁ ଥିବାରୁ ତାହାକୁ ଆୟତ୍ତ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି । ତଟବନ୍ଧ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ତଦାରଖ କରୁଛନ୍ତି । ଗତକାଲି ରାତିରେ କିଏ ଲଗାଇଲା, କାହିଁକି ଲଗାଇଲା; ତାହା ଏଯାଏଁ ସ୍ପଷ୍ଟ ହୋଇ ନ ଥିବା ଜଣାପଡ଼ିଛି ।

## ପୋଲ ତଳ ରାସ୍ତାରେ ବସ୍ ରହଣି ଦାବିରେ ରାସ୍ତାରୋକ

ଡେରାବିଶ, ୫ା୧(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ଡେରାବିଶ ଥାନା ଅଞ୍ଚଳ ଦେଇ କଟକରୁ କେନ୍ଦ୍ରାପଡ଼ା ଓ କେନ୍ଦ୍ରାପଡ଼ାରୁ କଟକ ଯାଉଥିବା ବସ୍ ରାଜପଥର ଓଭରବ୍ରିଜ



ଦେଇ ଯିବା ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ଅସନ୍ତୋଷ ଦେଖାଦେଇଛି । ଓଭରବ୍ରିଜ ଉପରେ ବସ୍ ରହିବା ଯୋଗୁଁ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଗାଁ ଛକଠାରୁ ବହୁ ଦୂର ଚାଲି ଚାଲି ବସ୍ ଧରିବାକୁ ପଡୁଥିବାରୁ ଏହାର ସମାଧାନ ପାଇଁ ପରିବହନ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ବସ୍ ମାଲିକ ସଂଘ ନିକଟରେ ବାରମ୍ବାର ଦାବି ହୋଇଆସୁଛି । ବଳଭଦ୍ରପୁର ଛକରେ ଶତାଧିକ ଯାତ୍ରୀ ଦୈନିକ ଦୂରଦୂରାନ୍ତକୁ ଯିବା ପାଇଁ ବସ୍ ଉପରେ ନିର୍ଭର କରନ୍ତି । ମାତ୍ର ଓଭରବ୍ରିଜ ତଳ ରାସ୍ତାରେ ବସ୍ ଯାଉ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ସୋମବାର ବଳଭଦ୍ରପୁର, ଛଚିଣା, ନୂଆହାଟ ସମେତ ଅନ୍ୟ ଗ୍ରାମର ଶତାଧିକ ଗ୍ରାମବାସୀ ସକାଳ ୭ଟାରୁ ଓଭରବ୍ରିଜ୍ ଉପରେ ବସ୍‌କୁ ଅଟକାଇଥିଲେ । ସମସ୍ତ ବସ୍ ତଳ ରାସ୍ତାରେ ଯିବାକୁ ଗ୍ରାମବାସୀ ଜିଦ୍ ଧରିଥିଲେ । ଡେରବିଶ ପୁଲିସ ପହଞ୍ଚି ରାସ୍ତାରୋକ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଜିଲ୍ଲା ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲେ । ମଙ୍ଗଳବାରଠାରୁ ସମସ୍ତ ବସ୍ ଓଭରବ୍ରିଜ୍ ତଳ ରାସ୍ତାରେ ଯିବା ପାଇଁ ସଂଘ କର୍ମକର୍ତ୍ତା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ ।

**● ଉମେଶ ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ**

## 'ଶୃଙ୍ଖଳା ଓ ନିରବଚ୍ଛିନ୍ନ ସାଧନା ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ'

ପଟ୍ଟାମୁଣ୍ଡାଇ, ୫ା୧(ସମିସ): ସାମାଜିକ ଶୃଙ୍ଖଳା ଓ ନିରବଚ୍ଛିନ୍ନ ସାଧନା ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ । ନିଜକୁ ଜଣେ ଶିକ୍ଷାର୍ଥୀ ଭାବେ ଭାବିଲେ ହିଁ ଜ୍ଞାନ ଆହରଣର ମାର୍ଗ ସୁଗମ ହୋଇଥାଏ । ଶିକ୍ଷକଙ୍କ ଭୂମିକା ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଉମେଶ ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରଘୁରାମ ଆର ଆୟାର ମତ ରଖିଛନ୍ତି । ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ସୁଶାନ୍ତ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଭାପତି କାଶୀନାଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ସଚ୍ଚିଦାନନ୍ଦ ଦାସ, ଅବସରପ୍ରାପ୍ତ ଶିକ୍ଷକ ନଳିନୀରଞ୍ଜନ ରାଉତରାୟ ଯୋଗ ଦେଇଥିଲେ । ସୁକାନ୍ତ ତ୍ରିପାଠୀ, ସରୋଜ ଆଚାର୍ଯ୍ୟ ଓ ଆଦିକନ୍ଦ କୁଣ୍ଡଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ୧୦ଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୫ ହଜାର ଅର୍ଥରାଶି, ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଅଢେଇ ହଜାର ଅର୍ଥରାଶି, ପ୍ରଶଂସାପତ୍ର ସହ ପୁରସ୍କୃତ କରାଯାଇଥିଲା । ସ୍ୱପ୍ନିଲ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମୀର ଜେନା, ଚିତ୍ତରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଟ୍ରଷ୍ଟି ଜ୍ୟୋତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୀଣାପାଣି ଯୁଥ କ୍ଲବ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ପଟ୍ଟାମୁଣ୍ଡାଇ, ୫ା୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପଞ୍ଚାୟତ



ବଡ଼ଜରିଆ ବୀଣାପାଣି ଯୁଥ କ୍ଲବ ପକ୍ଷରୁ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ମିର୍ଜା ଉମର ବେଗଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସରପଞ୍ଚ ନିରାକାର ନାୟକ, ଆୟୁବ ବେଗ, କିରଣ ପରିଡା, ପରମାନନ୍ଦ ସେଠୀ, ତ୍ରିଲୋଚନ ସ୍ୱାଇଁ, ନବଘନ ପରିଡା, ବିଜୟ ସାମଲ, ସୁନାକାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମକୁ ବୀଣାପାଣି ଯୁଥ କ୍ଲବ ସଭାପତି ସୁଭାଶିଷ ନାୟକ, ସମ୍ପାଦକ ମୁକ୍ତାର ବେଗ, ଉପଦେଷ୍ଟା ଭୀମସେନ ପ୍ରମୁଖ ସହଯୋଗ କରିଥିଲେ ।

## କାଣୀ ନଦୀ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ

ଆଳି, ୫ା୧(ସମିସ): ଆଳି ବ୍ଲକ ଧୋୟାଞ୍ଚଳ କାଣୀ ନଦୀ ପ୍ରିମିୟମ ଲିଗ୍ ଉଦଘାଟିତ ହୋଇଛି । ଡଃ ପ୍ରତ୍ୟୁଷ ରାୟ ଓ ଏରଡଙ୍ଗର ପୂର୍ବତନ ସରପଞ୍ଚ ପ୍ରତାପ ନାୟକ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଛନ୍ତି । ଉଦ୍‌ଘାଟନୀ ମ୍ୟାଚ୍‌ରେ ଏରଡ଼ଙ୍ଗ କ୍ରିକେଟ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୧୦୬ ରନ ସଂଗ୍ରହ କରିଥିବାବେଳେ ଗଣେଶ୍ୱରପୁର ୮ ଓଭରରେ ୪ ୱିକେଟ ହରାଇ ୧୦୭ ରନ କରି ବିଜୟୀ ହୋଇଥିଲା । ସଭାପତି ସତ୍ୟବ୍ରତ ଦାସ, ଉପସଭାପତି କଲ୍ୟାଣ ବେହେରା, ସମ୍ପାଦକ ପରେଶ ମଲ୍ଲିକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ଥିବାବେଳେ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

**ମହିଳା ବିଡିଓଙ୍କୁ ବିଜେପି ନେତାଙ୍କ ସଙ୍ଘବଦ୍ଧ ଆକ୍ରମଣ ଘଟଣା**

# ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ, ସମିତିସଭ୍ୟଙ୍କ ଧାରଣା

ରାଜନଗର, ୪ା୧(ସମିସ)



ରାଜନଗର ବ୍ଲକ୍‌ର ମହିଳା ବିଡିଓଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି । ଘଟଣାକୁ ୭୨ ଘଣ୍ଟା ପରେବି ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ଆଜି ଅଫିସ ଖୋଲିବା ପୂର୍ବରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଓ ସମର୍ଥକ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ । ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଗୁଡିଆ, ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି, ଡେରା ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ସରପଞ୍ଚ, ସମିତିସଭ୍ୟ ଓ ତାଙ୍କ ସମର୍ଥକ ଧାରଣାରେ ବସିଥିଲେ । ଫଳରେ କର୍ମଚାରୀ ଓ ଅଧିକାରୀ ଅଫିସ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିନାହିଁ । ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ଯାଏଁ ବ୍ଲକ୍‌ରେ ପ୍ରତିଦିନ ତାଲା ପକାଇ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି ।

ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ନେତୃତ୍ୱରେ ୩୦ରୁ ଅଧିକ ବିଜେପି କର୍ମୀ ୨ ତାରିଖ ଦିନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ । ବିଡିଓଙ୍କୁ ସରକାରୀ ଅନିୟମିତତା କାର୍ଯ୍ୟ କରିବାକୁ ବାଧ୍ୟ କରିଥିଲେ । ବିଡିଓ ମନା କରିବାରୁ ପ୍ରଥମେ ଲଳିତଙ୍କ ସହିତ ଯାଇଥିବା କର୍ମୀ ଦୁର୍ବ୍ୟବହାର କରିଥିଲେ । ବିଡିଓ ଏହାର ପ୍ରତିବାଦ କରିବାରୁ ବିଜେପି ନେତା ଲଳିତ ବିଡିଓ ସରକାରୀ କାମ କରୁଥିବା ଲାପଟପକୁ ଟାଣି ଆଣି ତାଙ୍କ ଉପରକୁ ଫୋପାଡ଼ିବାକୁ ଯାଉଥିଲେ । ଅନ୍ୟ କର୍ମୀ ତାଙ୍କଠାରୁ ଲାପଟପ ଛଡ଼ାଇ ଆଣିବାରୁ ବିଡିଓ ରକ୍ଷା ପାଇଯାଇଥିଲେ । ଏ ଘଟଣା ସମ୍ପର୍କରେ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ଟିମ ଆଜି ୪ ଘଟିକା ସମୟରେ ଡିଜିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣାପଡ଼ିଛି ।

## ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ




ଡେରାବିଶ, ୫ା୧(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ହଦପଡ଼ିଆଠାରେ ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପାଟକୁରା ନିର୍ବାଚନମଣ୍ଡଳୀ ୧୪ନଂ ଜୋନ୍ ଅନ୍ତର୍ଗତ ୯ଟି ପଞ୍ଚାୟତକୁ ନେଇ ଗଠିତ ଏହି ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବରେ କଟକର ଦେବଦାସୀ ଭଜନ ମଞ୍ଚ କଳାକାରଙ୍କ ସଙ୍ଗୀତ ଓ କେନ୍ଦୁଝରର ଆନନ୍ଦପୁରର ବୀଣାପାଣୀ ସାଂସ୍କୃତିକ ସଂଗଠନର କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ । ସମାଜସେବୀ ଉମେଶ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାରସ୍ୱତ ସଭାରେ ଶିଶୁ ଶଲ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡାକ୍ତର ନିରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଡିଏସ୍‌ପି ସରୋଜ ସାହୁ ଯୋଗଦେଇ କେନ୍ଦ୍ରାପଡ଼ା ଅଞ୍ଚଳ କଳା ଓ ସଂସ୍କୃତିର ମାଟି । ଡେରାବିଶର ଦାନପୁର ଅଞ୍ଚଳର ଭିକାରୀ ଚରଣ ପଟ୍ଟନାୟକ, ପାଲା ଗାୟକ ପ୍ରଫେସର ନିରଞ୍ଜନ ପଣ୍ଡା, ସାହିତ୍ୟ ଗବେଷକ ଶ୍ରୀବତ୍ସ ନାଥ, ସଙ୍ଗୀତ ସମ୍ରାଟ ଅକ୍ଷୟ ମହାନ୍ତି, ଗାଳ୍ପିକା ଡ. ବୀଣାପାଣୀ ମହାନ୍ତି, ଗୀତିକାର ରଘୁନାଥ ରାଉତ, ପ୍ରଫେସର ନିରଞ୍ଜନ ବାରିକ, ଓଡ଼ିଶାର ପ୍ରଥମ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ହୃଦୟାନନ୍ଦ ନାୟକ, ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ସମେତ ବହୁ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଜନ୍ମ ଦେଇ ଏହି ମାଟି ଓଡ଼ିଶାକୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଚିକିତ୍ସକ ଡାକ୍ତର ରାଜକିଶୋର ସ୍ୱାଇଁ , ସମ୍ମାନିତ ଅତିଥି ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟ ଚେୟାରମ୍ୟାନ ମନୋଜ ପ୍ରଧାନ, ସାମ୍ବାଦିକ ପ୍ରମୋଦ ପ୍ରତାପ, ସମବାୟବିତ ଅମ୍ବିକା ରଥ, ଯୁଗଳ ପ୍ରାଧାନ, କନ୍ଧୁନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜସେବୀ ମନୀନ୍ଦ୍ର ପ୍ରସାଦ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

**● ଗୋଟିଏ ନମ୍ବରରେ ଦୁଇଟି ଗାଡ଼ି!**

## କଟକରେ କଟୁଛି ଜରିମାନା, ଭୋଗୁଛନ୍ତି କେନ୍ଦ୍ରାପଡ଼ାର ବାଇକ୍ ମାଲିକ

କେନ୍ଦ୍ରାପଡ଼ା, ୫ା୧(ସମିସ): ରାଜ୍ୟର ଇ-ଚାଲାଣ ବ୍ୟବସ୍ଥା ଓ ଟ୍ରାଫିକ ନିରୀକ୍ଷଣ ପ୍ରଣାଳୀକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ଗୋଟିଏ ଗାଡ଼ି, ନମ୍ବର ଦୁଇଟି । ଭିନ୍ନ ଭିନ୍ନ ଗାଡ଼ିରେ ବ୍ୟବହୃତ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି । ଯାହାର ଶିକାର ହେଉଛନ୍ତି ଜଣେ ନିର୍ଦ୍ଦୋଷ ବାଇକ ମାଲିକ । ସେ ହେଉଛନ୍ତି ପାଟକୁରା ଥାନା ଅଧୀନ ରାମଚନ୍ଦ୍ରପୁର ଅଞ୍ଚଳର ୫୫ ବର୍ଷୀୟ ଅଖିଳ ସାହୁ । କେନ୍ଦ୍ରାପଡ଼ା ଜିଲ୍ଲାର ଏହି ବାଇକ ମାଲିକଙ୍କ ନାମରେ କଟକ ଜିଲ୍ଲା ଗୋପାଳପୁର ଅଞ୍ଚଳରେ ଟ୍ରାଫିକ ନିୟମ ଭାଙ୍ଗିବା ଅଭିଯୋଗରେ ଇ-ଚାଲାଣ ମାଧ୍ୟମରେ ଜରିମାନା କଟାଯାଇଛି । ଅଖିଳ କେବେ ବି ଗୋପାଳପୁରକୁ ଯାଇନାହାନ୍ତି ବୋଲି ଦାବି କରିଛନ୍ତି । ତାଙ୍କ କହିବା ଅନୁସାରେ, ସେ ୨୦୧୭ ଜୁଲାଇ ୧୪ ତାରିଖରେ ସନି ମୋଟର୍ସ ସୋରୁମରୁ ହିରୋ ଗ୍ଲାମର ବାଇକ କ୍ରୟ କରିଥିଲେ । ଗାଡ଼ିର



ରେଜିଷ୍ଟ୍ରେସନ୍ ନମ୍ବର ଓଡି-୦୫- ଏବି-୮୬୧୪ । ସେ ନିୟମିତ ଗାଡ଼ି ଚଲାଉଥିବା ସତ୍ତ୍ୱେ କେବେ ବି କଟକ ଗୋପାଳପୁର ଅଞ୍ଚଳକୁ ଯାଇ ନ ଥିବା ସହ ଟ୍ରାଫିକ ନିୟମ ଭାଙ୍ଗିନଥିବା କଥା କହିଛନ୍ତି । ତଥାପି ଏହି ଗାଡ଼ି ନମ୍ବରକୁ ଆଧାର କରି କଟକ ଟ୍ରାଫିକ ପୁଲିସ ପକ୍ଷରୁ ଜରିମାନା ସୂଚନା ମୋବାଇଲକୁ ଆସିଥିବାରୁ ସେ ହତବାକ୍ ହୋଇଯାଇଛନ୍ତି । ଏହାଦ୍ୱାରା ସନ୍ଦେହ ଘନୀଭୂତ ହେଉଛି ଯେ, ସେହି ଏକା ଗାଡ଼ି ନମ୍ବର ବ୍ୟବହାର କରି ଅନ୍ୟ କୌଣସି ଗାଡ଼ି କଟକ ଅଞ୍ଚଳରେ ଚାଲୁଛି କିମ୍ବା ନକଲି ନମ୍ବର ପ୍ଲେଟ୍ ଲଗାଇ ଟ୍ରାଫିକ ନିୟମ ଉଲ୍ଲଂଘନ କରାଯାଉଛି । ଏହି ଗୁରୁତର ଅଭିଯୋଗକୁ ନେଇ ଅଖିଳ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଆଶା କରିଛନ୍ତି । ଏହା କେବଳ ତାଙ୍କ ବ୍ୟକ୍ତିଗତ ସମସ୍ୟା ନୁହେଁ; ଆଗାମୀ ଦିନରେ ଯେକୌଣସି ଗାଡ଼ି ମାଲିକ ଏଭଳି ଭୁଲ ଇ-ଚାଲାଣ ଓ ଅଯଥା ଜରିମାନାର ଶିକାର ହୋଇପାରନ୍ତି ବୋଲି ସେ କହିଛନ୍ତି । ନିର୍ଦ୍ଦୋଷ ଗାଡ଼ି ମାଲିକଙ୍କୁ ଅଯଥା ଜରିମାନାରୁ ମୁକ୍ତ କରାଯାଉ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି ।

## ତାରିଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୬୭,୩୮୧ ଟଙ୍କା

ମହାକାଳପଡ଼ା, ୫ା୧(ସମିସ): ମହାକାଳପଡା ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ମା' ତାରିଣୀ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି । ଦେବୋତ୍ତର ନିରୀକ୍ଷକ ଶକ୍ତି ପ୍ରସାଦ ନାୟକ, ମାଜିଷ୍ଟ୍ରେଟ ଭାବେ ମହାକାଳପଡା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ ଓ ମାର୍ଶାଘାଇ ଥାନା ଅଧିକାରୀ ଇନ୍ସପେକ୍ଟର ତପନ ନାୟକଙ୍କ ଉପସ୍ଥିତିରେ ହୋଇଥିବା ଏହି ଗଣତିରେ ମା' ତାରିଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ରାଜସ୍ୱ ବିଭାଗ କର୍ମଚାରୀ ଓ ମନ୍ଦିରର କର୍ମଚାରୀ ସାମିଲ ଥିଲେ । ହୁଣ୍ଡିରୁ ୬୭,୩୮୧ ଟଙ୍କା ସଂଗ୍ରହ କରାଯାଇ ମନ୍ଦିର ଟ୍ରଷ୍ଟ ବୋର୍ଡ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବା ନିମନ୍ତେ ଟ୍ରଷ୍ଟକୁ ହସ୍ତାନ୍ତର



କରାଯାଇଛି । ପୂର୍ବ ପରିଚାଳନା କମିଟି ସହସମ୍ପାଦକ ଗୌରାଙ୍ଗ ସାମନ୍ତରାୟ ନ ଆସିବାରୁ ଦୁଇଟି ହୁଣ୍ଡି ଓ ରସିଦ୍ ଅର୍ଥ ହିସାବ ହୋଇପାରିନାହିଁ । ଆସନ୍ତା ୭ ଦିନ ମଧ୍ୟରେ ସେ ହିସାବ କରି ଅର୍ଥ ପୈଠ ନ କଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିବା ପରିଚାଳନା ଟ୍ରଷ୍ଟି ଦୀନବନ୍ଧୁ ଲେଙ୍କା ସୂଚନା ଦେଇଛନ୍ତି । ଟ୍ରଷ୍ଟ ବୋର୍ଡ ସଦସ୍ୟ କିଶୋର ସାମଲ, ଅମୀୟ ସାମଲ, ଭିକାରୀ ବେହେରା, ସଚ୍ଚିଦାନନ୍ଦ ସ୍ୱାଇଁ, ନରୋତ୍ତମ ଦାସ, ନିର୍ମଳ ସ୍ୱାଇଁ, କୋଷାଧ୍ୟକ୍ଷ ଅଭୟ ସାହୁ, ଦୀନବନ୍ଧୁ ଲେଙ୍କା, ଯଦୁପୁର ରାଜସ୍ୱ ନିରୀକ୍ଷକ ରଘୁନାଥ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟାଙ୍କ୍ ଓ ପାର୍କ ସମ୍ମୁଖରେ ଧାନ ଖଳା

ପଞ୍ଚୁପାଣ୍ଡବ, ୫ା୧(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଆମ ବ୍ୟାଙ୍କ୍ ଓ ଗ୍ରାମ୍ୟ ପାର୍କ ସମ୍ମୁଖରେ ଧାନ ଅମଳ ହେଉଥିବା ଅଭିଯୋଗ ହେଉଛି । ଏହି ଗ୍ରାମରେ ଥିବା ବ୍ୟାଙ୍କ ଦୀର୍ଘଦିନ ଧରି ବନ୍ଦ ଥିବାବେଳେ ଲୋକେ ବ୍ୟାଙ୍କ୍ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏ ବିଷୟରେ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି । ଏଣେ ବ୍ୟାଙ୍କ୍ କର୍ମଚାରୀ ଦୀର୍ଘଦିନ ହେଲା ଦରମା ପାଇ ନ ଥିବା ଅଭିଯୋଗ ହେଉଛି । ସେହିଭଳି ବ୍ୟାଙ୍କ୍ ପାଖରେ ଥିବା ଖେଳ ପଡିଆ ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ପ୍ରଶାସନିକ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଉ ନ ଥିବାରୁ ପାର୍କ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଏହି ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟ ଅଧା ହୋଇ ପଡ଼ି ରହିଥିବା ଦେଖିବାକୁ ମିଳୁଛି । ସରକାରଙ୍କ ଅର୍ଥକୁ ଠିକ୍ ଭାବେ କାମରେ ନ ଲଗାଇ ଠିକାଦାର ଓ ପ୍ରଶାସନିକ ଅଧିକାରୀ ଅଧୁରା କାମ କରି ସରକାରଙ୍କ ଟଙ୍କାକୁ ହରିଲୁଟ କରୁଥିବା ଅଭିଯୋଗ ହେଉଛି । ଏମିତିକି ପଞ୍ଚାୟତ ଅଫିସ୍, ମାର୍କେଟ କମ୍ପ୍ଲେକ୍ସ, ଖେଳ ପଡିଆ, ଓଭରହେଡ ପାଣି ଟାଙ୍କି କାମ ଅଧୁରା ହୋଇ ପଡ଼ିରହିଛି । ଶେଷରେ ଚାଷୀ ଧାନ ଅମଳ କରିବା ସହ ବିଭିନ୍ନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ସରପଞ୍ଚ ଭକ୍ତିଲତା ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ପଞ୍ଚାୟତର ସମସ୍ୟା ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଅନୁଶାସନ ସଚିବଙ୍କ ଗୋଲରାହାଟ ସମବାୟ ସମିତି ପରିଦର୍ଶନ

ଡେରାବିଶ, ୫ା୧(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନୁଶାସନ ସଚିବ ମନୋଜ ପଟ୍ଟନାୟକ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ପରିଦର୍ଶନ କରିଛନ୍ତି । ଆଗାମୀ ସପ୍ତାହରେ ବିଭିନ୍ନ ସମବାୟ ସମିତିରେ ଧାନମଣ୍ଡି ଖୋଲାଯିବାକୁ ଥିବାବେଳେ ସମିତିମାନେ ଏଥିପାଇଁ ସରକାରୀ ନିୟମ ଅନୁଯାୟୀ ସମସ୍ତ ବ୍ୟବସ୍ଥା ସୂଚାରୁ ଭାବେ କରିଛନ୍ତି କି ନାହିଁ ଶ୍ରୀ ପଟ୍ଟନାୟକ ତଦାରଖ କରିଥିଲେ । ଧାନ ବିକ୍ରୟ କରିବାକୁ ଆସୁଥିବା ଚାଷୀଙ୍କ ପାଇଁ ବସିବା, ପାନୀୟଜଳ, ପରିମଳ ବ୍ୟବସ୍ଥା, ସେମାନଙ୍କ ଧାନକୁ ସୁରକ୍ଷିତ ରଖିବା ବ୍ୟବସ୍ଥା, ଟୋକନ ଅନୁଯାୟୀ ଧାନ ବିକ୍ରି କରିବା ସୁବିଧା ବ୍ୟବସ୍ଥା ସମେତ ସଠିକ ସିସିଟିଭି ପରିଚାଳନା, ଭିଡିଭୁମି ବ୍ୟବସ୍ଥାର ସଠିକ କାର୍ଯ୍ୟକାରିତା ନେଇ ତଦାରଖ କରିଥିଲେ । ଅନୁଶାସନ ସଚିବ ଶ୍ରୀ ପଟ୍ଟନାୟକଙ୍କ ଏହି ଗସ୍ତ କାଳରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରିଣୀ ଦେବଶ୍ରୀ ମାର୍ଥାଙ୍କ ସମେତ ବ୍ଲକ ଯୋଗାଣ ଅଧିକାରୀ ସ୍ୱରୂପ ଦାସ, ସମବାୟ ସମିତି ପରିଚାଳନା ପରିଷଦ ସଭାପତି, ନିର୍ଦ୍ଦେଶକ ଓ ଚାଷୀ ଉପସ୍ଥିତ ଥିଲେ । ସମବାୟ ସମିତି ସହସମ୍ପାଦକ ଶିବାନୀ ସାହୁ, କର୍ମଚାରୀ ନରହରି ସ୍ୱାଇଁ, କୁନିଲତା ସ୍ୱାଇଁ ଓ ଧିରେନ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଧାନ ଚୋରିକୁ ବିରୋଧ କରିବାରୁ ଆକ୍ରମଣ ଘଟଣା

**ଦୁଇ ଅଭିଯୁକ୍ତ ଗିରଫ**

ମହାକାଳପଡ଼ା, ୫ା୧(ସମିସ): ଧାନ ଚୋରିକୁ ବିରୋଧ କରିବାରୁ ଜଣେ ଧାନ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ତାଙ୍କ ହାତ ଭାଙ୍ଗିଯିବା ସହିତ ମୁହଁରେ ଗଭୀର ଆଘାତ ଲାଗିବାରୁ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ଧାନ ବ୍ୟବସାୟୀ ମନ୍ମଥ ବସନ୍ତିଆ (୬୩) ଓ ବାଙ୍କିଛନ୍ଦା ଗ୍ରାମର ନାରାୟଣ ବେହେରା (୫୮) ଓ ତାଙ୍କ ପୁଅ ସୁଦର୍ଶନ ବେହେରା (୩୦) ଧାନ ସଂଗ୍ରହ କରି ବିଭିନ୍ନ ଚାଉଳ ମିଲ୍‌କୁ ବିକ୍ରୟ କରନ୍ତି । ନାରାୟଣ ଓ ତାଙ୍କ ପୁଅ ପ୍ରାୟ ୧୦-୧୨ ବର୍ଷ ଧରି ଧାନ ବ୍ୟବସାୟ କରୁଥିବା ବେଳେ ମନ୍ମଥ ୩-୪ ବର୍ଷ ଧରି ଧାନ ବ୍ୟବସାୟ କରୁଛନ୍ତି । ମନ୍ମଥଙ୍କ ୬ ବସ୍ତା ଧାନ ନାରଣ ଓ ତାଙ୍କ ପୁଅ ଚୋରି କରି ତାଙ୍କ ଧାନଗଦାରେ ରଖିଥିବା ମନ୍ମଥ ପଚାରିବାରୁ ରବିବାର ଅପରାହ୍ନରେ ତାଙ୍କୁ ଉଭୟ ଆକ୍ରମଣ କରିଥିଲେ । ମନ୍ମଥ ଏ ନେଇ ମହାକାଳପଡ଼ା ଥାନାରେ ରବିବାର ସନ୍ଧ୍ୟାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟକୁ ପଠାଇଛି ।

## ଜୟ ହିନ୍ଦ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୫ା୧(ସମିସ): ଜୟ ହିନ୍ଦ ହାଇସ୍କୁଲ ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏ ଅବସରରେ ସମସ୍ତ ଛାତ୍ରଛାତ୍ରୀ ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପରେ ସେମାନେ ଗୁରୁଙ୍କ ପୂଜା କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ମୃତ୍ୟୁବରଣ କରିଥିବା ଶିକ୍ଷକ ଓ ୧୯୮୩ ବ୍ୟାଚ୍ ଛାତ୍ରଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ ପ୍ରଭାତ ଦାଶ, ବିଜୟ ଜେନା, ଅଭିରାମ ବିଶ୍ୱାଳ, କେଦାର ପ୍ରଧାନ, ସୁରେଶ ନାୟକ, ଭଗବାନ ରାଉତ, ବରିଷ୍ଠ ଖେଳ ଶିକ୍ଷକ ଚତୃର୍ଭୁଜ ରାଉଳ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ବେହେରା ଓ ଅନ୍ୟ ଶିକ୍ଷକମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ବିଶ୍ୱାଳ, ମନୋଜ ରାଉତ, ସଂଜୀବ ମଲ୍ଲିକ, ଭାରତ ଭୂଷଣ ପରିଡା ଓ ଉମେଶ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

## ଚନ୍ଦ୍ରଶେଖର ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ମାର୍ଶାଘାଇ, ୫ା୧(ସମିସ): ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବାଲିକଷୋଟୀ ନଦୀ ବେଳାଭୂମି ପରିସରରେ ନନ୍ତକ୍ଷର-ପାରେଶ୍ୱରସ୍ଥ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଉଚ୍ଚବିଦ୍ୟାଳୟ ୨୦୧୧ ବ୍ୟାଚ୍



ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିମାଂଶୁ ସାମଲ, ସେକ ସୁଲତାନ, ସରସ୍ୱତୀ, ତ୍ରିଦେବଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ ।

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୧୦୮ ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ପଟ୍ଟାମୁଣ୍ଡାଇ, ୫ା୧(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ୧୦୮ ଅଭିଯୋଗର ଶୁଣାଣି କରିଥିଲେ । ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପଞ୍ଚାୟତରେ ଏଏନଏମ ସେଣ୍ଟର ପ୍ରତିଷ୍ଠା ପାଇଁ ଆଜି ଜନଶୁଣାଣି ଶିବିରରେ ପୁନଃରାୟ ଦାବି ଉପସ୍ଥାପନ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଓ ପଟ୍ଟାମୁଣ୍ଡାଇ ତହସିଲଦାର ବଳଭଦ୍ରପୁର ଯାଇ ଏଏନଏମ ସେଣ୍ଟର ପାଇଁ ସ୍ଥାନ ନିରୂପଣ କରିଥିବାରୁ ସରପଞ୍ଚ ଶ୍ରୀ ଓଝା ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ଓ ବାରେଣୀ ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ପଟ୍ଟାମୁଣ୍ଡାଇରେ ଶବ ବ୍ୟବଚ୍ଛେଦ ଗୃହ, ୧୯ନଂ ୱାର୍ଡରେ ଭଡ଼ାରେ

**ପଟ୍ଟାମୁଣ୍ଡାଇର ପ୍ରମୁଖ ସମସ୍ୟା ଉତ୍‌ଥାପିତ**

ଚାଲୁଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜାଗା ଯୋଗାଇବା, ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି କରତକଳ ଖୋଲିବା, ଉଠାଦୋକାନୀଙ୍କୁ ଥଇଥାନ କରିବା, ଗୋଶାଳା ଖୋଲିବା ଓ ଚିଟଫଣ୍ଡ ଅର୍ଥ କ୍ଷୁଦ୍ର ଜମାକାରୀଙ୍କୁ ଫେରାଇବା ଆଦି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଅମୃତମଣୋହି ବାଲିଘାଟରୁ ବେଆଇନ ବାଲି ଉଠାଣ ବନ୍ଦ ପାଇଁ ପୂର୍ବତନ ସରପଞ୍ଚ କୁଳମଣି ମଲିକ, ପୂର୍ବତନ ସମିତି ସଭ୍ୟ ପ୍ରଭାତ ସେଠୀ, ୧୫ନଂ ଜୋନ ବିଜେପି ସଭାପତି ଅରୋଶିଷ ରାଉତ ଓ ଯୁବନେତା ସୁଶାନ୍ତ ବାରିକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଶିବିରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀକ୍ଷେତ୍ର ସିଟି

୫/୧/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୦,୨୬୭/-
ସୁନା: ୦୨.୮୫୦ ଗ୍ରାମ୍
ରୁପା: ୯୦.୦୦୦ ଗ୍ରାମ୍





● ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଶୁଣାଣି

## ୮୩ ଅଭିଯୋଗରୁ ୬୪ ବ୍ୟକ୍ତିଗତ



ପୁରୀ,୫।୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଶୁଣାଣି ସୋମବାର ସଦ୍‌ଭାବନା ସଭାଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୋଟ୍ ୮୩ଟି ଅଭିଯୋଗ ମିଳିଥିଲା। ସେଥିରୁ ୬୪ଟି ବ୍ୟକ୍ତିଗତ, ୯ଟି ସାମୂହିକ, ୯ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ଗୋଟିଏ ରେଡ୍‌କ୍ରସରୁ ସହାୟତା ଅଭିଯୋଗ ରହିଥିଲା। ତତ୍‌କ୍ଷଣାତ୍ ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସୌମ୍ୟରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଆସନ୍ତା ୧୨ ତାରିଖ ପୂର୍ବାହ୍ନ ୧୦ଟାରେ ଯୁଗ୍ମ ଅଭିଯୋଗ ଶୁଣାଣି କାକଟପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

# ସରକାରୀ କାର୍ଯ୍ୟାଳୟ ଘେରିଲେ ଆଇନଜୀବୀ

ପୁରୀ,୫।୧(ସମିସ)




ପୁରୀ କୋର୍ଟ କମ୍ପ୍ଲେକ୍ସ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳକୁ ସ୍ଥାନାନ୍ତର ପ୍ରସଙ୍ଗ ନେଇ ତାତିଛି ଓକିଲ ସଂଘ। ୩୧୦ ଦିନରେ ସତ୍ୟାଗ୍ରହ ପହଞ୍ଚିଥିବା ବେଳେ ସରକାର କର୍ଣ୍ଣପାତ ନ କରିବାରୁ ସୋମବାର ସରକାରୀ କାର୍ଯ୍ୟାଳୟ ଘେରଉ କରାଯାଇଛି। ସଂଘର ନିଷ୍ପତ୍ତି କ୍ରମେ ଶତାଧିକ ଆଇନଜୀବୀ ତହସିଲ୍, ଡିଆର୍‌ଡିଏ, ସବ୍ ରେଜିଷ୍ଟ୍ରାର ଅଫିସ ଘେରଉ କରିଛନ୍ତି।

ବିକ୍ଷୋଭକାରୀ ଆଇନଜୀବୀ କହିଛନ୍ତି, ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା କରାଯାଇଛି, ଯାହା ଗ୍ରହଣ ଯୋଗ୍ୟ ନୁହେଁ। ସେଠାରେ ହଜାର ହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକ ମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହା ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ ନୁହେଁ ତ? ସରକାର କେଉଁଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେଇ ଜମିକୁ ଆଇନ ବିଭାଗକୁ ଟେକି ଦେଇଛନ୍ତି? ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ। ସେହି ଜମି ହସ୍ତାନ୍ତରକୁ ବାତିଲ୍ କରାଯାଉ। ପୂର୍ବରୁ ଓକିଲ ସଂଘ ଉଚ୍ଚ ନ୍ୟାୟାଳୟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନ କରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି। ପୁରୀରେ କାହିଁକି ନ ହେବ? ବର୍ତ୍ତମାନ କୋର୍ଟ ଚାଲିଥିବା କୋଠା କେଉଁ କାମରେ ଲାଗିବ ତାହା ସ୍ପଷ୍ଟ ହେବା ଦରକାର। ଯଦିଓ ଆଇନ ଅଛି ଏହି ସ୍ଥାନ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ ନାହିଁ। କିନ୍ତୁ ମାସ ମାସ ବିତିଗଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ତହସିଲ୍‌ଦାର, ସବ୍‌କଲେକ୍ଟର, ଜିଲ୍ଲାପାଳ, ଆର୍‌ଡିସି ତାଙ୍କ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ ପ୍ରସ୍ତାବିତ ସ୍ଥାନ ମଧୁର ଜଳ, ଇକୋ ସେନ୍ସିଟିଭ୍, ସିଆର୍‌ଜେଡ୍ ଅନ୍ତର୍ଭୁକ୍ତ। ତେଣୁ କୋର୍ଟ ନିର୍ମାଣ ପାଇଁ ଅନୁମତି କେମିତି ଦିଆଯାଉଛି? ତୁରନ୍ତ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି।

ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂହ, ମନୋରଞ୍ଜନ ସାହୁ, ଜ୍ୟୋତି ପ୍ରକାଶ ପାଇକରାୟ, ସୋମନାଥ ଦାସ, ଆଦିତ୍ୟ ମିଶ୍ର, ଶାରଦା ସାମଲ, କମଲ୍ ମିଶ୍ର, ରଚିତା ଦାଶ, ଶୁଭେନ୍ଦୁ ଦାସ, କାଳୀ ନାୟକ, ରାମ ମହାପାତ୍ର, ନିହାର ତ୍ରିପାଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ତିନି ଦିନ ଧରି ଉକ୍ତ ୪ଟି କାର୍ଯ୍ୟାଳୟ ଘେରଉ ଚାଲୁ ରହିବ। ତଥାପି ସରକାର ଦାବି ନ ଶୁଣିଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଆଇନଜୀବୀ କହିଛନ୍ତି।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

# ଆଦିକବି ନିଜକୁ ଶ୍ରୀଜଗନ୍ନାଥଙ୍କ ଦାସାନୁଦାସ ପରିଚୟ ଦେଇଛନ୍ତି

ପୁରୀ,୫।୧(ସମିସ): ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଜାନୁଆରୀ ମାସର ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରର ଆଲୋଚ୍ୟ ପ୍ରସଙ୍ଗ 'ଆଦିକବି ସାରଳା ଦାସଙ୍କ ଭକ୍ତି ଧାରାରେ ଶ୍ରୀଜଗନ୍ନାଥ' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ଅଧ୍ୟାପିକା ବାସନ୍ତୀ ଦେବୀ।

ଏଥିରେ ଆଲୋଚନା ହୋଇଥିଲା ଯେ, ସାରଳା ଦାସ ଆବଲ୍ୟରୁ ପିତୃମାତୃହୀନ ଥିଲେ। ତାଙ୍କ ପୈତୃକ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା। କଟକ ଜିଲ୍ଲା (ବର୍ତ୍ତମାନ ଜଗତସିଂହପୁର) ଝଙ୍କଡ଼ସ୍ଥିତ କନକପୁରରେ ତାଙ୍କ ଜନ୍ମ। କବି ଥିଲେ କପିଳେନ୍ଦ୍ର ଦେବଙ୍କ ସମସାମୟିକ। ସେ ନିଜକୁ ସାରଳାଙ୍କ ପୁତ୍ର ରୂପେ ଅଭିହିତ କରିଛନ୍ତି। ସେ ନିଜକୁ ମୂର୍ଖ, ଅପଣ୍ଡିତ ରୂପେ ପରିଚୟ ଦେଲେ ସୁଦ୍ଧା ତାଙ୍କ କୃତୀରୁ ତାଙ୍କର ବହୁ ଶାସ୍ତ୍ରଦର୍ଶିତା ଏବଂ ପାଣ୍ଡିତ୍ୟର ନିଦର୍ଶନ ମିଳେ। ବଂଶ ପରମ୍ପରାରେ ଦେବୀ ସାରଳାଙ୍କ ପୂଜକ ଥିବାରୁ ନିଜକୁ ଶୁଦ୍ରମୁନି ରୂପେ ଅଭିହିତ କରିଥିଲେ। ସଂସ୍କୃତ ପ୍ରଭାବିତ ବ୍ରାହ୍ମଣ୍ୟ ସଂସ୍କୃତିର ଧାରାକୁ ବ୍ୟାହତ କରି ସେ ପ୍ରାକୃତ ଭାଷା ଓଡ଼ିଶାରେ ମହାଭାରତ, ଚଣ୍ଡୀପୁରାଣ ଏବଂ ବିଲଙ୍କା ରାମାୟଣ ରଚନା କରିଥିଲେ। ସଂସ୍କୃତ ମହାଭାରତରେ ୧ ଲକ୍ଷ ଶ୍ଳୋକ ଥିବାବେଳେ ସାରଳା ମହାଭାରତର ପଦସଂଖ୍ୟା ୧ ଲକ୍ଷ ୪୦ ହଜାର ଥିବା ଜଣାଯାଏ। ତାଙ୍କ ସମସ୍ତ କୃତୀ ଦାଣ୍ଡିବୃତ୍ତରେ ରଚିତ। ତାଙ୍କ କୃତୀଗୁଡ଼ିକରେ ଆଧାତ୍ମ୍ୟ ଚେତନାର ବୈଚିତ୍ର ଲକ୍ଷ୍ୟ କରାଯାଏ। ଶାକ୍ତ ପ୍ରଭାବ ପରିପୁଷ୍ଟ ତାଙ୍କ ରଚନାରେ ଅନ୍ୟାନ୍ୟ ଦେବଦେବୀ ଯଥା- ଶ୍ରୀଜଗନ୍ନାଥ, ଗଣେଶ, ଶିବ ଓ ଶ୍ରୀରାମ ଆଦିଙ୍କୁ ସ୍ତୁତି କରାଯାଇଛି। ଧର୍ମଭାବନା କ୍ଷେତ୍ରରେ ତାଙ୍କ ଦୃଷ୍ଟିକୋଣ ଉଦାର ଥିଲା। ମହାଭାରତ ରଚନାରେ ତାଙ୍କ ମୌଳିକ ପ୍ରତିଭାର ପରିଚୟ ମିଳେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେ ଜାତୀୟ ବିଗ୍ରହ ରୂପେ ଚିତ୍ରଣ କରିଛନ୍ତି। ଗ୍ରନ୍ଥର ମଙ୍ଗଳାଚରଣ ଏବଂ ବସ୍ତୁ ନିର୍ଦ୍ଦେଶରେ ସେ ଶ୍ରୀଜଗନ୍ନାଥଙ୍କୁ ଚକାଡୋଳା, ପତିତପାବନ, ନୀଳକନ୍ଦରବାସୀ ରୂପେ ସ୍ତୁତି କରିଛନ୍ତି। କେତେକ ସ୍ଥଳରେ ଶ୍ରୀକୃଷ୍ଣ ଏବଂ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରିଛନ୍ତି। ଦେବୀ ଶାରଳା ଠାକୁରାଣୀ ତାଙ୍କ ଇଷ୍ଟ ଦେବତା ଥିଲେ ମଧ ସେ ବହୁ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଅପାର ମହିମା ଗାନ କରିଛନ୍ତି। ସେ ନିଜକୁ ଜନ୍ମେ ଜନ୍ମେ ଶ୍ରୀଜଗନ୍ନାଥଙ୍କ ଦାସାନୁଦାସ ଭାବେ ପରିଚୟ ଦେଇଛନ୍ତି। ଏହି ଆଲୋଚନାଚକ୍ରରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ଭାସ୍କର ମିଶ୍ର, ଡ. ନୃସିଂହ ଚରଣ ସାହୁ, ଡ. ଦେବରାଜ ପ୍ରଧାନ, ଡ. ଉମେଶ ଚନ୍ଦ୍ର ଚିହ୍ନରା, ଡ. କାଦମ୍ବିନୀ ଦାଶ, ଡ. କଲ୍ୟାଣୀ ଶତପଥୀ, ଡ. ଚକ୍ରଧର କର, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର, ଲକ୍ଷ୍ମୀଧର ଖୁଣ୍ଟିଆ, ଅଶୋକ କୁମାର ଆଢ୍ୟ, ସନ୍ଧ୍ୟାରାଣୀ ଚିହ୍ନରା, ହୃଷୀକେଶ ଶତପଥୀ, ଜ୍ୟୋତ୍ସ୍ନାରାଣୀ ଚିହ୍ନରା, ପୁଷ୍ପଲତା ପଣ୍ଡା, ସୁନୀଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସସ୍ନେହ ଉତ୍ସବ

# ନୃତ୍ୟାଙ୍ଗନା କବିତା ଦ୍ୱିବେଦୀଙ୍କୁ ସମ୍ମାନ ପ୍ରଦାନ




ପୁରୀ,୫।୧(ସମିସ): 'ଆରାଧନା ନୃତ୍ୟ ଏକାଡେମୀ' ପକ୍ଷରୁ ତୃତୀୟ ସସ୍ନେହ ନୃତ୍ୟ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ବର୍ଷିୟାନ୍ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ମିନାକ୍ଷୀ ବେହେରା, ମାହାରୀ ନୃତ୍ୟାଙ୍ଗନା ରୂପଶ୍ରୀ ମହାପାତ୍ର, ଗୋଟିପୁଅ ନୃତ୍ୟଗୁରୁ ଅନନ୍ତ ବେହେରା ଏବଂ ସଂସ୍କୃତି ଗବେଷକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଶୀ ନୃତ୍ୟର ସୃଷ୍ଟି ମାହାରୀ ଏବଂ ଗୋଟିପୁଅ ନୃତ୍ୟରୁ ଅୟମାରମ୍ଭ ବୋଲି ମତ ରଖିବା ସହିତ ଗୋଟିପୁଅ ନୃତ୍ୟର ଦୀର୍ଘ ସ୍ଥାୟିତ୍ୱ କାମନା କରିଥିଲେ। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନୃତ୍ୟ ପ୍ରବୀଣା କବିତା ଦ୍ୱିବେଦୀଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଚିତ୍ରସେନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି କଳାକାର କବିତା ଦ୍ୱିବେଦୀ ଏକକ ଓଡ଼ିଶୀ ନୃତ୍ୟରେ 'ବୃନ୍ଦା-ବୃନ୍ଦାବତୀ' ନୃତ୍ୟାଭିନୟ ପରିବେଷଣ କରିଥିଲେ। ଦଳଗତ ନୃତ୍ୟରେ ଗୁରୁ ଅଶୋକ କୁମାର ଦାସଙ୍କ 'ନବପ୍ରତିଭା', ଗୁରୁ ନାରାୟଣ ପାଣ୍ଡେଙ୍କ 'ପୁରୀ ଡ୍ୟାନ୍ସ ଏକାଡେମୀ', ଗୁରୁ ବିବେକ ମହାନ୍ତିଙ୍କ 'ଚାରୁ ନର୍ତ୍ତନ' ଏବଂ ଗୁରୁ କୁମାର ଭୀମସେନଙ୍କ 'ନାଚଘର' ଅନୁଷ୍ଠାନ ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ବିଶ୍ୱଜିତ୍ ବଳିଆରସିଂହ ଓ ଜ୍ଞାନ ରଞ୍ଜନ ମହାନ୍ତି ସଞ୍ଚାଳନ କରିଥିଲେ।

● ମଧ୍ୟସ୍ଥତା କାର୍ଯ୍ୟକ୍ରମ

## ମାମଲାର ସହଜ ଦ୍ରୁତ ସମ୍ମତିମୂଳକ ସମାଧାନ ହେବ

ପୁରୀ,୫।୧(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ, ମଧ୍ୟସ୍ଥତା ଓ ସମାଧାନ ପ୍ରକଳ୍ପ କମିଟି ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଦେଶରେ ୯୦ ଦିନବ୍ୟାପୀ ମଧ୍ୟସ୍ଥତା କାର୍ଯ୍ୟକ୍ରମ ପୁନଃ ଆରମ୍ଭ ହୋଇଛି। ସମସ୍ତ ଜିଲ୍ଲା କୋର୍ଟରେ ଏହି କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସୂଚନାନୁସାରେ, ଅଦାଲତରେ ଦୀର୍ଘ ସମୟ ଧରି ଚାଲିଥିବା ମାମଲାଗୁଡ଼ିକୁ ମଧ୍ୟସ୍ଥତା ମାଧ୍ୟମରେ ସହଜ, ଦ୍ରୁତ ସମ୍ମତିମୂଳକ ସମାଧାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହା ମାଧ୍ୟମରେ କୋର୍ଟରେ ପଡ଼ିରହିଥିବା ମାମଲାଗୁଡ଼ିକର ସଂଖ୍ୟା କମିବା ସହିତ ସମୟ, ଅର୍ଥ ଓ ମାନସିକ ଚାପ ହ୍ରାସ ହେବ। ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ କୋର୍ଟ ବିଚାରାଧୀନ ଥିବା ସମସ୍ତ ଘରୋଇ ହିଂସା, ଦୁର୍ଘଟଣାଜନିତ ମାମଲା, ଚେକ୍ ବାଉନ୍ସ, ରଫା ଯୋଗ୍ୟ ଫୌଜଦାରୀ, ବାଣିଜ୍ୟିକ, ସେବା ସଂକ୍ରାନ୍ତୀୟ ଓ ସମସ୍ତ ଦେୱାନି ମାମଲାର ସମାଧାନ କରାଯିବ। ଆଇନ ଲଢ଼େଇ ପରିବର୍ତ୍ତେ ସମ୍ମତିରେ ସମାଧାନ ପାଇଁ ସାଧାରଣ ଜନତାଙ୍କୁ ଏହି ଅଭିଯାନର ଲାଭ ନେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆହ୍ୱାନ କରାଯାଇଛି।

# ଭେନେଜୁଏଲା ଉପରେ ଆକ୍ରମଣକୁ ବାମ ଦଳର ବିରୋଧ




ପୁରୀ,୫।୧(ସମିସ): ଭେନେଜୁଏଲା ଉପରେ ଆମେରିକାର ଖୋଲାଖୋଲି ଆକ୍ରମଣ ଓ ସଶସ୍ତ୍ର ବାହିନୀ ଦ୍ୱାରା ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ଧର୍ମପତ୍ନୀଙ୍କୁ ବନ୍ଦୀ କରି ନ୍ୟୁୟର୍କ ଜେଲ୍‌ରେ ରଖିବାକୁ ବିଶ୍ୱବାସୀ ନିନ୍ଦା କରିଛନ୍ତି। ଗୋଟିଏ ଦେଶର ସାର୍ବଭୌମତ୍ୱ ଓ ନିର୍ବାଚିତ ସରକାରକୁ ଅନ୍ୟ ଏକ ଦେଶ ଆମେରିକାର ଟ୍ରମ୍ପ୍ ପ୍ରଶାସନ ଯେଉଁଭଳି ବନ୍ଦୀ କରିନେଲେ ତାହା ଜାତିସଂଘ ସନନ୍ଦର ପରିପନ୍ଥୀ ଓ ବେଆଇନ। ଭେନେଜୁଏଲାର ତୈଳ ଭଣ୍ଡାର, ପ୍ରାକୃତିକ ଗ୍ୟାସ୍, ସୁନା ଖଣି, ଖଣିଜ ପଦାର୍ଥ ଉପରେ ଆମେରିକାର ଲକ୍ଷ୍ୟ। ବିଶ୍ୱ ସମୁଦାୟ ଆମେରିକାର ଏଇ ଅଗଣତାନ୍ତ୍ରିକ ମନୋଭାବକୁ ନିନ୍ଦା କରିଛି। ପୁରୀରେ ବାମଦଳମାନଙ୍କ ତରଫରୁ ମାର୍କେଟ ଛକରେ ପ୍ରତିବାଦ ଆନ୍ଦୋଳନ ସଭାରେ ସିପିଆଇ(ଏମ୍)ର ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ଭୀମସେନ ସ୍ୱାଇଁ, ସୁରେନ୍ଦ୍ର ଜେନା, ସିପିଆଇର ବ୍ରଜବନ୍ଧୁ ପ୍ରଧାନ, ହରିହର ସେନାପତି, ପ୍ରଦୀପ୍ତ ମହାନ୍ତି, ସିପିଆଇ (ଏମ୍‌ଏଲ୍)ର ମୋହନ ନାଇଡୁ ଓ ପୀତବାସ ବେହେରା, ସୁରେନ୍ଦ୍ର ତପସ୍ୱୀ, ପବିତ୍ର ଦଳାଇ, ମନୋରଞ୍ଜନ ମହାରଣା, ଦୀନବନ୍ଧୁ ପ୍ରଧାନ ପ୍ରମୁଖ କହିଥିଲେ ଯେ, ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଅବିଳମ୍ବେ ଖଲାସ କରାଯାଉ। ଜାତିସଂଘ ଓ ଆନ୍ତର୍ଜାତିକ ନ୍ୟାୟାଳୟରେ ପ୍ରସଙ୍ଗ ବିଚାର କରି ଟ୍ରମ୍ପ୍ ବିରୋଧରେ ଦଣ୍ଡବିଧାନ କରାଯାଉ। ଭାରତର ମୋଦୀ ସରକାର ଏହାକୁ ନିନ୍ଦା କରି ବିବୃତ୍ତି ଦେବାକୁ ଦାବି କରାଯାଇଛି।

■ ବାଲୁଖଣ୍ଡରୁ ଆକାଶିଆ ଗଛ ଚୋରି ପ୍ରସଙ୍ଗ

## ବନରକ୍ଷୀ ଦଣ୍ଡିତ; ଫେରାଇବେ କାଠ

'ସକାଳ' ପ୍ରଭାବ

ପୁରୀ,୫।୧(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ପରିସର ସିଭି କଲ୍‌ଚର ଅଫିସ ନିକଟରୁ ଏକ ବଡ଼ ଆକାଶିଆ ଗଛ ମୂଳରୁ କାଟି ନିଆଯାଇଥିଲା। ଏ ସମ୍ପର୍କରେ ଗତମାସ ୯ ତାରିଖରେ 'ସକାଳ'ରେ 'ବାଲୁଖଣ୍ଡରୁ ଗଛ ଚୋରି କଲା କିଏ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ବନ ବିଭାଗ ଏବଂ ସିଭି କଲ୍‌ଚର ମୁଖ୍ୟ କାର୍ଯ୍ୟାଳୟରେ ବେଶ୍ ହଟଚମଟ ହୋଇଥିଲା। ସୂଚନା ଅଧିକାର କର୍ମୀ ସନ୍ତୋଷ କୁମାର ମହାନ୍ତି ଏହି ଖବରକୁ ରଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବନ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଏକ୍ସ ମାଧ୍ୟମରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା ଖୋଳତାଡ଼। ତଦନ୍ତରୁ ବାଲୁଖଣ୍ଡ ପରିସର ସିଭି କଲ୍‌ଚର ଗବେଷଣା କେନ୍ଦ୍ର ଦାୟିତ୍ୱରେ ଥିବା ବନରକ୍ଷୀ ସସ୍ମିତା ସାହୁ ତାଙ୍କ ସରକାରୀ କ୍ୱାର୍ଟରରେ ବ୍ୟବହାର ଯଥା- ଖଟ ତିଆରି କରିବା ପାଇଁ ନେଇଥିବା ଜଣାପଡ଼ିଥିଲା। ଏଥିପାଇଁ ସେ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ କୌଣସି ସୂଚନା ଦେଇ ନ ଥିଲେ। ତେଣୁ ବନରକ୍ଷୀ ଶ୍ରୀମତୀ ସାହୁଙ୍କୁ ଦଣ୍ଡିତ କରାଯାଇଛି। ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ-୧୯୫୯ର ନିୟମ-୩ ଏବଂ ୪ ଉଲ୍ଲଂଘନ ପାଇଁ ତାଙ୍କର ଦୁଇଥର ଦରମା ବୃଦ୍ଧି ବନ୍ଦ କରାଯାଇଛି। ବାଲୁଖଣ୍ଡ ଗବେଷଣା କେନ୍ଦ୍ରରୁ ନିଆଯାଇଥିବା ଲଗ୍ ବା କାଠଗୁଡ଼ିକୁ ଭୁବନେଶ୍ୱରର ଏସିଏଫ୍, ଆଇ/ସି ଗବେଷଣା ରେଞ୍ଜ ଅଧିକାରୀଙ୍କୁ ହସ୍ତାନ୍ତର ଏବଂ ଆବଶ୍ୟକ ସମୟରେ ତଦନ୍ତରେ ସହଯୋଗ କରିବାକୁ କୁହାଯାଇଛି।

## ଜରାଜୀର୍ଣ୍ଣ ଅବସ୍ଥାରେ ଚିଲିକା ଜେଟି ଧର୍ମଶାଳା



କୃଷ୍ଣପ୍ରସାଦ,୫।୧(ସମିସ): ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ପାରିକୁଦଗଡ଼ ଚିଲିକା ଘିମୁଦା ଜେଟି କୂଳରେ ଅବସ୍ଥିତ ଧର୍ମଶାଳାଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏକଦା ଉକ୍ତ ଧର୍ମଶାଳାଟି କୃଷ୍ଣପ୍ରସାଦ ବ୍ଲକ୍‌ର ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସୁଥିଲା। ୧୯୫୬ରେ କୃଷ୍ଣପ୍ରସାଦ ଅଞ୍ଚଳର ବଦାନ୍ୟ ବ୍ୟକ୍ତି ନୀଳକଣ୍ଠ ବଡ଼ପଣ୍ଡାଙ୍କ ପ୍ରଚେଷ୍ଟା କ୍ରମେ ଏହି ଧର୍ମଶାଳାଟି ନିର୍ମାଣ କରାଯାଇଥିଲା। ସମୟାନୁକ୍ରମେ ଧର୍ମଶାଳାଟିର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ନତୁବା ଜନପ୍ରତିନିଧି କେହି ହେଲେ ଧ୍ୟାନ ଦେଲେନାହିଁ। ଫଳସ୍ୱରୂପ ଧର୍ମଶାଳାଟି ଏବେ ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇପଡ଼ିଛି। ଦୀର୍ଘ ୭୦ ବର୍ଷ ପରେ ମଧ ଧର୍ମଶାଳାଟିର ପୁନରୁଦ୍ଧାର ଦିଗରେ କେହି ଦୃଷ୍ଟି ନ ଦେବା ପରିତାପର ବିଷୟ। ଏଣୁ ଧର୍ମଶାଳାଟିର ଉନ୍ନତୀକରଣ ଦିଗରେ ବ୍ଲକ୍ ପ୍ରଶାସନ, ବ୍ରହ୍ମଗିରି ବିଧାୟିକା ଦୃଷ୍ଟିଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଏଥିପ୍ରତି କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଦୃଷ୍ଟିଦେବାକୁ କୃଷ୍ଣପ୍ରସାଦ ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବୋଇତ ବନ୍ଦାଣ କମିଟି ସଭାପତି ବାଉରୀବନ୍ଧୁ ଦଳେଇ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଗୌଡ଼, ନାଲୁ ପାହାଣ, ରମେଶ ଚନ୍ଦ୍ର ବିଶ୍ୱାଳ, ବିପିନ କୁମାର ନାୟକ, ଟିଲୁ ନାୟକ, କାଳିଆ ସାହୁ, ଲୋକନାଥ ନାୟକ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର: ଆପ୍

# ଟଙ୍କା ହଡ଼ପ ପାଇଁ ମୃତ୍ୟୁ ତାରିଖରେ ଜାଲିଆତି

ପୁରୀ,୫।୧(ସମିସ)

ଜଣେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସମ୍ପର୍କୀୟମାନେ ସ୍ୱର୍ଗଦ୍ୱାରରେ ତାଙ୍କର ଶବଦାହ କରିଛନ୍ତି। ହେଲେ ତାଙ୍କ ମୃତ୍ୟୁ ପ୍ରମାଣପତ୍ର କହୁଛି ସ୍ୱର୍ଗଦ୍ୱାରରେ ଶବ ସତ୍କାର ମିଛ। ଅର୍ଥାତ୍ ମୃତ୍ୟୁ ପ୍ରମାଣପତ୍ରରେ କରାଯାଇଛି ବଡ଼ ଜାଲିଆତି। ମୃତ୍ୟୁକାଳୀନ ଆର୍ଥିକ ସହାୟତା ୩ ଲକ୍ଷ ଟଙ୍କା ହଡ଼ପ ପାଇଁ ସରକାରଙ୍କୁ ଚୁନ ଲଗାଇବାକୁ ହୋଇଛି ଅପଚେଷ୍ଟା। ଏଥିରେ ଖୋଦ୍ ଶ୍ରମ କାର୍ଯ୍ୟାଳୟର ବାବୁମାନଙ୍କ ସହ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତିରେ ସମ୍ପୃକ୍ତ ବ୍ୟକ୍ତିମାନେ ମିଳିମିଶି ଏଭଳି ତଞ୍ଚକତା କରିଛନ୍ତି ବୋଲି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ସୋମବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଦଳର ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଶ୍ରମ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ଅଭିଯୋଗ ଆଣିବା ସହ ଦସ୍ତାବିଜ୍ ଦେଖାଇ ଏହାର ଖୁଲାସା କରିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଡେଲାଙ୍ଗ ଜଗଦଳପୁରର ପ୍ରମୋଦ କୁମାର ପାଇକରାୟଙ୍କର ଗତବର୍ଷ ନଭେମ୍ବର ୨୮ ତାରିଖରେ ମୃତ୍ୟୁ ହୋଇଥିଲା। ତାଙ୍କ ଦଶାହ ନିମନ୍ତ୍ରଣପତ୍ରରେ ଏହାର ପ୍ରମାଣ ରହିଛି। ସ୍ୱର୍ଗଦ୍ୱାରରେ ନଭେମ୍ବର ୨୯ରେ ଶବଦାହ ହୋଇଥିବା ଅନ୍ୟ ଏକ ପ୍ରମାଣ ବି ଅଛି। କିନ୍ତୁ ମୃତ୍ୟୁ ପ୍ରମାଣପତ୍ରରେ ତାଙ୍କ ମୃତ୍ୟୁର ତାରିଖ ୨୦ ଡିସେମ୍ବର ୨୦୨୫ ଉଲ୍ଲେଖ ଥିବାବେଳେ ଏହାକୁ ୨୪ ତାରିଖରେ ଇସ୍ୟୁ କରାଯାଇଛି। ତେବେ ଜଣଙ୍କ ମୃତ୍ୟୁର ୨୩ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରମାଣପତ୍ରରେ ଦର୍ଶାଯିବାକୁ ନେଇ ଆପ୍ ସତ କ'ଣ ଖୋଳତାଡ଼ କରିଥିଲା। ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଶ୍ରମ କାର୍ଯ୍ୟାଳୟରେ ଦୁର୍ନୀତି ପଦାକୁ ଆସିଥିଲା ବୋଲି କହିଛନ୍ତି ଶ୍ରୀ ମହାନ୍ତି। ତାଙ୍କ କହିବା ଅନୁଯାୟୀ, ମୃତ ପ୍ରମୋଦଙ୍କର ଶ୍ରମ କାର୍ଡ ରହିଛି, ଯାହାକି ୨୦୧୬ ନଭେମ୍ବର ୨୩ରେ ପଞ୍ଜୀକରଣ ହୋଇଥିଲା। ନିୟମ ଅନୁଯାୟୀ, ବାର୍ଷିକ ୫୦ ଟଙ୍କା ଦେଇ ଏହି କାର୍ଡ ରିନ୍ୟୁଆଲ କରାଯାଇଥାଏ। ପ୍ରମୋଦଙ୍କ କାର୍ଡ ୨୦୨୧ ନଭେମ୍ବର ୨୨ ପର୍ଯ୍ୟନ୍ତ ବୈଧ ଥିଲା। ଏହାପରେ ସେ ରିନ୍ୟୁଆଲ କରି ନ ଥିଲେ। ଅର୍ଥାତ୍ ୨୦୨୧ରୁ ୨୦୨୫ ପର୍ଯ୍ୟନ୍ତ ବାର୍ଷିକ ଦେୟ ୫୦ ଟଙ୍କା ପୈଠ କରି ନ ଥିଲେ। କିନ୍ତୁ ୨୦୨୫ ଡିସେମ୍ବର ୩ ତାରିଖରେ ଏକା ସମୟରେ ୫ବର୍ଷର ୨୫୦ ଟଙ୍କା ପୈଠ କରାଯାଇଥିବା ବେଳେ ସେଥିରେ ମୃତ ପ୍ରମୋଦଙ୍କ ଡିଜିଟାଲ ଦସ୍ତଖତ ହୋଇଛି। ନିୟମ ଅନୁସାରେ ଏହି ଡିପୋଜିଟ୍ ନିଜେ କିମ୍ବା ତାଙ୍କ ସଂଘ ଦ୍ୱାରା ହୋଇପାରିବ। ଯଦି ପ୍ରମୋଦଙ୍କର ନଭେମ୍ବର ୨୮ରେ ମୃତ୍ୟୁ ଘଟିଛି ତେବେ ତାଙ୍କର ଶ୍ରମ କାର୍ଡ ପାଇଁ ଟଙ୍କା କିଏ ଡିପୋଜିଟ୍ କଲା? କେଉଁ ଆଧାରରେ କରାଯାଇଛି ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ନିୟମ ମୁତାବକ ମୃତ ବ୍ୟକ୍ତିଙ୍କ ପାଇଁ ୩ ଲକ୍ଷ ଏବଂ ଶବ ସତ୍କାର ପାଇଁ ୫ହଜାର ଟଙ୍କାକୁ କିଛି ଚକ୍ରାନ୍ତକାରୀ ହଡ଼ପ କରିବା ପାଇଁ ମିଳିତ ଭାବେ ଏଭଳି କାମ କରିଛନ୍ତି ବୋଲି ଆପ୍ ଅଭିଯୋଗ ଆଣିଛି। ଏଥିରେ ଜାଲିଆତି କରାଯାଇଥିବା ଏକପ୍ରକାର ସ୍ପଷ୍ଟ ଜଣାପଡୁଛି। ତେଣୁ ଶ୍ରମ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ମୃତ୍ୟୁ ପ୍ରମାଣପତ୍ର ଦେବାରେ ଯେଉଁମାନଙ୍କର ଭୂମିକା ରହିଛି ଯେପରି କି ଡାକ୍ତର, ସରପଞ୍ଚ, ଆଶା ଦିଦି ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି।




ଏହି ଗୋଟିଏ ଘଟଣା ପଦାକୁ ଆସିବାରୁ ଏଭଳି ଜାଲିଆତି ବିଷୟରେ ଜଣାପଡ଼ିଛି। ଏହିଭଳି ଜିଲ୍ଲାବ୍ୟାପୀ କେତେ ଶ୍ରମିକଙ୍କ ନାଁରେ ଜାଲିଆତି କରାଯାଇ ଟଙ୍କା ହଡ଼ପ କରାଯାଇଛି ତାହାର ତଦନ୍ତ ଜିଲ୍ଲାପାଳ କରନ୍ତୁ ବୋଲି କହିଛନ୍ତି ସଞ୍ଜୀବ। ଅଧିକାରୀମାନେ ଗରିବ ଶ୍ରମିକଙ୍କ ଟଙ୍କା ତଞ୍ଚକତା କରି ହାତେଇବାକୁ ପଛାଉ ନ ଥିବା ଦୁର୍ଭାଗ୍ୟଜନକ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ଉପସଭାପତି ରବିନ୍ଦ୍ର ସାହୁ, ନଗର ସଭାପତି ରମାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଡିଭିଜନାଲ ଲେବର କମିଶନର (ଡିଏଲ୍‌ସି) ଚୌଧୁରୀ ସୁବ୍ରତ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

# ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର,୫।୧(ସମିସ)



ସାରସ୍ୱତ ଅନୁଷ୍ଠାନ "ପ୍ରଥମା ଫାଉଣ୍ଡେସନ୍" ପକ୍ଷରୁ ଚାଲୁଥିବା ତିନିଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ 'ଶାରଳା ନାଟକ ଉତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଜଗତସିଂହପୁର ସହରସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ଭରପୁର ଦର୍ଶକ ଉପସ୍ଥିତ ରହି ନାଟକର ମଜା ନେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ପାରିବାରିକ ନାଟକ "ସଂପର୍କ" ଦର୍ଶକଙ୍କ ଆଖିରେ ଲୁହ ଭରି ଦେଇଥିଲା। ଭୁବନେଶ୍ୱର "ରଙ୍ଗମ୍" ନାଟ୍ୟସଂସ୍ଥାର କଳାକାର ବିଜୟ ରଥ, ପାର୍ଥସାରଥୀ ମହାନ୍ତି, ରାଜେନ୍ଦ୍ର କୁମାର ଦାସ, ବିମଳ କୁମାର ପାଟଯୋଶୀ, ଅପୂର୍ବ ରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ନନ୍ଦ, ଲକ୍ଷ୍ମୀକାନ୍ତ ସାହୁ, ସିମାଞ୍ଚଳ ପାଢ଼ୀ, ବିଉଟି ସାହୁ ନିଖୁଣ ଅଭିନୟ କରିଥିବା ବେଳେ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଦର୍ପନାରାୟଣ ସେଠୀ। ମଞ୍ଚସଜ୍ଜାରେ ପ୍ରଜ୍ଞାଦତ୍ତ ସାହୁ, ଆଲୋକରେ ବିକାଶ ପ୍ରଧାନ, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ପୋଷାକୋର ସୌଭାଗ୍ୟ ରଞ୍ଜନ ସାହୁ, ରୂପସଜ୍ଜାରେ ନରେନ୍ଦ୍ର ସେନାପତି, ମଞ୍ଚ ସଞ୍ଚାଳନାରେ ସହସ୍ରାକ୍ଷ ରଥ ଏବଂ ସହ ନିର୍ଦ୍ଦେଶନାରେ ସନ୍ତୋଷ ବାରିକ ସହଯୋଗ କରିଥିଲେ। ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ଏବଂ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବାର୍ଷିକ ବିଶେଷାଙ୍କ "ଦୃଶ୍ୟରାଗ' ଉନ୍ମୋଚିତ ହୋଇଥିଲା। ଏଥିସହ ଅଭିନେତା ଓ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସଙ୍କୁ "ପ୍ରଥମା ସମ୍ମାନ-୨୦୨୬' ଏବଂ ନାଟକର ନିର୍ଦ୍ଦେଶକ ଦର୍ପନାରାୟଣ ସେଠୀ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ ଏବଂ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ନାଟକ ଉତ୍ସର୍ଗ ସ୍ମୃତି ସମ୍ମାନ ଗ୍ରହଣ କରିଥିଲେ ତପନ ରାଉରାୟ। ଏଥିସହ ଉଦ୍‌ଘୋଷକ ସୁଭାଷ ଚନ୍ଦ୍ର ରାଉତ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ସଞ୍ଜୟ ସାହା, ନାଗେଶ୍ୱର ରାଓ, ମାନସ ବେହେରା, ଲୋକନାଥ ଦାସ, ଅଜିତ୍ ରାଉତ, ପ୍ରଭାତ କୁମାର ମଲ୍ଲିକ, ଜ୍ଞାନରଞ୍ଜନ ମିଶ୍ର, ସୌମ୍ୟରଞ୍ଜନ ନାୟକ, ରଘୁନାଥ ସାହୁଙ୍କୁ ସମ୍ମାନ ପ୍ରଦାନ ପରାଯାଇଥିଲା। ସେହିପରି ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, କଳା ସମ୍ପାଦକ, ଅଜୟ କୁମାର ଗୋଛାୟତ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ଉପସଭାପତି କାଳିକିଙ୍କର ମହାନ୍ତି, ସହ କୋଷାଧ୍ୟକ୍ଷ ସୁଦିପ୍ତ ପରିଡ଼ା, ବରିଷ୍ଠ ସଦସ୍ୟ ନରେଶ ଦାସ, ଦିଲ୍ଲୀପ ଗୋଛାୟତ, ସାରଦା ଦାସ, ବିଜୟ କୁମାର ରାଉତ, ପବିତ୍ର ପରିଡ଼ା, ସଂଜୀବ ବରାଳ, ଅନୀଲ ଦାସ, ସୁରେଶ ପ୍ରଧାନ, ମାତୃପ୍ରସାଦ ଦାସ, ମନୋଜ ମହାପାତ୍ର, ସରୋଜ ଦ୍ୱିବେଦୀ, ନିଖିଳ ରଂଜନ ନାୟକ, ସ୍ମୃତି ରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ପରିଡ଼ା, ରେମେଶ ଚନ୍ଦ୍ର ବହିରା, ତୃପ୍ତିରଂଜନ ଦାସ, ସଦସ୍ୟ, ଅମିତ୍ ଅଂଶୁମାନ, ପ୍ରିୟବ୍ରତ ଦାସ ଓ ଅବିନାଶ ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ସଡ଼େଇକଣା ଡକାୟତି ମାମଲାରେ ୨ ଗିରଫ

ଜଗତସିଂହପୁର,୫।୧(ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ସଡ଼େଇକଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନାଙ୍କ ଘରୁ ଗତ ୨୦୨୫ ନଭେମ୍ବର ୭ ତାରିଖ ରାତିରେ ସଶସ୍ତ୍ର ଡକାୟତି ହୋଇଥିଲା। ଘଟଣା ସମ୍ପର୍କରେ ବିରିଡି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାୟ ୨ ମାସ ପରେ



ଏହି ଡକାୟତିରେ ସମ୍ପୃକ୍ତ ଥିବା ଶଙ୍ଖପୁର ଗ୍ରାମର ଦୀପକ ଭୋଇ ଓରଫ କୁନା ଏବଂ ବାଗଲପୁର ଗ୍ରାମର ସୁଜ୍ଞାନ ଭୋଇ ଓରଫ ମୁନାକୁ ବିରିଡ଼ି ପୁଲିସ ଗିରଫ କରିଛି। ସେମାନଙ୍କ ଠାରୁ ଗୋଟିଏ ବାଇକ୍, ଏକ ଧାରୁଆ କଟୁରି ଏବଂ ନଗଦ ୫ ହଜାର ଟଙ୍କା ଜବତ ହୋଇଥିବା ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେ ସୂଚନା ଦେଇଛନ୍ତି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବୃଦ୍ଧାଙ୍କ ଆତ୍ମହତ୍ୟା ଅଭିଯୋଗ

ପାରାଦୀପ,୫।୧(ସମିସ): ପାରାଦୀପ ଲକଥାନା ଝିମାଣି ଗ୍ରାମର ସୁଦର୍ଶନ ପଲେଇ (୭୩) ଗତକାଲି ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏପରିକି ତାଙ୍କ ଗୋଡ଼ରେ ଥିବା ଖଣ୍ଡିଆ ଆଦୌ ଶୁଖୁ ନଥିଲା। ଗୋଡ କଟାହେବା ହେବା ନେଇ ଡାକ୍ତର ପରାମର୍ଶ ଦେଇଥିଲେ। ଆଜି କଟକ ଯାଇ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ ଠିକ୍ ହୋଇଥିବା ବେଳେ ସେ ଗତକାଲି ରାତି ପାଖାପାଖି ୩ଟା ହେବ ଘରେ ସମସ୍ତେ ଶୋଇଥିବା ବେଳେ ଶିଡ଼ି ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଘର ଲୋକେ ଦେଖିବା ପରେ ଲକ୍‌ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚୋରା ମଦ ସହ ଦୁଇ ଗିରଫ

ପାରାଦୀପ,୫।୧(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଜେଏସଡବ୍ଲୁ ୩ ନମ୍ବର ଗେଟ ନିକଟରୁ ଆଜି ଦୁଇ ଚୋରା ମଦ ବେପାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝିମାଣି ଗ୍ରାମର ଧନଞ୍ଜୟ ମହାନ୍ତି (୨୭) ଓ ତପନ ରାଉତ (୩୯)। ସେମାନଙ୍କ ପାଖରୁ ୧୧ ଲିଟର ଓ ୧୦ ଲିଟର ସମୁଦାୟ ୨୧ ଲିଟର ମେଲୋଡିଡିଏଲଏକ୍ସ-୫୦ଦେଶୀମଦଜବତକରାଯାଇଛି। ଥାନାଆଇଆଇସିସମୀର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଧର୍ମରାଜ ସେଟଙ୍କ ନେତୃତ୍ୱରେ ଓ ଏଏସଆଇ ଦିନେ କୁମାର ଦାଣ୍ଡିଆଙ୍କ ନେତୃତ୍ୱରେ ଦୁଇଟି ଟିମ ଚୋରା ମଦ କାରବାରରେ ସମ୍ପୃକ୍ତିଙ୍କୁ ଧରିବା ପାଇଁ ବାହାରିଥିବା ବେଳେ ଏହି ଦୁଇ ଚୋରା ମଦ ବେପାରୀଙ୍କୁ କାବୁ କରିଥିଲେ। ଏନେଇ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିର୍ତ୍ତୋଲ/ଏରସମା,୫।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ତିରଣର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେସନରେ ମୁଖ୍ୟବକ୍ତା କୃଷ୍ଣଚନ୍ଦ୍ରପୁର ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଧୀରେନ ପାତ୍ର, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ସମିତି ସଭ୍ୟା ହମିଦା ବେଗମ୍ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ, ମୁଖ୍ୟବକ୍ତା ଅଧ୍ୟାପକ ତପସ୍ୟା ପ୍ରସାଦ ଜେନା ସମ୍ମାନିତ ଅତିଥି ପଞ୍ଚସଖା ସେତୁ ସଭାପତି ଜଗନ୍ନାଥ ଖଣ୍ଡୁଆଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅର୍ଦ୍ଧ ବାର୍ଷିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ ଓ ପିଏମଶ୍ରୀ ଉତ୍ସବରେ ବିଭିନ୍ନ ବିଭାଗରେ ସବୁଠୁ ଭଲ ପ୍ରଦର୍ଶନ କରିଥିବା ପ୍ରକଳ୍ପର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

## ମା' ବନ୍ଦରେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୫।୧(ସମିସ): ମା' ବନ୍ଦରେଇ କ୍ରିକେଟ କ୍ଲବ ବନ୍ଦର ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟସ ଜିତି ନେହୁରୁ ୟୁଥ ଆଣ୍ଡ ସ୍ପୋର୍ଟସ ଆସୋସିଏସନ ବଘେଇପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୧୦୫



ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଖଣ୍ଡଗିରି ଗାଦୀବ୍ରହ୍ମ କ୍ରିକେଟ କ୍ଲବ ଗଣ୍ଡକୁଳ ୧୨ ଓଭରରେ ୮ ୱିକେଟ ହରାଇ ୯୫ ରନ କରି ପରାଜିତ ହୋଇଥିଲା। ବଘେଇପୁର ଟିମ୍‌ର ଲିପୁନ ସ୍ୱାଇଁ ୩୭ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା ବେଳେ ଗଣ୍ଡକୁଳ ଟିମ୍‌ର ସୋମ ସିଦ୍ଧାର୍ଥ ନାୟକ ୧୦୧ ରନ କରିବା ସହ ୩ ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ବାବୁରାମ ବେହେରା ଓ ସୁବ୍ରତ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂରେ ଅମୀୟ ଦାସ ଓ କାଳନ୍ଦୀ ଦାସ ସହଯୋଗ କରିଥିଲେ। ମ୍ୟାଚର ଧାରାବିବରଣୀ ସନ୍ତୋଷ ବିଶ୍ୱାଳ ଓ ବବୁଲ ସ୍ୱାଇଁ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଅଜୟ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ଯୁଗଳ କିଶୋର ନାୟକ, ସାମ୍ବାଦିକ ପ୍ରଣବ ପ୍ରଧାନ, ଫରେଷ୍ଟ ଗାର୍ଡ ଚିତ୍ରସେନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ଆଲୋକ ବେହେରା, ଶୁଭମ ବିଶ୍ୱାଳ, ସିମ୍ପୁଲ ବିଶ୍ୱାଳ, ଚିନ୍ମୟ ସ୍ୱାଇଁ, ଭକ୍ତିପ୍ରସାଦ ଦାସ, ଜିତୁ କାଣ୍ଡି, ମୃଣ୍ମୟ ସ୍ୱାଇଁ, ମିଥୁନ ଦାସ, ମଣ୍ଟୁ ବେହେରା, ଆକାଶ କାଣ୍ଡି, ଦେବାଶିଷ ବିଶ୍ୱାଳ, ଓମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

● ବିଦ୍ୟୁତ ଖୁଣ୍ଟରେ ପିଟି ହେଲା ବାଇକ୍

## ଅଜା, ନାତି ଗୁରୁତର; ଝିଅ ଆହତ

ନାଉଗାଁ,୫।୧(ସମିସ): ନାଉଗାଁ ଥାନା ଗୋଠଦା ନିକଟରେ ବାଇକ୍ ଭାରସ୍ୟାମ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯିବାରୁ ଅଜାନାତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅଜା ହେଲେ ମଙ୍ଗୁଳି ସାସମଲ (୮୨) ଏବଂ ନାତି ଆୟୁଷ୍ମାନ ସାହୁ। ଗୁରୁତର ଥିବା ବେଳେ ଝିଅ ତୃପ୍ତିରାଣୀ ସାହୁ ଅଳ୍ପକେ ଆହତ ହୋଇ ଥିବା ଜଣା ପଡ଼ିଛି। ତେବେ ଆଜି ନାତି ନିଜ ମାମୁଁ ଘର ଦହୀପାଳରୁ ଅଜା ଓ ମା'କୁ ନେଇ ନିଜ ବାଇକ୍ ଯୋଗେ ନାଉଗାଁ ବଜାର ଅଭିମୁଖେ ଯାଉଥିବା ସମୟରେ ବାଇକ୍‌ଟି ଗୋଠଦା ନିକଟରେ ଭାରସ୍ୟାମ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଗୁରୁତର ଥିବା ଅଜା ଓ ନାତିକୁ କଟକ ସ୍ଥାନାନ୍ତରିତ କରା ଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ଠିକାଦାର ନିଯୁକ୍ତି କରାଯାଇଥିବା ବେଳେ ଦୀର୍ଘ ଦିନ ଧରି ଅବଧି ସାରିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ନ ହେବାରୁ ବିଭିନ୍ନ ସ୍ଥାନରେ ଖାଲଖମା ଓ ଗୋଡି ଉଠିବା ଫଳରେ ଏପରି ଦୁର୍ଘଟଣା ବିଭିନ୍ନ ସମୟରେ ହେଉଥିବା ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।

## ତିର୍ତ୍ତୋଲରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ତିର୍ତ୍ତୋଲ,୫।୧(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୬୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୧ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୩ଟି, ଆବାସ ଯୋଜନା ସମ୍ପର୍କୀୟ ୮ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୩ଟି, ପୁଲିସ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ବ୍ଲକ୍ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତହସିଲଦାର ମହେଶ୍ୱର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ସାଇଲୋରେ ଚକ୍ଷୁ ଓ କର୍କଟ ସଚେତନତା ଶିବିର




କୁଜଙ୍ଗ,୫।୧(ସମିସ): କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ପରିସରରେ 'ସରୋଜ ଭାଇ ଜନସେବା ସଂଗଠନ' ପକ୍ଷରୁ ଏକ ବିଶାଳ ଚକ୍ଷୁ ଚିକିତ୍ସା ଓ କର୍କଟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରୋଜ କୁମାର ସେଠୀଙ୍କ ସେବା ଭାବକୁ ପାଥେୟ କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଅସହାୟ ଲୋକ ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ସରପଞ୍ଚ ସରୋଜ କୁମାର ସେଠୀ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶିବିରକୁ କୁଜଙ୍ଗ ବ୍ଲକ ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ପୋତନାଇ ସରପଞ୍ଚ ବ୍ରଜକିଶୋର ମହାରାଜ ଏବଂ ସମିତିସଭ୍ୟ ସତ୍ୟବାନ ମୁଦୁଲି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭୁବନେଶ୍ୱର ସ୍ଥିତ ବାଗ୍‌ଚି ଶ୍ରୀଶଙ୍କର କର୍କଟ ହସ୍ପିଟାଲ ଏବଂ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରୀ ଦଳ ଯୋଗଦେଇ ରୋଗୀଙ୍କର ମାଗଣା ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ଆୱାକେନ୍ କ୍ୟାନସର ଟ୍ରଷ୍ଟ'ର ଅଧ୍ୟକ୍ଷା ସ୍ୱାଗତିକା ଆଚାର୍ଯ୍ୟ, ଡ. ବିକ୍ରାନ୍ତ ମହାପାତ୍ର ଏବଂ ନୃସିଂହ ମନ୍ଦିରର ପୂଜାରୀ ରମାକାନ୍ତ ଦାସ ଉପସ୍ଥିତ ଥିଲେ। ସାଇଲୋ ପଞ୍ଚାୟତର ନାଏବ ସରପଞ୍ଚ ଝରଣା ଦାସ, ସମିତିସଭ୍ୟା, ସମସ୍ତ ୱାର୍ଡ ମେମ୍ବର, ଆଶା ଓ ଅଙ୍ଗନବାଡ଼ି କର୍ମୀ ଏବଂ ସଂଗଠନର କର୍ମକର୍ତ୍ତା ପ୍ରକାଶ ସ୍ୱାଇଁ, ଆଡ୍‌ଭୋକେଟ କିଶୋର ସ୍ୱାଇଁ, ସମ୍ପାଦକ ଦେବାଶିଷ ପାତ୍ର, ଉପସଭାପତି ଜ୍ଞାନ ରଞ୍ଜନ ବାରିକ ଓ ବିବେକ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରଟି ଅନୁଷ୍ଠିତ ହୋଇଥିଲା।

## ବଳଦେବଜୀଉ ମହାପ୍ରଭୁଙ୍କ ରାଜ୍ୟାଭିଷେକ

ଜଗତସିଂହପୁର,୫।୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସିଦ୍ଧଳ ସ୍ଥିତ ଶ୍ରୀଶ୍ରୀ ବଳଦେବଜୀଉଙ୍କ ପୀଠରେ ରାଜ୍ୟାଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଠାକୁର ରାଜା ଜିଲ୍ଲାପାଳ ଜେ. ସୋନାଲଙ୍କୁ ଶତାଧିକ ଭକ୍ତ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ବଡ଼ଦାଣ୍ଡରୁ



ପାଛୋଟି ନେଇଥିଲେ। ଜିଲ୍ଲାପାଳ ମନ୍ଦିର ପରିକ୍ରମା କରିସାରିବା ପରେ ପୁରୋହିତ ସୁରେନ୍ଦ୍ର ନାଥ ଦାଶ ଶର୍ମାଙ୍କ ଦ୍ୱାରା ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ତହସିଲଦାର ଜଗତସିଂହପୁର ଅଜୟ କୁମାର ମହାନ୍ତି, ଥାନା ଅଧିକାରୀ ଏବଂ ଅନ୍ୟାନ ଅଧିକାରୀ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା ଉପଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ପ୍ରଶାନ୍ତ କୁମାର ତରାଇଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରିୟନାଥ ରାୟ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିର ବଡ଼ପଣ୍ଡା ଅରୁଣ କୁମାର ପଣ୍ଡା, ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ, ଅଶୋକ କୁମାର ପଣ୍ଡା, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ, ସମିତିସଭ୍ୟା ମୌସୁମୀ ବାରିକ, ମୁଦୁପୁର ମହିଳା ମହାସଂଘ ସଭାପତି ରିତା ଆଚାର୍ଯ୍ୟ, ସିଦ୍ଧଳ ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଶତାଧିକ ମହିଳା ସଂଗଠନର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ଠାକୁର ରାଜା ଜିଲ୍ଲାପାଳଙ୍କ ରାଜଦରବାର ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଜନସାଧାରଣ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତଥା ଠାକୁର ରାଜା ପ୍ରତିଶ୍ରୁତି ଦେଇଥିଲେ। ଲକ୍ଷ୍ମୀ ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମଙ୍କୁ ସଦସ୍ୟ ରାମଚନ୍ଦ୍ର ଦାଶ, ଚିତ୍ତରଞ୍ଜନ ନାୟକ, ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍‌ଭିଏମ୍ କଲେଜରେ ରାଷ୍ଟ୍ରୀୟ ଯୁବା ଦିବସ




ଜଗତସିଂହପୁର,୫।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ସତ୍ୟପ୍ରକାଶ ମହାନ୍ତିଙ୍କ ଆବାହକତ୍ୱରେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଯୁବା ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ କଳା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓଝା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ କଳା ମଞ୍ଚ ରାଜ୍ୟ ସଂଯୋଜକ ଦେବପ୍ରସାଦ ବେହେରା, ସାମାଜିକ କର୍ମୀ ଚନ୍ଦ୍ରକାନ୍ତି ପଲେଇ ଓ ଏବିଭିପି ଜଗତସିଂହପୁରର ପୂର୍ବତନ ଜିଲ୍ଲା ସହପ୍ରମୁଖ ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ କଲେଜ ପରିସରକୁ ଶାନ୍ତ ଓ ନିଶାମୁକ୍ତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ସତ୍ୟପ୍ରକାଶ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ତ୍ରିଲୋଚନପୁରବାସୀ

ପାରାଦୀପ, ୫।୧ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଇସ୍ପାତ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି ତ୍ରିଲୋଚନପୁର ଗ୍ରାମବାସୀ। ଏନେଇ ଗ୍ରାମବାସୀ ଆଜି ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କର ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତରେ ଥିବା ଏହି ଇସ୍ପାତ କମ୍ପାନୀ ତାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଢିଙ୍କିଆ ଗ୍ରାମପଞ୍ଚାୟତର ରହିଥିବା ସମସ୍ୟା ଓ ସହାୟତା କରିବା ପାଇଁ ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟକ ରାସନ କାର୍ଡ ହିତାଧିକାରୀଙ୍କୁ ଶ୍ରମିକ ଭତ୍ତା ଆକାରରେ ୮୮ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଢିଙ୍କିଆ ପଞ୍ଚାୟତର ୨୩ଟି ୱାର୍ଡ ମଧ୍ୟରୁ ୧୬ଟି ୱାର୍ଡକୁ ଏହି ଟଙ୍କା କମ୍ପାନୀ କର୍ତ୍ତୃପକ୍ଷ ପ୍ରଦାନ କରିଥିବା ବେଳେ ତ୍ରିଲୋଚନପୁର ଗ୍ରାମର ୧ ନମ୍ବର ୱାର୍ଡରୁ ୭ ନମ୍ବର ୱାର୍ଡ ପର୍ଯ୍ୟନ୍ତ କୌଣସି ଭତ୍ତା ଟଙ୍କା ଦେଇନାହାନ୍ତି। ଏ ସମ୍ପର୍କରେ ଗ୍ରାମରେ ଥିବା ଗ୍ରାମ୍ୟ କମିଟି ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ତତ ସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଜଣାଇଥିଲେ। ତେବେ ସମସ୍ତଙ୍କୁ ଜଣାଇବା ପରେ ସମସ୍ୟାର କୌଣସି ସମାଧାନ ହୋଇପାରିନାହିଁ। ସାଂସଦଙ୍କ ଉପସ୍ଥିତରେ ବର୍ତ୍ତମାନର ଜିଲ୍ଲାପାଳଙ୍କ ସହିତ ଗ୍ରାମ୍ୟ କମିଟିର ଏକ ବୈଠକ ମଧ୍ୟ ହୋଇଥିଲା। ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ କି ଦୁଇ ମାସ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ କରାଯିବ। କିନ୍ତୁ ଦୀର୍ଘ ୧ ବର୍ଷ ପାର ହୋଇ ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି ଜଣାଇଛନ୍ତି।

## ଜେଟିରୁ ପଡି ହେଲ୍ପର ମୃତ

ପାରାଦୀପ,୫।୧(ସମିସ): ପାରାଦୀପ ମେରାଇନ ଥାନା ଅଧୀନ ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ ଜଣେ ଜେଟିରୁ ଗଳି ପଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତକ ଯୁବକ ଜଣକ ହେଲେ ଉତ୍ତରପ୍ରଦେଶର ମହମ୍ମଦ ହାସିନ ଖାଁ (୨୪)। ସେ ଜିନ୍ଦଲ କମ୍ପାନୀ ଅଧୀନରେ ଠିକା କାମ ନେଇଥିବା ନବଯୁଗ କମ୍ପାନୀରେ ହେଲ୍ପର ଭାବେ କାମ କରୁଥିଲା। ଗତକାଲି ଅପରାହ୍ନରେ ସେ କୌଣସି କାମରେ ସାଉଥ ଜେଟି ନିକଟକୁ ଯାଇଥିବା ବେଳେ ଅସାବଧାନତା ହେତୁ ଜେଟି ନିକଟରେ ଗଳି ପଡି ଥାଇ ପାରେ ବୋଲି ପୁଲିସ ଅନୁମାନ କରୁଛି। ତେବେ ଖବର ପାଇ ମେରାଇନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟାରେ ଶବଟିକୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲା। ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ପାରାଦୀପ ବେଳାଭୂମିରେ ଅଲିଭ ରିଡ୍‌ଲେର ମୃତଦେହ

ପାରାଦୀପ,୫।୧(ସମିସ): ପାରାଦୀପ ସମୁଦ୍ର କୂଳରେ ପଡିରହିଛି ବହୁ ଅଲିଭ ରିଡ୍‌ଲେ କଇଁଛର ମୃତଦେହ। ଯାହାକୁ କାଉ କୁକୁର ଝୁଣି ଖାଇବା ଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ସମୁଦ୍ର କୂଳ ଅଞ୍ଚଳ। କେବଳ ଅଲିଭ ରିଡ୍‌ଲେ କଇଁଛ ନୁହନ୍ତି ବିରଳ ପ୍ରଜାତିରର ଜଳଜୀବଙ୍କ ମୃତଦେହ ସମୁଦ୍ର କୂଳରେ ଲାଗିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକାଶ କରିବା ସହିତ ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେକରି କାହିଁ ହଜାର ହଜାର ମାଇଲ ଦୂରରୁ ଛୁଟି ଆସୁଥିବା ବେଳେ କେଉଁ କାରଣରୁ ଏମାନେ ମୃତ୍ୟୁ ମୁଖରେ ପଡୁଛନ୍ତି ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ଯେଉଁଠି ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି; ଯଦି ସେହି ଅଲିଭ



ରିଡ୍‌ଲେ ମୃତ୍ୟୁମୁଖରେ ପଡୁଛନ୍ତି ଏଥିପ୍ରତି କିଏ ଉତ୍ତର ଦାୟୀ ବୋଲି କିଛି ପରିବେଶବିତ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି ପାରାଦୀପର ହନୁମାନ ମନ୍ଦିରଠାରୁ ଭୋସକାଲିସ ପଏଣ୍ଟ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ଅଲିଭ ରିଡ୍‌ଲେ କଇଁଛଙ୍କ ମୃତଦେହ ପଡ଼ି ରହିବା ସହିତ କାଉ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଛି। ଏହି ଅଲିଭ ରିଡ୍‌ଲେଙ୍କ ମୃତଦେହରୁ ବାହାରୁଥିବା ପ୍ରକଟ ଦୁର୍ଗନ୍ଧରେ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ଅନ୍ୟ ପ୍ରାଣୀମାନେ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଥାଶୀଘ୍ର ବନବିଭାଗ ତରଫରୁ ଏହି ମୃତଦେହ ଗୁଡିକୁ ପୋତିବା ସହିତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକ ହୋଇପଡିଛି।

## ମଣ୍ଡି ଖୋଲି ବିତିଲା ମାସେ

# ଧାନ ନେଉ ନାହାଁନ୍ତି ମିଲର୍ସ; ଅହୋରାତ୍ର ଜଗିବସିଛନ୍ତି ଚାଷୀ

ବୀରମହାରାଜପୁର,୫।୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ହିଲୁଙ୍ଗ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇ ଏକ ମାସ ବିତିଥିବାବେଳେ ମିଲର୍ସ ଧାନ ନେଉ ନଥିବାରୁ ଚାଷୀ ଏବେ ଅହରାତ୍ର ମଣ୍ଡିରେ ଧାନକୁ ଜଗି ବସିଛନ୍ତି। ଯାହାକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଚଳିତବର୍ଷ ଧାନ ଅମଳ ପରେ ଧାନ ବିକ୍ରୟ କରିବା ପାଇଁ ଚାଷୀମାନେ ହିଲୁଙ୍ଗ ସେବା ସମବାୟ ସମିତି ମଣ୍ଡି ପରିସରରେ ନିଜ ନିଜ ଧାନ ବସ୍ତା ରଖିଛନ୍ତି। ଡିସେମ୍ବର ୯ ତାରିଖରୁ ଏହି ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି। କିନ୍ତୁ ଦୀର୍ଘ ଏକ ମାସ ହେବ ମିଲର୍ସ ଆସି ଠିକ୍ ଭାବରେ ଧାନ ନେଉ ନାହାଁନ୍ତି। ଏକ ମାସରୁ ଅଧିକ ହେବ ମିଲର୍ସମାନେ ମଣ୍ଡିକୁ ଆସି ଧାନ ନେଇ ନଥିବାରୁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ମାଘ ମାସର ପ୍ରବଳ ଶୀତ ରାତିରେ ଖୋଲା ଆକାଶ ତଳେ ଚାଷୀ ଧାନକୁ ଜଗି ରହିଛନ୍ତି। ଗତବର୍ଷ ଏହି ମଣ୍ଡିରୁ ଖରିଫ ଋତୁରେ ୮୦ ହଜାର କୁଇଣ୍ଟାଲ ଧାନ କିଣା ଯାଇଥିବା ବେଳେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨୫ହଜାର ୧୫୯ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଛି। ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଣ୍ଡିରୁ ଧନକ୍ରୟ ପାଇଁ ୧୨ଜଣ ମିଲର୍ସଙ୍କୁ ଟ୍ୟାଗ କରାଯାଇଥିଲେ ବି ମିଲର୍ସମାନେ ଠିକ୍ ସମୟରେ ଆସୁ ନଥିବାରୁ ଏହି ମଣ୍ଡିରେ ଅଚଳାବସ୍ଥା ଦେଖାଦେଇଛି। ବର୍ତ୍ତମାନ ମଣ୍ଡିରେ ପ୍ରାୟ ୨୪ ହଜାର ପକେଟରୁ ଅଧିକ ଧାନ ଖୋଲା ଆକାଶ ତଳେ ପଡି ଥିଲେ ବି ଚାଷୀଙ୍କ ଦୁଃଖ ବୁଝିବାକୁ କେହିନାହିଁ।

ଏଣୁ ସୁବର୍ଣ୍ଣପୁର ଜିଲ୍ଲାପାଳ, ବୀରମହାରାଜପୁର ଉପଜିଲ୍ଲାପାଳ, ଯୋଗାଣ ବିଭାଗ କିପରି ଚାଷୀମାନେ ଠିକ୍ ସମୟରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳର ଚାଷୀ ଓ ଜନସାଧାରଣ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀ ବିକ୍ରମ ସିଂ ଓ ପୃଥିରାଜ୍ ସିଂ ଚେତାବନୀ ଦେଇଛନ୍ତି।

## କାର୍ ଧକ୍କାରେ ଅଟୋ ଚୁର୍‌ମାର୍; ୩ ଆହତ

ବିନିକା,୫।୧(ସମିସ): ବିନିକା-ଏସ୍. ରାମପୁର ରାଜ୍ୟ ରାଜପଥ ଦେଇ ବିନିକା ପଟକୁ ଦ୍ରୁତ ଗତିରେ ଆସୁଥିବା କାର ଏକ ଅଟୋକୁ ଧକ୍କା ଦେବାରୁ ଅଟୋଟି ଚୁରମାର ହୋଇଯାଇଛି। ଅଟୋରେ ଥିବା ୩ ଜଣ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ବିନିକା ଥାନା ଅନ୍ତର୍ଗତ ଅନ୍ତର୍ଡା ଗ୍ରାମର ଶିବଦତ୍ତ ପଣ୍ଡା(୫୩) ତାଙ୍କ ପୁଅକୁ ବିନିକା ଆଣି ଭୁବନେଶ୍ୱର ବସରେ ବସାଇ ଅଟୋରେ ଘରକୁ ଫେରୁଥିବାବେଳେ ମଗରକୁନ୍ଦା ବ୍ରିଜ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଚୁରମାର ହୋଇଯାଇଥିଲା। ଏଥିରେ ଥିବା ଶିବଦତ୍ତଙ୍କ ସମେତ ୩ ଜଣ ଆହତ ହୋଇଥିଲେ। ତୁରନ୍ତ ସମସ୍ତ ଆହତଙ୍କୁ ବିନିକା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଶିବଦତ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅଟୋରେ ଥିବା ଆଉ ଦୁଇଜଣ କଦଳୀପାଲି ଗ୍ରାମର ସୂର୍ଯ୍ୟ ନାରାୟଣ ଭୋଇ ଓ ଡୁଙ୍ଗୁରିପାଲି ପଣ୍ଡକିଟାଲ ଗ୍ରାମର ଅନିଲ ସେଠୀଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡିଛି।



## ଶ୍ରୀରାମଙ୍କ ପଞ୍ଚରତ୍ନ ଧନୁକୁ ବିଭିନ୍ନ ସ୍ଥାନରେ ସ୍ୱାଗତ



ବୌଦ୍ଧ,୫ ।୧(ସମିସ): ଅଯୋଧସ୍ଥିତ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ଆସନ୍ତା ଜାନୁଆରୀ ୨୨ତାରିଖ ଦିନ ମନ୍ଦିର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବାବେଳେ ଓଡ଼ିଶା ସନାତନ ଜାଗରଣ ମଞ୍ଚ ପକ୍ଷରୁ ୨୮ ୫କେଜି ବିଶିଷ୍ଟ ଏକ ପଞ୍ଚରତ୍ନ ଧନୁ ନିର୍ମାଣ କରାଯାଇ ଉକ୍ତ ଦିନ ସମର୍ପଣ ନିମନ୍ତେ ଏକ ସୁସଜିତ ରଥରେ ଅଯୋଧା ଅଭିମୁଖେ ବାହାରିଛି। ମଞ୍ଚର ସଭାପତି ସନ୍ତୋଷ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ରଥ ସମଗ୍ର ଓଡ଼ିଶାରେ ପ୍ରଦର୍ଶନ ପରେ ପୁରୀଠାରୁ ସିଧା ଅଯୋଧା ୨୨ତାରିଖରେ ପହଞ୍ଚିବ। ଆଜି ଉକ୍ତ ରଥକୁ ବୌଦ୍ଧ ସହରରେ ଭବ୍ୟ ସ୍ୱାଗତ କରାଯାଇଥିଲା।ପରେ ରଥକୁ ସୁବର୍ଣ୍ଣପୁର ଜିଲ୍ଲା ଅଭିମୁଖେ ବିଦାୟ ଦିଆଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ ଉପସଭାପତି ସାର ପ୍ରଧାନ, ସମ୍ପାଦକ ଚକିତ ଭଞ୍ଜ, ବଜରଙ୍ଗ ଦଳ ଜିଲ୍ଲା ସଂଜଯୋକ ମିଥୁନ ନାୟକଙ୍କ ସମେତ ପରିଷଦର ସଦସ୍ୟ, ହିନ୍ଦୁ ଜାଗରଣ ମଞ୍ଚ ସଦସ୍ୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ଯୋଗ ଦେଇ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଖଟଖଟିଆ କ୍ରିକେଟ୍ କପ୍ ଉଦ୍‌ଘାଟିତ

ଶଗଡ଼ା,୫ ।୧(ସମିସ): କନ୍ଧମାଳ ବ୍ଲକ ଖଟଖଟିଆଠାରେ ୩୯ତମ ରାଜ୍ୟସ୍ତରୀୟ ଖଟଖଟିଆ କ୍ରିକେଟ କପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆଜିର ପ୍ରଥମ ମ୍ୟାଚ୍ ଡିସିଏ ବୌଦ୍ଧ ଓ ସିଣ୍ଡୋଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ରନ ସଂଗ୍ରହ କରିଥିଲେ। ସିଣ୍ଡୋଲ ଦଳ ୧୭.୪ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ୍ କରିଥିଲେ। ଡିସିଏ ବୌଦ୍ଧର ମନୋଜ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ସ୍କୋରରେ ଭରଦ୍ୱାଜ ଓ ମନ୍ଥନ ପରିଚାଳନା କରିଥିଲେ। ବିନୋଦ ଭୋଇ ଓ ଜ୍ୟୋତି ମହାନ୍ତି ଥିବା ବେଳେ ସୁରେଶ ବିଶି ଓ ରଘୁବୀର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଖଟଖଟିଆର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ବସ୍ତିଆ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନନ୍ତ ଚରଣ ବେହେରା, ପଞ୍ଚାୟତ କୃଷି ଅଧିକାରୀ ସର୍ଜନ ଅଡବାଙ୍କ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ, ଖଟଖଟିଆ କପ୍‌ର ସଭାପତି ରଞ୍ଜନ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

● ଠେଙ୍ଗାରେ ଆକ୍ରମଣ ଘଟଣା

## କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତ



ବୌଦ୍ଧ,୫ ।୧(ସମିସ): ଜଣେ ଯୁବକଙ୍କ ଠେଙ୍ଗା ମାଡ଼ରେ ଆହତ ହୋଇଥିବା ୩ ଜଣ ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ମନମୁଣ୍ଡା ଥାନା ସିଙ୍ଗିରାପାଲି ନିକଟରେ ଜଣେ ଯୁବକଙ୍କ ଠେଙ୍ଗା ମାଡ଼ରେ ୩ଜଣ ଗୁରୁତର ଆହତ ହୋଇଥିଲେ।

ଡିସେମ୍ବର ୭ ତାରିଖ ଦିନ ମନମୁଣ୍ଡା ଥାନା ବେନାମୁଣ୍ଡା ଗ୍ରାମର ସୁଶାନ୍ତ ଝାଙ୍କର, ଝାଙ୍କରପଡ଼ା ଗ୍ରାମର ଆନନ୍ଦ ପ୍ରଧାନ ଓ ବଡ଼ଜୁନାନି ଗ୍ରାମର ଜଗନ୍ନାଥ ନାୟକ ପଦ୍ମତୋଳି ଗ୍ରାମରୁ ଏକୋଇସିଆ ଭୋଜିଖାଇ ଏକ ବାଇକରେ ଘରକୁ ଫେରୁଥିଲେ। ସୋରିଆଁ ପାଲି ଗ୍ରାମର ସୁନୀଲ ନାୟକ ନାମକ ଜଣେ ଯୁବକ ସିଙ୍ଗିରାପାଲି ଗ୍ରାମ ନିକଟରେ ବାଇକର ପଛରେ ବସିଥିବା ଜଗନ୍ନାଥ ନାୟକଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଠେଙ୍ଗାରେ ଆକ୍ରମଣ କରିଥିଲେ। ଚଳନ୍ତା ବାଇକରୁ ଜଗନ୍ନାଥ ତଳେ ପଡ଼ିଯିବା ପରେ ବାଇକ ଭାରସାମ୍ୟ ହରାଇ ଆନନ୍ଦ ଓ ସୁଶାନ୍ତ ମଧ୍ୟ ବାଇକ ସହ ପଡ଼ି ଯାଇଥିଲେ। ଏହି ସମୟରେ ସେମାନଙ୍କୁ ମଧ୍ୟ ଅଭିଯୁକ୍ତ ଠେଙ୍ଗାରେ ଆକ୍ରମଣ କରିଥିଲା। ସେମାନେ ସଂଜ୍ଞାହୀନ ହେବା ପରେ ମରିଗଲେ ଭାବି ଘଟଣାସ୍ଥଳରୁ ଚାଲି ଯାଇଥିଲା। ଗୁରୁତର ଜଗନ୍ନାଥଙ୍କ ଗୋଟିଏ ଆଖି ନଷ୍ଟ ହୋଇ ଯାଇଥିବାରୁ ବୁର୍ଲା ସ୍ଥାନାନ୍ତର କରା ଯାଇଥିଲା। ଏ ସମ୍ପର୍କରେ ୯ ତାରିଖ ଦିନ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ହେତୁ ପୀଡିତ ମାନେ ଆଜି ଏସ୍‌ପିଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମଅଭିଯୋଗ ଶୁଣାଣି

ତରଭା,୫।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାୟକ ଏଥିରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୫୨ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୩ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୯ ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୫ଟି ଅଭିଯୋଗ ପତ୍ରର ଶୁଣାଣି ଶିବିରରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ବିଡ଼ିଓ ପ୍ରତୀକ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ଡ. ସୌମ୍ୟାରୂପା ରଥ, ତହସିଲଦାର ରଶ୍ମିରେଖା, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଆଜି ଜାନୁୟାରୀ ମାସର ୫ ତାରିଖ ହୋଇଥିବାରୁ ସୁବର୍ଣ୍ଣପୁର ଜିଲ୍ଲାର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ମଧ୍ୟ ଏକା ସାଙ୍ଗରେ ଅନୁଷ୍ଠିତ ହୋଇଥିଲା। ଏହି ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଅବସରରେ ସମୁଦାୟ ୯ଟି ଅଭିଯୋଗ ପତ୍ର ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୭ଟି ବ୍ୟକ୍ତିଗତ ଅଭିଯୋଗ ଓ ୨ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ହସ୍ତଗତ ହୋଇଥିବା ସମସ୍ତ ଅଭିଯୋଗ ପତ୍ର ଗୁଡ଼ିକକୁ ସଂପୃକ୍ତ କାର୍ଯ୍ୟାଳୟ ଓ ଅଧିକାରୀମାନଙ୍କ ଦ୍ୱାରା ଉପଯୁକ୍ତ ତଦନ୍ତ, କାର୍ଯ୍ୟାନୁଷ୍ଠାନ ସହିତ ତୁରନ୍ତ ଫଇସଲା କରି ଅନୁପାଳନ ବିବରଣୀ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା।



## ଶ୍ରୀଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିରର ଶୁଭସ୍ତମ୍ଭ ସ୍ଥାପନ

ଜହ୍ନାପଙ୍କ,୫ ।୧(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଭବ୍ୟ ଯୁଗ୍ମ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୨୦ ରୁ ଅନୁଷ୍ଠିତ ହେବ। ଏଥିପାଇଁ ଯଜ୍ଞମଣ୍ଡପ ଠାରେ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। କର୍ତ୍ତାଭାବେ ପ୍ରମୋଦ ମେହେର ତାଙ୍କ ଧର୍ମପତ୍ନୀ ହେମଲତା ମେହେର ଦାୟିତ୍ୱ ତୁଲାଇଥିଲେ। ପୂଜକ ଅଜିତ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇ ଥିଲେ। ମନ୍ଦିର କମିଟିର ସମସ୍ତ ସଦସ୍ୟ ବ୍ରତଧାରଣ କରିଥିବାବେଳେ ମନ୍ଦିର କମିଟିର ସଭାପତି ରାଜେନ୍ଦ୍ର ମେହେର, ଉପସଭାପତି ଉପେନ୍ଦ୍ର ମେହେର, ଅଧିକାରୀ ଟିକ ମେହେର, ବିଜୟ ସାହୁ, ଦୁର୍ଯ୍ୟୋଧନ ମେହେର, ବିଦେଶୀ ମେହେର, ବିଜୟ ମେହେର, ନବକିଶୋର ମେହେର, ସହଦେବ ମେହେର, ପିତାମ୍ବର ମେହେର, ଫକୀର ମେହେର, ପବିତ୍ର ଦଳାଇ, ବିବେକା ମେହେର, ହରି ମେହେର, ସମାରୁ ମେହେର, ସଦସ୍ୟ ଦେବ କିଶୋର ସାହୁ, ବିନୋଦ ମେହେର ଓ ନାରାୟଣନଗର ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ନାମଯଜ୍ଞ, କଳସ ଯାତ୍ରା, ପାରାୟଣ, ପ୍ରବଚନ, ହରିହାଟ, ଯଜ୍ଞମଣ୍ଡପ, ମିନାବଜାର, ଜଳାରରାଜ, ସାମାଜିକ ନାଟକ ଓ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ୧୯ ୯୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ




ବୌଦ୍ଧ/ ହରଭଙ୍ଗା,୫ ।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍‌ସ୍ଥିତ ହରଭଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୯୧ ବ୍ୟାଚର ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବାସ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ପ୍ରଧାନ, ସୁବୋଧ ପ୍ରଧାନ, ବସନ୍ତ କୁମାର ବେହେରା, ଡାକ୍ତର ଚିତ୍ତରଞ୍ଜନ ଖଟୁଆ, ପ୍ରଦ୍ମଚରଣ ସାହୁ ଓ ଅଚ୍ୟୁତ ରାଉତ ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୩୫ ଛାତ୍ରଛାତ୍ରୀଙ୍କ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ୨୦୨୭ ମସିହା ଜାନୁଆରୀ ପ୍ରଥମ ସପ୍ତାହରେ ୩ୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ କଟକ ଜିଲ୍ଲା ଅଂଶୁପା ହ୍ରଦଠାରେ ଆୟୋଜିତ ହେବାକୁ ସୁବାସ ଚନ୍ଦ୍ର ପ୍ରଧାନ ଓ ସୁବୋଧ କୁମାର ପ୍ରଧାନ ଘୋଷଣା କରିଥିଲେ। ବରିଷ୍ଠ ସାମ୍ବାଦିକ ଅଜିତ କୁମାର ବାରିକ, ବିନୋଦିନୀ ପ୍ରଧାନ, ଅନ୍ନପୂର୍ଣ୍ଣା ଘିବିଲା, ପ୍ରଦ୍ୟୁମ୍ନ କୁମାର ସାହୁ, ଲଳିତ କୁମାର ଭୋକ୍ତା, ଜୀତେନ୍ଦ୍ର କୁମାର ସାହୁ, ବିଜୟ ପ୍ରଧାନ, ଅଶୋକ ଦିହୁଡି, ବିଶିକେଶନ ଭୋକ୍ତା, ବସନ୍ତ ବେହେରା, ସରୋଜ ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ନବମ ଗଡ଼ଜାତ ଲୋକ ମହୋତ୍ସବ ଶୁଭଖୁଣ୍ଟି ସ୍ଥାପନ



ବୌଦ୍ଧ,୫ ।୧(ସମିସ): ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଆସନ୍ତା ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ନବମ ଗଡ଼ଜାତ ଲୋକମହୋତ୍ସବ ସାଧୁଚରଣ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କ ଦ୍ୱାରା ମହୋତ୍ସବ ପଡ଼ିଆରେ ପୂଜାର୍ଚ୍ଚନାପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। କମିଟି ସମ୍ପାଦକ ଦେବେନ୍ଦ୍ର ସାହୁ ଉପସଭାପତି ନରେନ୍ଦ୍ର ସାହୁ, ଡ୍ରାଇଭର ସଙ୍ଗର ସଭାପତି ସୁଶାନ୍ତ ପାତ୍ର, ସଦସ୍ୟ ଜୟ କିଶୋର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗାଇଗୋଉରିଆ, ଦେବାଶିଷ ମହାକୁଳ, ସୁଜ୍ଜନ ପ୍ରଧାନ ଓ ଆୟୋଜକ କମିଟିର ସମସ୍ତ ସଦସ୍ୟ ଓ ଡ୍ରାଇଭର ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ପୂଜକ ଶ୍ୟାମ ସୁନ୍ଦର ମିଶ୍ର ଶୁଭଖୁଣ୍ଟି ସ୍ଥାପନ କରିଥିଲେ।

## ଶଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ଉତ୍ସବ

ମନମୁଣ୍ଡା,୫ ।୧(ସମିସ): ସୋମବାର ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି। ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବୀନ ଚନ୍ଦ୍ର ମହାକୁଡ଼, ମୁଖ୍ୟବକ୍ତା ସୁରଥ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ଦେହୁରୀ ଯୋଗଦେଇ ଥିଲେ। ଛାତ୍ରୀ ପ୍ରିତିଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଭାବନା ମହାକୁଡ଼ ଓ ସ୍ମୃତି ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବୌଦ୍ଧ ଦଣ୍ଡନାଚରେ ସାମାଜିକ ଓ ସାଂସ୍କୃତିକ ବିଭବ ଆଲୋଚନାଚକ୍ର



ବୌଦ୍ଧ,୫ ।୧(ସମିସ): ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଆଲୋଚନାଚକ୍ର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାର ଦଣ୍ଡନୃତ୍ୟରେ ସାମାଜିକ ଓ ସାଂସ୍କୃତିକ ବିଭବର ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର ନାଥ ଗୁରୁ, ସମ୍ମାନିତ ଅତିଥି ଆଲୋଚକ ଭାବେ ପ୍ରକାଶ କୁମାର ସେଠ, ଶାନ୍ତନୁ ସୁନା, ଚିତ୍ତରଞ୍ଜନ ଦାଶ, ଦୁଃଖିଶ୍ୟାମ ବେହେରା, ଉତ୍ତମ କୁମାର ବେହେରା, ଶିବଦତ୍ତ ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରବୀର କୁମାର ଦାସ, ସତ୍ୟନାରାୟଣ ପାଣି, ଶମ୍ଭୁ ଗିରି ପ୍ରମୁଖଙ୍କ ସହ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାଚକ୍ରରେ ବୌଦ୍ଧ ଜିଲ୍ଲା ଦଣ୍ଡ ନୃତ୍ୟର ଆଦିପୀଠ ଭାବେ ଆଲୋଚିତ ହେବାସହ ବାଣ୍ଡି ବୁଡଲ, ଫାର୍ସଧର୍ମୀ ନୃତ୍ୟ ଜିଲ୍ଲାର ଗୁଡଭେଲିପଦର ଗ୍ରାମରୁ ଆରମ୍ଭ ହୋଇଥିବା ମତ ପ୍ରକାଶ ପାଇଥିଲା।

● ବୌଦ୍ଧ ମହୋତ୍ସବର ଚତୁର୍ଥ ସଂଧ୍ୟା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



ବୌଦ୍ଧ, ୫ ।୧(ସମିସ): ବୌଦ୍ଧ କଚେରି ପଡ଼ିଆଠାରେ ଚାଲିଥିବା ବୌଦ୍ଧ ମହୋତ୍ସବ, ପଲିଶ୍ରୀ ମେଳା, ନିର୍ଭର ଭାରତ ସ୍ୱଦେଶୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗ ଦେଇଥିଲେ। ସଭାପରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## 'ଦଣ୍ଡ' ସବୁ ନାଚଗୀତର ମୂଳ ଆଧାର

ବୌଦ୍ଧ, ୫ ।୧(ସମିସ): ବୌଦ୍ଧ ଜିଲ୍ଲାର ଲୋକ ସଂସ୍କୃତି, ଲୋକ କଳା, ଲୋକ ବାଦ୍ୟ, ଲୋକ ନୃତ୍ୟ ଓ ଲୋକ ପରମ୍ପରାରେ ଦଣ୍ଡ ହେଉଛି ସବୁ ନାଚ ଗୀତର ମୂଳଆଧାର। ଦଣ୍ଡ ଗୋଟିଏ ବ୍ରତ। ବୌଦ୍ଧ ମହୋତ୍ସବ ପଡ଼ିଆ ପରିସରରେ ଜିଲ୍ଲା ସଂସ୍କୃତି ପରିଷଦ ଓ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘ ଦ୍ୱାରା ଆୟୋଜିତ ବୌଦ୍ଧ ଜିଲ୍ଲା ଦଣ୍ଡ ନୃତ୍ୟରେ ସାମାଜିକ ଓ ସାଂସ୍କୃତିକ ବିଭବ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଏଥିରେ ସଂଘର ଉପଦେଷ୍ଟା ତଥା ସଂଗୀତ ନାଟକ ଏକାଡେମୀର ସଦସ୍ୟ ବସନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ପାତ୍ର ଓ ଦଣ୍ଡ ଗବେଷକ ଅଧ୍ୟାପକ ଡ଼ ଦିବ୍ୟରଞ୍ଜନ ତ୍ରିପାଠୀ ଯୋଗଦେଇ ଥିଲେ। ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘର ସଭାପତି ରମେଶ ପ୍ରସାଦ ମେହେର ଅତିଥିଭାବେ ଯୋଗଦେଇ ଦଣ୍ଡ ଏକ କୃଷିଭିତ୍ତିକ ପର୍ବ ଏହା ସାମାଜିକ ସାଂସ୍କୃତିକ ଚେତନାର ଆଧାର ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସମ୍ପାଦକ ଅରୁଣ ମେଣ୍ଡୁଲି ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଭାବେ ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ ଓ ସମ୍ମାନିତ ଅତିଥି ଭାବେ ରୀତାକାନ୍ତି ବଳିୟାର ସିଂ ଯୋଗଦେଇ ଥିଲେ।